Split by PDF Splitter



ବ୍ୟରେ ସୈଗମ ହୋଇପାରିବାର ସନ୍ଦେହ। ସେଥିରେ ଉଭୟ ଆପଣା କର୍ତ୍ତବ୍ୟରେ ତ୍ରୁଟି କରୁ-ଥିବାର ଦେଖାଯାଏ ନାହିଁ। କେବଳ ଏହି ପୁସ୍ତକଖଣ୍ଡ ନାଟ୍ୟଅଙ୍ଗ ବୃତ୍ତରେ ରଚନା ହୋଇଥିବାରୁ ବଙ୍ଗପୁର ଗୁରୁତ୍ୱର ଅନୁକୂଳ ହୋଇ ନ ଥିବାର ବୋଧ ହୋଇପାରେ।

ଏହି ପୁସ୍ତକର ରଚକ ଶ୍ରୀଯୁକ୍ତ ବାବୁ ବୈକୁଣ୍ଠ ମହାପାତ୍ର ଏବଂ ପ୍ରକାଶକ ଶ୍ରୀ ବାବୁ ରାଧାମାଧବ ଜାମୁନ ଭିକ୍ଟୋରିଆ ପ୍ରେସରେ ମୁଦ୍ରିତ ହୋଇଅଛି।

## ନବୋଦ୍ୟମ।

ଏ ପୁସ୍ତକର ରଚକ କଟକ ରେଭେନ୍ସା-କଲେଜର ଛାତ୍ର ବାବୁ ଚନ୍ଦ୍ରମୋହନ ମହାରଣା। ନବୋଦ୍ୟମ ବୋଲିବାରୁ ବୋଧ ହୁଏ ଯେ ଗ୍ରନ୍ଥକାରଙ୍କର ପୁସ୍ତକରଚନାର ନବୋଦ୍ୟମ ଏଥି ହେତୁ ଏଥିରେ ସନ୍ଦେହ ନାହିଁ। ଯେହେତୁ କେତେକ ପୂ... କବିତାମାନଙ୍କରୁ ଭାବ ଉଠାଇ ନିଆଯାଇ ଏବଂ କେତେକ ସ୍ୱୟଂ କଳ୍ପିତ ହୋଇ ପଦ୍ୟଗୁଡ଼ିକ ରଚନା କରାଯାଇ ଅଛି। ଆଉ ସେହି ରଚନାଗୁଡ଼ିକ ପାଠ କଲେ ଜଣାଯାଏ ଯେ ଉକ୍ତ ସରଳାନ୍ତଃକରଣ ଓ ଶାନ୍ତ ବ୍ୟକ୍ତି ଅଳ୍ପ ଏ ଅବଶ୍ୟ ଭବିଷ୍ୟତରେ ଉତ୍ତମ ରଚକ ହୋଇ ପାରିବେ। ଯେହେତୁ ଏହାଙ୍କ ବୟସ ସବୁ ଦେଖିଲେ ଅସାରଗର୍ଭ ନୁହଇ। କେବଳ ଇହାଙ୍କୁ ଏତେ କହିବାକୁ ଅଛି ଯେ "(ଅଗ୍ନି ଉଦ୍ଗୀରଣ) (ଆଏ ଭୂକମ୍ପନ) (ଅକାଳ ବଞ୍ଚିତ ବ) (ଭକ୍ଷଣ ଥିବ)" ଇତ୍ୟାଦି, ଏହିପରି ଯେଉଁ ୨ ପଦଗୁଡ଼ିକ ରଚନା-ମଧ୍ୟରେ ସନ୍ନିହିତ ହୋଇଅଛି ଭବିଷ୍ୟତରେ ସେପରି ଲେଖିଲେ ସାଧାରଣ ପାଠକମାନଙ୍କ ଦୃଷ୍ଟିରେ ଅଗ୍ରାହ୍ୟ ହୋଇପାରେ ଅତଏବ ଏଥିପ୍ରତି ଦୃଷ୍ଟି ରଖିବେ।

---

# ସାପ୍ତାହିକ ସଂବାଦ।

ଆସାମର କମିସନର ଶ୍ରୀଯୁକ୍ତ ୱାର୍ଡର ସାହେବ ଆଗାମି ତା ୫ ରଖରେ ପୁଣି କଟକରେ ଥିବେ। ଶୁଣାଯାଇଅଛି ଯାଜ-ପୁର ଓ ଭଦ୍ରକ ହୋଇ ବାଲେଶ୍ୱର ଯିବେ ସେଠାରୁ ମୟୂରଭଞ୍ଜ ଓ ନୀଳଗିରି ଯାଇପାରନ୍ତି।

ଅସ୍ମାକଂ ଲେଫଟେନାଣ୍ଟ ମହୋଦୟ ଓଡ଼ିଶାକୁ ଶୁଭାଗମନ କରି ଥିବା ସମୟରେ ଗୁଡ଼ବାଇଠାରୁ ବଦରଶ ପର୍ଯ୍ୟନ୍ତ ଯେଉଁ ବାନ୍ଧ ନିର୍ମାଣ କରିବାର ପ୍ରାର୍ଥନା ହୋଇଥିଲା ତାହା ବ୍ୟର୍ଥ ହୋଇ ନାହିଁ। ଏ ବାନ୍ଧନିର୍ମାଣରେ କେତେ ଖର୍ଚ୍ଚ ହେବ ତାହା ରପୋର୍ଟ କରିବା କାରଣ ଇନ୍ସପେକ୍ଟରଙ୍କ ପ୍ରତି ଆଦେଶ ହୋଇଅଛି।—ଉତ୍କମ।

## କଲିକତା-ଗେଜେଟ।

ବାଲେଶ୍ୱରର ଅସ୍ଥାୟୀ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ-କଲେକ୍ଟର ବାବୁ ସତୀଶଚନ୍ଦ୍ର ବୋଷ ୧୮୮୮ ଅକ୍ଟୋବର ତା ୨୨ ରଖ ଠାରୁ ଦୁଇମାସ ଦଶଦନ ଛୁଟିରେ ଥିଲେ।

କଟକର ସେସନ ଜଜ ଶ୍ରୀଯୁକ୍ତ ଜେ. ବ, ଓଗିଲ୍ଭି ସାହେବ ସନ ୧୮୮୮ ସାଲ ଡିସେମ୍ବରମାସ ତା ୧୧ ରଖର ଅପରାହ୍ନରେ ଯେଉଁ ଛୁଟି ପାଇଥିଲେ ତଦନନ୍ତରରେ ସିକଲ ଛୁଟିବଦଳରେ ୨୩ ଥିବାର ୨ କଥାର ମନ୍ତବ୍ୟକ୍ରମେ ଏକମାସର ଛୁଟି ପାଇଲେ।

କଟକର ଏକ୍ଟିଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେ-କ୍ଟର ଶ୍ରୀଯୁକ୍ତ ଏ. ପି, ପେନେଲ ସାହେବ ଫୌଜଦାରି-ମକଦ୍ଦମାର କାର୍ଯ୍ୟପ୍ରଣାଳୀ ବିଷୟକ ଆଇନର ୨୬୦ ଧାରା-ଲିଖିତ ଅପରାଧମାନଙ୍କର ସଂକ୍ଷେପ ବିଚାର କରିବାର କ୍ଷମତା ପାଇଲେ।

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟୀର କମିଶନର ମୃତ ବାବୁ ଭଗବତ ପ୍ରସାଦ ଦାସଙ୍କ ସ୍ଥାନରେ ବାବୁ ବାଳୀପଦ ସେନ ନିଯୁକ୍ତ ହେଲେ।

---

ଡ. ମରଗନ୍ ମହାରାଜଙ୍କ ବଜାର ମଧ୍ୟରେ ଗତ ତା ୧୮-ରଖ ସନ୍ଧ୍ୟା ସମୟରେ ସେଠା ସ୍ଥାନୀୟ ଗୋରାସୈନ୍ୟମାନଙ୍କ ଗୋଟିଏ ବଡ଼ ଝଗଡ଼ା ହୋଇଥିଲା। ଉକ୍ତ ସ୍ଥାନରେ ପ୍ରାୟ ଶତାଧିକ ଲୋକ ଉପସ୍ଥିତ ଥିଲେ। ସେମାନେ ମଧ୍ୟ ସମସ୍ତ-ଶ୍ରେଣୀର ଲୋକ ଥିଲେ

ସଞ୍ଜୀବନୀର ମାନହାନି ମୋକଦ୍ଦମା ଡିସ୍‌ମିସ୍ ହୋଇଅଛି। ସଞ୍ଜୀବନୀ ନିଷ୍କୃତି ପ୍ରାପ୍ତହେବା ଅତୀବ ସୁଖର ବିଷୟ।

ତା ୨୭ ରଖ ଡିସେମ୍ବର ମାସରେ କାବୁଲର ଅମୀର ସୈନ୍ୟମାନଙ୍କ ରଣକୌଶଳ ଦେଖୁଥିଲେ ଏହି ସମୟରେ ଜଣେ ସୈନ୍ୟ ଅମୀରଙ୍କ ପ୍ରତି ଗୁଳି ପ୍ରୟୋଗ କରିଥିଲା ଭାଗ୍ୟବଶରୁ ଉକ୍ତ ଗୁଳି ଅମୀରଙ୍କଠାରେ ନ ପହୁଞ୍ଚି ତାଙ୍କ ପାର୍ଶ୍ୱସ୍ଥ ଅନ୍ୟଜଣେ ଅନୁଚରକୁ ଆଘାତ କଲା। ଉକ୍ତ ସୈନ୍ୟ ତତ୍‌କ୍ଷଣାତ୍ ହତ ହୋଇଅଛି।

ରୁଷିଆର ସୈନିକ ସଂଖ୍ୟା ବୃଦ୍ଧି କରିବା ପାଇଁ ରୁଷିଆର ସମ୍ରାଟ୍ ଆଦେଶ ଦେଇଅଛନ୍ତି। ଉକ୍ତ ଆଦେଶାନୁସାରେ ୮୦ ହଜାର ନୂତନ ଲୋକ ସୈନିକବିଭାଗରେ ନିଯୁକ୍ତ ହେବେ।

କୌଣସି ୨ ଡାକ୍ତର କହନ୍ତି ଓଲାଉଠାର ପ୍ରାଦୁର୍ଭାବର ସମୟରେ ପ୍ରତ୍ୟହ ଏକଗ୍ଲାସ ଲେମୋନେଡ ବ୍ୟବହାର କଲେ ତାଙ୍କୁ ଉକ୍ତ ରୋଗ ଆକ୍ରମଣ କରିପାରେ ନାହିଁ।

ଶ୍ରୀଯୁକ୍ତ ଯଦୁନାଥ ସିଂହ ତ୍ରିପୁରା ଜିଲ୍ଲା ମୁନସଫି ମୋହରର ଥିଲେ। ତ୍ରିଂଶବର୍ଷ ସୁଖ୍ୟାତି ସହିତ କାର୍ଯ୍ୟ କରି ଉପରେ ଏକ ବେନାମି ଦରଖାସ୍ତରେ ହାକିମଙ୍କ ଅଧ୍ୟାପକରେ ଅପଦସ୍ଥ ହୋଇଥିଲେ। ଅପରାଧ ପ୍ରମାଣାଭାବରୁ ଯଦୁନାଥ ମୁକ୍ତି ପାଇଲେ ତଥାପି ଜଜ ବାହାଦୁର ପେନ୍ସନ ଗ୍ରହଣ କରିବାକୁ କହିଲେ। ପେନ୍ସନ ଦରଖାସ୍ତ ଗଲା। କିନ୍ତୁ ମଞ୍ଜୁର ନ ଆସିବା ପର୍ଯ୍ୟନ୍ତ ଜଜସାହେବ ଯଦୁନାଥଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ କିନ୍ତୁ ଇତି ମଧ୍ୟରେ ଯଦୁନାଥ ଏକାକୀ ସେରସ୍ତାର ସମସ୍ତ କାର୍ଯ୍ୟ ନିୟମପୂର୍ବକ କରିବାକୁ ନ ପାରିବାରୁ ବସାକୁ ନଥିପତ୍ର ନେଇ କାର୍ଯ୍ୟ କରୁଥିଲେ। ହାକିମ ଏକଥା ଶୁଣି ବାବୁଙ୍କୁ ପ୍ରଶ୍ନ କରିବାରେ ବାବୁ ମହୋଦୟ ଉକ୍ତକଥା ସ୍ୱୀକାର କଲେ। ମୁନସଫବାବୁଙ୍କ ରିପୋର୍ଟାନୁସାରେ ଯଦୁନାଥଙ୍କ କର୍ମ ଗଲା। ପେନ୍ସନ ଆଶାରୁ ମଧ୍ୟ ବଞ୍ଚିତ ହେଲେ। ଜଜ ବାହାଦୁର ତାଙ୍କ ପେନ୍ସନ ପ୍ରାପ୍ତିରେ ଆପତ୍ତି କରନ୍ତି ଓ ବଙ୍ଗଳା ଗବର୍ଣ୍ଣମେଣ୍ଟ ଅପିଲରେ ଉକ୍ତ ଆପତ୍ତି ବାହାଲ କରିଅଛନ୍ତି। ଏ ଅନ୍ୟାୟ ବୃଦ୍ଧକର୍ମଚାରୀର ପ୍ରତି ଏ କର୍ମସ୍ଥଳର ଦୁର୍ଦ୍ଦଶା-ଘଟନାକୁ ବୋଧହୁଏ କୌଣସି ଦୃଷ୍ଟି ନିକ୍ଷେପ ନ କରନ୍ତି ଏ କଠିନ ଆଦେଶ ହେଲା। ଅନ୍ୟମାନେ ସାବଧାନ ହେବେ।

କୌଣସି ଗରିବର ମସ୍ତକ ରଖିବାର ସ୍ଥାନ ନାହିଁ ଶୀତ-କାଳର ରାତ୍ରୀ ହିମରେ ରହି ନ ପାରି ସେ ଆକାଶସ୍ପର୍ଶୀ ପଟ୍ଟାଳି-କାକୁ କହିଲା "ଅତି ଲମ୍ବା ନମସ୍ତେ ମୋତେ ଥାଇବାରେ ରହିବାକୁ ଦିଅ"। ପଟ୍ଟାଳି କହିଲା "ଆମ୍ଭେମାନେ କଏସକୁ ଏଠାରେ ସ୍ଥାନ ଦେଉଁ। ତାହାରି ଗୃହ ଶେଷ କରି ଅଗ୍ରେ ତାହାରିକୁ ମାରି, ତେବେ ଏଠାରେ ସ୍ଥାନ ପାଇପାର।" ଗରିବ ତତ୍‌କ୍ଷଣାତ୍ କଥାନୁସାରେ ପଟ୍ଟାଳିକୁ ଭୂମିସାତ୍ କଲା। ପଟ୍ଟାଳି ଦେହଛାଡ଼ି ଉଠିବା ମାତ୍ରକେ ଗରିବ କହିଲା "ତେବେ ଏବେ ମୋତେ ଟିକିଏ ଶୋଇବାର ସ୍ଥାନ ଦିଅ"।

ସଞ୍ଜୀବନୀ।

ଜର୍ମାନର ଦରବାର ଚଳିତମାସ ତା ୧୪ ରଖରେ ଖୋଲିବାର ସମ୍ବାଦ ମିଳଇ। ସମ୍ରାଟ ଉଇଲିୟମ୍ ସିଂହାସନରୁ ଯେଉଁ ବକ୍ତୃତା କଲେ ତାହା ଶାନ୍ତିସୂଚକ ଅଟଇ। ସମ୍ରାଟ କହିଲେ ବିଦେଶୀୟ ରାଜାଙ୍କ ସହିତ ଜର୍ମାନର ସଖ୍ୟଭାବ ଅବିଚ୍ଛିନ୍ନରୂପେ ରହିଅଛି ଏବଂ ସେ ନିଜେ ଯେଉଁ ବଡ଼ ୨ ରାଜାମାନଙ୍କ ସଙ୍ଗେ ସାକ୍ଷାତ କରିଅଛନ୍ତି ତହିଁରୁ ଶାନ୍ତି ରକ୍ଷିତ ହେବାର ସେ ଭରସା କରିପାରନ୍ତି।

ବିଲାତ ପାର୍ଲିଅମେଣ୍ଟ ଆଗାମୀ ଫେବ୍ରୁଆରିମାସ ତା ୨୧ ରଖରେ ଖୋଲିବାର ସମ୍ବାଦ ମିଳଇ।

କୋଚିନ ସହର ପୋଡ଼ିଯାଇଥିବାର ଇତିପୂର୍ବେ ପାଠ-କଙ୍କୁ ଜଣାଇଅଛୁଁ। ବର୍ତ୍ତମାନ ସମ୍ବାଦ ମିଳଇ ଯେ ତଦ୍ୱାରା ପଚାଶଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ଏବଂ ୨୦୦ ଠାରୁ ୩୦୦ ପର୍ଯ୍ୟନ୍ତ ଦେଶୀୟ ଲୋକଙ୍କ ଘର ଏବଂ କୁଟୀର ଭସ୍ମୀଭୂତ ହୋଇଅଛି। ଯେଉଁମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଅଛନ୍ତି ସେମାନଙ୍କୁ ସାହାଯ୍ୟ ଦାନ କରିବା କାରଣ ଗୋଟିଏ କମିଟୀ ସଙ୍ଗଠିତ ହୋଇ ଚାନ୍ଦା ସଂଗୃହୀତ ହେଉଅଛି ଏବଂ ମହୀଶୂରର ମହାରାଜା ଏ ପାଣ୍ଠିକୁ ଟ ୧୦୦୦୲ ଙ୍କା ଦାନ କରିଅଛନ୍ତି। ଏ ଦାନ ସାର୍ଥକ ଅଟେ।

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟର କାର୍ଯ୍ୟାବଳୀ ତଦନ୍ତ କରିବା କାରଣ ରୟେଲ କମିଶନ ନିଯୁକ୍ତ ହେବା ବିଷୟର ପ୍ରସ୍ତାବ ଆଗାମି ପାର୍ଲିମେଣ୍ଟରେ ପ୍ରସ୍ତାବ କରିବା କାରଣ ପାର୍ଲିଅମେଣ୍ଟର ବ୍ରାଡଲାସାହେବ ନୋଟିସ ଦେଇଅଛନ୍ତି। ଏ କମିଶନ ଭାରତ ଏବଂ ବିଲାତରେ ସାକ୍ଷ୍ୟ ଗ୍ରହଣ କରିବେ।

କଟକ ନିକଟସ୍ଥ ଗୋଟିଏ ଗ୍ରାମରେ ଏକ କୁମ୍ଭୀର ଧରାପଡ଼ି-ଥିବାର ସମ୍ବାଦ ମିଳଇ। ଏ କୁମ୍ଭୀର ଲମ୍ବରେ ଫୁ ୧୭ ଟ।

## ତାଳଚେର ସମ୍ବାଦ।

ଅସ୍ମାକଙ୍କର ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ରାଜା ମହୋଦୟ କାର୍ତ୍ତିକ ମାସରେ ଶମ୍ବଲପୁର ପର୍ଯ୍ୟନ୍ତ ବିଜେକରି ସେଠାରୁ ପୁନର୍ବାର ରାଜପ୍ରାସାଦକୁ ପ୍ରତ୍ୟାଗମନ କଲେ। ବୋଧ ହୁଏ ପ୍ରଜାମାନେ ଏବର୍ଷ ଅନୁକମ୍ପିତ ଥିବାରୁ ରାଜା ମହୋଦୟଙ୍କର ଗସ୍ତର ପ୍ରତିବନ୍ଧକ ହୋଇଅଛି।

ଏଠା ସ୍କୁଲର ବୃତ୍ତିକର ଛାତ୍ର ଏବର୍ଷ ଉତ୍ତୀର୍ଣ୍ଣଙ୍କର ପରୀକ୍ଷା ଦେବେ।

ଏଠାରେ ଛାପାଖାନା ହେବା, ସକାଶେ ଗୃହ ପ୍ରସ୍ତୁତର ବନ୍ଦୋବସ୍ତ ଲାଗି ଅଛି। ବୋଧ ହୁଏ ଛାପାଖାନା ଅଚିରରେ ହେବ।

ଶ୍ରୀଯୁକ୍ତ ବାବୁ ଚନ୍ଦ୍ରଶେଖର ସାମନ୍ତ ଏଠା ମିଉନିସି-ପାଲିଟିର ଭାଇସଚେୟାରମାନ ହୋଇ ଅଛନ୍ତି

Digitized by srujanika@gmail.com

Split by PDF Splitter



* ସହରସ୍କୁଲରେ ପଣ୍ଡିତ ମଧୁସୂଦନ ବଦାନ୍ୟଭୂଷଣ ପ୍ରଧାନ-ଶିକ୍ଷକ ଓ ଜିବେଶ୍ୱର ତ୍ରିପାଠୀ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଅଛନ୍ତି ଉକ୍ତ ସ୍କୁଲ ଭଲ ଉପରେ ହେବ ତାହା ଅସ୍ମାନଙ୍କର ବାସନା ଅଛି କାରଣ ସ୍କୁଲର ଖର୍ଚ୍ଚ ଏଠାରେ ଟଙ୍କାରେ ସେ ୨୦ ର ହୋଇଅଛି ଉକ୍ତ ପ୍ରାୟ ମିଳିବାର ସନ୍ଦେହ ।

## କଟକ-ସମ୍ବାଦ ।

ଏହି କଟକ ଜିଲ୍ଲାର କୌଣସି ଗ୍ରାମରେ ଏକ ଭୟାନକ ହତ୍ୟାକାଣ୍ଡ ହୋଇ ଯାଇଅଛି । ଏକଜଣ ଲୋକ, ତାହାର ସ୍ତ୍ରୀ ଅନ୍ୟ ଏକଜଣ ପୁରୁଷ ସଙ୍ଗେ ପାପ କାର୍ଯ୍ୟରେ ପ୍ରବୃତ୍ତ ଥିବାର ( ତାହା କହିବା ଅନୁସାରେ ) ସେ ଏକ ଦିନ ଦେଖି ତାହା ହାତରେ ସେ ସମୟରେ କୌଣସି ଅସ୍ତ୍ର ନ ଥିବାରୁ, କିଛି କଲା ନାହିଁ; ମାତ୍ର ସେହି ଦିନ ତାହାର ସ୍ତ୍ରୀକୁ ଅନେକ ତିରସ୍କାର କରି କହିଲା କି, "ତୋତେ ଓ ସେହି ଦୁଷ୍ଟଙ୍କୁ ଅବସର ବୁଝି ଦିନେ ଏହାର ପ୍ରତିଫଳ ଦେବି" । ପରେ ସେ ସେହି ବ୍ୟଭିଚାରୀ ପୁରୁଷକୁ କୌଣସି ସ୍ଥାନରେ ପିଙ୍କା ଲଗାଉଥିବା ଅବସ୍ଥାରେ ଦେଖି, ହାତରେ ଥିବା ଖାଣ୍ଡିଏ ଦାଆ ତାହା ପିଠିରେ ସଜୋରରେ ଆଘାତ କଲା । ତହୁଁ ସେ ଆପଣାର ବ୍ୟଭିଚାରିଣୀ ସ୍ତ୍ରୀ କୁ ମଧ୍ୟ ମାରିବା-ନିମନ୍ତେ, ଉକ୍ତ ଖାଣ୍ଡିଏକୁ ମୃତବ୍ୟକ୍ତିର ପିଠିରୁ ଫିଟାଇବାକୁ ଉଦ୍ୟୋଗ କରି ଖୋଲି ପାରିଲା ନାହିଁ କାରଣ, ତାହା ପିଠିରେ ଅନେକ ଭିତର ହାଡରେ ଲାଗି ଯାଇଥିଲା । ତହୁଁ ସେ ନିକଟବର୍ତ୍ତୀ ପୋଲିସ ଷ୍ଟେସନରେ ଆସି ସମର୍ପଣ କରି ସେଠାରେ ଆଦ୍ୟୋପାନ୍ତ ସମସ୍ତ ହାଲ କହିଲା । ସେ କେବଳ ମନରେ ଭୟ ଲେଶ ମାତ୍ର ନାହିଁ । କଟେଷ୍ଟରେ ଦଣ୍ଡଦାର-ସମୟରେ ସହାସ୍ୟ ବଦନରେ ପ୍ରଶ୍ନର ଉତ୍ତର ଦେଉଥାଏ ।

ଏଠାରେ ମୋଟ ସ୍ୱତନ ଟଙ୍କାରୁ ସେ ୧୮୮୮ ର ରେଶାର୍ଦ୍ଦ ନିକ୍ରି ଅଛି ଓ ଅନ୍ତତଃ ମଧ୍ୟରେ ଘର୍ କମି ଯିବାର ସମ୍ଭାବନା । ଅନ କାଲ ପ୍ରଭାବ ସବି ଓଳେଗର ଭବ ଫସଲ କଷ୍ଟ ପାଇବାରୁ ଜନ କାଟି ନେଇ ଅଛନ୍ତି ମାତ୍ର ଅସନ୍ତା ଫେବୃଏରୀ ମାସ ଶେଷକୁ କଷ୍ଟର ସୀମା ରହିବ ନାହିଁ ।

ଶ୍ରୀ କଳାଙ୍କ ଅଲୌକିକ ଦେବତ୍ୱ ଏଠାର ଅଧିକାଂଶ ଲୋକଙ୍କର ବଢ଼ି ଯାଉଅଛନ୍ତି । ଏହା ସନ୍ଧ୍ୟା ୭ ଟାର ସମୟରେ ଦେଖାଯାଏ, ପ୍ରତ୍ୟହ ପ୍ରାୟ ଏକଶତ ପ୍ରାଣୀ ଅନ୍ନ ପ୍ରାପ୍ତ ହୁଅନ୍ତି ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଜଗନ୍ନାଥ ସୂର୍ଯ୍ୟମଣି ରାୟ ଓଗେର-ଆପଣ-ମାନେ କୁନ୍ତୁଡ଼ୀ ଗ୍ରାମର ସ୍ୱର୍ଗୀୟ ଭଜାମା ଧାର୍ମିକପ୍ରବର ବଳଦେବଦେଶ ଡଗୁରୁ ଜ ଲଡୁକଙ୍କ ମାନଙ୍କ-ଲୀଳା ସମ୍ବରଣ କରିଥିବା ଦୁଃସମ୍ବାଦ ପ୍ରେରଣ କରିଅଛନ୍ତି ଓ ତାଙ୍କ ଗୁଣ ଗାମ୍ଭୀର୍ଯ୍ୟ ବର୍ଣ୍ଣ କରିଅଛନ୍ତି । ପତ୍ର ପ୍ରକାଶ କରିବା ଅନାବଶ୍ୟକ ବୋଧ ହେବାରୁ ଆପଣମାନଙ୍କ ପତ୍ର ଉପେକ୍ଷିତ ହେଲା ।

ଶ୍ରୀ ଜଗ ସୂର୍ଯ୍ୟମଣି ରାୟ—ଖୋର୍ଦ୍ଧାସ୍କୁଲର ପାରିତୋଷିକ ବଣ୍ଟନ ସମୟରେ ଯେଠା ସବ୍‌ଇନ୍‌ସ୍ପେକ୍ଟର ବାବୁ ସଦ୍‌ଭାବ ମଣ କେତେକ ପୁସ୍ତକ ସ୍ୱହସ୍ତରୁ କ୍ରୟକରି ଛାତ୍ରମାନଙ୍କୁ ପ୍ରଦାନ କରିଥିବା ବିଷୟ ଲେଖିଅଛନ୍ତି । ସମ୍ପୂର୍ଣ୍ଣ ପତ୍ର ଛପାଇବାର ଅନାବଶ୍ୟକ ବୋଧ ହେଲା ।

ଶ୍ରୀ ଜିବେଶ୍ୱର ତ୍ରିପାଠୀ ଖାଲଟଉର—ଆପଣଙ୍କ ପତ୍ର ପ୍ରକାଶ କରିବା ଅନାବଶ୍ୟକ ବୋଧ ହେବାରୁ ଉପେକ୍ଷିତ ହେଲା ।

ବଳଭଦ୍ର ଶର୍ମ୍ମା ଓଗେର—ବୈକୁଣ୍ଠନାଥ-ଦେବଙ୍କ ଜନ୍ମଲଗ୍ନ ପତ୍ର ରଚିତ ଶ୍ଳୋକର ବର୍ଣ୍ଣନ-ରଣ ଦୋଷ ଉଦ୍ଘାଟନ କରିଅଛନ୍ତି । ଉକ୍ତ ବିଷୟରେ ଅନେକ ଦିନ ଗତ ହୋଇ ଯାଇ-ଥିବାରୁ ଆଉ ଅଧିକ ପିଷ୍ଟପେଷଣର ଆବଶ୍ୟକ ନ ରହେ ।

ଶ୍ରୀ ଜଗବନ୍ଧୁ ପାଣିଗ୍ରାହୀ—ଆପଣଙ୍କ ମହାଶୂନ୍ୟ ସମ୍ପର୍କୀୟ ପତ୍ର ପ୍ରକାଶ କରିବା ଅନାବଶ୍ୟକ ବୋଧ ହେବାରୁ ଉପେକ୍ଷିତ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସନ୍ନିଧାନେଷୁ ।

ମହାଶୟ !

ଆପଣଙ୍କ ସୁବିଖ୍ୟାତପତ୍ରିକାରେ କେତେକ ସମୟ ପୂର୍ବେ କୌଣସି ପଣ୍ଡିତମହାଶୟ ଯାମଳ-ଜାତ ସନ୍ତାନଙ୍କ ମଧ୍ୟରେ ସାନ କିଏ ଏବଂ ବଡ କିଏ ଏହା ପଚାରିଥିବାରୁ କେହି କେହି ଉତ୍ତରପ୍ରଦାନ କରିଥିଲେ ଯେ ଯାହାର ଆଗ ଜନ୍ମ ସେ ବଡ଼ ଆଉ ଯେ ପଛେ ଜନ୍ମି ଥାଏ ସେ ସାନ ହୁଅନ୍ତି ଏହା କୁଶ-ଲବାଦଙ୍କ ଜନ୍ମ ପ୍ରକରଣରୁ ଜଣା-ଯାଏ ।

ଏପରି ଉତ୍ତର ଶୁଣି ପ୍ରଶ୍ନକର୍ତ୍ତା ପୁନଶ୍ଚ ପଚାରିଥିଲେ କି ଏଥିର ପ୍ରମାଣବାକ୍ୟ ଦେଲେ ସନ୍ଦେହଚ୍ଛେଦ ହୁଅନ୍ତା । ତହିଁକି ଆଉ କେହି ଅବା ତହିଁର ପ୍ରମାଣ ଦେବ ଏହି ବିଷୟରେ ଏକ ସ୍ୱ ଅନୁଭବଶାସ୍ତ୍ରରୁ ଅନୁଯାଏ ପ୍ରମାଣ ( ଦୃଷ୍ଟାନ୍ତ ପାଇଁ ଆଗ ସ୍ୱୟଂ ) ଦର୍ଶାଯାଇ ପାରି ନ ଥିଲା । ଏବେ ତାହା ନିମ୍ନରେ ପ୍ରକଟିତ ହେଲା ଆପଣ ଅନୁଗ୍ରହପୂର୍ବକ ସୁବିଖ୍ୟାତ ଉତ୍କଳଦୀପିକାରେ ଏହା ପ୍ରକାଶିତ କରିଲେ ଲୋକସାଧାରଣଙ୍କର ଅଭିଜ୍ଞତାର ସଂଶୟରୁ ବଦ୍ଧମୂଳ କରାଇବା ହେବେ । ଇତି ।—

### ପ୍ରମାଣଂ ଯଥା ।

ଯସ୍ମାତ୍ପୂର୍ବଂ ଜାତଃ ସ କୁକ୍ଷିନିର୍ଗମସ୍ତ୍ରିଭିଃ
ନିର୍ଗମସ୍ତସ୍ମି ତଦା ଭୁଯ ଇତ୍ୟସ୍ୟ କାନଷ୍ଠଃ ।
ଯସ୍ମାଦତେ ଉଦେତ୍ୟୋର୍ଦ୍ଦ୍ୟୋ ଲବେନ ସ୍ୱ ସମାହୃତଃ ।
ନିର୍ଗମସ୍ତସ୍ୟ ତଦା କୁଶେନ ଦ୍ୱିଧା ସ ଜ୍ୟେଷ୍ଠଃ ।
ଏବ କୁଶଲବୌ ନାମ୍ନା ଭ୍ରାତରୌ ଯମଜାତକୌ ।
ମନ୍ତ୍ରଭାଷ୍ୟଂ ତ ନାମ୍ନାଂ ଶାନ୍ତସ୍ତୁତ୍ତି ବଳସ୍ୟତଃ ।

ଇତି ବାଲ୍ମୀକୀୟେ ଉତ୍ତରକାଣ୍ଡେ
ଅଷ୍ଟସପ୍ତତିତମଃ ସର୍ଗଃ ।

ପଣ୍ଡିତମହାଶୟ ଏବଂ ପାଠକମାନେ ଉକ୍ତ ବାକ୍ୟ ପାଠକରି ବଡ଼ କିଏ ଅବା ସାନ କିଏ ଯମଜସନ୍ତାନଙ୍କ ମଧ୍ୟରେ ତାହା ନିଶ୍ଚୟ ସ୍ଥିର କରିବେ । ଇତି ।

୨୩।୧।୮୯ । ତ । ଜ । ଉତ୍ପାଟକୀ ।

---

ମହାଶୟ !

ନିମ୍ନଲିଖିତ ବିଷୟ ସକଳ ଆପଣଙ୍କ ସୁବିଖ୍ୟାତ ଉତ୍କଳଦୀପିକାରେ ପ୍ରକାଶିତ କରିଣ ଅନୁଗୃହୀତ କରାଇବା ହେବ ।

ମହାଶୟ ଆମ୍ଭମାନଙ୍କ ଜନ୍ମଭୂମି କଟକମାନ ଯେପରି ଅନୁନ୍ନତାବସ୍ଥାରେ ଥିଲା ଏବଂ ଏତଦ୍ଦେଶୀୟ ବ୍ୟକ୍ତିମାନେ ଯେଉଁ ପରିଶ୍ରମୀ ଯେଉଁ ଅବସ୍ଥାରେ ଥିଲେ ଅଦ୍ୟାପି କୃତବିଦ୍ୟମାନଙ୍କ ମଧ୍ୟରେ ଅନ୍ତର ନାହିଁ; ସେହି ସ୍ଥାନର ଏବଂ ତତ୍-ନିବାସିମାନଙ୍କର ଦୁର୍ଦ୍ଦଶା ଯାଇ ଉନ୍ନତି ହେବା-କାରଣ ଶ୍ରୀଯୁକ୍ତ ସରକାର ବାହାଦୁର ଅନେକ ଅର୍ଥ ବ୍ୟୟକରି ବିଦ୍ୟାଳୟ ସ୍ଥାପନ ପୂର୍ବକ ଅମୂଲ୍ୟ ସାହାଯ୍ୟ ପ୍ରଦାନ କରୁଥିବାରୁ ବର୍ତ୍ତମା-ନକୁ ଯେପରି ଉକ୍ତ ଦୁଃଖର ଉନ୍ନତି ଲାଭ ହୋଇଅଛି, ଅନୁମାନ କଲେ ସର୍ବଥା ମେଳ୍ଚ-ଛାତ୍ର ପାଇଁ ଛୋଟାଇଲେ ଅତ୍ୟୁକ୍ତି ହେବ ନାହିଁ ବର୍ତ୍ତମାନକୁ ଅମ୍ଭମାନଙ୍କ ପ୍ରାର୍ଥନା ଏହି ଯେ କିନ୍ତୁ କଟକ ନ ସୂଚରୁ ସେହିଦେଶୀୟ ବାଳକ ଯେଉଁ ଶିକ୍ଷାଲାଭ କରି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବସିଅଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଅନ୍ୟାନ୍ୟ ଉପାୟ କିଛି ନ ଥିବାରୁ ପ୍ରକଷ୍ଟ କର କୁଟୁମ୍ବ ପୋଷିବା ଅପାରେ ଶିକ୍ଷା-ଦାନ ହୋଇଅଛି, ମଧ୍ୟ ସେମାନଙ୍କଦ୍ୱାରା ପ୍ରାଇ-ମେରୀ ଠାରୁ ଇଣ୍ଟ୍ରେନ୍ସପର୍ଯ୍ୟନ୍ତ ବିଦ୍ୟାଶିକ୍ଷା-ପ୍ରଦାନ କାର୍ଯ୍ୟ ଉତ୍ତମରୂପେ ଚଳାଇବ ଏହା ମଧ୍ୟ ପରିଦର୍ଶକ ଶିକ୍ଷାବିଭାଗୀୟ ଉଚ୍ଚ କର୍ମଚା-ରୀମାନେ ଜାଣି ପାରନ୍ତି । କିନ୍ତୁ ଅତି ଦୁଃଖର ବିଷୟ ଏହି ଯେ ସେହି ସ୍କୁଲମାନଙ୍କରେ ଅନେକ ନେଟିଭପ୍ରାଇମେରୀ ପ୍ରଭୃତି ବିଦ୍ୟାଳୟମାନଙ୍କରେ ବିଦେଶୀୟମାନଙ୍କୁ ( ସେମାନେ ଜାଣନ୍ତୁ ବା ନ ଜାଣନ୍ତୁ ) ଯେଉଁ ବେତନ ଦେଇ ନିଯୁକ୍ତ କରାହୁଅନ୍ତି ତହିଁରୁ ଅଳ୍ପ ବେତନ ଦେଇ ସେହି ସ୍ଥାନୀୟ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ

Digitized by srujanika@gmail.com

ନିଯୁକ୍ତ ହେଲେ ଉତ୍ତମରୂପେ କାର୍ଯ୍ୟ ଚଳାଇ ପାରିବାର ଭରସା ଥାଏ ସେମାନଙ୍କ ବଂଶଧରଙ୍କର ସେମାନଙ୍କ ପ୍ରାପ୍ୟ ସମ୍ପତ୍ତି ଅନ୍ୟକୁ ଯାହା ଭଟରଣ ହୁଏ କାର୍ଯ୍ୟ ଚଳାଉ ଅଛନ୍ତି ତଦ୍ବାରା ଏତିକି ଦେଶସ୍ଥାନର ଉପର ଉନ୍ନତିହେବ ବୋଧ ହୁଏ ପାରୁ ନାହିଁ, ଯେହେତୁ ବର୍ତ୍ତମାନବାସିମାନେ କୁଳଦେବ୍ୟ ଆଉ ବିଦେଶୀୟମାନେ ତାହାର ପ୍ରାପ୍ତିକର୍ମ ପାଇବାର ଦେଖିବାରୁ ସେମାନଙ୍କର ଏହି ବିଶ୍ୱାସ ହେଉଅଛି ଯେ ଆମ୍ଭେମାନେ ଯେତେ ଶିକ୍ଷିତ ହେଲେ ସୁଦ୍ଧା ଆମ୍ଭମାନଙ୍କୁ କେହି ସରକାରୀ କର୍ମ କାର୍ଯ୍ୟ ମିଳିବ ନାହିଁ ଅତଏବ ସ୍କୁଲରେ ଶିକ୍ଷା କରିବାଠାରୁ ପିଲାଦିନୁ ଜୀବନ ଉପାୟର ଅନ୍ୟାନ୍ୟ ବ୍ୟବସାୟ ଶିକ୍ଷାକରି ହୁଅନ୍ତି । ମହାଶୟ ଏଥିପ୍ରତି ଶିକ୍ଷା ବିଭାଗୀୟ ଉଚ୍ଚ କର୍ମଚାରୀମାନଙ୍କ ଦୃଷ୍ଟି ନ ଥିଲେ ଯଥାଯ... ରୂପେ କାର୍ଯ୍ୟକାରକ ହେଲେ ବର୍ତ୍ତମାନ ସ୍ତ୍ରୀ... ଉନ୍ନତିର ଆଶା ଅଛି ।

ବର୍ତ୍ତମାନ } ଏକାନ୍ତ ବଶମ୍ବଦ ।
୧୭।୧।୮୯ } ଶ୍ରୀ ମାନସିଂହପାଣ୍ଡ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୋକୁଳଚନ୍ଦ୍ର ଦାସ ଭଣାଡ଼ା | | ଅଗ୍ରିମ | ଟ ୧ ୪ |
| " ରାମଚନ୍ଦ୍ର ରାୟ ମହାଶୟ ଚେନ୍ଦୁର୍ଦା | | " | ଟ ୩ |
| " ନମାଲିଚରଣ ମିତ୍ର | କଟକ | " | ଟ ୧ |
| " ରାଧାଚରଣ ମହାନ୍ତି | ବାଲିପାଟଣା | " | ଟ ୧ |
| ମହନ୍ତ ପଦ୍ମନାଭ ରାମାନୁଜଦାସ | ଭୁବନେଶ୍ୱର | " | ଟ ୨ |
| ବାବୁ ଶ୍ରୀଧର ପଟ୍ଟନାୟକ | ଖୋର୍ଦ୍ଧା | " | ଟ ୩ |
| " ଯୋଗେନ୍ଦ୍ର ଦତ୍ତ | କଟକ | " | ଟ ୩ |
| ବାବୁ ରାଧାଚରଣ ମୋକ୍ତାର | କଟକ | ଅଗ୍ରିମ | ଟ ୩ ୧ |
| " ମଧୁସୂଦନ ମହାନ୍ତି | କଟକ | " | ଟ ୧ ୧ |
| " ଚନ୍ଦ୍ରକାନ୍ତ ଦତ୍ତ ହାଜିପୁର | | " | ଟ ୩ ୧ |
| " ମଧୁସୂଦନ ଦାସ ଓକିଲ | କଟକ | " | ଟ ୩ ୧ |
| " ହରିଚରଣ ବାନାର୍ଜ୍ଜୀ | " | " | ଟ ୩ ୧ |
| ରାଜା କନିକା କଟକ | " | " | ଟ ୩ ୧ |

# ବିଜ୍ଞାପନ ।

ଶ୍ରୀଯୁକ୍ତ ତାଳଚେର ମହାରାଜାଙ୍କ ଉଡ଼ିଆ ପଦ୍ୟର ସମ୍ବାଦ ପୁସ୍ତକସକଳ ଶେଷ ହୋଇ ଗଲାଣି । ଅତଏବ ଆଉ କେହି ଉକ୍ତ ପୁସ୍ତକ ବିଷୟରେ ପ୍ରାର୍ଥୀ ହେବାର କମ୍ପା ପତ୍ର ପଠାଇବାର ଆବଶ୍ୟକ ନାହିଁ । ଇତି ।

ଏ ପ୍ରଦେଶର ମାନ୍ୟାସ୍ପଦ ରାଜା, ଜମିଦାର ପ୍ରଭୃତି ପ୍ରାଚୀନବଂଶର ଇତିହାସ ପ୍ରକାଶ କରିବାର ବାସନା କରି, କେତେକ ରାଜା ଏବଂ ଜମିଦାରଙ୍କ ବଂଶର ବିବରଣ ସଂଗ୍ରହ କରିଅଛୁଁ ଯେଉଁ ବିବରଣ ସଂଗୃହୀତ ହୋଇଅଛି ଉକ୍ତ ରାଜା ଏବଂ ଜମିଦାର ବଂଶର ଯେଉଁମାନେ ବର୍ତ୍ତମାନ ରାଜ୍ୟ ଶାସନ କରୁଅଛନ୍ତି, ସେମାନଙ୍କ ଫଟୋଗ୍ରାଫରୁ, କଲିକତାର ସୁନିପୁଣ ଶିଳ୍ପିମାନଙ୍କଦ୍ୱାରା ପ୍ରତିକୃତି ପ୍ରସ୍ତୁତ କରାଇ ଅଛୁଁ । ଏହି ପ୍ରତିକୃତିମାନ ଇତିହାସ ସହ ପ୍ରକାଶିତ ହେବ । ଓଡ଼ିଶାର ଅବଶିଷ୍ଟ ରାଜା ଏବଂ ଜମିଦାର ବଂଶର ଇତିହାସ ସଂଗୃହୀତ ହେଲେ ମୁଦ୍ରଣକାର୍ଯ୍ୟ ଆରମ୍ଭ କରିବୁଁ । ଅପ୍ରେଲମାସ ୧ ଲା ତାରିଖରୁ ମୁଦ୍ରଣକାର୍ଯ୍ୟାରମ୍ଭ ହେବ । ଯେଉଁ ମହାରାଜା, ରା..., ଏବଂ ଜମିଦାରମହୋଦୟଗଣ ଏହି ପୁସ୍ତକରେ ସ୍ୱୀୟ ବଂଶର ଇତିହାସ ପ୍ରକାଶ କରିବାକୁ ଇଚ୍ଛା କରନ୍ତି, ଅନୁଗ୍ରହ ପୂର୍ବକ ତାହା ଆମ୍ଭଠାକୁ ପ୍ରେରଣ କଲେ ଅତ୍ୟନ୍ତ ଉପକୃତ ହେବୁଁ । ଉକ୍ତ ବିବରଣ ସହ ସ୍ୱୀୟ ଫଟୋଗ୍ରାଫ ପ୍ରେରଣ କଲେ ତାହା ଖୋଦନ କରାଇ ପୁସ୍ତକରେ ପ୍ରଦାନ କରିବୁଁ । ଇତି ।

ଶ୍ରୀ ସୀତାନାଥ ରାୟ,
ବାଲେଶ୍ୱର ।

## ନୂତନ ପୁସ୍ତକ ।
## ଲିପିମାଳା ।

ଶ୍ରୀ ସୀତାନାଥ ରାୟଙ୍କ କର୍ତ୍ତୃକ ସଙ୍କଳିତ ।

ଏ ପୁସ୍ତକରେ ପତ୍ରଲିଖନରୀତି, ପରୀକ୍ଷାପ୍ରଶ୍ନାବଳୀ, ରଚନା ଶିକ୍ଷା ଇତ୍ୟାଦି ଅନେକ ଜ୍ଞାତବ୍ୟ ବିଷୟ ପ୍ରଦତ୍ତ ହୋଇଅଛି । ଏ ପୁସ୍ତକଦ୍ୱାରା ମାଇନର, ଛାତ୍ରବୃତ୍ତି, ଏବଂ ଅପରପ୍ରାଇମେରୀ ପରୀକ୍ଷାର୍ଥୀଙ୍କର ବିଶେଷ ଉପକାର ହେବ । ମୂଲ୍ୟ ତିନଅଣା ମାତ୍ର । କଟକରେ ପ୍ରିଣ୍ଟିଂକୋମ୍ପାନୀଙ୍କ ପ୍ରେସ, ଭିକ୍ଟୋରିଆ ପ୍ରେସ, ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଠାରେ ପ୍ରାପ୍ତବ୍ୟ ।

## ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକୋମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନେରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼, କାମିଜ, କୋଟ, ଦେଶୀ ଓ ବିଲାତୀଯୋଡ଼ା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅଦ୍ଭୁତ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ କମିଶନ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ଭୁକ୍ତ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଅବରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଚିଶ ସ୍ଥାନକୁ ଭାଲ୍ୟୁପେବଲ୍ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏହିତ ମାତ୍ର କହିପାରୁଁ କି ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack stores } ଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

Split by PDF Splitter



# ମେହ୍ନରୋଗ ।

ଘ୬୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧ ରୋଗଣଜନିତ ଦୁଃଖର ନୁହେ ସାମାଜ୍ୟ ଅର୍ଥବ୍ୟୟ ସଙ୍କାଶେ ଜୀବନର ମାୟା ପରିତ୍ୟାଗ କରିଥିବେ ।

ଏହି ଔଷଧ ଯଥାଷ୍ଟିଡରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଋତୁ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିସ୍ତାର କରୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କହନ୍ତସିରେ ପଢ଼ଣଭ ନ ହେଲେ ଅଦ୍ୟାବଧି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେରଶୋଲ ନଂ ମୁର ଭବନରେ ସ, ନେ, ଗଡ଼ ଲକ୍ଷ୍ମାନଙ୍କଠାରେ ଏବଂ କଟକ ଦରଘାବଜାର ଡ୍ରିଙ୍କିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫିଲ୍ଡ଼ ୫୦୦ କା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ୍ ।

---

ଅମ୍ଭର ଚାନ୍ଦିନୀଚୌକ ବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅନ୍ଯାନ୍ୟ ଜିନିଷପତ୍ର ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ଅନୁସନ୍ଧାନ କଲେ ପାଇପାରିବେ । କେବଳ ଏହାଠାରେ ମୂଲ୍ୟ ଇତ୍ୟାଦି ଭିନ୍ନ ବଜାରଠାରୁ ମହଙ୍ଗ ନାହିଁ ଆଉ ଯାହାଙ୍କର ବୃହତ୍ କର୍ମ ଥାଇ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ କମ୍ପିର କରାଇଦେବୁଁ (ଫନେଲ ପରୁଚାଯିବ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୪।୮୮ } ଶ୍ରୀ ଅରନ୍ଦତ୍ତହରିଙ୍କର ।
କଟକ }

---

# ବାଲିକାଗଜ ।

ଉଲଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସ୍ୱୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବନ୍ଧୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣି | କାଗଜ | ର ୧୯ ୫ ୨୬/ | ର ୧୯ | ୫ ୦ ୬/୨ |
| ୧୮ ପଣି | ,, | ,, ୫ ୨୩ | ,, | ୫ ୦ ୬/୫ |
| ୧୨ ପଣି | ,, | ,, ୫ ୨। | ,, | ୫ ୦ ୬ |
| ୨୨ ପଟି ଡବଲଫୁଲସ୍କେପ୍,, | | ୫ ୬। | ,, | ୫ ୦ ୬/୨ |

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର ଗଯୁଙ୍କର ଚାନ୍ଦିନୀଚୌକବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଡଜନରଜୋଡ଼ା ଓ କାଲିଙ୍ଗ ଓ ବେଷମୀର୍ଦଗେଇ ଲୁଗା ଓ ଷ୍ଟୋକିନ୍ସ୍ ଓ କଲ୍ କଣ୍ଠା ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦ୍‌ଭିନ୍ନ ଅଉ କେତେକ ଫେନ୍ସି ଜିନିଷାଦି ବିକ୍ରୟ ସଙ୍କାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଦୁନ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଟେଲର ଗାଡ଼ି ବିକ୍ରୟ ସଙ୍କାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଦୁନ୍ତ ଗାଡ଼ିମାନ ବିକ୍ରୟ ହେବା ଦୂରେ ଆପଣା ମଫସଲ ଯିବାପାଇଁ ଭଡ଼ା ଦରକାର ହେବେ ଏହି ଗାଡ଼ିକୁ ପ୍ରତି ବଙ୍ଗ ୫୦/୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯତ୍ନ ଖର୍ଚ୍ଚାଦିର ଭାର ଙ୍କ ଉପରେ ଥିବ । ଖତ ହେଲେ ଗାଡ଼ିର ପତ୍ର ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଛଫାଇଲ ।

କଲର ଶେଲଣା ଚ ଘଣ୍ଟେଲ ଯୁକ୍ତ ଦେଲେ ଯାରେ ।
ଦଲେରକାଳ
କପ୍ରେଶିନ୍ ତେଲ ଲଟକା ଶେଲ ସାବା ଓ ରୋଷ୍ଟର ସହିତ ।
ଛୁରି ଅର୍ଥାତ୍ ଚକ୍କୁ କଣ୍ଟା ଚାମଚ ତ୍ରେନ୍ ସିଭ ଓ କଲମ ।
ପେନ୍‌ସିଲ କାଟିବା ଛୁରି ।
ଚାଳ ପ୍ରକାରର ଚିଠି କାଗଜ ଓ ଲଫାଫା କେଟେଷ୍ଟ ଚୁଥ
ପିତଳ ଗୁଣ ।
ବଟନ ଗାଛ ।
ଡାକାଣି ଗାଭାଳ ଘଣ୍ଟି ମେ ଘୁଷା ଇତ୍ୟାଦି ଦ୍ରବ୍ୟ ।
ଅଲୋଲ ସେବ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅଏଲ କୁଥ ।
ଓଷଟଲ ସ୍ୱପ୍ନ କୁଡ଼ା ।
କଟିଭି ଅର୍ଥ ।
କୋଲେଷାଇନ ।
କାଚ ଲିଫାଫ ଓ କଡ଼ ରଙ୍ଗିନ ଓ ଶାଢ଼ୀ ଗଡ଼ୀ
ଉର୍ଜି ବୁଲଫଲ୍‌ସ୍କେପ୍ ଏକଫୋଲ୍ କୁସ
ଜେଲସନ ଚପୋଲ ସବୁ ହେବଭ ଅଏଲ
ଏ, ଯୋଷର ଲମ୍ବୁତେଲ କାମିଜ ଓ କୁତ୍ତା । କପଡ଼ା ଅଫଲୋଟ ଏକର କାରୁସ ।
ଅଟକେଟିକ ପେନ୍‌ସିଲ ଅର୍ଥ ଏ ପେନ୍‌ସିଲ୍‌ରେ ଲେଡ ଭଟିଲ ଦେଇ ତକୁ ଲଗାଇ ସେହି ପେନ୍‌ସିଲ ଲେଖା ଯିବେ ଦେଇ ଦବାଇ ଦେଲେ ଉନ୍ନ ର, ଚବ ଲ ଉଠେ ।
ଗୋର୍ଣ୍ଣରୁଜର ଓ ଫିରଙ୍ଗର କେସରିଙ୍ଗମେଜ ଓ ଚଉକ ଉଲେ ଘରେ
ଟ୍ରାଜ ଲାଇ ଅର୍ଥାତ୍ ଲେଖିବାବେଳେ ଘର ଓ ଶୁଖିଲେ ବଳା ହେବ ।
ଅଲନା ଚଣ୍ଡା
୧୬ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ,,
ମୋଜା ଓ ମୋଜାବନ୍ଧ
ଉଲେନ ଏଣ୍ଡ କଟନଟ୍ ରଙ୍ଗର ସାର୍ଟ ବନ ଓ ସ୍ୱେଟର
ଜେନେଷ୍ଟସେଲ ।
ଦଳ ଓ ପାଇପ୍‌କଟୋଲ ଡିବା
ଉଷ୍ଣଷ୍ଟିନ ଘେରଟେ କଡ଼ କାଢ଼ିବାର ଗାଡ଼ି ନମ୍ବରୀ ।
ରେଲ ଟୁ ପେନ୍‌ସିଲ
କଲମଦାନୀ ଶାଦା ଓ ଯୋଡ଼ି ଓ ଚଢ
ମଲସୁଡାକାସ ଓ ଏକ ପାଇ ପାଟଗୋଡ ଓ ଶାଡ଼ୀ ।
ଟ୍ରିଙ୍କିଂ ଗାଡ଼ି
ଏଣ୍ଡିମୋକ ଅର୍ଥାତ୍ ଉପାଶ୍ଚ ଉପର ଅକ୍ଷର ଉପ୍ପର କଟିବା କମଲେ ଦରକାର ହୁଏ ।

# ପିଚଗାର ।

ଏ ତାରକୁ କେଉଣସି ଦ୍ରବ୍ୟରେ ରଖି ଲଗାଇଲେ ଭିତରକାଠ ଗୋଟା ଠାଣ୍ଡାରେ ଦେଲେ ପାଣିଗଲା ବନ୍ଦ ହେବ ପାଳିକ ମହିଷ ଅରେ ଲେପିଦେଲେ ମଜବୁତ ଓ ଭଲ ଅନିଷ୍ଟ ନାହିଁ ।

କରିଭ ଚମଡ଼ା ଓ ସାଜରେ ଲଗାଇବାକୁ ଜାନ ମଧ୍ୟ ଅଛି ।

ଅନୁଭବଷ୍ଟିଡ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସଙ୍କାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦/୬ |
| ଅକ୍ଷରମୂଲ୍ୟ | ୫ ୬୧ |
| ତୃତୀ ଏକ ଶ୍ରମକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚା ୫ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସଙ୍କାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସଙ୍କାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ଟ୍ରିଙ୍କିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

## ଊନବିଂଶଶତ ଶତାବ୍ଦର ଭାରତୀୟ ଆର୍ଯ୍ୟସମାଜ।

ସବୁ ମନୁଷ୍ୟଙ୍କ ଇଚ୍ଛା ଯେ ସେମାନଙ୍କର ସର୍ବବିଷୟରେ ଉତ୍ତରୋତ୍ତର ଉନ୍ନତି ହେଉ। ତାଙ୍କୁ ଏକଥା କେହି କହି ଦିଏ ନାହିଁ। ତାଙ୍କ ମନରୁ ତାହା ଜାତ ହୁଏ।

କିନ୍ତୁ ଯେଉଁମାନେ ଆପଣାର ଅଭାବ ବୁଝି ନ ପାରନ୍ତି ସେମାନଙ୍କର ଅଧିକ ଉଦ୍ୟମୀ ହେବାର ସମ୍ଭାବନା। ଅତଏବ ଆମ୍ଭର ହିନ୍ଦୁସମାଜର କେଉଁ ନିୟମମାନ ବର୍ତ୍ତମାନ ସମୟକୁ ଉପଯୋଗୀ ନୋହିବାରୁ ହିନ୍ଦୁମାନେ ବର୍ତ୍ତମାନ ପୃଥିବୀର ଅପରାପର ଜାତିଙ୍କ ପ୍ରାୟ ଉନ୍ନତିଶାଳୀ ହୋଇ ପାରୁ ନାହାନ୍ତି। ଦିନକୁଦିନ ତାଙ୍କର ସମାଜ ସଙ୍କୁଚିତ ହେଉଅଛି ଓ ବିଦେଶୀୟ ଲୋକେ ସେମାନଙ୍କୁ ପଦଦଳିତ କରୁଅଛନ୍ତି।

ହିନ୍ଦୁମାନଙ୍କର ଧର୍ମ୍ମ ଓ ସମାଜନୀତି ଅପେକ୍ଷା ଅପରଜାତିମାନ[illegible]ର ବିଶେଷରେ ଖ୍ରୀଷ୍ଟିୟାନ ଓ ମୁସଲମାନ[illegible]ର ଧର୍ମ୍ମନୀତି ଓ ସମାଜନୀତି ଏତେ ଉଦାର ଓ ପ୍ରଶସ୍ତ ଯେ ସେମାନେ ହିନ୍ଦୁମାନଙ୍କ ଉପରେ କର୍ତ୍ତୃତ୍ୱ କରୁଅଛନ୍ତି ଓ ଦିନକୁଦିନ ହିନ୍ଦୁମାନଙ୍କୁ ସଂଖ୍ୟାରେ ଓ ପରାକ୍ରମରେ ଅଭିଭୂତ କରୁଅଛନ୍ତି।

ଅବଶ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ ହିନ୍ଦୁଧର୍ମ୍ମ ଓ ସମାଜ ବହୁସହସ୍ରବର୍ଷପୂର୍ବରୁ ସ୍ଥାପିତ ହୋଇଅଛି। କିନ୍ତୁ ଏହା ବୋଲି କି ସେ ସର୍ବକାଳୋପଯୋଗୀ ହେବ ଓ ତହିଁର ପରିବର୍ତ୍ତନ ଅନାବଶ୍ୟକ ଏହା କୁହାଯାଇ ନ ପାରେ ଯେଉଁ ସମୟରେ ତାହାର ଅସ୍ତିତ୍ୱ ସଂଘଟିତ ହେଲା ସେ ସମୟରେ ପୃଥିବୀର ଅପରଜାତିମାନେ ଅନ୍ଧତମସାଚ୍ଛନ୍ନ ଥିଲେ, ଏହି ହେତୁରୁ ଋଷିମାନେ ସେକାଳ ଓ ଦେଶକୁ ବିବେଚନା କରି ଧର୍ମ୍ମ ଓ ସମାଜର ନିୟମମାନଙ୍କୁ ପ୍ରଚାର କରିଥିଲେ। ଅଜ୍ଞାନ ଓ ଅସଭ୍ୟତା-ଅନ୍ଧକାରରେ ଯେଉଁଲୋକେ ବୁଡ଼ି ରହିଥିଲେ ସେମାନେ ଯେ ବହୁସହସ୍ରବର୍ଷ ପରେ ଆପଣାକୁ ସଭ୍ୟ ଓ ଧର୍ମ୍ମିଷ୍ଠ ବୋଲାଇ କେବଳ ଶାରୀରିକ ବଳ ଓ ମାନସିକ କୌଶଳ-ପ୍ରାଦୁର୍ଭାବରେ ହିନ୍ଦୁମାନଙ୍କ ଉପରେ ଆଧିପତ୍ୟ ଲାଭ କରିବେ ତାହା ଆମ୍ଭର ନିୟମପ୍ରଣେତାମାନେ ସ୍ୱପ୍ନରେ ଶୁଦ୍ଧା ଜାଣି ନ ଥିଲେ। ଯଦି ସେମାନେ ଏପରି ଘଟନାର ଚିନ୍ତା କରିଥିବେ ତେବେ ମଧ୍ୟ ଭାବୀ ଅନିର୍ଦ୍ଦିଷ୍ଟ ଘଟନାର ଉପଯୋଗୀ ନିୟମ ସେକାଳରେ ପ୍ରଣୟନ କରିବା ଅସମ୍ଭବ ଓ ଅନାବଶ୍ୟକ କିଏ ଏହା ସ୍ୱୀକାର ନ କରିବେ। ଆମ୍ଭର ଋଷିମାନଙ୍କମନରେ ଏପରି ଭାବ ଉଦୟ ହୋଇଥିବ ଯେ ତାଙ୍କର ପରବଂଶୀୟମାନେ ତହିଁର ପ୍ରତିବିଧାନ କରିବାକୁ ଅର୍ଥାତ୍ ସମୟୋଚିତ ପରିବର୍ତ୍ତନ କରିବାକୁ ଅବଶ୍ୟ ସମର୍ଥ ହେବେ। କିପାଁକି ଯେଉଁ ସମୟରେ ଆମ୍ଭ ଧର୍ମ୍ମ ଓ ସମାଜର ନିୟମ ପତ୍ତନ ହେଲା ତହିଁ ପୂର୍ବରୁ ଯେଉଁ ନିୟମମାନ ପ୍ରଚଳିତ ଥିଲା ସେ ସବୁ ଯେ କ୍ରମରେ ଅଂଶିକ ପରିବର୍ତ୍ତନ ହୋଇଥିଲା ତାହା ସେମାନେ ପ୍ରତ୍ୟକ୍ଷ କରିଥିଲେ। ମଧ୍ୟ ସମୟ କ୍ରମରେ ଏକଋଷିପ୍ରଣୀତ ଏକପ୍ରଣାଳୀକୁ ଅପରଋଷି ଯେ ପରିବର୍ତ୍ତନ କରି ଆସିଅଛନ୍ତି ଏହା ଆମ୍ଭେମାନେ ପ୍ରତ୍ୟକ୍ଷ କରୁଅଛୁଁ। ପୃଥିବୀର ସବୁକାର୍ଯ୍ୟ ଏହିପରି। ପୂର୍ବେ ଯାହା ନ ଥାଏ ତାହା ହୁଏ, ପୁଣି କିଛିକାଳ ପରେ ସେ ନଷ୍ଟ ହୋଇ ତାହା ପରିବର୍ତ୍ତରେ ଆଉ କିଛି ହୁଏ। ଜଗତର ଏହି ନିୟମକୁ ଯେଉଁମାନେ ଉତ୍ତମରୂପେ ବୁଝିଅଛନ୍ତି ଓ ଯେଉଁମାନେ ଆପଣାର ସମାଜର ଦୁରବସ୍ଥା ଦିନକୁଦିନ ବଢ଼ୁଥିବାର ପ୍ରତ୍ୟକ୍ଷ କରୁଅଛନ୍ତି ଏପରି ହିନ୍ଦୁମାନେ ତହିଁର ପ୍ରତୀକାର କରିବାକୁ ଅବଶ୍ୟ ଯତ୍ନବାନ୍ ହେବେ କିମ୍ବା ଯେ ଯତ୍ନବାନ୍ ହେବେ ତାହାଙ୍କୁ ସାହାଯ୍ୟ କରିବେ। ପ୍ରଥମରେ ଅନେକଲୋକଙ୍କର ଏପରି ସଂସ୍କାର ଅଛି ଯେ ହିନ୍ଦୁମାନଙ୍କର ସଂଖ୍ୟା ପୃଥିବୀରେ ସବୁଠାରୁ ଅଧିକ କିନ୍ତୁ ତାହା ନୁହେ, ପୃଥିବୀରେ ୧୨୧-କୋଟି ୧୦୦ ଲକ୍ଷ ଲୋକ ତନ୍ମଧ୍ୟରେ ୩୭କୋଟି ୫୦ ଲକ୍ଷ ଖ୍ରୀଷ୍ଟିୟାନ୍ ୭୦ ଲକ୍ଷ ୟିହୁଦି ୧୩-କୋଟି ମୁସଲମାନ ୩୦କୋଟି ବୌଦ୍ଧ ୨୧କୋଟି ଅପରଧର୍ମ୍ମୀ ୧୯ କୋଟି ହିନ୍ଦୁ।

ବ୍ରାହ୍ମଣ ବୈରାଗୀ ପାଣ ହାଡ଼ି ଚଣ୍ଡାଳସବୁ ତେବେ ଦେଖାଯାଉ ଯେ ପ୍ରକୃତ ହିନ୍ଦୁମାନେ ପୃଥିବୀର ଲୋକସଂଖ୍ୟାର ଦୁଇ ପଣ ହେବେ କି ନା ସନ୍ଦେହ। ଏପରିସ୍ଥଳରେ ଯେବେ ହିନ୍ଦୁମାନେ ନିଜ ସମାଜକୁ ଦୃଢ଼ କରିବାରେ ପ୍ରବୃତ୍ତ ନ ହେବେ ତେବେ ଅଚିରକାଳମଧ୍ୟରେ ଯେ ହିନ୍ଦୁସମାଜ ଏକାବେଳକେ ଲୁପ୍ତ ହେବ ତାହାର କୌଣସି ସନ୍ଦେହ ନାହିଁ। ଦିନକୁଦିନ ହିନ୍ଦୁସନ୍ତାନମାନେ ଖ୍ରୀଷ୍ଟାନ କିମ୍ବା ମୁସଲମାନ ହୋଇ ଯାଉଅଛନ୍ତି। ଯେବେ ବ୍ରାହ୍ମଧର୍ମ୍ମ ସ୍ଥାପନ ହୋଇ ନ ଥାନ୍ତା ତେବେ ଆଜକୁ ଶହପଣ ହିନ୍ଦୁ ଜାତି ହରାଇଥାନ୍ତେ। ବ୍ରାହ୍ମମାନେ ହିନ୍ଦୁସମାଜର ପରମ ଉପକାରୀ। ସେମାନେ ଆପଣାକୁ ହିନ୍ଦୁଜାତିମଧ୍ୟରେ ପରିଗଣନା କରନ୍ତି ମଧ୍ୟ କେତେକବ୍ୟକ୍ତି ବ୍ରାହ୍ମ ହୋଇ ସୁଦ୍ଧା ପୁନର୍ବାର ହିନ୍ଦୁସମାଜରେ ପ୍ରବେଶ କରୁଅଛନ୍ତି।

କିନ୍ତୁ ମୁସଲମାନ କି ଖ୍ରୀଷ୍ଟିୟାନ ହେଲେ ଆଉ ଫେରି ଆସିବାର ଉପାୟ ନାହିଁ, ଯେଉଁମାନେ ବିଦ୍ୟାଭ୍ୟାସ କରିବା ନିମନ୍ତେ ଦେଶାନ୍ତର ଗମନ କରୁଅଛନ୍ତି କି ଖ୍ରୀଷ୍ଟିୟାନ କିମ୍ବା ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବାସ କରୁଅଛନ୍ତି ସେମାନେ ଏକାବେଳକେ ହିନ୍ଦୁ ସମାଜରୁ ଚ୍ୟୁତ ହେଉଅଛନ୍ତି। ଏହି ପ୍ରକାରେ ଅନେକ ସନ୍ତାନମାନଙ୍କୁ ହିନ୍ଦୁସମାଜ ହରାଇ ଦିନକୁଦିନ ଆପଣାର କଳେବର କ୍ଷୀଣ କରୁଅଛି ଓ ପରପକ୍ଷର ପୁଷ୍ଟି ସାଧନ କରୁଅଛି।

ମନେ କର ଯଦି ଗବର୍ଣ୍ଣମେଣ୍ଟଙ୍କର ଅନୁମତିକ୍ରମେ ଆମ୍ଭମାନଙ୍କୁ ନିଜ ଦେଶ ରକ୍ଷା କରିବାନିମନ୍ତେ ପ୍ରବୃତ୍ତ ହେବାକୁ ହେବ ଯୁଦ୍ଧକ୍ଷେତ୍ରରେ ସୋଲଜର୍‌ସେନା ସ୍ୱରୂପେ ଉପସ୍ଥିତ ହେବାକୁ ହୁଏ ତେବେ ତ୍ରିଶ କି ପଞ୍ଚାଶ ଲକ୍ଷ ଲୋକ ଏକତ୍ର ସମବେତ ହୋଇ କର୍ମ୍ମସ୍ଥାନରେ ଉପନୀତ ହେବାକୁ ହେବ। ପୂର୍ବରେ ଯେପରି ନିୟମ ଥିଲା କେବଳ କ୍ଷତ୍ରିୟମାନେ ଯୁଦ୍ଧରେ ପ୍ରବୃତ୍ତ ହେବେ* ତାହା କି ବର୍ତ୍ତମାନ ହୋଇ ପାରିବ? ଏତେ କ୍ଷତ୍ରିୟ କାହାନ୍ତି? ଯଦି ଅଛନ୍ତି ତେବେ ସେମାନେ ଯୁଦ୍ଧବ୍ୟବସାୟରେ ନାହାନ୍ତି। ଅତଏବ ସବୁ ଶ୍ରେଣୀର ଲୋକଙ୍କୁ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ ହେବ। ତ୍ରିଶଲକ୍ଷ ଲୋକଙ୍କର ତ୍ରିଶ ଲକ୍ଷ ହାଣ୍ଡି ଓଳିକେ ଅନ୍ତତଃପକ୍ଷେ ଦରକାର। ଜଣ୨କର ଏକ୨ ପାକ ସ୍ଥାନ ପୃଥକ୍୨ ଆବଶ୍ୟକ। କେହି କାହାକୁ ସ୍ପର୍ଶ କରିବେ ନାହିଁ। ଆଉ ବ୍ରାହ୍ମଣ କାୟସ୍ଥଙ୍କର ପରଶା ଖାଦ୍ୟ ଦ୍ରବ୍ୟ ସ୍ପର୍ଶ କରିବାର। ପଶ୍ଚିମାବ୍ରାହ୍ମଣ କହିବେ ବଙ୍ଗାଳୀ ମାଛ ଖିଆ। ବଙ୍ଗାଳୀ କହିବେ ଓଡ଼ିଆ ମେଣ୍ଢା। ଓଡ଼ିଆ କହିବେ

* ଯଦ୍ୟପି କି କେହି୨ ବ୍ରାହ୍ମଣ ଯୁଦ୍ଧ କରୁଥିବାର ପ୍ରମାଣ ମିଳେ ସେମାନେ ଅଳ୍ପ ସଂଖ୍ୟକ ଓ ସେମାନଙ୍କୁ କ୍ଷତ୍ରିୟ [illegible] ହେବ।

Split by PDF Splitter

Digitized by srujanika@gmail.com

Split by PDF Splitter



ବଙ୍ଗାଳୀ ଯେଉଁ ଶ୍ରେଣୀ ଖାନ୍ତି । ଏହିପରି ପରସ୍ପର ବିଦ୍ୱେଷଭାବ ହେତୁରୁ ସେମାନେ ସ୍ୱୟଂ ପରାସ୍ତ ହୋଇ ରହିବେ । ଅଧିକନ୍ତୁ ଏକ୨ ଦେଶୀୟ ଏକବର୍ଣ୍ଣ ମଧ୍ୟରେ ସୁଦ୍ଧା ଭେଦ ରହିଥାଏ ଯଥା:— ପୁରୁଷୋତ୍ତମବାସି ବ୍ରାହ୍ମଣେ କଟକବାସୀ ବ୍ରାହ୍ମଣଙ୍କ ପାଳରେ ଖାନ୍ତି ନାହିଁ ବା କଟକବାସୀ ନିବାସି ବ୍ରାହ୍ମଣେ ବାଲେଶ୍ୱରବାସୀ-ନିବାସିଙ୍କ ପାଙ୍କରେ ଭୋଜନ କରିବେ ନାହିଁ, ଏବମ୍ବିଧ ଜଘନ୍ୟ ସଂସ୍କାର ଯେଉଁ ସମାଜରେ ବଦ୍ଧ ମୂଳ ହୋଇଅଛି ସେ ସମାଜର ସଂସ୍କାର ବ୍ୟତିରେକେ କ ଜାତିର ଉନ୍ନତି ସମ୍ଭବ ନୁହେ । ଏମାନେ ଅପଣାର ଶୁଦ୍ଧତ୍ୱ ସମ୍ପାଦନ କରୁଥିବେ କି ଯେଉଁ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ଏମାନଙ୍କୁ ବ୍ରତୀ ହେବାକୁ କହୁଅଛନ୍ତି ସେଥିରେ ପ୍ରବୃତ୍ତ ହେବେ ?

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏମାନେ ଦ୍ୱିଜ, ଏମାନଙ୍କ ମଧ୍ୟରେ ପରସ୍ପର ବିବାହ ପ୍ରଚଳିତ ଥିଲା । ଅଧିକ ଦୂର କଥା କି କହିବା ଦଶରଥଙ୍କର ରାଣୀ ସୁମିତ୍ରା ବୈଶ୍ୟକନ୍ୟା ଥିଲେ । ବିଶ୍ୱାମିତ୍ର କ୍ଷତ୍ରିୟ ହୋଇ ବ୍ରହ୍ମର୍ଷି ହେଲେ । ବ୍ୟାସ କୈବର୍ତ୍ତୀପୁତ୍ର ହୋଇ ବ୍ରାହ୍ମଣପୂଜ୍ୟ ହେଲେ । ଏହିପରି ପୁରାଣମାନଙ୍କରେ ଶତଶତ ଉଦାହରଣ ଦେଖିବାରେ ଆସୁଅଛି ଦ୍ୱିଜ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ପରସ୍ପର ଗୃହରେ ଆହାରର କୌଣସି ପ୍ରତିବନ୍ଧକ ନ ଥିଲା, କି ଅନୁଲୋମ କି ପ୍ରତିଲୋମ ରୀତିରେ ବିବାହ ଅପ୍ରଚଳିତ ନ ଥିଲା ପୂର୍ବତନ ପୁରୁଷମାନଙ୍କର ଯେପରି ମନ ଉଦାର ଥିଲା ନୀତି ତଦ୍ରୂପ ଉଦାର ଥିଲା ଓ ସ୍ୱାଧୀନତା ସେମାନଙ୍କୁ ସ୍ୱୟଂ ବରଣ କରିଥିଲେ । ସେହିହେତୁରୁ ହିନ୍ଦୁଧର୍ମ୍ମ ଉନ୍ନତିର ପରାକାଷ୍ଠା ଲାଭ କଲା । ବର୍ତ୍ତମାନ ସେ ଉଦାରତା ନାହିଁ । ସ୍ୱାଧୀନତା ଖଡ଼ପଡ଼ି ହେଲେ । ଧର୍ମ୍ମ ଲୋପର ଶେଷସୋପାନରେ ଉପସ୍ଥିତ ହେଲା ।

ଲୋକେ ପୂର୍ବେ ଗୁଣବଶରୁ ଯେଉଁ ନିଜର ଅଧିକାର ପ୍ରାପ୍ତ ହୋଇ ପଛକୁ ନିର୍ଗୁଣୀ ହୋଇସୁଦ୍ଧା ଆପଣାର ସେହି ଅଧିକାର ବଜାୟ ରଖିବାକୁ ଇଚ୍ଛା କରିବାରୁ ଏହି ଦୁର୍ଦ୍ଦଶା ଉପସ୍ଥିତ ହେଲା । ପୂର୍ବେ ଉପରସ୍ଥ ବର୍ଣ୍ଣର ଲୋକ ଅଧସ୍ତବର୍ଣ୍ଣର ଲୋକଙ୍କୁ ଘୃଣା କରୁ ନ ଥିଲେ, ସେମାନଙ୍କ ମଧ୍ୟରେ ପ୍ରୀତି ଓ ଏକତା ଜାଗରୁକ ଥିଲା । ଇଦାନୀଂ ଉଚ୍ଚବର୍ଣ୍ଣ ଆପଣାର ଅଧସ୍ତନ ବର୍ଣ୍ଣକୁ ଅଯଥା ନୀଚ ଜ୍ଞାନ କରିବାରୁ ଅଧଃପାତୀ ହେଲେ। ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଗର୍ବଗଞ୍ଜନବାଣୀ ସେ ଅଲ୍ଲାଗର ଉଚ୍ଛିଷ୍ଟ ଅର୍ଦ୍ଧକବଳିତ ବଦରୀ ଭକ୍ଷଣରେ ଅନ୍ତରସର ହୁଅନ୍ତି ସତେଇଞ୍ଚଦାସର ଖୀର ପାଖରେ କରିବସି ଥାନ୍ତି । କନ୍ତୁ ସୁପକ୍ୱ ମିଷ୍ଟାନ୍ନ ସ୍ତୂପ ଭକ୍ଷଣରେ ଅଦ୍ଭୁତ ହେଲେ ଲୁଚି ବୁଲନ୍ତି ।

ଅତଏବ ଯେଉଁମାନେ ପ୍ରକୃତ ହିନ୍ଦୁ ଯେଉଁମାନେ ପ୍ରକୃତ ବୈଷ୍ଣବ ଯେଉଁମାନେ ବାସ୍ତବରେ ନରହିତାଶୀ ସେମାନଙ୍କ କର୍ତ୍ତବ୍ୟ ଯେ ଭେଦବୋଧ ତ୍ୟାଗ କରି ହିନ୍ଦୁ ସମାଜର ଉନ୍ନତି ସାଧନ କରନ୍ତୁ ।

---

☞ ମୂଳପତ୍ର ଦେଖ ।

Digitized by srujanika@gmail.com

ISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୪ ଶ
ସଂ ୭ ଖ୍ୟା

ତା ୯ ଏଲ ମାହେ ଫିବ୍ରୁଏରୀ ସନ ୧୮୮୯ ଇଂରାଜୀ । ମୁ । ମାଘ ତା ୨୧ ଢ ୪ର ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ମଧ୍ୟପ୍ରଦେଶର [illegible]ର ମଧ୍ୟମଶ୍ରେଣୀ ଇଂରାଜୀପରୀକ୍ଷା ଆଗାମୀ ମାର୍ଚ୍ଚମାସ ତା ୪ ରିଖଠାରୁ ଆରମ୍ଭ ହୋଇ ତା ୮ ରିଖରେ ଶେଷ ହେବ ଓ ଅନ୍ୟାନ୍ୟ ଜିଲ୍ଲାମଧ୍ୟରେ ରାଏପୁର ବିଲାସପୁର ସମ୍ବଲପୁରରେ ଏ ପରୀକ୍ଷା ଗୃହୀତ ହେବ ।

---

ପୂର୍ବରେ ମିଶରର ସମସ୍ତ ଶାସନକାର୍ଯ୍ୟ ଇଂରେଜ ଓ ଫରାସୀ ମିଶି କରୁଥିଲେ । ବର୍ତ୍ତମାନ ପୁଣି ସେହିପରି ମିଶି କାର୍ଯ୍ୟ କରିବାକୁ ଇଂରେଜ ଚାହାନ୍ତି । ଫରାସୀ-ପ୍ରତିନିଧି ସର ଇଂରେଜଙ୍କ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଅଛନ୍ତି ।

---

ସଞ୍ଜିବନୀ ଭାରତଗବର୍ଣ୍ଣମେଣ୍ଟଙ୍କର ଗୁପ୍ତ ସରକ୍ୟୁଲର ସମ୍ବନ୍ଧରେ ବିଶ୍ୱସ୍ତସୂତ୍ରରୁ ଅବଗତ ହୋଇଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ଜିଲ୍ଲାମାଜିଷ୍ଟ୍ରେଟମାନଙ୍କ ନିକଟକୁ ଏହି ମର୍ମରେ ସରକ୍ୟୁଲର ଜାରି କରିଅଛନ୍ତି କି ଯେଉଁମାନେ ରାଜନୈତିକଆନ୍ଦୋଳନରେ ଯୋଗ ପ୍ରଦାନ କରୁଅଛନ୍ତି । ସେମାନଙ୍କ ମଧ୍ୟରୁ କେହି ରାଜକର୍ମଚାରୀ ଅଛନ୍ତି କି ନାହାନ୍ତି ତାହା ନିର୍ଦ୍ଧାରଣ କରିବେତ ଓ ଯେଉଁମାନେ ରାଜନୈତିକଆନ୍ଦୋଳନରେ ଯୋଗଦାନ କରୁଅଛନ୍ତି ସେମାନଙ୍କୁ ନିରସ୍ତ କରିବାକୁ ମଧ୍ୟ ଉପଦେଶ ଦିଆଯାଇଅଛି । ସଞ୍ଜିବନୀ ଦୃଢ଼ତା ସହିତ କହୁଅଛନ୍ତି ଯେ ସେମାନଙ୍କର ପ୍ରୋକ୍ତକଥା ସମ୍ପୂର୍ଣ୍ଣ ସତ୍ୟ ।

---

ବଙ୍ଗଲା ନାଗପୁର ରେଲୱାଏ ନିର୍ମାଣର ସନ ୧୮୮୭।୮୮ ଶେଷ ପର୍ଯ୍ୟନ୍ତ ସର୍ବସୁଦ୍ଧା ଟ ୧,୮୮,୪୫,୮୪୭ ଙ୍କା ଖର୍ଚ୍ଚ ହୋଇଅଛି । ଉକ୍ତ ବର୍ଷରେ ରେଲୱାଏର ଆୟ ଟ ୧୩୮୦୦ ୭୩୧ ଙ୍କା ଏବଂ କାର୍ଯ୍ୟ ଚଳାଇବାର ବ୍ୟୟ ଟ ୮୭୧୫୩୭ ଙ୍କା ହୋଇଥିବାରୁ ଲାଭ ଟ ୫,୧୯,୧୯୪ ଙ୍କା ହୋଇଅଛି । ଏଥିରୁ ରେଲୱାଏରେ ଖର୍ଚ୍ଚ ହୋଇଥିବା ଟଙ୍କାର ସୁଧ ଟ ୭୨୧୨୭୯ ଙ୍କା ସୁତରାଂ ନିଟଲାଭ ବାଦେ ଟ ୨୦୨୦୭୫ ଙ୍କା ଅଧିକା ସୁଧ ଦେବାକୁ ହୋଇଅଛି । ସମ୍ପୂର୍ଣ୍ଣ ଲାଇନ ପ୍ରସ୍ତୁତ ହେବାପୂର୍ବରୁ ଏକଲକ୍ଷ ଟଙ୍କାରୁ ଅଧିକ କ୍ଷତି ନ ପଡ଼ିବା ଅବଶ୍ୟ ଶୁଭଲକ୍ଷଣ ଅଟଇ ଏବଂ ଏଥିରୁ ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ ଲାଇନ ସମ୍ପୂର୍ଣ୍ଣ ହେଲେ ଲାଭଜନକ ହେବ ।

---

ସର ମାଧବ ରାଓ ପରୀକ୍ଷାସମ୍ବନ୍ଧରେ କହୁଅଛନ୍ତି ପରୀକ୍ଷାରେ ବାଳକମାନେ ଯେପରି ବ୍ୟସ୍ତ ହୋଇଯାଆନ୍ତି ସେମାନଙ୍କ ଦୁର୍ବଳଶରୀର ସବଳ କରିବା ପାଇଁ ଖେଳ ବୁଲିବାକୁ ସମୟ ମିଳେ ନାହିଁ ଗୃହକାର୍ଯ୍ୟ ପ୍ରତି ଦୃଷ୍ଟି ଆଦୌ ପଡ଼ିବ ହୁଏ ନାହିଁ । ସାମାଜିକ କ୍ରିୟାରେ ଯୋଗ ପ୍ରଦାନ କରିବାକୁ ଅବକାଶ ନାହିଁ ସ୍କୁଲରେ ସେମାନେ ମନୁଷ୍ୟ ଓ ବସ୍ତୁର ପ୍ରକୃତ ପାଠ ନ କରି ସର୍ବଦା ପୁସ୍ତକପାଠରେ ନିଯୁକ୍ତ ଥାନ୍ତି । ପୁସ୍ତକପାଠ ମଧ୍ୟ ଏତେ ଶୀଘ୍ର କରିବାକୁ ହୁଏ ଯେ ସେମାନେ ଚିନ୍ତା ସ୍ପୃହା ଗଭୀରରୂପେ ନିର୍ବାହ ପାରନ୍ତି ନାହିଁ । ଫଳରେ ସେମାନଙ୍କ ଶରୀର ଦୁର୍ବଳ ହୁଏ ଓ ସଂସାରରେ ସେମାନେ କର୍ମଠଲୋକ ହୁଅନ୍ତି କଷ୍ଟସହିଷ୍ଣୁ ଅଧ୍ୟବସାୟୀ ଉପଯୁକ୍ତ ହୋଇଥାଏ ଓ ବଡ଼ ହେଲେ ସାମାଜିକ ଅଥବା ବ୍ୟବହାର ପ୍ରଭୃତି ଲକ୍ଷ୍ମଣ ହୁଅନ୍ତି ନାହିଁ ।

---

ପୁରୀ ଜଗନ୍ନାଥ ସନାତନଧର୍ମରକ୍ଷଣୀସଭାର ଗତମାସ ତା ୨୦ ରିଖରେ ଯେଉଁ ଅଧିବେଶନ ହୋଇଥିଲା ତହିଁରେ ମନ୍ଦିରମଧ୍ୟରେ ଅନେକ ଦଣ୍ଡିବାର ପ୍ରୟୋଜନ ବୋଧ ହୋଇଅଛି ଏବଂ ଉକ୍ତକାର୍ଯ୍ୟ ସକାଶେ ଯାହା ବ୍ୟୟ ହେବ ତାହା ସର୍ବସାଧାରଣଙ୍କଠାରୁ ଚାନ୍ଦାଦ୍ୱାରା ସଂଗୃହୀତ ହେବାର ସ୍ଥିର ହୋଇ ଉକ୍ତ ସଭାର ନୂତନ ଉପାଧ୍ୟାୟ ବାବୁ କେଦାରନାଥମୁଖୋପାଧ୍ୟାୟଙ୍କ ପ୍ରତି ତାହା ଆଦାୟ କରିବାର ଭାର ଦିଆଯାଇଅଛି । ଏହିମଧ୍ୟରେ ଜିଲ୍ଲାମୁଙ୍ଗେରନିବାସୀ ବାବୁ ବୃନ୍ଦାମୋହନଚଟ୍ଟିଙ୍କ ମାସକୁ ଟ ୨ ଙ୍କାଲେଖାଏ ଦେବା ଦେବାକୁ ସମ୍ମତ ହୋଇ ଏକମାସର ଦେବା ଅଗ୍ରିମ ଦାଖଲ କରିଅଛନ୍ତି । ଜଗନ୍ନାଥଙ୍କ ମନ୍ଦିରରେ ସତଲକ୍ଷପୂର ଜଥାନ ହୋଇଥିବା ପ୍ରତ୍ୟକ୍ଷ ଅନେକର ବହୋଦୃତ୍ତ ନ ଥିବା ଅର୍ଥ୍ୟର ବଡ଼ସୂ ଅଟଇ ଏବଂ ତାହା ନ ଥିଲେ ସୁଦ୍ଧା ସଭା ସାଧାରଣଙ୍କଦ୍ୱାରା ସେ କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହେବେ ଏପରିମାନେ ଅନୁମାନ କରିପାରୁ ନାହୁଁ ।

Split by PDF Splitter
Digitized by srujanika@gmail.com

ମନ୍ଦରର ଅସୁସ୍ଥାବ ସେଠାର୍ଯ୍ୟ କରାଉ ହେବାର ସଦୁପାୟ ଦେଖାଇଦେବା ସରକାର କର୍ତ୍ତବ୍ୟ ହେଉଅଛି ।

---

ବୋମ୍ବେଇର କୌଣସି ଡାକ୍ତରଖାନାର କମ୍ପାଉଣ୍ଡର ନାରାୟଣଗୋବିନ୍ଦ ତାଙ୍କ ସ୍ତ୍ରୀ ଭଗୀରଥୀ ସହିତ ବେଶ ସଦ୍ଭାବ ଥିଲା । କିନ୍ତୁ ପ୍ରତିବାସିମାନେ ସହ୍ୟ କରି ନ ପାରି ତାହାସ୍ତ୍ରୀ ନାମରେ ଅନେକ କୁକଥା ସ୍ୱାମି ଗୋଚରରେ ଆଣାଇଲେ । ନାରାୟଣ ସ୍ତ୍ରୀର ଚରିତ୍ରପ୍ରତି ଲେଶମାତ୍ର ସନ୍ଦେହ କରୁ ନ ଥିଲା ସୁତରାଂ ଅସମ୍ଭବ ଜ୍ଞାନ କରି ଅପବାଦ କଥାପ୍ରତି କର୍ଣ୍ଣପାତ ନ କରି ଅଟଳ ହୋଇ ରହିଥିଲା । କୌଣସି ପ୍ରକାରରେ ଅଭୀଷ୍ଟ ଉତ୍ପାଦନ ନ ହେବାରୁ ସେମାନଙ୍କ ଉପରେ ନାନାବିଧ ଅତ୍ୟାଚାର ଆରମ୍ଭ ହେଲା । ଅତ୍ୟାଚାର ସହ୍ୟ କରିବାକୁ ଅକ୍ଷମ ହୋଇ ଅବଶେଷରେ ଘରଦ୍ୱାର ବନ୍ଦକରି ବିଷପାନଦ୍ୱାରା ପରସ୍ପରଙ୍କୁ ଆଲିଙ୍ଗନପୂର୍ବକ ପ୍ରାଣ ହରାଇଲେ ଏତଦ୍ୱାରା ଲୋକଙ୍କ ଅମୂଳକ ଗ୍ଲାନିରୁ ରକ୍ଷାପାଇ ଏପ୍ରକାର ସ୍ଥାନକୁ ଗଲେ ଯେଉଁଠାରେ ନିନ୍ଦୁକର ନିନ୍ଦା ପହୁଞ୍ଚି ପାରିବ ନାହିଁ । ଖ୍ରୀଷ୍ଟୀୟଙ୍କ ଶାସନ ସମୟରେ ମଧ୍ୟ ଏପ୍ରକାର ଘଟଣା ଶୁଣିବାକୁ ହେଲା । ଦମ୍ପତିପ୍ରଣୟର ପରାକାଷ୍ଠା ଏହିମାନଙ୍କଠାରୁ ଲୋକେ ଶିକ୍ଷା କରନ୍ତୁ ଅନିଷ୍ଟକାରୀମାନଙ୍କ ଅଭିସନ୍ଧି ଅଯଥାର୍ଥ ପ୍ରଣୟୀ ଦମ୍ପତିଙ୍କଠାରେ ପରାସ୍ତ ହିଁବାର ପ୍ରମାଣ ଏହି ଜ୍ୱଳନ୍ତ ଦୃଷ୍ଟାନ୍ତ ।

---

ଭେଲୁପେବେଲପ୍ରଥା ସମ୍ବନ୍ଧରେ କେତେକ ନୂତନ ନିୟମ ହୋଇଅଛି । ଆଗାମୀ ଅପ୍ରେଲମାସ ତା ୧ ରିଖଠାରୁ ଡାକଘରେ ଭେଲୁପେବେଲ କରିବାକୁ ହେଲେ ପ୍ରେରକ ସାର୍ଟିଫିକେଟ ଲେଖିଦେବେ ଯେ ସେ ପ୍ରକୃତ ଅଦେଶାନୁଯାୟୀ ପାର୍ସେଲ ପ୍ରେରଣ କରୁଅଛନ୍ତି । ବର୍ତ୍ତମାନ ଅନ୍‌ରେଜିଷ୍ଟାରି ଭେଲୁପେବେଲର ମନିଅର୍ଡର ଫିସ ପୂର୍ବରୁ ଦେବାକୁ ପଡ଼ୁ ନ ଥିଲା, ଗ୍ରାହକ ପାକେଟ ଫେରି ଦେଲେ ତାହା ବାହାରକୁ ଦେବାକୁ ପଡ଼ୁ ନ ଥିଲା । ୧ ଲା ଅପ୍ରେଲରୁ ପ୍ରୋକ୍ତ ନିୟମ ରହିତ ହେବ, ଅନ୍‌ରେଜିଷ୍ଟାରି ( ଅର୍ଥାତ ଯାହାକୁ ରେଜିଷ୍ଟାରି କରିହେବ ନାହିଁ ) ଭେଲୁପେବେଲର ମନିଅର୍ଡର ଫିସ୍ ପାକେଟ ଦେବା ସମୟରେ ପ୍ରେରକ ଡାକଘରେ ଡାକମୁନ୍ସିରେ ଅଦାୟ ହେବେ । ପ୍ୟାକେଟ କୌଣସି କାରଣ ବଶତଃ ଫେରିଆସିଲେ, ଏହି ମନିଅର୍ଡରର ଫି ଫେରନ୍ତ ପାଇ ଯିବ ନାହିଁ । ଶେଷନିୟମଟି ସର୍ବସାଧାରଣଙ୍କ ପକ୍ଷରେ କଠିନ ହୋଇଅଛି କିନ୍ତୁ ଜୁଆଚୋର ପୁସ୍ତକବିକ୍ରେତାଙ୍କର ବେଶ ଉପାୟ ଅବଲମ୍ବନ ହୋଇଅଛି । ଗ୍ରାହକ ଯେବେ ମିଥ୍ୟାକଥା ଲେଖିଥାଏ ତାଙ୍କପ୍ରତି କୌଣସି ନିୟମ ଡାକବିଭାଗର କର୍ତ୍ତୃପକ୍ଷମାନେ ଆବିଷ୍କାର କରିପାରିବେ କି ?

---

କାପ୍ତେନ ହ୍ୟୁମର୍ସେ ପାୟୋନିୟର-ସମ୍ପାଦକଙ୍କ ଖିଲାପରେ ପ୍ରହାର କରିଥିବାରୁ ସମ୍ପାଦକ ତାଙ୍କ ନାମରେ ମୋକଦ୍ଦମା ରୁଜୁ କରିଥିଲେ । ଅଲ୍ଲାହାବାଦର କାଣ୍ଟୋନମେଣ୍ଟମାଜିଷ୍ଟ୍ରେଟଙ୍କ ନିକଟରେ ଗତମାସ ତା ୨୫ ରିଖରେ ମୋକଦ୍ଦମା ଶେଷ ହୋଇଅଛି । ତାଙ୍କ ପକ୍ଷରେ କେହି ଓକିଲ ଗ୍ରହଣ କଲେ ନାହିଁ ସ୍ୱୟଂ ଓକିଲ ହୋଇଥିଲେ ଓ ନିଜଦୋଷ ସ୍ୱୀକାର କରିଥିଲେ । ବିଚାରରେ ବିନାପରିଶ୍ରମରେ ଏକମାସ କଏଦ ହୋଇଅଛି ବର୍ତ୍ତମାନ ଅପିଲ ପାଇଁ ଜାମିନରେ ଖଲାସ ପ୍ରାପ୍ତ ହୋଇଅଛନ୍ତି । ମୋକଦ୍ଦମାର ବିବରଣ ଏହି ଯେ ଜାନୁୟାରୀ ତା ୪ ରିଖ ପ୍ରାତଃ ୧୦ ଘଣ୍ଟା ସମୟରେ ସମ୍ପାଦକ ଆପଣା କାର୍ଯ୍ୟରେ ବ୍ୟସ୍ତ ଥିଲେ ଏମନ୍ତ ସମୟରେ କାପ୍ତେନ ତାଙ୍କ ସହିତ ସାକ୍ଷାତ କରିବାକୁ ଅଭିଳାଷ ଜଣାଇଲେ ସମ୍ପାଦକ ଦର୍ଶନ ଦେଲେ । କାପ୍ତେନ କହିଲେ ପାୟୋନିୟରପତ୍ରିକାରେ ତାଙ୍କୁ ଅନେକ ଗାଳି ଦିଆ ହୋଇଅଛି ଏହା କହି ତାଙ୍କ ହସ୍ତେ କାଗଜଖଣ୍ଡିଏ ପଢ଼ିବାକୁ ଦେଲେ ସେ ପଢ଼ୁଅଛନ୍ତି ଏହି ଅବକାଶରେ କାପ୍ତେନ ତାଙ୍କୁ ଦୁଇଥର ଚାବୁକଦ୍ୱାରା ଆଘାତ କଲେ । ତଦନନ୍ତର ଦୁହିଙ୍କମଧ୍ୟରେ ମସାମର ହେଲା ଅବଶେଷରେ ଅଫିସର କେତେକଜଣ କର୍ମଚାରୀ ପହୁଞ୍ଚି କାପ୍ତେନଙ୍କୁ ଧରି ନେଇଗଲେ ।

---

କଲିକତାବିଦ୍ୟାଳୟର ଏଣ୍ଟ୍ରେନ୍ସ, ଏଫ୍, ଏ ଓ ବିଏ ପରୀକ୍ଷା ଆଗାମି ସୋମବାର ଦିବସରୁ ଆରମ୍ଭ ହେବ । ଓଡ଼ିଶାର ମୂଳସମ୍ବନ୍ଧୀୟ ପରୀକ୍ଷା କଟକକେନ୍ଦ୍ରରେ ଗୃହୀତ ହୁଅଇ । କେବଳ ବାଲେଶ୍ୱର ଓ ଲକ୍ଷ୍ମଣନାଥ ମେଦିନୀପୁର ନିକଟ ହେବାରୁ ସେଠା ପରୀକ୍ଷାର୍ଥୀମାନେ ମେଦିନୀପୁରରେ ଉପସ୍ଥିତ ହୁଅନ୍ତି । କଟକକେନ୍ଦ୍ରରେ ଯେଉଁମାନଙ୍କ ପରୀକ୍ଷା ଦେବାର ସ୍ଥିର ହୋଇଅଛି ସେମାନଙ୍କ ତାଲିକା ନିମ୍ନେ ପ୍ରକାଶିତ ହେଲା ।

| | |
|---|---|
| ବିଏ ପରୀକ୍ଷା ସକାଶେ । | |
| କଟକ ରେଭନ୍ସା କଲେଜ | ଜ ୧୦ |
| ଏଫ୍ ଏ ପରୀକ୍ଷା ସକାଶେ । | |
| କଟକ ରେଭନ୍ସା କଲେଜ | ଜ ୩୫ |
| ଶିକ୍ଷକ | ଜ ୨ |
| ଏଣ୍ଟ୍ରେନ୍ସ ପରୀକ୍ଷା ସକାଶେ । | |
| କଟକ ରେଭନ୍ସାକଲେଜ | ଜ ୧୮ |
| „ ପ୍ୟାରୀମୋହନ ଏକାଡେମୀ | ଜ ୧୩ |
| „ ମିସନ | ଜ ୮ |
| „ ଚର୍ଚ୍ଚ ମିସନ | ଜ ୮ |
| „ ସାମ୍ୟବାଦ | ଜ ୧୪ |
| ଯାଜପୁର | ଜ ୩ |
| କେନ୍ଦ୍ରାପଡ଼ା | ଜ ୮ |
| ପୁରୀ | ଜ ୯ |
| ଭଦ୍ରକ | ଜ ୨ |
| ବାହାର ଛାତ୍ର | ଜ ୧ |

ଉପରୋକ୍ତ ତାଲିକାରୁ ପ୍ରକାଶ ଯେ କଟକ କେନ୍ଦ୍ରରେ ଜ ୧୩୧ ଜଣ ଛାତ୍ର ଉପସ୍ଥିତ ହେବେ ଏତେ ଅଧିକ ସଂଖ୍ୟା ଛାତ୍ର ପରୀକ୍ଷା ସ୍ଥଳେ ଉପସ୍ଥିତ ହେବା ଓଡ଼ିଶାର ଏହି ନୂତନ ବର୍ଷ ଫଳ ଉତ୍ତମ ହେଲେ ଶିକ୍ଷକମାନଙ୍କ ପରିଶ୍ରମ ସାର୍ଥକ ହେବ ଓ ଓଡ଼ିଶାର ଉନ୍ନତି ପ୍ରକାଶ ହେବ ।

---

ଅବକାରୀର ଆୟ ଦଶବର୍ଷ ପୂର୍ବରେ ୨॥ କୋଟି ଥିଲା ବର୍ତ୍ତମାନ ୫ କୋଟି ହୋଇଅଛି । ଅବକାରୀ ଆୟ ଯଦ୍ୟପି ଏହି ଅନୁପାତରେ ବୃଦ୍ଧି ହୁଏ ତେବେ ଭାରତ ଅଳ୍ପବର୍ଷମଧ୍ୟରେ ମଦସ୍ରୋତରେ ପ୍ରବାହିତ ହୋଇଯିବାକୁ ସକ୍ଷମ ହେବ । ଗବର୍ଣ୍ଣମେଣ୍ଟଙ୍କର ଏହି ଆୟବୃଦ୍ଧି ଲାଭ ସୁତରାଂ ସେମାନେ ଦେଶପ୍ରତି ଦୃଷ୍ଟି ରଖିଲେ ଏବା ସେମାନଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତ ରହିଲେ ଫଳ ହେବ ନାହିଁ । ଭାରତବାସୀ କି ହିନ୍ଦୁ କି ମୁସଲମାନ ସ୍ୱ ସ୍ୱ ସମାଜପ୍ରତି ଦୃଷ୍ଟି ରଖନ୍ତୁ ଅଭିଭାବକମାନେ ସେମାନଙ୍କ ସନ୍ତାନ ସନ୍ତତି ଯହିଁ ନେବାରେ ବ୍ୟସ୍ତ ହେଉନ୍ତୁ ସମାଜସଂସ୍କାରକମାନେ ଜାଗର୍ତ୍ତି ହେଉନ୍ତୁ ଦେଶ ହିତୈଷୀମାନେ ପ୍ରକୃତ ଦେଶର ହିତକରକାର୍ଯ୍ୟରେ ବ୍ରତୀ ହେଉନ୍ତୁ ଧର୍ମିକମାନେ କେବଳ ଧର୍ମ ପ୍ରତି ମନୋଯୋଗ ପ୍ରଦାନ କରି ସ୍ୱ ସ୍ୱ ଏବା ପ୍ରତିବାସିମାନଙ୍କ

Split by PDF Splitter

Digitized by srujanika@gmail.com

ଧର୍ମପ୍ରତି ଧର୍ମନୀତି ପ୍ରୟୋଗ କରନ୍ତୁ ନଚେତ୍ ଇଣ୍ଡିଆକାଉନ୍ସିଲରେ ଦେଶ ଉଦ୍ଧାର ହେବ ଏଥିରେ କଣ ? ପାର୍ଲିୟାମେଣ୍ଟର ଜଣେ ସଭ୍ୟ କେନ୍‌ସାହେବ ଭାରତବର୍ଷକୁ ଆଗମନ କରିଅଛନ୍ତି । ଏ ଜଣେ ମଦ୍ୟପାନର ବିଦ୍ୱେଷୀ । ଏହାଙ୍କର ଦଳରେ ଅନେକ ଅଛନ୍ତି । ଏ ମହାତ୍ମା ସ୍ପଷ୍ଟ କହିଅଛନ୍ତି " ଯହିଁରେ ଭାରତ ପାନଦୋଷରେ ବିଲାତତୁଲ୍ୟ କଳଙ୍କିତ ନ ହୁଏ, ଅମ୍ଭମାନଙ୍କର ସେହି ଇଚ୍ଛା", କେନ୍‌ସାହେବ ଉକ୍ତ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରାଇବାପାଇଁ ଯତ୍ନଶୀଳ ଅଛନ୍ତି ତନ୍ନିମନ୍ତେ ସେ ଅମ୍ଭମାନଙ୍କର ପ୍ରଶଂସାର ପାତ୍ର । କିନ୍ତୁ ସେ ଜଣେ ବିଦେଶୀ ଅଥଚ ଅମ୍ଭମାନଙ୍କ ଉପକାର ସକାଶେ ଚେଷ୍ଟା କରୁଅଛନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ଅଦ୍ୟାପି ଦୃଷ୍ଟି ନ ରଖି ଅମ୍ଭମାନଙ୍କ ଉପକାରାର୍ଥେ ପାନ ଦୋଷ କମ୍ କରିବାର ଚେଷ୍ଟା କରନ୍ତେ ଆଶା ହେଉ ନାହିଁ । ଅମ୍ଭେମାନେ ସ୍ୱକୀୟ ଦେଶର ମଙ୍ଗଳ ପାଇଁ ଚେଷ୍ଟା ନ କଲେ ଅନ୍ୟର ଚେଷ୍ଟା ନିଶ୍ଚୟ ବିଫଳ ହେବ ।

---

ବିଲାତିବସ୍ତ୍ରବ୍ୟବସାୟିମାନଙ୍କର ସ୍ୱାର୍ଥପ୍ରତି ସର୍ବଦା ଦୃଷ୍ଟି ରହିଅଛି । ଭାରତରେ ବସ୍ତ୍ରବ୍ୟବସାୟର ସୂତ୍ରପାତ ଦେଖି ଆମଦାନୀମାସୁଲ ଉଠାଇବାର ଚେଷ୍ଟାକିମ୍ବା ବ୍ୟବସ୍ଥିତ ହୋଇଅଛି । ଆମଦାନୀମାସୁଲ ଲାଗିଥିବାରୁ ବିଲାତିବସ୍ତ୍ରର ମୂଲ୍ୟ କିଛି ବେଶୀ ହେଲା ସୁତରାଂ ଲାଭ ଦୃଷ୍ଟିଙ୍କ ପକ୍ଷରେ କଷ୍ଟ ହେଲା । ଏ କଷ୍ଟ ଇଂରେଜ ସହ୍ୟ କରିପାରିଲେ ନାହିଁ । ଇଂରେଜଙ୍କ ବାଣିଜ୍ୟର ଅନେକ ଅସୁବିଧା ହେଲା ଏକଆଡ଼େ ଦୁଃଖ ଅନ୍ୟଆଡ଼େ ସ୍ୱାର୍ଥ । ଅଗତ୍ୟା ଶୀଘ୍ର ଉପାୟ ଅବଲମ୍ବନ କରିବାକୁ ପଡ଼ିଲା । ଆମଦାନୀମାସୁଲ ଭାରତରୁ ଉଠିଯାଉ ପ୍ରତିଧ୍ୱନିତ ହେବାକୁ ଲାଗିଲା । ମାସୁଲ ଅବଶେଷରେ ଉଠିଗଲା । ପରୋପକାରବ୍ରତ ସାଧନ ହେଲା ଓ ସ୍ୱାର୍ଥ ପ୍ରତିପତ୍ତିଲାଭ କଲା । କିନ୍ତୁ ଦିନ ଗଲା । ଭାରତରେ ବୋମ୍ବେବାସିମାନେ କଳକାରଖାନା ପ୍ରତିଷ୍ଠାନ କଲେ । ବହୁଳପରିମାଣ ଓ କଷ୍ଟ ସହ୍ୟ କରି କାରଖାନାର ପସାର ଓ ଉନ୍ନତି କରିବାକୁ ସମର୍ଥ ହେଲେ । ଇଂରେଜ ବ୍ୟବସାୟିମାନଙ୍କର ଆଉ ସେପରିକାର ଆଶଙ୍କା ଯାହା ପୂର୍ବେ କହିଥିଲେ ତାହା ଉପୁଜିଣ ହେଲା । ବିଲାତବସ୍ତ୍ରର ସ୍ୱାର୍ଥରକ୍ଷା ଆବଶ୍ୟକ ବୋଧ ହେଲା । ଏକପ୍ରସ୍ତାବ ଉପସ୍ଥିତ ହୋଇଅଛି ବର୍ତ୍ତମାନ କଲିକତାରେ ଆମଦାନୀବସ୍ତ୍ର ଉପରେ ଶତକଡ଼ା ସାଢ଼େ ଚାରିଟଙ୍କା ମାସୁଲ ବସାଇବାକୁ ସେମାନେ ଚାହାନ୍ତି । ଏ ମାସୁଲ ବସିଲେ ବିଲାତର ସବୁକାରି ଇଲ୍ଲାକାରେ ବାର୍ଷିକ ଆୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ । ବଣିକମାନେ ଜମା ବୃଦ୍ଧି କରିବାର ବଡ଼ ବିଚକ୍ଷଣ ଉପାୟ ଦେଖାଇଅଛନ୍ତି ସତ୍ୟ କିନ୍ତୁ ଭାରତରେ ଯଦ୍ୟପି ଆମଦାନୀବସ୍ତ୍ର ଉପରେ ମାସୁଲ ବସାଇବାର ସ୍ଥିରହୁଏ ଭାରତର ବାର୍ଷିକ ଆୟ ପ୍ରାୟ ତିନକୋଟି ଟଙ୍କା ବେଶୀ ହେବ ଯଦ୍ୟପି ମାସୁଲ ବସିବା ବାଞ୍ଛନୀୟ ସ୍ଥିର ହୁଏ ତେବେ ଉଭୟ ମାସୁଲ ବସିବାର ଉଚିତ । ବିଲାତର ଆୟ ବୃଦ୍ଧି ଓ ଭାରତର ଆୟ ମଧ୍ୟ ବୃଦ୍ଧି । ଭାରତକୁ ଅନେକପ୍ରକାର ବ୍ୟୟଭାର ବହନ କରିବାକୁ ହେଉଅଛି । ଭାରତର ଧନାଗାରର ଅବସ୍ଥା ଅତୀବ ଶୋଚନୀୟ ଓ ପ୍ରଜାମାନେ କଷ୍ଟର ଚରମସୀମାରେ ଉପସ୍ଥିତ ଏପ୍ରକାର ସ୍ଥଳରେ ପ୍ରୋକ୍ତ ଉଭୟ ଉପାୟ ଅବଲମ୍ବନ କଲେ ରାଜା ଓ ପ୍ରଜାଙ୍କର କଷ୍ଟ ମୋଚନ ହେବ ।

---

ଫେବ୍ରୁୟାରି ତା ୧ ରଖ ଶୁକ୍ରବାର ସନ୍ଧ୍ୟା ସମୟରେ ଏଠା ପ୍ରିଣ୍ଟିଂ କମ୍ପାନୀରେ ଓଡ଼ିଶା-ସଭାର ଗୋଟିଏ ବିଶେଷ ସଭା ହୋଇଥିଲା । ଏହି ସଭାରୁ ଯେଉଁମାନେ ଆଲାହାବାଦସ୍ଥ ମହାସମିତିକୁ ଏଠାର ପ୍ରତିନିଧିସ୍ୱରୂପ ମନୋନୀତ ହୋଇ ପ୍ରେରିତ ହୋଇଥିଲେ ସେମାନଙ୍କ ମଧ୍ୟରୁ ଯେଉଁ ଦୁଇଜଣ ପ୍ରୋକ୍ତ ମହାସମିତିରେ ଯୋଗ ପ୍ରଦାନକରି ପ୍ରତ୍ୟାଗତ ହୋଇଅଛନ୍ତି ସେହି ଦୁଇଜଣଙ୍କୁ ଅଭ୍ୟର୍ଥନା କରିବା ସକାଶେ ସଭା ଆହୂତ ହୋଇଥିଲା । ବାବୁ ଜନ ସାମସେନ ରାଉତ ଓ ମୁନସି ମହମ୍ମଦ ଅତହର ଉକ୍ତ ପ୍ରତିନିଧି ଦ୍ୱୟ ଅଟନ୍ତି । ସଭା ପ୍ରାରମ୍ଭରେ ଉକ୍ତ ଦିବସର ସଭାପତି ମଧୁସୂଦନ ଦାସ ପ୍ରତିନିଧିଦ୍ୱୟଙ୍କୁ ବିଶେଷ ଧନ୍ୟବାଦ ପ୍ରଦାନପୂର୍ବକ ସଭାରେ ଗୋଟିଏ ପ୍ରସ୍ତାବ ଉପସ୍ଥିତ କରିଥିଲେ । ମହାସମିତିରେ ବ୍ୟବସ୍ଥାପକ ସଭା ପରିବର୍ତ୍ତନ-ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ଧାର୍ଯ୍ୟ ହୋଇଥିବାର ସମସ୍ତଙ୍କୁ ଜଣାଅଛି । ଅମ୍ଭମାନଙ୍କର ଭାରତଗବର୍ଣ୍ଣମେଣ୍ଟ ଉକ୍ତ ପ୍ରସ୍ତାବ ପୋଷଣାର୍ଥ-ସ୍ୱରୂପ ବିଲାତସ୍ଥ ଭାରତ ସେକ୍ରେଟେରୀଙ୍କ ନିକଟକୁ ଏକପତ୍ର ଲେଖିଅଛନ୍ତି । ଉକ୍ତ ପତ୍ରର ସମସ୍ତ ବିବରଣ ସାଧାରଣଙ୍କ ଗୋଚରରେ ଆସି ନ ଥିଲେହେଁ ପତ୍ରର ଆଭାସ ଏତିକ ମାତ୍ର ପ୍ରକାଶ ହୋଇଅଛି ଯେ ମହାସମିତି ଯାହା ପ୍ରାର୍ଥନା କରୁଅଛନ୍ତି ତତ୍ପକ୍ଷରେ କିଛି ଲେଖା ହୋଇଅଛି । ଏଣୁକରି ବଙ୍ଗଦେଶର କୌଣସି ସଭା ଭାରତଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏ ସଭାରୁ ମଧ୍ୟ ଧନ୍ୟବାଦ ପ୍ରେରିତ ହେବା ସ୍ଥିର ହେଲା । ପ୍ରତିନିଧିଦ୍ୱୟଙ୍କ ମଧ୍ୟରୁ ଜଣକ ଖର୍ଚ୍ଚା ସଭା ବହନ କରିଥିଲେ । ଗୃହାଗ୍ରାସ ସର୍ବସୁଦ୍ଧା ୧୪୦ ଟଙ୍କା ଉଠିଥିଲା ଏ ଦାତାମାନଙ୍କୁ ଧନ୍ୟବାଦ ପ୍ରଦାନାନ୍ତର ବାବୁ ଜନ ସାମସେନ ରାଉତ ଓ ମୁନସି ମହମ୍ମଦ ଅତହର ମହାସମିତିର କାର୍ଯ୍ୟାବଳି ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ ଓ ବାବୁ ଜଗନ୍ମୋହନ ଲାଲ ଓଡ଼ିଆରେ ଟୀକା କରିଥିଲେ । ମହାସମିତିର କାର୍ଯ୍ୟମାନ ଅମ୍ଭେମାନେ ଯଥାସମୟରେ ପାଠକମାନଙ୍କୁ ଜଣାଇଅଛୁଁ ପୁନରୁକ୍ତି କରି ଅନାବଶ୍ୟକ ଜ୍ଞାନ କରି ପ୍ରତିନିଧିମାନଙ୍କ ବକ୍ତୃତା ଉପେକ୍ଷା କଲୁଁ । ତେବେ ସେମାନେ ମହାସମିତି ବନ୍ଦୋବସ୍ତକାରମାନଙ୍କ କାର୍ଯ୍ୟରେ ପ୍ରୀତିଲାଭ କରିବାର ପ୍ରକାଶ କରିବା ଶୁଣି ଅମ୍ଭେମାନେ ଅହ୍ଲାଦିତ ହେଲୁଁ । ପ୍ରାୟ ୧୪୦୦ ଣ ପ୍ରତିନିଧିଙ୍କୁ ଅଭ୍ୟର୍ଥନାକରି ନିୟମିତରୂପେ ସେମାନଙ୍କ ସେବା ଚଳାଇବା ବଡ଼ ସହଜ-ବ୍ୟାପାର ନୁହଇ । ଏଥିପାଇଁ ବନ୍ଦୋବସ୍ତ-କାରିମାନେ ଧନ୍ୟବାଦ ଓ ପ୍ରଶଂସାର ଯୋଗ୍ୟ ।

---

ନାଟ୍ୟାଭିନୟ ।

ଗତ ମଙ୍ଗଳବାର ଶ୍ରୀପଞ୍ଚମୀଦିନ ରାତ୍ରରେ ଏଠା ଯୁବକଙ୍କ ସୌଖିନ ନାଟ୍ୟାଭିନୟ-ସମ୍ପ୍ରଦାୟ ବାବୁ ମଧୁସୂଦନ ଦାସ ଓକିଲଙ୍କ ବଗିଚାମଧ୍ୟରେ ଓଡ଼ିଆ କଳିକାଳନାଟକ ର ପ୍ରହସନର ଅଭିନୟ କରିଥିଲେ । ପୂର୍ବରୁ ବିଜ୍ଞାପନରୂପେ ନୋଟିସ ଇତ୍ୟାଦି ବିତରିବାର ଧୂମଧାମ ହୋଇଥିଲେହେଁ ଉପଯୁକ୍ତ ସଂଖ୍ୟକ ଦର୍ଶକ ହୋଇ ନ ଥିଲେ ଏବଂ ଗତଥରର ବଙ୍ଗଳାନାଟ୍ୟାଭିନୟରେ ଏମାନେ କୃତ-କାର୍ଯ୍ୟତା ଲାଭକର ନ ଥିବା ଏଥିର ହେତୁ ବୋଲି ଅନେକେ ଅନୁମାନ କରୁଅଛନ୍ତି । ସେ ଯାହା ହେଉ ଏଥର କୃତକାର୍ଯ୍ୟତା-ସହିତରେ ଓଡ଼ିଆ ନାଟକର ଅଭିନୟ କରିବାଦ୍ୱାରା ଉକ୍ତ ସମ୍ପ୍ରଦାୟ ଆପଣାର ମର୍ଯ୍ୟାଦା ବଜାୟ ରଖିବାକୁ ସମର୍ଥ ହେବାର ଦେଖି

Split by PDF Splitter
Digitized by srujanika@gmail.com

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ରାତ୍ର ପ୍ରାୟ ଦଶଘଣ୍ଟା ସମୟରେ ଅଭିନୟ-କାର୍ଯ୍ୟ ଆରମ୍ଭ ହୋଇ ଗୋଟାଳମଧ୍ୟରେ ଶେଷ ହୋଇଗଲା ଏବଂ ଦର୍ଶକମଣ୍ଡଳୀ ଆପଣା କର-ତାଳ ଧ୍ୱନ୍ୟାଦିଦ୍ୱାରା ପ୍ରଭୂତ ଆନନ୍ଦ ଉପଭୋଗ କରିଥିବାର ପୁନଃପୁନ ବ୍ୟକ୍ତ କରିବାର ଦେଖାଗଲା । ଯଦ୍ୟପି ଏ ସ୍ଥାନରେ ଅଭିନୟ-କାଳରେ ସ୍ଥାନେ ଅଳ୍ପ ବୈଲକ୍ଷଣ୍ୟ ଦୃଷ୍ଟ ହୋଇଥିଲା ତଥାପି ମୋଟରେ ସମସ୍ତ ଅଭି-ନେତାମାନେ ଅଂଶାଂଶ ଅଭିନୟ କାର୍ଯ୍ୟଦକ୍ଷତା ସହିତରେ ସମ୍ପନ୍ନ କରିଅଛନ୍ତି । ଗାନଗୁଡିକ ମନ୍ଦ ହୋଇ ନ ଥିଲା ମାତ୍ର ସବୁ ଗାନଠାରୁ ପାର୍ବଗବାପ୍ରୀର ଗୀତ ଅତ୍ୟନ୍ତ ଶ୍ରୁତିସୁଖକର ଓ ମନୋହର ହୋଇଥିଲା ଏବଂ ମନୁଷ୍ୟଙ୍କର ଦୃଶ୍ୟ ଦର୍ଶକଙ୍କୁ ମୋହିତ କରିଥିଲା । ଥିଏଟା-ରର ବାଦ୍ୟର ମଧ୍ୟ ଏଥର ଉତ୍ତମ ବନ୍ଦୋବସ୍ତ ହୋଇଥିଲା ଏବଂ ମଥୁରାବାବୁ ସ୍ୱୟଂ ଏଥିର ତତ୍ତ୍ୱାବଧାରଣ କରି ତହିଁରେ ଯୋଗ ଦେଇ ଥିବାରୁ ତାହା ପ୍ରାୟ ଜମି ରହିଥିବାର ଦେଖାଗଲା ।

ଉକ୍ତ ନାଟ୍ୟାଭିନୟଉତ୍ସବରୁ କେତେକଗଣ ଅଭିନେତା ବଙ୍ଗଳା ମାଣିକପୀରର ପାଲ ଆରମ୍ଭ କରି ପ୍ରାୟ ଅର୍ଦ୍ଧଘଣ୍ଟାପର୍ଯ୍ୟନ୍ତ ଦର୍ଶକ-ମଣ୍ଡଳୀର ତୃପ୍ତିବିଧାନ କରିଥିଲେ । ମୋଟରେ ଯେଉଁମାନେ ଅଭିନୟ ଦେଖିବାକୁ ସମାଗତ ହୋଇଥିଲେ ସେମାନେ ଶ୍ରୀପଞ୍ଚମୀର ରାତ୍ରି ବଡ଼ ଆମୋଦରେ କଟାଇଲେ ।

ଅମ୍ଭେମାନେ ଏଠା ଇଙ୍ଗ୍ମେଣ୍ଟର କେତେ-କବର୍ଷ ଉତ୍ତାରୁ ପୁଣି ଓଡ଼ିଆନାଟକର ଅଭି-ନୟ ନୂତନାଟ୍ୟଶାଳାସହିତ ସମ୍ପନ୍ନ ହେଉଥିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଆମ୍ଭେମାନେ ଭରସା କରୁଁ ସୌଖିନ ସମ୍ପ୍ରଦାୟ ଆମ୍ଭମାନଙ୍କୁ ଏହିପରି ନୂତନମୋତିର ନାଟକା-ଭିନୟ ଦେଖାଇ ବୋଟିଏ ବଡ଼ ଆମୋଦର ପଥ ପରିଷ୍କୃତ କରନ୍ତୁ ଏବଂ ଦେଶୀୟଲୋକମା-ନଙ୍କୁ ମଧ୍ୟ ନିବେଦନ ଯେ ସେମାନେ ଅନୁଗ୍ରହ କରି କିଞ୍ଚିତ ଅର୍ଥ ଓ ସମୟ ବ୍ୟୟ ସ୍ୱୀକାରପୂର୍ବକ ଅଭିନୟ ସ୍ଥଳରେ ଉପସ୍ଥିତ ହୋଇ ଏମାନଙ୍କୁ ସନ୍ତୁଷ୍ଟ କରିବାରେ ଅଗ୍ରସର ହୁଅନ୍ତୁ ।

---

## ହିନ୍ଦୁ-ବାଲ୍ୟାଶ୍ରମ ।

ଧର୍ମ ମାନବଜୀବନର ପ୍ରଧାନ ସହାୟ ଏବଂ ଧର୍ମଶିକ୍ଷା ମନୁଷ୍ୟର ଅବଶ୍ୟ କର୍ତ୍ତବ୍ୟ । ବାଲ୍ୟ-କାଳ ଧର୍ମଶିକ୍ଷାର ଉପଯୁକ୍ତ ସମୟ କାରଣ ବାଲ୍ୟାବସ୍ଥାରେ ମନୁଷ୍ୟର ମନ କୋମଳ ଥାଏ ଏବଂ ତତ୍କାଳୀନ ଶିକ୍ଷା ଜୀବନର ମୂଳ-ଭିତ୍ତିସ୍ୱରୂପ । ବାଲ୍ୟକାଳର ସଦା ସତ୍‌ଶିକ୍ଷା ଓ ସ୍ୱଭାବ ଅନ୍ତିମ କାଳପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣଭାବେ ବିଦ୍ୟମାନ ଥାଏ ତହିଁର ପରିବର୍ତ୍ତନର ସମ୍ଭା-ବନା ଅଳ୍ପ । ଆଜି ଏ ଜଗତରେ ଯେଉଁ ଧାର୍ମିକ ମହାପୁରୁଷମାନଙ୍କ ନାମ ଘୋଷିତ ହେଉଅଛି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବାଲ୍ୟକାଳରୁ ଧର୍ମପ୍ରବୃତ୍ତି ଜାତ ହୋଇଥିଲା । ଯେ ବାଲ୍ୟକାଳରୁ ମନ୍ଦ ସେ ପରେ ଭଲ ହେବାର ଆଶା ଅଳ୍ପ—ବାଲ୍ୟକାଳୀନ ଅବଲ-ମ୍ବିତ କୁମାର୍ଗ ପରିତ୍ୟାଗ କରି ସୁମାର୍ଗ ଅବଲ-ମ୍ବନ କରିବାର ଲୋକ ଅଳ୍ପ ଦେଖାଯାନ୍ତି ।

ବାଲ୍ୟାବସ୍ଥା ଧର୍ମଶିକ୍ଷାର ସମୟ—ଏହା ସମସ୍ତ ଧର୍ମାବଲମ୍ବି ଓ ସକଳ ଜାତିକର୍ତ୍ତୃକ ଅନୁମୋଦିତ; ଅଜ ଇଂରାଜମାନେ ଗିର୍ଜାରେ ଉପାସନା କରିବାକୁ ଗଲେ ସ୍ୱ ସ୍ୱ ସନ୍ତାନମାନଙ୍କୁ ପ୍ରାର୍ଥନା ଶିକ୍ଷା ଦେବାନିମନ୍ତେ ସଙ୍ଗରେ ଗିର୍ଜାକୁ ନେଇ ଯାଅନ୍ତି ; ମୁସଲମାନମାନେ ସେହି ଉଦ୍ଦେଶ୍ୟରେ ସ୍ୱ ସ୍ୱ ସନ୍ତାନମାନଙ୍କୁ ମସ୍‌ଜିଦକୁ ସଙ୍ଗରେ ନେଇ ଯାଆନ୍ତି । ପୂର୍ବେ ହିନ୍ଦୁ ବାଳ-କମାନେ ଗୁରୁଗୃହରେ ରହି ବିଦ୍ୟାଧ୍ୟୟନ ସଙ୍ଗେ ସଙ୍ଗେ ଧର୍ମଶିକ୍ଷା ପ୍ରାପ୍ତ ହେଉଥିଲେ ; ଚଉପାଢୀ ଓ ଟୋଲର ଗୁରୁ ମହାଶୟ ଛାତ୍ରମା-ନଙ୍କୁ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ଧର୍ମଶିକ୍ଷା ଦେଉ-ଥିଲେ କିନ୍ତୁ ଆଜି ସେଦିନ ନାହିଁ, ସେ ଗୁରୁ-ଗୃହ ନାହିଁ, ସେ ଗୁରୁ ନାହାନ୍ତି । ଆଜି ସ୍କୁଲ, କଲେଜ ବିଦ୍ୟାଧ୍ୟୟନର ପ୍ରଧାନ ସ୍ଥଳ ଏବଂ ସେଠାରେ ଧର୍ମଶିକ୍ଷା ଦେବାର ଉପାୟ ନାହିଁ ଓ ଧର୍ମଚର୍ଚ୍ଚା କରିବାର ପ୍ରତିବନ୍ଧକ ଅନେକ । ମନେ କର ଛ-ସାତବର୍ଷ ବୟଃକ୍ରମସମୟରେ ବାଳକ ବିଦ୍ୟାଧ୍ୟୟନ କରିବାକୁ ଆସିଲା, ମାତୃ-ଭାଷା ସଙ୍ଗେ ସଙ୍ଗେ ବିଦେଶୀୟ ଭାଷା ଆରମ୍ଭ କଲା ପଢ଼ିଲା, ବୁଲି ସମୟ କଟାଇଲା, ବିଧର୍ମୀ ଓ ବିଜା-ତୀୟମାନଙ୍କର ଚାଲି ଚଳଣି ଓ ଗୁଣ ଗୁଡିକର ଅନୁକରଣ କରି ଚଳିଲା, ୨୫ ବର୍ଷ ବୟଃ-ସମୟରେ ତାହାର ବିଦ୍ୟାଶିକ୍ଷା ଶେଷ ହେଲା କିନ୍ତୁ ସେ ବିଦ୍ୟାଧ୍ୟୟନର ଆରମ୍ଭରୁ ଶେଷପର୍ଯ୍ୟନ୍ତ ଏହି ଦୀର୍ଘକାଳମଧ୍ୟରେ ଥରେ "ପରମେ-ଶ୍ୱର" ବୋଲି ବିଶ୍ୱାସ କରି ନାହିଁ ଧର୍ମ କଥଣ ତାହା ଶୁଣି ନାହିଁ, ଏଣେ ବିଦ୍ୟାଶିକ୍ଷାର ଶେଷ ସମୟରୁ ତାହାର ଜୀବନର ପ୍ରାୟ ଅର୍ଦ୍ଧାଂଶ ଅତୀତ ହୋଇଅଛି ସୁତରାଂ ତାହା ମତରେ ଈଶ୍ୱରଙ୍କର ଅସ୍ତିତ୍ୱ ଅମୂଳକ ଓ ନାସ୍ତି-କତା ସାର ବୋଲି ମୀମାଂସା ହେଲା । ସେ ଜୀବନର ଅବଶିଷ୍ଟାଂଶ ସାଂସାରିକ କାର୍ଯ୍ୟରେ ବ୍ୟୟ କଲା କିନ୍ତୁ ଫଳତଃ ସେ ସେହି ନାସ୍ତିକ-ମତରେ ପରିଚାଳିତ ହେଲା କୌଣସି କାର୍ଯ୍ୟ କରିବା ସମୟରେ ସେ ଈଶ୍ୱରଙ୍କୁ ଭୟ କରି ନାହିଁ—ସ୍ୱେଚ୍ଛାଚାରିତା ସହିତ ସବୁ କାମ କଲା ତାହାର କୌଣସି କାର୍ଯ୍ୟରେ ଲେଶମାତ୍ର ପବିତ୍ରତା ରହିଲା ନାହିଁ । ହିନ୍ଦୁଧର୍ମ କ ଏହିପରି ଜୀବନ ଗଢ଼େ ?

ଅଧୁନାତନ ଧର୍ମଶିକ୍ଷାର ଅଭାବରୁ ବାଳକ-ମାନଙ୍କ ଚରିତ୍ର କେତେଦୂର ଦୂଷିତ ହେଉ-ଅଛି, ତାହା କୌଣସି ଚିନ୍ତାଶୀଳ ଲୋକ ସମ୍ମୁଖସ୍ଥିତ ଛାତ୍ରମାନଙ୍କ ଅବ୍ୟକ୍ତରୂପ ଅବସ୍ଥାପ୍ରତି ଦୃଷ୍ଟିପାତ କଲେ ବୁଝିପାରିବେ । ଦ୍ୱାଦଶବ-ର୍ଷୀୟ ହିନ୍ଦୁବାଳକ ସୁରାପାନରେ ରତ ! ହିନ୍ଦୁ-ସମାଜର ସର୍ବ ଶ୍ରେଷ୍ଠଜାତି ବ୍ରାହ୍ମଣର ସନ୍ତାନ ଉପବୀତକୁ ପଙ୍କରେ ନିକ୍ଷେପ କରୁଅଛି ଏଥି ଅପେକ୍ଷା ଆଉ ଅଧିକ କଥଣ ହୋଇ-ପାରେ ?

ଧର୍ମଶିକ୍ଷା ଏହିସବୁ କୁପଥରୁ ବାଳକମା-ନଙ୍କୁ ରକ୍ଷା କରିବାର ଏକମାତ୍ର ଉପାୟ ଓ ଏକାନ୍ତ ପ୍ରୟୋଜନୀୟ । ଓଡ଼ିଶାର ଅଧିବାସୀ-ସଂଖ୍ୟା ୨୧୯୯୮୭୭ ଇନ୍ଧରୁ ୧୬୭୫୧୮ ସମ୍ପ୍ରତି ବିଦ୍ୟାଳୟର ଛାତ୍ର ସେମାନଙ୍କ ମଧ୍ୟରୁ ୧୬୩୫୬୪ ହିନ୍ଦୁ ଏକସମୟରେ ଏହିମାନେ ସମାଜର ଉପାଦାନ ହେବେ, ଏହିମାନଙ୍କୁ ନେଇ ସମାଜଗଠିତ ହେବ କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି ? ଯେତେବେଳେ ସେମାନେ ମନୁଷ୍ୟ ହେବେ ସେତେବେଳେ କ ଧର୍ମ ଏ ରାଜ୍ୟରୁ ଲୋପ ପାଇବ ? ଯେବେ ଭବିଷ୍ୟତର ମଙ୍ଗଳ-କାମନା କରିବାକୁ ହୁଏ, ତେବେ ସେମାନଙ୍କୁ ଧର୍ମ ଶିକ୍ଷା ଦେବା ଏକାନ୍ତ ପ୍ରୟୋଜନୀୟ ଏବଂ ସ୍ଥାନେ ସ୍ଥାନେ କେବଳ ବାଳକଙ୍କୁ ଏକତ୍ରେ ଧର୍ମ ଶିକ୍ଷାଦେବାକୁ ହେଲେ ଅପାତତଃ ଗୋଟିଏ ଗୋଟିଏ ଆଶ୍ରମର ଆବଶ୍ୟକତା ।

ଏ କର୍ତ୍ତବ୍ୟସ୍ଥ ହିନ୍ଦୁ ବାଳକମାନଙ୍କୁ ଉପଯୁକ୍ତ-ରୂପେ ଧର୍ମ ଶିକ୍ଷାଦେବା ନିମନ୍ତେ ଗୋଟିଏ ଆଶ୍ରମ ସଂସ୍ଥାପନ କରିବା ଉଦ୍ଦେଶ୍ୟରେ ଗତ ଶ୍ରୀପଞ୍ଚମୀଦିନ ଅପରାହ୍ନ ଘ ୪୳ ଘା ସମୟରେ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ରେଭେନସା-

Digitized by srujanika@gmail.com

ତନ୍ନିକଟର ଉଦୟପୁର ଗ୍ରାମର ଉହିରେ ଗୋଟିଏ ସଭା ହୋଇଥିଲା । ଉକ୍ତ କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ପଣ୍ଡିତ ଶ୍ରୀ ଦେବେନ୍ଦ୍ରନାଥ ବିଦ୍ୟାଭୂଷଣ ମହୋଦୟ ବାଲ୍ୟାଶ୍ରମ ପ୍ରତିଷ୍ଠା କଲାପରେ ମନୁଷ୍ୟ ଓ ଇତର ପ୍ରାଣୀମାନଙ୍କ ମଧ୍ୟରେ ପ୍ରଭେଦ କଅଣ, ମନୁଷ୍ୟ ଇତର ପ୍ରାଣୀମାନଙ୍କ ଅପେକ୍ଷା କାହିଁକି ଶ୍ରେଷ୍ଠ, ଆତ୍ମା କଅଣ, ଆତ୍ମାର ପୁଷ୍ଟିର କାରଣ କଅଣ, ଧର୍ମାନୁଷ୍ଠାନ କିରୂପେ କରିବାକୁ ହୁଏ ଓ ଉପାସନା କିରୂପେ କରିବାକୁ ହେବ । ଏହି ବିଷୟରେ ଗୋଟିଏ ଅତିସୁନ୍ଦର ଓ ସାରଗର୍ଭ ବକ୍ତୃତା ପ୍ରଦାନ କଲେ । ଗୋଟିଏ କ୍ଷୁଦ୍ର ପଲ୍ଲୀଗ୍ରାମରେ ଏତେଗୁଡ଼ିଏ ସାରକଥା ଅଳ୍ପଲୋକଙ୍କଠାରୁ ଶୁଣାଯାଏ । ବକ୍ତୃତା ଶେଷରେ ଗୋଟିଏ ସବ୍‌କମିଟୀ ହେବାର ଧାର୍ଯ୍ୟ ହେଲା । ତହିଁନିମନ୍ତେ ୫ ୬ ଜଣ ସଭ୍ୟ ନିର୍ବାଚିତ ହୋଇଅଛନ୍ତି । ସେମାନେ ସଭାର କାର୍ଯ୍ୟପ୍ରଣାଳୀ, ନିୟମାବଳୀ ସ୍ଥିର କରିବେ ଓ କାର୍ଯ୍ୟ ନିର୍ବାହକ ନିର୍ବାଚନ କରିବେ । ଅଦ୍ୟ ସବ୍‌କମିଟୀର ଅଧିବେଶନ ହେବ ।

ସଭାସ୍ଥଳରେ ପ୍ରାୟ ଦୁଇଶହ ଲୋକ ଉପସ୍ଥିତ ଥିଲେ । ଆଜିକାଲି ଛାତ୍ରମାନଙ୍କ ସ୍ୱଭାବ ଦେଖି ସେମାନଙ୍କପ୍ରତି କାହାର ଶ୍ରଦ୍ଧା ନ ଥାଏ ଓ ସେମାନେ ସମସ୍ତଙ୍କର ଅବଜ୍ଞାର ପାତ୍ର । ଏପରିସ୍ଥଳେ ସେମାନଙ୍କ କାର୍ଯ୍ୟରେ ଅଧିକ ଲୋକଙ୍କର ସହାନୁଭୂତି ହେବବୋଲି ଉଦ୍ୟୋଗକର୍ତ୍ତାମାନେ ଆଶା କରି ନ ଥିଲେ କିନ୍ତୁ ଯାହା ହେଉ ଅନେକଗୁଡ଼ିଏ ମାନ୍ୟଗଣ୍ୟ ଲୋକ ସଭାସ୍ଥଳରେ ଉପସ୍ଥିତ ହେବା ଅତୀବ ପ୍ରୀତିକର ଓ ଆଶାଜନକ । କେହି କେହି କହନ୍ତି ଯେ ଧର୍ମକର୍ମରେ ମାତିଲେ ବିଦ୍ୟାଶିକ୍ଷାର କ୍ଷତି ହେବ କିନ୍ତୁ କର୍ତ୍ତବ୍ୟପରାୟଣ ଲୋକ ଅଳ୍ପକାଳ ମାତ୍ର ଧର୍ମାନୁଷ୍ଠାନରେ ବ୍ୟୟ କଲେ କୌଣସି କ୍ଷତି ହେବା ସମ୍ଭବ ନୁହେଁ—କାର୍ଯ୍ୟ କରିବାକୁ ଗଲେ ସମୟର ଅଭାବ ହୁଏ ନାହିଁ । ଈଶ୍ୱରପାଶରେ ବକ୍ତବ୍ୟ ଏହିପରି ଏହି ବାଲ୍ୟାଶ୍ରମଟି ଚିରସ୍ଥାୟୀ ହେବା ପକ୍ଷରେ ସମସ୍ତଙ୍କର ଯତ୍ନବାନ୍ ହେବା ଉଚିତ । ଏପରି ଗୋଟିଏ ଶୁଭକାର୍ଯ୍ୟ ଯେବେ ସ୍ଥାୟୀ ନ ହୁଏ ତେବେ ତାହା ହିନ୍ଦୁସମାଜର କଳଙ୍କ ହେବ । ବୋଲିବା ବାହୁଲ୍ୟ ଯେ ଏହି ବାଲ୍ୟାଶ୍ରମ ଯେତେଦିନପର୍ଯ୍ୟନ୍ତ ଥିବ, ସେତେଦିନପର୍ଯ୍ୟନ୍ତ ଉତ୍କଳର ଧର୍ମଜଗତରେ ପଣ୍ଡିତ ଶ୍ରୀ ଦେବେନ୍ଦ୍ରନାଥ ବିଦ୍ୟାଭୂଷଣଙ୍କର ଗୋଟିଏ ଅତୁଳନୀୟ କୀର୍ତ୍ତିସ୍ତମ୍ଭ ବିରାଜୁଥିବ ଏବଂ ତାଙ୍କର ସହକାରୀମାନେ ଅବଶ୍ୟ କୃତଜ୍ଞତାର ଭାଜନ ହେବେ । ଭଗବାନ୍ ଏହି ଶୁଭକାର୍ଯ୍ୟର ସହାୟ ହୁଅନ୍ତୁ—ଏହି ପ୍ରାର୍ଥନା ।

---

# ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କ କମିଶନରସାହେବ ଏସପ୍ତାହରେ ବାଲେଶ୍ୱର ଅଞ୍ଚଳ ଗସ୍ତରେ ବାହାରିବାର ସ୍ଥିର ହୋଇଥିଲା କିନ୍ତୁ ଆଜ ପର୍ଯ୍ୟନ୍ତ ଯାଇ ନାହାନ୍ତି । ତାଙ୍କ ସ୍ତ୍ରୀଙ୍କ ଶରୀର ଅସୁସ୍ଥ ଥିବାହେତୁ ଗତ ଶନିବାର ତାଙ୍କୁ କଲିକତାକୁ ପଠାଇଅଛନ୍ତି ଗୁଦବାଡ଼ି ପର୍ଯ୍ୟନ୍ତ ସାହେବ ମହୋଦୟ ସଙ୍ଗରେ ଯାଇଥିଲେ ସୋମବାରଦିନ ଫେରି ଆସିଅଛନ୍ତି । ଆଗାମି ସପ୍ତାହରେ ବାଲେଶ୍ୱର ଅଞ୍ଚଳକୁ ଯିବାର କଥା ଶୁଣାଯାଉଅଛି ।

ଅଣିଷ୍ଟାଣ୍ଟସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ଚୌଦ ପରିବର୍ତ୍ତନ କରି କଟକରେ ଉପସ୍ଥିତ ହୋଇଅଛନ୍ତି ।

ଅନୁଗୁଳଠାରେ ଗତ ଶନିବାର ରାତ୍ରି ସାଢେ ଏଗାର ଘଣ୍ଟିକା ସମୟରେ ଭୟାନକ ମେଘଗର୍ଜ୍ଜନପର ଶବ୍ଦ ହୋଇ ସାମାନ୍ୟ ଭୂମିକମ୍ପ ହୋଇଥିଲା କୌଣସି ଅନିଷ୍ଟ ହୋଇ ନାହିଁ ।

୧୬୯୪ ବର୍ଷପୂର୍ବେ କାଳୁଆପାହାଡ଼ି ଯେଉଁ ଜଗନ୍ମୋହନ ଓଡ଼ିଶାକୁ ଅଧିକାର କରିବାକୁ ଆସିଥିଲା ସେ ବାଲେଶ୍ୱରରେ ପହୁଞ୍ଚି ଅଛି ।    ବାହୁଡ଼ା ।

## କଲିକତା-ଗେଜେଟ ।

କଟକର ଅଫିସିଏଟିଂ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ଏ ପି ପେକଲ ସାହେବଙ୍କ କାର୍ଯ୍ୟ ଭାରତଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଅବସ୍ଥାପିତ ହେଲା ।

କଟକ, ଜଗତ୍‌ସିଂହପୁର, ଭଦ୍ରକ ଓ ବାଙ୍କି ଥାନାମାନଙ୍କରେ ୧୮୭୬ ସାଲର ବଙ୍ଗୀୟ ୪ ଆଇନ ( ଅର୍ଥାତ୍ ଦେଶୀୟ ଟୀକା ଦେବାର ନିଷେଧ ଆଇନ ) ଜାରି ହେବାର ଆଦେଶ ଲେଫଟେଣ୍ଟ ବାହାଦୂର ଦେଇଅଛନ୍ତି ।

ନିମ୍ନଲିଖିତ ବ୍ୟକ୍ତିମାନେ ଅନ୍ୟାଜ୍ଞାପର୍ଯ୍ୟନ୍ତ ଡେପୁଟି-ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାବୁ ଶରତ୍‌କୃଷ୍ଣ ଚଟ୍ଟୋପାଧ୍ୟାୟ ଏମ୍, ଏ, ବିଏଲ୍
„ ଚନ୍ଦ୍ରପଦ ଭଟ୍ଟାଚାର୍ଯ୍ୟ ବିଏ,
„ ଶଶିଭୂଷଣ ବୋଷ ଏମ୍‌ଏ,

ମିଃ ସୟଦ ସଖାବତ ହୁସେନ ଷଷ୍ଠଶ୍ରେଣୀକୁ ଉନ୍ନତ ଲାଭ କଲେ ।

ବାବୁ ପ୍ରଫୁଲ୍ଲଚନ୍ଦ୍ର ଗୁହଠାକୁର୍ତ୍ତା ସପ୍ତମଶ୍ରେଣୀରେ ବାହାଲ ହେଲେ ।

ମିଃ ଏ, ଯେ ଫ୍ରେଜର ତୃତୀୟଶ୍ରେଣୀକୁ ଉନ୍ନତଲାଭ କଲେ ।

ବାବୁ କାଳୀପଦ ମଜୁମଦାର ଚତୁର୍ଥଶ୍ରେଣୀକୁ ଉନ୍ନତ ଲାଭ କଲେ ।

ବାବୁ ବ୍ରଜଗୋପାଳ ରାଏ ଚତୁର୍ଥଶ୍ରେଣୀରେ ବାହାଲ ହେଲେ ।

ଓଡ଼ିଶାର ଦୁର୍ଭିକ୍ଷ କଷ୍ଟ ନିବାରଣାର୍ଥେ କାଶିମ ବଜାରର ମହାରାଣୀ ସ୍ୱର୍ଣ୍ଣମୟୀ ସି, ଆଇ ଏକହଜାର ଟଙ୍କା ଓଡ଼ିଶା-କମିଶନରଙ୍କ ନିକଟକୁ ପ୍ରେରଣ କରିଥିଲେ । ଲେଫଟେଣ୍ଟ-ବାହାଦୂର ତାଙ୍କ ଦାନ ସକାଶେ ତାଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

---

ଅନୁମାନ ହୋଇଅଛି ଯେ ଇଂଲଣ୍ଡରେ ୬ ୫୦୦ ଜଣରେ ଜଣେ କଲେଜ ଶିକ୍ଷା ପ୍ରାପ୍ତ ହୁଅନ୍ତି ଓ ଆମେରିକାରେ ୬ ୬୦୦ ଜଣରେ ଜଣେ ।

ଲାଟ୍ରଭ ମହେନ୍ଦ୍ର ଲାଲ ସରକାର ବଙ୍ଗଳାର ଲେଟଲେଟ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇ ପୁନର୍ବାର ନିଯୁକ୍ତ ହୋଇଅଛନ୍ତି ।

କଥିତହୁଅଇଯେ ଆଗାମି ଅପ୍ରେଲମାସ ତା ୧ ରଖଠାରୁ ହୁଗ୍ଲି ହାବଡ଼ା ୨୪ ପରଗଣା ଓ ନଦୀୟା ଡିଷ୍ଟ୍ରିକ୍ଟ ତାହା-ରଷ୍ଟ୍ରୀମାନ ପରୀକ୍ଷାସ୍ୱରୂପ ଉଠିଯିବାର ଧାର୍ଯ୍ୟ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର ଦେଖିପ୍ରତି ସୁବୁଦ୍ଧି ପଡ଼ିଲା କି ?

ସମ୍ବାଦପତ୍ରମାନଙ୍କୁ ସରକାରୀ ସମ୍ବାଦ ଯୋଗାଇବାପାଇଁ ପ୍ରେସକମିଶନର ପଦର ସୃଷ୍ଟି ହୋଇଥିଲା । କିନ୍ତୁ ଉଦ୍ଦେଶ୍ୟ ଫଳବତୀ ହୋଇ ନାହିଁ । ବର୍ତ୍ତମାନ ଉକ୍ତ କମିଶନରଙ୍କ ଅଫିସ ଉଠି ଯାଉଅଛି । ଅନର୍ଥକ ବ୍ୟୟ ନ ହେବା ଭଲ ।

ଅଷ୍ଟ୍ରେଲିଆର ଏକ ବଡ଼ ଉନ୍ମି ଉଚ୍ଚରେ ଅଫିସରେ ଚଳିତାଙ୍କ ପ୍ରାପ୍ତ ଅଙ୍ଗରେ ଶ୍ରମିକ୍ ବସ ଖଥର ମାଡପକାଇଛି । ତାହାର ପ୍ରଥମ ସ୍ୱାମିକ୍ ମଧ୍ୟ କପଟପ୍ରୋଗକାରେ ହତ୍ୟା କରିଥିଲା । ସେହି ସ୍ତ୍ରୀ ଧରା ହୋଇଅଛି । ସ୍ତ୍ରୀ କି ଭୟଙ୍କରପ୍ରକୃତର !

ମଧ୍ୟଆଫ୍ରିକାରେ ପାଦ୍ରୀମାନଙ୍କ ଯେଉଁ ଦୁର୍ଦ୍ଦଶା ଘଟି ଅଛି ହୋଇଥିବାର ସମ୍ବାଦ ମିଳଇ । ୟୁଗାଣ୍ଡାର ରାଜା ମଙ୍ଗୋ ଆପଣାର ଅବଶ୍ୟ ଶରୀରରକ୍ଷକମାନଙ୍କ ମାରିପକାଇବାକୁ ଉଦ୍ୟତ ହେବାରୁ ସେମାନେ ବିଦ୍ରୋହ କରି ତାଙ୍କ ଭାଇକୁ ସିଂହାସନରେ ବସାଇଲେ । ସେହି ସିଂହାସନରେ ବସି କତିପୟ କାର୍ଯ୍ୟମାନ ଖ୍ରୀଷ୍ଟିୟାନମାନଙ୍କୁ ଦେବାକୁ ଆରମ୍ଭ କଲେ । ଆରବୀୟମାନେ ତହିଁର ଅପରି ଜଣ ସେ ସମସ୍ତ ଖ୍ରୀଷ୍ଟିୟାନମାନଙ୍କୁ ମାରିପକାଇ ଇଂରେଜ ଓ ଫ୍ରେଞ୍ଚ ମିଶନକୁ ଆକ୍ରମଣ କରି ଅନେକ ଗୁଡ଼ିଏ ଦେଶୀୟ ଖ୍ରୀଷ୍ଟିୟାନମାନଙ୍କୁ ମାରିପକାଇଲେ । ପାଦ୍ରୀମାନେ ଉଗାଣ୍ଡାଠାରୁ ଅତିକଷ୍ଟରେ କଳକୌଶଳରେ ପଳାଇଗଲେ । ମାତ୍ର ଆରବୀୟମାନେ ମାକେସାହେବଙ୍କୁ ଲେଖିଅଛନ୍ତି ୟୁଗାଣ୍ଡା ମହମ୍ମଦୀୟ-ସ୍ଥାନ ଅଟେ ଓ ମଧ୍ୟଆଫ୍ରିକାରେ ପାଦ୍ରୀମାନେ ଖ୍ରୀଷ୍ଟିଆନ କରିବାକୁ ଚେଷ୍ଟାକଲେ ତାଙ୍କୁ ସମୂଳେ ବିନଷ୍ଟ କରାଯିବ ।

ମହାରାଜ ହୋଲକାର ବୋମ୍ବାଇ ଅଞ୍ଚଳକୁ ଗସ୍ତରେ ଯାଉଥିବା ସମୟରେ ତାଙ୍କର ଭଣ୍ଡାର ଏକପ୍ରକାର ଲୁଟ ହୋଇଥିଲା । ଅନ୍ୟୁନ ୫୦୦୦୦୦ ଟଙ୍କାର ଅଳଙ୍କାର ଯେନି ପଳାଇଥିଲା । ତାହାର ଅପହରଣ ପ୍ରତି ସନ୍ଦେହ ହେବାରୁ ପୁଲିସ ତାହାକୁ ଗିରଫ୍ତାର କରି ମାଲ କବ୍‌ଜା କରିଅଛନ୍ତି । ଅସାମୀ ଆପଣାର ଦୋଷ ସ୍ୱୀକାର କରିଅଛି ସତ୍ୟ ମାତ୍ର ଏ କାର୍ଯ୍ୟରେ ଅନେକ ଗୁଡ଼ିଏ ଦରବାର କର୍ମଚାରୀ ଲିପ୍ତ ଥିବାରୁ ସେ ସାହେବ କହୁଅଛି ।

ମଧ୍ୟପ୍ରଦେଶ ମାଉଠାରେ ୬ ୧୨ ନମ୍ବର ଦେଶୀୟ ପଦାତିକସେନାର କର୍ଣ୍ଣେଲ କଲଡ଼ସାହେବ ସୈନିକ ବିଭାଗର ଟଙ୍କା ଖାଇଯାଇଥିବା ଅପରାଧରେ ସୈନିକ କମିଟିଦ୍ୱାରା ତାଙ୍କର ବିଚାର ହୋଇଥିଲା । ବିଚାରରେ ସେ ଦୋଷୀ ଥିବାର ସାବ୍ୟସ୍ତ ହେବାରୁ ତାହାଙ୍କ ସୈନିକ-ବିଭାଗରୁ ତଡ଼ାଗଲା କରାଯାଇ ୬ ୧ ବର୍ଷ ଫାଟକରେ ଓ ଖାଇଯାଇଥିବା ଟଙ୍କା ପ୍ରତ୍ୟର୍ପଣ କରିବାର ଦଣ୍ଡ ପ୍ରଦାନ ହୋଇଅଛି । ଏ ମହାଶୟ କେତେ ଅଧିକ ଟଙ୍କା ଖାଇଯାଇ ନ ଥିଲେ—ପ୍ରାୟ ୫ ୨୧୦୦୦ ଟଙ୍କା ।

ଚୀନଦେଶରେ ବନ୍ୟା ଯୋଗେ ଦୁର୍ଭିକ୍ଷ ପଡ଼ି ଥିବାରୁ ଲିଭରପୁଲର ଲର୍ଡମେୟର ସେଠାର ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ସାହାଯ୍ୟ ପ୍ରଦାନାର୍ଥ ଚାନ୍ଦା ସଂଗ୍ରହ କରିବା ମନରେ ସଭା ଆହ୍ୱାନ କରିଅଛନ୍ତି ।

Split by PDF Splitter

Digitized by srujanika@gmail.com

ଆଜ ରାତ୍ର ଘ ୯ ଟିକା ସମୟରେ ଶ୍ରୀ ବାବୁ ମଧୁସୂଦନ ଦାସ ଉକିଲ ମହାଶୟଙ୍କ ହତାରେ ଜନକାଲନାଟକର ଅଭିନୟ ଓ ମାଣିକପୀରପାଲା ହେବ। ଟିକଟ—ରିଜର୍ଭ ସୀଟ୍ ଟ ୧୯, ୧ମ ଶ୍ରେଣୀ ଟ ୦ ୫, ୨ୟ ଶ୍ରେଣୀ ଟ ୦। ଓ ୩ୟ ଶ୍ରେଣୀ ଟ ୦ ୵; ସ୍ଥାନର ସଙ୍କୀର୍ଣ୍ଣତାହେତୁ ଟିକଟର ସଂଖ୍ୟା ଊଣା, ଅତଏବ ସମସ୍ତେ ଶୀଘ୍ର ଆଲମଚାନ୍ଦ ବଜାରନିବାସୀ ବାବୁ ଭାଗୀରଥୀସାଠିଆଙ୍କ ନିକଟରୁ ଟିକଟ ସଂଗ୍ରହ କରିବେ ଓ ଅଭିନୟସ୍ଥଳେ ମଧ୍ୟ ଟିକଟ ବିକ୍ରୟ ହେବ।

ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ

୫।୨।୮୯        ସମ୍ପାଦକ।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଆଗାମି ମାର୍ଚ୍ଚମାସ ତା ୧୫ଇଖ ପ୍ରାତଃକାଳରେ ଜେନେରଲ ହାସପାତାଲଠାରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ଯେବେ କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା କରନ୍ତି ତେବେ ସେ ଅଗ୍ରିମ ଫିସ୍ ଟ ୩ ଙ୍କା ସିଭିଲ ସର୍ଜ୍ଜନଙ୍କ ସମୀପରେ ଦାଖଲକରି ନିର୍ଦ୍ଦିଷ୍ଟ ତାରିଖରେ ଜେନେରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କରି ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲାର ଶ୍ରୀଯୁତ ସିଭିଲ ସର୍ଜ୍ଜନଙ୍କ ଅଫିସଠାରୁ ଗଲେ ସକଳ ବିଷୟ ଅବଗତ ହୋଇପାରିବେ।

E. BOVILL.

୪।୨।୮୯        ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା ମେଡିକଲ ସ୍କୁଲ

---

NOTICE.

Wanted an Overseer for the Cuttack Municipality on a monthly salary of Rs. 50, and Horse allowance Rs. 10. None need apply who is not well acquainted with English and who has not had good practical experience of the P. W. Department Overseer's works.

Applications with copies of testimonials will be received by the undersigned up to the 15th of March, 1889.

D. N. Chakravarti
*Chairman.*

---

# NOTICE.

Is hereby given that an ordinary meeting of the Graduates and Undergraduate's Association will be held on Sunday the 10th instant at 6-30 P. M. at the premises of the Cuttack Printing Company's Hall. Babu Rajkisore Das B. A. will read a paper on the "Zenana System."

Gentlemen are requested to attend.

CUTTACK 8-2-89 } AKSHOYKUMAR GHOSE, *Hony. Secretary.*

---

ଏ ପ୍ରଦେଶର ମାନ୍ୟାସ୍ପଦ ରାଜା, ଜମିଦାରପ୍ରଭୃତି ପ୍ରାଚୀନବଂଶର ଇତିହାସ ପ୍ରକାଶ କରିବାର ବାସନା କରି, କେତେକ ରାଜା ଏବଂ ଜମିଦାରଙ୍କ ବଂଶର ବିବରଣ ସଂଗ୍ରହ କରିଅଛୁଁ ଯେଉଁ ବିବରଣ ସଂଗୃହୀତ ହୋଇଅଛି ଉକ୍ତ ରାଜା ଏବଂ ଜମିଦାର ବଂଶର ଯେଉଁମାନେ ବର୍ତ୍ତମାନ ରାଜ୍ୟ ଶାସନ କରୁଅଛନ୍ତି, ସେମାନଙ୍କ ଫଟୋଗ୍ରାଫରୁ, କଲିକତାର ସୁନିପୁଣ ଶିଳ୍ପିମାନଙ୍କଦ୍ୱାରା ପ୍ରତିକୃତି ପ୍ରସ୍ତୁତ କରାଇ ଅଛୁଁ। ଏହି ପ୍ରତିକୃତିମାନ ଇତିହାସ ସହ ପ୍ରକାଶିତ ହେବ। ଓଡ଼ିଶାର ଅବଶିଷ୍ଟ ରାଜା ଏବଂ ଜମିଦାର ବଂଶର ଇତିହାସ ସଂଗୃହୀତ ହେଲେ ମୁଦ୍ରଣକାର୍ଯ୍ୟ ଆରମ୍ଭ କରିବୁଁ। ଅପ୍ରେଲମାସ ୧ ଲା ତାରିଖରୁ ମୁଦ୍ରଣକାର୍ଯ୍ୟାରମ୍ଭ ହେବ। ଯେଉଁ ମହାରାଜା, ରାଜା, ଏବଂ ଜମିଦାରମହୋଦୟଗଣ ଏହି ପୁସ୍ତକରେ ସ୍ୱୀୟ ବଂଶର ଇତିହାସ ପ୍ରକାଶ କରିବାକୁ ଅଭିଳାଷ କରନ୍ତି, ଅନୁଗ୍ରହ ପୂର୍ବକ ତାହା ଆମ୍ଭଠାକୁ ପ୍ରେରଣ କଲେ ଅତ୍ୟନ୍ତ ଉପକୃତ ହେବୁଁ। ଉକ୍ତ ବିବରଣ ସହ ସ୍ୱୀୟ ଫଟୋଗ୍ରାଫ ପ୍ରେରଣ କଲେ ତାହା ଖୋଦିତ କରାଇ ପୁସ୍ତକରେ ପ୍ରଦାନ କରିବୁଁ। ଇତି।

ଶ୍ରୀ ସୀତାନାଥ ରାୟ,
ବାଲେଶ୍ୱର।

---

ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥି ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ। ମୂଲ୍ୟ ଟ ୦। ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

ବିଶେଷ ସୁବିଧା।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ। ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ। ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରୀ ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, କାମିଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳବାର କାର୍ଡ଼, ବଲ, ତାସ ଇତ୍ୟାଦି ଏବଂ ଅନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ। ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ। ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ। ମୂଲ୍ୟ ଅତ୍ୟନ୍ତ ସୁଲଭ। କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ବଣି ପଠାଇବାର ପରିଶ୍ରମ ବାବତେ ଶତକଡ଼ା ୫ ମା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର ଦିନ, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ। କେବଳ ପଇଠତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ। ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ। କେବେ ଏତେ ମାତ୍ର କହିପାରୁଁ ଯେ ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ।

Cuttack stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

# ମେହ୍ନରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ ରୋଗଶଯ୍ୟାରୁ ଉଠିବା ନିମନ୍ତେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ସପ୍ତାହରେ ଏକଥର ସେବନ କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିବେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଖବର କାଗଜରେ ପ୍ରକାଶିତ ନ ହେଲେ ଆଉ ଯିବ କାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ରୋଡ୍ ୬ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ହରିସାହାଙ୍କ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୨।୦ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଶତମର ଉତ୍ତମ ମଦ୍ୟ ଓ ଅଚ୍ଛା ହ୍ୱିସ୍କି ଥିବାରୁ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଦୁଷ୍ଟ ଲାଭ ଉଠାଇ ବଜାରପ୍ରାପ୍ତ ମଣିବ ନାହିଁ ଆଉ ଯାହାଙ୍କର ବୃହତ କର୍ମ ଥାଇ ବେଶୀ ମଦ୍ୟ ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଆମ୍ଭେ ଆମ୍ଭର କଲିକତାରୁ (ଫରେନ ସଉଦାଗରଙ୍କଠାରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ଆଣି ଦେଇପାରିବୁ ।

ତା ୬।୨।୮୯ କଟକ } ଶ୍ରୀ ଅଭୟଚନ୍ଦ୍ରଭକତ ।

---

# ବାଲିକାଗଜ ।

ଜଳନିଶ୍ଚିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋବିନ୍ଦଚନ୍ଦ୍ରଙ୍କ ସମ୍ମୁଖ କଣା ଲଗାଇ ବାବୁ ଅର୍ଜୁନ୍ଦ୍ର ବର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ରିମ ବାନ୍ଧ | ଦ ୧୮ ଟ ୨।୦ | ଦ ୧୮ ଟ ୦ ।୦ |
| ୧୨ ରିମ | „ „ ଟ ୨ | „ ଟ ୦ ।୦ |
| ୧୨ ରିମ | „ „ ଟ ୨। | „ ଟ ୦ । |
| ୨୨ ରିମ ଫୁଲସ୍କେପ୍ | „ ଟ ୩। | „ ଟ ୦ ।୦ |

---

ଶ୍ରୀଯୁକ୍ତ ବାବୁ ଗୋବିନ୍ଦଚନ୍ଦ୍ରଙ୍କର ସମ୍ମୁଖର ଚଉଧୁରୀବଜାର ତଥା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନରକୋଣା ଓ ତଲଗ ଓ ରେଶମୀ ଓ ଘେର ଲୁଗା ଓ କ୍ଲୋଥକମ୍ବଳ ଓ ଜଳ ଜଗ ଇତ୍ୟାଦି ସହିତରେ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଅଛି କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲ୍ଲେଜ ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଦରକାର ହେବେ ଏବଂ ରଙ୍ଗକୁ ଟି ବଲ୍ଲ ଟ ୦।୧୦ ହିସାବରେ ଦେବା ଦେଲେ ପାଇ ପାରିବେ । ମାତ୍ର ତାହାର ଛଅ ଖଣ୍ଡଙ୍କର ଦର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଶାଢ଼ିର ପଣ୍ଡ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇସ୍‌ତାହାର ।

ଜରିର ସେସଣା ବ ଅଞ୍ଚରେ ସୁନ ଦେବର ଲଗେ ।
ଚଷେରାଣୀଜ
କପେସିନ୍ ତେଲ ଲଣ୍ଠନ ଶେଜ ଗାଡ଼ି ଓ ଦୋନ ସହିତ ।
କୁଇ° ଅର୍ଥାତ୍ ବଟଣା ବଚକା ଜାଲର ଫେନ୍‌ସି ଓ କଲମ ।
ସେନ୍ସିଲ୍ କାଠ୍‌କା ଭର ।
ନାନା ପ୍ରକାରର ଚିଠି କାଗଜ ଓ ଲଫାଫା ଚେଷ୍ଟ ଲୁଣ ।
ଚିଠର ଛତ ।
କଲସା ସାବୁନ ।
ଡାବାର ସାବାନ ଗହିଁରେ ଭଲ ପଦାର୍ଥ ହୁଏ ।
ଅଙ୍ଗୋଛ ଗ୍ଲେଜ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅଲ ହୁଡ଼ ।
ଓଷ୍ଠାଳି ସୁଦ୍ଧ ଲତା ।

କର୍ଣ୍ଣିକ ଅର୍ଥ ।
ଗ୍ଲୋବେଲାଇଟ୍ ।
କାଚ ଗିଲାସ ଓ ଭଲ ଇଞ୍ଜିନ ଓ ଗାଡ଼ି ସବ୍ଜି
ରଙ୍ଗର୍ସ ଦୁଇଫସନ୍ଦୁକ୍ସ ଏକଫଗ ହୁସ
ନେଇସନ ଇପୋଲ ସଙ୍ଗ ଦେବର ଅଦେଇ
ଏ, ହୋଷନ ଷଣ୍ଡେଲ ମାଗଜି ଓ କୁକୁଡ଼ା ।
ଜଲସା ଅବଲୋଟ ଏକ କାଠସ ।
ଅଷ୍ଟମେଟିକ ପେନ୍‌ସିଲ ଥାଇ ଏ ପେନ୍‌ସିଲରେ ଲେଡ଼ି କରିବା ପେସ କରୁ ଲଗାଇ ସେହି ପେନ୍‌ସିଲ୍ ଲେଖା କରେ ଦେଖ ଦପାଇ ଦେଉଁ ଦିଅ, କବ ଲ ରହେ ।
ପୋର୍ଟମ୍ୟାଣ୍ଟ ଓ ଚିଉଚର ବେଷ୍ଟ ମେନ ଓ ରଙ୍ଗ ଲକେ ସଙ୍ଗେ
ଟୁପି ବଡ଼ ଇର୍ଯ୍ୟାତ୍ ଲେଡ଼ି ମାନ୍ଦେ ଲେ ସବ ଓ ଶୁଣିଲେ କଳା ହେବ ।
ଅଲକା ରଙ୍ଗ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ „
ମୋଜା ଓ ମୋଜାବନ୍ଧ
ଭଜନ ଧୂପ ବଟଣ୍ଡ
କଲମ ସାଟ ଜଳ ଓ ସ୍ୱଦରା
ମେରେମ୍ବ୍ରେଣ ।
ଜଳ ଓ ପାଉଡରବୋତଲ ଫିତା
କଲମିନ ରେଶମ କଣ୍ଠ ଲାଗିବାର ଧାଡ଼ି ନମ୍ବର ୨
ଲେଡ଼ିକ୍ସ ପେନ୍‌ସିଲ
ଲଫାପଣି ଗାଡ଼ି ଓ ଗୋଲ ଓ ଜଡ
ମନିବ୍ୟାଗ ଓ ପ୍ରକାର ପାଉଡ଼ ପାଉଡ଼ର ଓ ଶାଢ଼ି ।
ହିଣ୍ଡ° କାଠ୍
ଏକିନୋଷ ଅର୍ଥାତ୍ ଘଣ୍ଟା ଛକ କପାଳ ଅଷର ଉପର ବଇଜା ଜମରେ ତରଳାଇ ହୁଏ ।

# ପିତଥାର ।

ଏ ତାଇଲ୍ କେଉଁଠି ପାଟରେ ଲଗି କର୍ଣ୍ଣରେ ଜରଜାଲ କୋଠରିର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଟ୍ଟି ଥରେ ଲେପିଦେଲେ ମଞ୍ଚି ଓ ଉଇ ଧରିବ ନାହିଁ ।

କଟକ ଚମଡ଼ା ଓ ଖାଜରେ ଲଗାଇବାର ଖାଲ ମଧ୍ୟ ଅଛି ।

ଅଭୟଚନ୍ଦ୍ର ଭର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦।୦ |
| ଅଧସ୍ତମ୍ଭ | ଟ ୪ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୮ |

ମାତ୍ର କୌଣସି ବିଜ୍ଞାପନ ଯେତେ ସ୍ୱଳ୍ପ ହେଲେ ତହିଁର ଖର୍ଚ୍ଚ ଟ ୦।୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ସ୍ଥିତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ଦ୍ୱାରାରେ ମୁଦ୍ରିତ

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଭା ୨୪ ଗ
ସ ୭ ଖ୍ୟା

ତା ୧୨ ଇଙ୍ଗ ମାହେ ଫିବ୍ରୁଏରି ସନ ୧୮୮୧ ମହିହା । ମୂ । ଫାଲ୍‌ଗୁନ ୦ ୭ ୭ ଶକ ୧୭୯୨ ସାଲ ଓଡ଼ିଆ

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲


ପାର୍ଲିଆମେଣ୍ଟର ସଭ୍ୟ ମିଃ କେଇନ୍ ବଳଭ ପ୍ରତ୍ୟାଗମନ କରିଅଛନ୍ତି । ଭାରତବର୍ଷରେ ଅବକାଶକାଳରେ ସ୍ଥାନେ ସ୍ଥାନେ ବକ୍ତୃତା ପ୍ରଦାନକରି ଗବର୍ଣ୍ଣମେଣ୍ଟଙ୍କର ମନ ଆକର୍ଷଣ କରିଥିବା ବୋଧ ହେଉଅଛି; ବ୍ରାଡ଼ଲାଙ୍କ ... ସମ୍ପ୍ରଦାୟ ବିଷୟ ଅବଗତ ... ସ୍ୱୟଂ ସହାନୁଭୂତିର କାର୍ଯ୍ୟ ... କରିଥିବାରୁ ଅନୁକୂଳମତ ପ୍ରାପ୍ତ ହେଲେ ।

---

ସମ୍ପ୍ରତିକମାନଙ୍କୁ ଅବଗତ ହେଉ ଯେ କଲିକତା ନଗରରେ ଅଳ୍ପବୟସ୍କା ବାଳିକାମାନେ ବେଶ୍ୟାଙ୍କ ନିକଟରେ ବିକ୍ରୀତ ହୁଅନ୍ତି । ବେଶ୍ୟାମାନେ ବୃଦ୍ଧାବସ୍ଥାରେ ସ୍ୱ ଭରଣପୋଷଣାର୍ଥେ ଏହିସବୁ ବାଳିକାମାନଙ୍କୁ କିଣି କରି ବେଶ୍ୟାବୃତ୍ତିରେ ପ୍ରବୃତ୍ତ କରାନ୍ତି । ଭାରତବର୍ଷର ସଭ୍ୟ ସ୍ଥାନରେ ଯେବେ ଏପରି ଅନୈତିକ କାର୍ଯ୍ୟ ହେଉଅଛି ତେବେ ମୋଫସଲର କଥା କଏ କହିବ ? ପୁଲିସ ପ୍ରତି ଏବିଷୟରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ ।

---

ଛାପ୍ରାର ହ୍ୟୁର ଡେଭିସଙ୍କ ଦଣ୍ଡ ଅପିଲରେ ବାହାଲ ହେଲା । ଦାସ୍ତବାଗ ଦଣ୍ଡ ବଦଳୀଙ୍କଙ୍କ ପ୍ରତି କଠିନ ବୋଲି ତାଙ୍କ କାର୍ଯ୍ୟ ଅତୀବ ଗର୍ହିତ ଓ ନୀତିପ୍ରକୃତିର ଥିଲା । ପାଇୟୋନିୟରସମ୍ପାଦକଙ୍କ କଷ୍ଟଙ୍କୁ ପିବାର ଅନୁମତି ଦେଇ ଓ ସମ୍ମୁଖରେ ପଢ଼ିବା ପାଠକର ସମ୍ପାଦକଙ୍କୁ ଶୃଙ୍ଖଳାବଦ୍ଧ ଅପମାନକରିବା ଉଚିତର କାର୍ଯ୍ୟ ହୋଇ ନାହିଁ । ଏଠାରୁ ସଙ୍କୋଚୁପାଦନର କୌଣସି କାରଣ ନ ଥିଲା । ଜାଷ୍ଟେନଙ୍କ କାର୍ଯ୍ୟପ୍ରତି ଉଚିତ ଫଳ ହୋଇଅଛି ।

---

ପୁରୀଜେଲଖାନା ଉପରେ ପାଏଖାନା-ଟାଙ୍କି ଥାର୍ଯ୍ୟ ହୋଇଥିବାରୁ ଜେଲ-ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ବାଲସ୍ ସାହେବ ତାହା ଅସ୍ୱାସ୍ଥ୍ୟ ବୋଲି ଜେଲକୁ ଅବ୍ୟାହତ ଦେବା-ପାଇଁ ମିଉନିସିପାଲଟୀକୁ ପ୍ରାର୍ଥନା କରିଥିଲେ । କିନ୍ତୁ ମିଉନିସିପାଲଟୀ ପ୍ରାର୍ଥନା ଗ୍ରାହ୍ୟ କରି ନାହାନ୍ତି । ପୁରୀ ମନ୍ଦିରଉପରେ ପାଏଖାନାଟାଙ୍କି ଧାର୍ଯ୍ୟ କରିଦେଲେ ଓ ତାହା ଅସଙ୍ଗତ ହେଲେ ସୁଦ୍ଧା ଶୁଣାଗଲା ନାହିଁ ଆପତ୍ତି ଅଗ୍ରାହ୍ୟ ହେଲା ସୁତରାଂ ଜେଲଉପରେ ପାଏଖାନାଟାଙ୍କି ଅସ୍ୱାସ୍ଥ୍ୟ-ଜନକ ହୋଇଥିବା କଏ କହିବ ?

---

ବୋମ୍ବାଇଠାରୁ ଆସିଥିବା ଗତ ଜାନୁଆରିମାସ ତା ୩୧ ରିଖର ତାରସମ୍ବାଦରୁ ପ୍ରକାଶ ଯେ କମିସନର କ୍ରଫୋର୍ଡ ସାହେବଙ୍କର ବିଚାର କରିବା କାରଣ ଯେଉଁ କମିଶନ ବସିଥିଲା ସେ କମିଶନ ବର୍ତ୍ତମାନକାର୍ଯ୍ୟ ଶେଷ କରି ଆପଣାର ରିପୋର୍ଟ ବୋମ୍ବେଗବର୍ଣ୍ଣମେଣ୍ଟଙ୍କ ସମ୍ମୁଖରେ ଅର୍ପଣ କରି-ଅଛନ୍ତି । କମିଶନ ରିପୋର୍ଟ ଦେଇଅଛନ୍ତି ବୋଲଯାଇ ନ ପାରେ ମାତ୍ର ଜଣାଯିବ ଯେ କ୍ରଫୋର୍ଡସାହେବ ଉତ୍କୋଚଗ୍ରହଣର ଅଭି-ଯୋଗମାନଙ୍କରୁ ମୁକ୍ତି ପାଇ ଅଛନ୍ତି କେବଳ ଋଣଗ୍ରହଣ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଅଛନ୍ତି ।

---

ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଷ୍ଟାକ୍‌ସାହେବ ଏକ କାବୁଳୀସୁନ୍ଦରୀର କନ୍ୟାକୁ ଦେଇଯାଇ ଥିବା ଅପରାଧରେ ଅଭିଯୁକ୍ତ ହୋଇଥିବାର ଏଥିପୂର୍ବେ ଲେଖିଥିଲୁଁ । ମୋକଦ୍ଦମା ବିଚାରମାନରେ ଚଳୁଅଛି । କିନ୍ତୁ ଇତିମଧ୍ୟରେ ଉକ୍ତ ସ୍ତ୍ରୀ ଜୁଡ଼ିସିଆଲ ଦର୍ଖାସ୍ତରେ ନର୍ଥ୍ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଇଜ-ଲାସରେ ପ୍ରକାଶ କରିଅଛି ଯେ ପୋଲିସ-ସାହେବ ତାକୁ ଷ୍ଟେସନର ଟେନ୍ଟ ଅସି ତାହାଙ୍କୁ ସେ ସ୍ୱଇଚ୍ଛାରେ ତାଙ୍କ ଆଶ୍ରୟ ଗ୍ରହଣ କରିଥିଲା । ତାଙ୍କ ଜବାନବନ୍ଦୀରୁ ପ୍ରକାଶ ଯେ ଫିଞ୍ଚଲେ ପର୍ଯ୍ୟନ୍ତ କାବୁଳୀରେ ଷ୍ଟାକ୍ ସାହେବ ସହିତ ଆଉ ତାଙ୍କର ସାକ୍ଷାତ ହୋଇ ନାହିଁ । ଜଏଣ୍ଟମାଜିଷ୍ଟ୍ରେଟ ଉକ୍ତ କାଗଜପତ୍ର ଓ ସ୍ତ୍ରୀକୁ ଫିଞ୍ଚଲେଙ୍କୁ ପଠାଇ ଦେଇଅଛନ୍ତି ।

---

ଏନଗରବାସି ବାବୁ ନନ୍ଦମୋହନଚକ୍ର-ବର୍ତ୍ତୀ ଏକପ୍ରକାର ସୁଗନ୍ଧତୈଳ ପ୍ରସ୍ତୁତ କରିଥି-ବାର ଏଥିପୂର୍ବେ ଆମ୍ଭେମାନେ ପାଠକଙ୍କୁ ଜଣା-ଇଥିଲୁଁ । ସେ ତେଲର ବାସ ବାଜାରରେ ମୂ-ଲ୍ୟ ପଉଥିଲା । ସମ୍ପ୍ରତି ସେ ଉଦ୍‌ଯୋଗ ଉତ୍ତମ

Digitized by srujanika@gmail.com

ସୁଗନ୍ଧତେଲ ପ୍ରସ୍ତୁତ କରୁ ଏକ ଶିଶି ଅମ୍ଭମାନଙ୍କୁ ଉପହାର ଦେଇଅଛନ୍ତି । ଅମ୍ଭେମାନେ ପରୀକ୍ଷା କରି ଦେଖିଲୁଁ ଯେ ଏଥିର ସୁଗନ୍ଧ ବାସ୍ତବରେ ଚମ୍ପାପେକ୍ଷା ଭଲ ଏବଂ ଗୋଲାବଫୁଲ ପ୍ରାୟ । ଏହା କେବଳ ବିଳାସଦ୍ରବ୍ୟ ନୁହଇ କାରଣ ମସ୍ତକବ୍ୟଥା ମୂର୍ଚ୍ଛାରୋଗ ଏବଂ କେତେପ୍ରକାର ଅନ୍ୟାନ୍ୟ ଶିରରୋଗ ଓ ବାତୁ ଭ୍ରମ ଇତ୍ୟାଦି ଏଥିର ବ୍ୟବହାରଦ୍ୱାରା ଉପଶମ ହୋଇପାରେ । ମୂଲ୍ୟ ଏକଶିଶିର ଟ ୦ ।୷ ଲେଖାଏ । କଲିକତାର ନାନାପ୍ରକାର ସୁଗନ୍ଧତେଲ ଅପେକ୍ଷା ଏହା କୌଣସିମତେ ନ୍ୟୁନ ନୁହଇ । ପାଠକମାନେ ପରୀକ୍ଷା କଲେ ଏଥିର ଫଳ ବୁଝି ପାରିବେ ।

---

ଅମ୍ଭମାନଙ୍କ ମାଜିଷ୍ଟ୍ରେଟ କମିଶନର ଶ୍ରୀଯୁକ୍ତ ଫୁଅର୍ଡଲ ସାହେବ ତାହାଙ୍କ ସ୍ଥାନାନ୍ତରିତ ହେବାସମ୍ବାଦ ତାରଯୋଗେ ଆସିଅଛି । ମାର୍ଚ୍ଚମାସ ପ୍ରଥମ ସପ୍ତାହରେ ଯିବେ । ସାହେବ ମହୋଦୟ ପୂର୍ବରେ ତିନିମାସ କାଳ କାର୍ଯ୍ୟ କରି ଯେପ୍ରକାର ସାଧାରଣଲୋକଙ୍କ ହୃଦୟାକର୍ଷଣ କରିଥିଲେ ବର୍ତ୍ତମାନ ଏକବର୍ଷକାଳ ରହି ମଧ୍ୟ ସେହିପରି କରିଅଛନ୍ତି ତାଙ୍କର ହଠାତ୍ ବଦଳ ଅଶୁଭପ୍ରଦ ଜଣା ଯାଉଅଛି । ସେ ଜଣେ ନ୍ୟାୟପରାୟଣ ଓ ସୁଧୀର ଅଟନ୍ତି । ଆଶା ଥିଲା ଯେ ସ୍ଥାୟୀ କମିଶନର ଶ୍ରୀଯୁକ୍ତ ମେଟକାଫ ସାହେବଙ୍କ ଆଗମନ ପର୍ଯ୍ୟନ୍ତ ସେ ଏଠାରେ ରହିଥାନ୍ତେ । ଫୁଅର୍ଡଲ ସାହେବ ବର୍ତ୍ତେକାଳ ରହି ଓଡ଼ିଶାର ଅବସ୍ଥା ଅଧିକ ବୋଧଗମ୍ୟ କରିଅଛନ୍ତି କାଙ୍ଗି ତିନିମାସ ହେଲାରୁ ସ୍ଥାୟୀ କମିଶନରଙ୍କ ଆସିବା କଥା । ଏପ୍ରକାର ସ୍ଥଳରେ ଜଣେ ନୂତନ କମିଶନରଙ୍କୁ ଏଠାକୁ ପ୍ରେରଣ ନ କରି ଗବର୍ଣ୍ଣମେଣ୍ଟ ଫୁଅର୍ଡଲ ସାହେବଙ୍କୁ ଏଠାରେ ରଖିଲେ ଭଲ ହୁଅନ୍ତା । ଶୁଣାଯାଉଅଛି ଶ୍ରୀଯୁକ୍ତ ହପକିନ୍ସ ସାହେବ ଏଠାକୁ କମିଶ୍ୱର ହୋଇ ଆସୁଅଛନ୍ତି । ସାହେବ ମହୋଦୟ ବହୁକାଳ ପୂର୍ବରେ ଅଳ୍ପଦିନ ସକାଶେ କଟକ କଲେକ୍ଟର ହୋଇ ଆସିଥିଲେ ଓ ଉକ୍ତ ସ୍ଥଳରେ ଦୁର୍ଭିକ୍ଷକାଳର ରିଲିଫର କାର୍ଯ୍ୟରେ ଥିବା ସମୟରେ ଓଡ଼ିଶା ତାହାଙ୍କୁ ଦେଖିଥିଲା ।

---

ବାରବାଟୀସ୍କୁଲ ସମ୍ବନ୍ଧରେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ବାବୁ ଭଗବାନ ଚନ୍ଦ୍ରଦାସ ଦୁହିଙ୍କ ମଧ୍ୟରେ ଯେଉଁ ବିବାଦ ଉପସ୍ଥିତ ହୋଇଥିଲା ତାହା ନିଷ୍ପତ୍ତି ହେବାକଥା ଗତକାଲିକାରୁ ଅବଗତ ହୋଇ ଅମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ହେଲୁଁ । ଶିକ୍ଷାବିଭାଗର ଡିରେକ୍ଟରଙ୍କ ଶେଷ ନିଷ୍ପତ୍ତିରେ ବିବାଦ ନିଷ୍ପତ୍ତି ପ୍ରାପ୍ତ ହୋଇଅଛି । ଯେଉଁ ମୂଳଧନର ଅର୍ଦ୍ଧେକ ଅଂଶ ନେଇ ବିବାଦ ସେହି ମୂଳଧନକୁ ବାରବାଟୀସ୍କୁଲ ବା ଭଗବାନବାବୁଙ୍କ ସ୍କୁଲ ଅଧୀନରେ ରଖିଦେଲେ ଓ ଯେଉଁ କାରଣରୁ ସ୍କୁଲ ଟ ୪୦ ଙ୍କା ସାହାଯ୍ୟ ପ୍ରାପ୍ତ ହେଉଥିଲା ତାହା ଗତ ହୋଇଥିବାରୁ ସାହାଯ୍ୟ ରହିତ ହେଲା । ମାତ୍ର ବାଲେଶ୍ୱର ନଗରରେ ଦୁଇଗୋଟି ମାଇନର ସ୍କୁଲ ଚଳିବାରେ ଏପରି ଅବସ୍ଥା ଦେଖାଯିବାରୁ ବର୍ତ୍ତମାନ ଶିକ୍ଷାଫଣ୍ଡରେ ଅତ୍ୟନ୍ତ ଟଙ୍କା ଥିବା ଦୃଷ୍ଟିରେ ଡିରେକ୍ଟର ସାହେବ ଗତ ସେପ୍ଟେମ୍ବର ଅବଧିରୁ ବାରବାଟୀସ୍କୁଲକୁ ଟ ୨୦ ଙ୍କା ଓ ଯୁବିଲିସ୍କୁଲକୁ ଟ ୨୦ ଙ୍କା ଲେଖାଏ ନୂତନ ସାହାଯ୍ୟ ମଞ୍ଜୁର କଲେ । ଡିରେକ୍ଟର ନ୍ୟାୟସଙ୍ଗତ ବିବାଦ ଭଞ୍ଜନ କରି ଦେଇଅଛନ୍ତି ଓ ତାଙ୍କ ନିଷ୍ପତ୍ତିରେ ଉଭୟପକ୍ଷ ସନ୍ତୁଷ୍ଟ ହେବେ । କିନ୍ତୁ ପ୍ରତ୍ୟେକସ୍କୁଲକୁ ଟ ୨୦ ଙ୍କା ଲେଖାଏ ସାହାଯ୍ୟ ବ୍ୟବସ୍ଥିବାରୁ ଅନୁମାନ ହେଉଅଛି ଯେମନ୍ତ ଡିରେକ୍ଟର ସାହେବ ବାରବାଟୀସ୍କୁଲର ପୂର୍ବସାହାଯ୍ୟ ଟ ୪୦ ଙ୍କାକୁ ଦୁହିଙ୍କ ମଧ୍ୟରେ ବାଣ୍ଟି ଦେଇଅଛନ୍ତି ।

---

ଏ ନଗରର ହୃତ ଓ ନମ୍ର ସ୍ୱଭାବଧାରୀ ଶିକ୍ଷିତ ଯୁବକମାନଙ୍କ ସଭାରୁ ଲେଟଲାଟ ବାହାଦୁରଙ୍କ ଓଡ଼ିଶାଶୁଭାଗମନ ସମୟରେ ଯେଉଁ ଅଭିନନ୍ଦନପତ୍ର ପ୍ରଦତ୍ତ ହୋଇଥିଲା ତହିଁରେ ଅନ୍ୟାନ୍ୟକଥାମଧ୍ୟରେ ଡେପୁଟୀ ଓ ମୁନସଫୀ କାର୍ଯ୍ୟମାନ ଓଡ଼ିଶାବାସୀ ଉପଯୁକ୍ତ ଶିକ୍ଷିତ ଯୁବକମାନଙ୍କୁ ପ୍ରଦାନ କରିବାର ପ୍ରାର୍ଥନା ଥିଲା ପ୍ରଥମ ସମୟରେ ଲେଟଲାଟ ବାହାଦୁର କୌଣସି ସ୍ଥିର ଉତ୍ତର ପ୍ରଦାନ କରି ନ ଥିଲେ ଓ ସେସବୁ ବିଷୟରେ ହାଇକୋର୍ଟଙ୍କ ସହିତ ପରାମର୍ଶ କରିବାକୁ କହିଥିଲେ । ଏଥିମଧ୍ୟରେ ଅଳ୍ପ ଦିନର ଗତ ଅଧିବେଶନରେ ପଠିତ ହେବା ଗବର୍ଣ୍ଣମେଣ୍ଟଙ୍କର ଏକପତ୍ରରୁ ଜଣାଗଲା ଯେ ଡେପୁଟୀ କଲେକ୍ଟର ନିଯୁକ୍ତ ବିଷୟ ମୀମାଂସା ହେଲେ ସେମାନଙ୍କ ଅଭିନନ୍ଦନପତ୍ରର ଉତ୍ତର ଦେବାର ଗବର୍ଣ୍ଣମେଣ୍ଟ କରିବେ ଲେଟଲାଟ ବାହାଦୁର ଅଭିନନ୍ଦନପତ୍ର ଉପସ୍ଥିତ ସମୟରେ କୌଣସି ସ୍ଥିର ବା ଆଶାଜନକ ଉତ୍ତର ପ୍ରଦାନ କରି ନ ଥିଲେ । କିନ୍ତୁ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଯେଉଁ ଉତ୍ତର ପ୍ରଦାନ କରୁଅଛନ୍ତି ତାହା ଅବଶ୍ୟ ଆଶାଜନକ ଅଟଇ । ଗବର୍ଣ୍ଣମେଣ୍ଟ ଓଡ଼ିଶାର ଅବସ୍ଥା ଉତ୍ତମରୂପେ ବୋଧଗମ୍ୟ ହୋଇଛନ୍ତି ଓ ସୁବିଚାର ଶୀଘ୍ର ହେବ ଆଶା ହେଉଅଛି ମୁନସଫ ନିଯୁକ୍ତ ବିଷୟରେ ଲେଟଲାଟ ବାହାଦୁର ଯେଉଁ ଉତ୍ତର ପ୍ରଦାନ କରିଥିଲେ ତଦ୍ବିଷୟରେ କୌଣସି ଉତ୍ତର ପାଇ ଯାଇ ନାହିଁ କିନ୍ତୁ ଉକ୍ତ ବିଷୟରେ ଯଥୋଚିତ ଉପାୟ ଅବଲମ୍ବନ ହୋଇଥିବା ସନ୍ଦେହ ନାହିଁ । ଲେଟଲାଟ ବାହାଦୁର ଓଡ଼ିଶାପ୍ରତି ସୁଦୃଷ୍ଟି ରଖିଅଛନ୍ତି ଏହା ସ୍ପଷ୍ଟ ଜଣାଯାଉଅଛି ଓ ତାହା ଆଶା କରୁଁ ଶେଷପତ୍ରରେ ଫଳ ଜଣାଇବାପ୍ରତି ଅନୁଗ୍ରହ ପ୍ରକାଶ କରିବେ ।

ଓଡ଼ିଶାକଥା ବକ୍ତୃତାରେ ସ୍ମରଣ କରିବାରୁ ଅମ୍ଭେମାନେ ତାହାଙ୍କୁ ଶତ ଧନ୍ୟବାଦ ଦେଉଅଛୁଁ ।

---

ଏଥିପୂର୍ବେ ଉତ୍କଳଦୀପିକାର ଅତିରିକ୍ତରେ 'ହିନ୍ଦୁବଂଶ ଧର୍ମାବିର ଭାରତୀୟ ଆର୍ଯ୍ୟସମାଜ' ଶିର୍ଷାଙ୍କିତ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ସମ୍ପ୍ରତି ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମା ଉକ୍ତ ପ୍ରବନ୍ଧର ଉପରେ 'ଯାହା ଥିଲା ତାହା ତାହିଁକି ନ ହେବ' ଲେଖି ... ପ୍ରତିଉପଯୋଗ ସର୍ବସାଧାର[illegible] ନିମିତ୍ତ ପଠାଇ ଦେଇଅଛନ୍ତି [illegible] ମାନେ ମଧ୍ୟ ଏକଖଣ୍ଡ ପାଇଅଛୁଁ । ମହାମହାଶୟଙ୍କର ଅଭିପ୍ରାୟ [illegible] ଓ ... ଅଟଇ ଏବଂ ହିନ୍ଦୁମାନଙ୍କୁ ଉନ୍ନତ ଓ ଦୃଢ଼ କରିବା ଭଲ ଆଉ କଥା ନୁହଇ । ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେ ଅଭିପ୍ରାୟ ବର୍ତ୍ତମାନ ପ୍ରଚଳିତ ହିନ୍ଦୁ ମତ ସହିତ ସୁସଙ୍ଗତ ଅଟଇ କି ନାହିଁ ଅଥବା ପ୍ରକୃତ ହିନ୍ଦୁମତ ରକ୍ଷା କରିବାଦ୍ୱାରା ଜଗତର ସାଧିତ ହୋଇ ପାରିବ ତାହା ତାଙ୍କର ପୁସ୍ତକରୁ ନିର୍ଦ୍ଦେଶ କରିବା ଅସମ୍ଭବ । ଲେଖକ କହୁଅଛନ୍ତି ଯେ 'ଦ୍ୱିଜ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏମାନଙ୍କର ପରସ୍ପର ମଧ୍ୟରେ ଆହାରର କୌଣସି ପ୍ରତିବନ୍ଧକ ନ ଥିଲା । ଓ ଅନୁଲୋମଜ ଓ ପ୍ରତିଲୋମ ଜାତିରେ ବିବାହ ନିଷିଦ୍ଧ ନ ଥିଲା' । ଏହି କଥା ସତେ ପଶୁଅଛନ୍ତି ଯେ ଯେବେ ଏସବୁ ପୂର୍ବେ ଥିଲା ତେବେ ବାହିଁ କି ନ ହେବ ? କିନ୍ତୁ ଅନେକେ ପଶୁଅ ପାରନ୍ତି ଯେ ଯେତେବେଳେ ଥିଲା ତେବେ

ତାହାଙ୍କ ଉଚିତ ହେଲା ? ସୁତରାଂ ହିନ୍ଦୁମାନେ ବର୍ତ୍ତମାନ କେଉଁ ବ୍ୟବସ୍ଥାମତେ ଚାଲୁଅଛନ୍ତି ଏବଂ କେଉଁ ବ୍ୟବସ୍ଥାନୁସାରେ ଚାଲିବାର ଉଚିତ ଏବଂ ଲେଖକଙ୍କ ପ୍ରସ୍ତାବମାନ ସେହିସବୁ ବ୍ୟବସ୍ଥା ସହିତ ଐକ୍ୟ ହେଉଅଛି କି ନାହିଁ ଏହି ସବୁବିଷୟ ମୀମାଂସା କରିବାର ଉଚିତ ହେଉଅଛି । ସମ୍ବାଦପତ୍ର ଯୋଗେ ଏତାଦୃଶ ପ୍ରଶ୍ନର ସମ୍ୟକ୍ ବିଚାର ହୋଇ ନ ପାରେ । ଓଡ଼ିଶାର ନାନା ଧର୍ମସଭାରେ ଏଥିର ଆନ୍ଦୋଳନ ଓ ବିଚାର ହୋଇ ଯେଉଁ ସବୁ ଯାହା ସିଦ୍ଧାନ୍ତ ଘଟିବ ତହିଁର ସଂକ୍ଷେପ ବିବରଣ ଆମ୍ଭେମାନେ ପ୍ରକାଶ କରିବାକୁ ଚେଷ୍ଟା କରିବୁଁ ।

ଲେଖକଙ୍କର ଆଉ ଗୋଟିଏ ପ୍ରସ୍ତାବ ଏହି କି ଜଳଗ୍ରହଣୀୟ ବର୍ଣ୍ଣମାନେ ଅହାଶ୍ରୟ-ଦ୍ରବ୍ୟରେ ପରସ୍ପରର ସ୍ପର୍ଶଦୋଷ ନ ଘେନିଲେ ଅନେକ ସୁବିଧା ହେବ । ଆମ୍ଭେମାନେ ଅନୁମାନ କରୁଁ କି ଅନ୍ନବ୍ୟଞ୍ଜନ ଇତ୍ୟାଦି ରନ୍ଧାଦ୍ରବ୍ୟ ଲେଖକଙ୍କର ଲକ୍ଷ୍ୟସ୍ଥଳ ଅଟଇ । ତାହା ନ ହେଲେ କଞ୍ଚା ଅହାଶ୍ୟଦ୍ରବ୍ୟରେ ସ୍ପର୍ଶଦୋଷ ପ୍ରାୟ ଧରା ଯାଉ ନାହିଁ । ଏପ୍ରସ୍ତାବଟି ହିନ୍ଦୁଧର୍ମର ନେତାଙ୍କର ଅନୁମୋଦିତ ବିଚାର ହେବାର ଆବଶ୍ୟକ । ସଙ୍କୀର୍ଣ୍ଣତା ଯେତେ ଦୂରୀଭୂତ ହେବ ସମାଜର ସେତେ ଉପକାର ହେବ ଏହି କଥାକୁ ମନେ ରଖି [illegible] ଯଥାର୍ଥଭାବରେ ଏଥିର ବିଚାର କରିବାକୁ ଆମ୍ଭେମାନେ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ ।

---

## ପୁଣି ନାଟ୍ୟାଭିନୟ ।

ଗତ ଶନିବାର ରାତ୍ରିରେ କଳକାଳ ନାମକ ପ୍ରହସନର ପୁନରଭିନୟ ହୋଇଥିଲା । କଳକାଳ ଓଡ଼ିଆଭାଷାରେ ଉଚ୍ଚଶ୍ରେଣୀର ଏକମାତ୍ର ପୁସ୍ତକ ଏବଂ ତହିଁରେ ସମାଜର କେତେଗୁଡ଼ିଏ ଅତ୍ୟନ୍ତ ଦୂଷଣୀୟ କାର୍ଯ୍ୟ ଜାଜ୍ୱଲ୍ୟମାନରୂପେ ଚିତ୍ରିତ ହୋଇଅଛି । ଗ୍ରନ୍ଥକର୍ତ୍ତା ଅମ୍ଭମାନଙ୍କୁ "ପ୍ରେମମାଳା" ରେ ବସାଇ ଆଶାସମୁଦ୍ରମଧ୍ୟକୁ ନେଇ ତତଃ ନୈରାଶ୍ୟ କରିବାକୁ ବସିଥିଲେ । କିନ୍ତୁ "କଳକାଳ" ଦ୍ୱାରା ସେ ଆଶା ସଫଳ ହୋଇଅଛି । "କଳକାଳ" ପ୍ରଚଳିତ ଓଡ଼ିଆ-ଥାଟରେ ନୂତନ ଓ ଗଦ୍ୟମୟ ସୁତରାଂ ଏଥିର ନୟର ପ୍ରତ୍ୟେକ ଶବ୍ଦ ଦର୍ଶକମାନଙ୍କ ହୃଦୟରେ ପ୍ରତିବିମ୍ବିତ ହେଉଥିଲା । ପ୍ରଥମ ଅଭିନୟ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ଦ୍ୱିତୀୟ-ଦୃଶ୍ୟରେ ବୈଷ୍ଣବଚରଣର ଅଭିନୟ ପ୍ରଶଂସନୀୟ ଏବଂ ଅସ୍ମାଗମ ବାବାଜୀଙ୍କ ଭଜନସ୍ୱରବର୍ଦ୍ଧିତ-ଯୋଗୁଁ ଭଲ ହୋଇ ନ ଥିଲେ ସୁଦ୍ଧା 'ଜନ-ଭାଗବତ' ଦ୍ୱାରା ସେ କ୍ଷତିପୂରଣ କରିଥିଲେ । ପ୍ରେମଦାସୀର ଗୀତ ଗୁଡ଼ିକ ପ୍ରକୃତ ପ୍ରେମମୟ ହୋଇଥିଲା । ତୃତୀୟ ଅଭିନୟରେ କୃଷ୍ଣଚରଣ-ବାବୁଙ୍କ ବୈଠକଖାନାର ଆମୋଦ ଓ ମଦ୍ୟଅ-ଲମାନଙ୍କ ଭଙ୍ଗି ଦେଖି ସମସ୍ତେ ଖୋଲଅଣା ଆନନ୍ଦ ଅନୁଭବ କରୁଥିଲେ କିନ୍ତୁ ପ୍ରକୃତରେ ତାହା ହାସ୍ୟର ବିଷୟ ନୁହେ—ତହିଁର ଅଭ୍ୟନ୍ତରର ପ୍ରତ୍ୟେକ ସ୍ତର ବିସ୍ମୟ ପରିପୂର୍ଣ୍ଣ । ଚତୁର୍ଥ ଓ ପଞ୍ଚମ ଅଭିନୟ ସ୍ୱାଭାବିକ ବିଷାଦର ଚିତ୍ର । ମୂଳତଃ ସେଦିନର ଅଭିନୟ ପୁସ୍ତକର ମର୍ଯ୍ୟାଦା ରକ୍ଷିବାରେ ତ୍ରୁଟି କରି ନ ଥିଲା । କଳକାଳର ଅଭିନୟ ବାହ୍ୟତଃ ଯାହା ଦେଖା-ଯାଏ ତହିଁର ଅଭ୍ୟନ୍ତରରେ ତାହା ଅପେକ୍ଷା ଅଧିକ କିଛି ଅଛି ଏବଂ ଟିକିଏ ଚିନ୍ତା ନ କଲେ ତାହା ଅନୁଭବ କରିବା ସମ୍ଭବ ନୁହେ । କଳ-କାଳ ପ୍ରହସନ ଆଖ୍ୟାଧାରୀ ହେଲେସୁଦ୍ଧା ତହିଁର ଶେଷାଂଶ ଅତ୍ୟନ୍ତ ଦୁଃଖଜନକ ଏହିହେତୁରୁ ଦର୍ଶକମାନେ ଦୁଃଖିତଚିତ୍ତରେ ଗୃହକୁ ଫେରି ନ ଆସିବେ ବୋଲି ବଙ୍ଗଳା "ମାଣିକପୀର ପାଲା" ହୋଇଥିଲା । ବାସ୍ତବିକ ତହିଁର ଜୀବନ୍ତପୀର ଓ ପୀରସାହେବଙ୍କ ସେଇଣି ଲକ୍ଷଣ ଦେଖି ଲୋକେ "କଳକାଳକୁ" ଭୁଲିଯାଇ "ସତ୍ୟଯୁଗ" କୁ ଗାଉଥିଲେ । ଶିକ୍ଷିତ ଯୁବକ ବିଳାସପ୍ରିୟ ଓ ଧର୍ମଭ୍ରଷ୍ଟ ହୋଇ ଅପରିମିତ ବ୍ୟୟ, ସୁରାପାନ, ବେଶ୍ୟାସଂସର୍ଗ, ପ୍ରଭୃତି ନାନାପ୍ରକାର କୁକର୍ମ କରି ଶେଷରେ କି ଫଳ ଭୋଗକରେ ତାହା "କଳକାଳ" ଦେଖାଇ ଦେଉଅଛି ଏହି ହେତୁରୁ ଏଥିର ଅଭିନୟଦ୍ୱାରା ସମାଜର ଉପକାର ହେବ ବୋଲି ଅମ୍ଭମାନଙ୍କର ଆଶା ହେଉଅଛି ସେଦିନ ଅଭିନୟସ୍ଥଳରେ ପୂର୍ବଥର ଅପେକ୍ଷା ଅଧିକ ଦର୍ଶକ ଉପସ୍ଥିତ ହୋଇଥିଲେ କିନ୍ତୁ ଅସ୍ଥାନର କଷ୍ଟରେ ଲୋକଙ୍କ ମନ ଭାଙ୍ଗି ଯାଇଥିଲା । ମଧୁବାବୁଙ୍କ ଯତ୍ନରୁ ଏଠାରେ ନାଟ୍ୟାଭିନୟ ଦେଖିବାର ଉପାୟ ସହଜ ହୋଇଅଛି ଆଶା କରୁଁ ସୌଖିନ ନାଟ୍ୟାଭିନୟ-ସମ୍ପ୍ରଦାୟିଙ୍କର ସ୍ଥାୟୀ ହେବା ପକ୍ଷରେ ସାଧାରଣ ଯତ୍ନବାନ ହେବେ ।

---

## ଅନ୍ତଃପୁରବ୍ୟବସ୍ଥା ।

ଗତ ବୁଧବାର ସନ୍ଧ୍ୟାସମୟରେ ପ୍ରିଣ୍ଟିଂ-କୋମ୍ପାନୀଙ୍କ ହଲରେ ଉଚ୍ଚ ଓ ନିମ୍ନ ଉପାଧିଧାରୀ ଶିକ୍ଷିତ ଯୁବକମାନଙ୍କ ସଭାର ଗୋଟିଏ ଅଧିବେଶନ ହୋଇଥିଲା । ବାବୁ ରାଜକିଶୋର ଦାସ ବି ଏ "ଜନାନା-ନିୟମ" ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ବର୍ତ୍ତମାନ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ବିଷୟରେ ଚତୁର୍ଦ୍ଦିଗରେ କୋଳାହଳ ପଡ଼ିଅଛି । ଅମ୍ଭମାନଙ୍କ ଶାସନକର୍ତ୍ତାମାନେ ମଧ୍ୟ ଏତଦ୍ବିଷୟରେ ଉନ୍ନତିସାଧନ କରିବାପାଇଁ ଯତ୍ନ କରିବାକୁ ଉପଦେଶ ପ୍ରଦାନ କରୁଅଛନ୍ତି । ଏବମ୍ଭୂତ ସମୟରେ ଶିକ୍ଷିତ ଯୁବକମାନଙ୍କ-ମଧ୍ୟରେ ସାମାଜିକ ବିଷୟର ତର୍କ ବିତର୍କ ହେବା ଅତିଶୟ ଆହ୍ଲାଦର କଥା । ପ୍ରବନ୍ଧର ସାରାଂଶ ନିମ୍ନେ ଉଦ୍ଧୃତ ହେଲା । ଜନାନା ନିୟମ ଅର୍ଥ ଏହି ଯେ ସ୍ତ୍ରୀମାନେ ଅନ୍ତଃପୁରମଧ୍ୟରେ ବାସ କରନ୍ତି ଓ ବହିର୍ଦ୍ଦେଶକୁ ଆସିବାପକ୍ଷରେ ସ୍ୱାଧୀନତା ନାହିଁ । ଏହି ବ୍ୟବସ୍ଥାଦ୍ୱାରା ଉତ୍ତମ ଓ ମନ୍ଦ ଉଭୟ ଫଳ ପ୍ରସବ ହୁଏ । ମନ୍ଦଫଳ ଏହି ଯେ ସ୍ତ୍ରୀମାନେ ସର୍ବଦା ଗୃହାଭ୍ୟନ୍ତରେ କୂପମଣ୍ଡୂକନ୍ୟାୟ ବାସ କରି ପୃଥିବୀ ବିଷୟରେ କୌଣସି ଜ୍ଞାନଲାଭ କରି ପାରନ୍ତି ନାହିଁ । ସ୍ତ୍ରୀ ପୁରୁଷର ପ୍ରଧାନସଙ୍ଗୀ ଓ ଏହା ଈଶ୍ୱରଙ୍କ ସୃଷ୍ଟି ପୁରୁଷ ସ୍ତ୍ରୀ ସହବାସ ଦ୍ୱାରା ଯେତେ ସୁଖ ଅନୁଭବ କରିବା ଆଶା କରନ୍ତି ସେତେ ଅଧୁନାତନ ଜନାନାବ୍ୟବସ୍ଥାରେ ପ୍ରାପ୍ତ ହୋଇ ପାରନ୍ତି ନାହିଁ । ସ୍ତ୍ରୀ ପୁରୁଷର ସୁଖଦାତା ଓ ପରମବନ୍ଧୁ ଏହା ଈଶ୍ୱରଙ୍କ ଅଭିପ୍ରେତ ଥିଲେହେଁ ସମାଜର ବର୍ତ୍ତମାନ ଅବସ୍ଥାରେ ସେପ୍ରକାର ହେଉ ନାହିଁ । ଏହି ସାମାଜିକ ନିୟମ ହେତୁ ଗୁଣବତୀ ସ୍ତ୍ରୀ ପ୍ରାପ୍ତ ହୁଅଇ ନାହିଁ । [illegible] ବାଳକର ପ୍ରଥମ ଶିକ୍ଷାଦାତା ବାଲ୍ୟାବସ୍ଥାରେ ମାତାଠାରୁ ପୁତ୍ର ଯାହା ଶିକ୍ଷା କରିଥାଏ ତାହା ଚିରକାଳ ମନୋ-ମଧ୍ୟରେ ଦୃଢ଼ୀଭୂତ ହୋଇଥାଏ । ମାତା ଶିକ୍ଷିତା ଓ ଉତ୍ତମ ନ ହେଲେ ପୁତ୍ରର ଶିକ୍ଷାପ୍ରତି ଅନେକ ବ୍ୟାଘାତ ହୁଅଇ ସମାଜର ଅଧୁନାତନ ବ୍ୟବସ୍ଥା ହେତୁ ଉତ୍ତମ ଶିକ୍ଷିତା ମାତା ପ୍ରାପ୍ତ ହେବା ଦୁର୍ଲଭ । ଅତଏବ ଜନାନାବ୍ୟବସ୍ଥା ହେତୁରୁ ଉତ୍ତମ ସ୍ତ୍ରୀ ଓ ଉତ୍ତମ ମାତା ପ୍ରାପ୍ତ ହୁଅନ୍ତି ନାହିଁ । ଉପରୋକ୍ତ ବ୍ୟବସ୍ଥା ପ୍ରଚଳିତ ହେତୁରୁ ଉପକାର ଏହି ଯେ ସ୍ତ୍ରୀମାନେ ସାଧାରଣତଃ ସତୀ ହୁଅନ୍ତି । ସ୍ତ୍ରୀ ଅନ୍ତଃପୁରର ପ୍ରାଚୀରର ବହିର୍ଦ୍ଦେଶକୁ ଗମନ କରିବାକୁ ଅକ୍ଷମ ସୁତରାଂ ସତୀ ହେବାର ବିଶେଷ ସମ୍ଭା-

Digitized by srujanika@gmail.com

କଲା । ଲେଖକ ବ୍ୟବସ୍ଥାର ଉତ୍ତମ ଓ ଅନୁ-
ତ୍ତମ ଦେଖାଇ ସାମାଜିକ ନିୟମ ବ୍ୟତିକ୍ରମ
କରିବା ଉଚିତ ଅନୁଚିତ ପକ୍ଷରେ ମତାମତ
ପ୍ରଦାନ କରିବାରୁ କ୍ଷାନ୍ତ ରହିଥିଲେ ।

ଲେଖକଙ୍କ ମତ ସହିତ ଅମ୍ଭେମାନେ ଐକ୍ୟ
ହୋଇ ପାରୁନାହିଁ । ଉତ୍ତମ ସ୍ତ୍ରୀ ହେବାକୁ
ହେଲେ କେବଳ ଅନ୍ତଃପୁରମଧ୍ୟରେ ନିବାସ
କୌଣସି ଉପକାରକ ବୋଲି ବୋଧ ହେଉ
ନାହିଁ । ଭିନ୍ନ ନିୟମ ସହରମଧ୍ୟରେ ଯେପରି
ପ୍ରଚଳିତ ମୋଫସଲରେ ତଦନୁରୂପ ନୁହେଁ ।
ସ୍ତ୍ରୀମାନେ ପ୍ରତିବାସି ସ୍ତ୍ରୀମାନଙ୍କ ସହିତ ସଦୈବ
ସଦାଳାପ କରନ୍ତି ଓ ଦରିଦ୍ର ସାଧାରଣ ଲୋକ-
ଯୁକ୍ତେ ମଧ୍ୟ କୌଣସି ଅସୁବିଧା ହୋଇ ନ ଥାଏ ।
ସ୍ତ୍ରୀ ଗୃହମଧ୍ୟରେ ଅସୂର୍ଯ୍ୟଂପଶ୍ୟରୂପା ହୋଇ ମଧ୍ୟ
ସଂସାରର କାର୍ଯ୍ୟ ଅତି ଉତ୍ତମରୂପେ ଶିକ୍ଷିତ ହୋଇ-
ଥାନ୍ତି । ସେମାନେ ଗୃହକାର୍ଯ୍ୟ ଯେପରି ଶୃଙ୍ଖଳା-
ରୂପେ ନିର୍ବାହ କରିବାକୁ ପଟୁ ଅମ୍ଭେମାନେ
ତଦନୁରୂପ ଜାଣୁଁ ଓ ହୋଇ ପାରନ୍ତି ନାହିଁ ।
ତେବେ ଅଳ୍ପ କାଳିସମୟରେ କୌଣସି ସ୍ତ୍ରୀ
ଅପଟୁ ଓ ସ୍ୱାମିର ମନୋମତ ହୋଇ ପାରୁ
ନାହାନ୍ତି । କାରଣ ପୂର୍ବେ ସ୍ତ୍ରୀ ଯେପରି ସ୍ୱାମିର
ହୃଦୟରତ୍ନ ଓ ମଣିହାର ନ୍ୟାୟ ବୋଧ ହେଉ-
ଥିଲା ବର୍ତ୍ତମାନ କେହି ସେପରି ଦୃଷ୍ଟିରେ
ଦୃଷ୍ଟିପାତ କରନ୍ତି ନାହିଁ ପଦତ୍ୱବାଦର
ଶୁଭଙ୍କର ଦୃଷ୍ଟିରୂପ ... ଲୁହିବର ପ୍ରଶ୍ରୟ
ପ୍ରଦାନ କରନ୍ତି ଏମନ୍ତ କି ଦାସୀନ୍ୟାୟ
ବ୍ୟବହାର କରିବାର ଦେଖା ଯାଆନ୍ତି ସୁତରାଂ
ସ୍ୱାମୀ ଓ ସ୍ତ୍ରୀର ପବିତ୍ର ପ୍ରଣୟ ରହିପାରେ ନା ଓ
ପରସ୍ପର ବନ୍ଧୁ ଓ ସଙ୍ଗୀ ନ୍ୟାୟ ସହବାସ କରି-
ପାରନ୍ତି ନାହିଁ । ସ୍ତ୍ରୀମାନେ ଏତମ୍ଭିନ୍ନ
ସମାଜନିୟମରେ ଥିବାର ଆଉ ମଧ୍ୟ ଶ୍ରେଷ୍ଠ-
ରୂପେ ଶିକ୍ଷାଲାଭ କରୁଥିଲେ ଓ ସ୍ୱାମିର ଶିକ୍ଷା-
ନୁରୂପ ସ୍ତ୍ରୀ ମଧ୍ୟ ଶିକ୍ଷା ପାଉଥିଲେ । ବଂଗଳା-
ଶିକ୍ଷା ବିସ୍ତାରରେ ପୁରୁଷଙ୍କ ମନ ଅଧିକ ପରି-
ମାଣରେ ଉନ୍ନତ ହୋଇଅଛି ଓ ତଦ୍ରୂପ ପ୍ରକାର
ଶିକ୍ଷା ପ୍ରଦାନ ହେଉଥିବା ହେତୁରୁ ଓ ସ୍ତ୍ରୀମାନଙ୍କ
ଶିକ୍ଷା ତଦନୁରୂପ ନ ହେବାରୁ ଉଭୟଙ୍କ ମନ
ଏକ ହୋଇ ପାରୁ ନାହିଁ । ପୂର୍ବରେ ଅନ୍ତଃ-
ପୁରରେ ଥାଇ ସ୍ତ୍ରୀମାନେ ଯେପରି ଶିକ୍ଷା ପ୍ରାପ୍ତ
ହେଉଥିଲେ ବର୍ତ୍ତମାନ ଶିକ୍ଷା ଅଧିକ ଲାଘବ
ହୋଇଅଛି । ସୁତରାଂ ଉତ୍ତମମାତା ଓ ଉତ୍ତମ-
ସ୍ତ୍ରୀ ନ ମିଳିବାର କାରଣ ଏହି ଯେ
ସ୍ତ୍ରୀଶିକ୍ଷା ଉତ୍ତମରୂପେ ହେଉ ନାହିଁ ।
ଶିକ୍ଷା ହୋଇ ପାରୁ ନ ଥିବାର କାରଣ
ଜନାନାବ୍ୟବସ୍ଥା କି ? ସ୍ତ୍ରୀମାନେ ପିଞ୍ଜରବଦ୍ଧ
ଶୁକପକ୍ଷୀ ନ୍ୟାୟ ଗୃହାଭ୍ୟନ୍ତରେ ରହିବାରୁ
ଶିକ୍ଷା ପାଇ ପାରୁ ନାହାନ୍ତି କି ? ଶୁକପକ୍ଷୀ
ପିଞ୍ଜରମଧ୍ୟରେ ଥାଇ ମଧ୍ୟ ମନୁଷ୍ୟ ଯାହା ଶିକ୍ଷା
ପ୍ରଦାନ କରେ ତାହା ଉତ୍ତମରୂପେ ଶିକ୍ଷା କରି-
ଥାଏ । ଅନ୍ତଃପୁରବାସିନୀ ସ୍ତ୍ରୀକୁ ଶିକ୍ଷା ଦେଲେ
କି ସେ ଶିକ୍ଷା କରିବ ନାହିଁ ? ପିଞ୍ଜରବଦ୍ଧ
ଶୁକ ନ୍ୟାୟ ଜାଗରୂକା ସ୍ତ୍ରୀମଧ୍ୟ ଶିକ୍ଷା ଗ୍ରହଣ
କରିବାକୁ ସମର୍ଥ । ଉପରୋକ୍ତ କଥାରୁ
ପାଠକେ ବୁଝିବେ ଯେ ସ୍ତ୍ରୀ ଗୃହାଭ୍ୟନ୍ତରେ
ରହି ମଧ୍ୟ ଶିକ୍ଷା ପ୍ରାପ୍ତ ହୋଇ ପାରନ୍ତି ସୁତରାଂ
ଉତ୍ତମ ସ୍ତ୍ରୀ ଓ ଉତ୍ତମମାତା ହୋଇ ପାରନ୍ତି ।
ଅନ୍ତଃପୁରମଧ୍ୟରେ ବାସ କରି ସ୍ତ୍ରୀମାନେ ସଙ୍ଗୀ
ହେବାର ସମ୍ଭାବନା । ଅମ୍ଭେମାନେ କହୁଁ ସଙ୍ଗୀ
ହେବା ମନର ଦୃଢ଼ତା ଉପରେ ନିର୍ଭର
କରେ । ମନର ଦୃଢ଼ତା ହେବା ଶିକ୍ଷା ବ୍ୟତି-
ରେକ ଅସମ୍ଭବ । ଅତଏବ ଶିକ୍ଷା ସଙ୍ଗୀର
ହେବାକୁ ଶିକ୍ଷା ପ୍ରଦାନ କରେ । ଗୃହାଭ୍ୟନ୍ତରେ
ରହିଲେ ମନ ପାପକଥାରେ ସଂଶ୍ଳିଷ୍ଟ ହେବ
ନାହିଁ ଓ ବହିର୍ଦେଶକୁ ଆସିଲେ ଯେ ମନ
ପାପରେ କଳଙ୍କିତ ହେବ ଏହା ଅମ୍ଭମାନଙ୍କୁ
କୌଣସି କାରଣ ବୋଧ ହେଉ ନାହିଁ ।
ଅତଏବ ଶିକ୍ଷିତଲୋକଙ୍କର କର୍ତ୍ତବ୍ୟ ଯେ
ଆପଣା ସ୍ତ୍ରୀ ଭଗିନୀ ଓ କନ୍ୟାମାନଙ୍କୁ ଉପଯୁକ୍ତ
ଶିକ୍ଷା ଦେବା ବିଷୟରେ ଯତ୍ନବାନ୍ ହେଉନ୍ତୁ ।
ସ୍ତ୍ରୀଶିକ୍ଷା ବିସ୍ତାର ହେଲେ ସେମାନଙ୍କର ଗୃହାରୁ
ଉଦ୍ଧାର ହେବା କାରଣ ରହିବ ନାହିଁ ।
ଅନ୍ତଃପୁର-ନିୟମ ଶିଥିଳ ନ ହେଲେ ସ୍ତ୍ରୀଶିକ୍ଷା
ହୋଇ ପାରିବ ନାହିଁ ଏକଥା ଯୁକ୍ତିସଙ୍ଗତ
ବୋଧ ହେଉ ନାହିଁ ।

---

## ଓଡ଼ିଶାର ଉଚ୍ଚଶିକ୍ଷା ।

ଓଡ଼ିଶାରେ ଏକମାତ୍ର କଟକସ୍ଥ ରେଭେନ୍‌ସା-
କଲେଜ ଉଚ୍ଚଶିକ୍ଷା ପ୍ରଦାତା । ଏତଦ୍‌ବ୍ୟତୀତ
ଆଉ କେତେକ ଗୋଟି ବିଦ୍ୟାଳୟ ଅଛି କିନ୍ତୁ
ତାହାସବୁ କେବଳ ଉଚ୍ଚଶିକ୍ଷାର ଦ୍ୱାରଦେଶରେ
ପହୁଞ୍ଚାନ୍ତି । ଓଡ଼ିଶାରେ ଏପ୍ରକାର ବିଦ୍ୟାଳୟ
ଅର୍ଥାତ ଏଣ୍ଟ୍ରେନ୍ସ ବା ପ୍ରବେଶିକା ସ୍କୁଲ ୧୧-
ଗୋଟି ନିମ୍ନଲିଖିତ ସ୍ଥାନମାନଙ୍କରେ ଅଛି ଯଥା;
କଟକରେ ୫ ଯାଜପୁରରେ ୧ କେନ୍ଦ୍ରାପଡ଼ାରେ ୧
ପୁରୀରେ ୧, ବାଲେଶ୍ୱରନଗରରେ ୧, ଭଦ୍ରକରେ
୧ ଓ ଲକ୍ଷ୍ମଣନାଥରେ ୧ । ପ୍ରବେଶିକାପରୀ-
କ୍ଷୋତ୍ତୀର୍ଣ୍ଣ ଛାତ୍ରସଂଖ୍ୟା ପୂର୍ବବର୍ଷାପେକ୍ଷା କ୍ରମାନ୍ୱୟେ
ବେଶୀ ହୋଇ ଆସୁଅଛି ସୁତରାଂ ଏଫ୍ ଏ
ଶ୍ରେଣୀର ଛାତ୍ରସଂଖ୍ୟା ବୃଦ୍ଧି ହୋଇଅଛି, ଫଳରେ
ମଧ୍ୟ ଦେଖାଯାଉ ଅଛି ଯେ ଏଫଏର ପରୀକ୍ଷୋ-
ତ୍ତୀର୍ଣ୍ଣ ଛାତ୍ର କ୍ରମାନ୍ୱୟେ ବେଶି ହେଉଅଛନ୍ତି ।
ଅନଲ୍ପ ଦଶବର୍ଷ ପୂର୍ବରେ ଦୁଇ ତିନିଜଣରୁ
ବେଶି ଉତ୍ତୀର୍ଣ୍ଣତା ଲାଭ କରିବାକୁ ସକ୍ଷମ ହେଉ
ନ ଥିଲେ । ଗତ ତିନି ବର୍ଷରୁ ହେଲା ପ୍ରାୟ
ହରବର୍ଷରେ ଦଶ ବାରଜଣ ଲେଖାଏ ଉତ୍ତୀର୍ଣ୍ଣ-
ତା ଲାଭ କରୁଅଛନ୍ତି । ବିଏ, ପରୀକ୍ଷାର ଫଳ
ମଧ୍ୟ ସନ୍ତୋଷଜନକ ଅଟଇ । ବିଏର ପ୍ରଥମତ-
ଦ୍ୟମରେ କେହି ଉତ୍ତୀର୍ଣ୍ଣ ହୋଇ ପାରି ନ ଥିଲେ
ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ଜଣେ ଲେଖାଏଁ
ଉତ୍ତୀର୍ଣ୍ଣ ହୋଇଥିଲେ, ଚତୁର୍ଥ ଉଦ୍ୟମରେ
ଅର୍ଥାତ ୧୮୮୬ ମସିହାର ପରୀକ୍ଷାରେ ଛଅଜଣଙ୍କ
ମଧ୍ୟରୁ ତ ୫ ଜଣ ଉତ୍ତୀର୍ଣ୍ଣତାଲାଭ କରିଥିଲେ ।
ଉକ୍ତ ବର୍ଷରେ ଜଣେ ପ୍ରଥମଶ୍ରେଣୀରେ ଓ ଜ୨-
ଣ ୨ୟ ଶ୍ରେଣୀରେ ଏବଂ ବାକି ଜ ୨ ଣ ୩ୟ-
ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି-
ବର୍ଷଠାରୁ ବିଏ ପରୀକ୍ଷାର ଫଳ ଉତ୍ତମ ହୋଇ
ଆସୁଅଛି । ଏଠାରେ ବିଏଲ ଅର୍ଥାତ ଆଇନ-
କ୍ଲାସ ଖୋଲା ହୋଇଥିବାରୁ ବିଏ ଉପାଧିଧାରୀ
ଛାତ୍ରମାନେ ସେଠାରେ ଅଧ୍ୟୟନ କରି ଜୀବିକା
ଉପାର୍ଜନ କରିବା ଉପାୟ ଅନ୍ୱେଷଣ କରନ୍ତି ।
କିନ୍ତୁ ଓଡ଼ିଶାର ଶିକ୍ଷାର ଶେଷ ଏହିଠାରେ
ହୁଅଇ । ବର୍ତ୍ତମାନ ଓଡ଼ିଶାର ଓଡ଼ିଆଙ୍କ ମଧ୍ୟ-
ରୁ କେବଳ ବିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ-
ଅଛନ୍ତି ସେଥିରୁ ଦୁଇଜଣ ଓଡ଼ିଆ ଶ୍ରୀବାବୁ ମଧୁ-
ସୂଦନ ଦାସ ଓ ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ
ଦାସ ଏମ୍ ଏ ଉପାଧି ଧାରଣ କରିବାକୁ
ସକ୍ଷମ ହୋଇଅଛନ୍ତି । ପ୍ରଥମ ଜଣ ଖ୍ରୀଷ୍ଟିୟାନ
ହୋଇ କଲିକତାରେ ପାଠ ପଢ଼ୁଥିବାରୁ
ଏନ୍ତେସର ଅସୀ ପାଇଲେ ୨ୟ ଜଣ ତାଙ୍କ
ଭ୍ରାତା ଥିବାରୁ ସୁତରାଂ ବିଦେଶ ସାହାଯ୍ୟ ଓ
ଉତ୍ସାହ ପାଇଥିବାରୁ ଓଡ଼ିଶାର ଟେକ ରକ୍ଷି-
ବାକୁ ସକ୍ଷମ ହୋଇ ପାରିଛନ୍ତି । ଏଠା-
ରେଭେନ୍‌ସା କଲେଜର ଉତ୍ତୀର୍ଣ୍ଣ ଛାତ୍ର ମଧ୍ୟରୁ
ଆଉ ଦୁଇଜଣ ଏମ୍ ଏ ପାଶ କରିଅଛନ୍ତି ସତ୍ୟ
କିନ୍ତୁ ସେମାନେ ବିଦେଶୀ ସୁତରାଂ ଓଡ଼ିଶାର
ଲାଭ କିଛି ନାହିଁ । ଏଠା ଛାତ୍ରମାନେ ଏମ୍ ଏ
ପରୀକ୍ଷାରେ ଉପସ୍ଥିତ ହୋଇ ନ ପାରିବା
କାରଣ ଅମ୍ଭେ ପ୍ରଦର୍ଶିତ କରୁ । ଏଠାରେ
ବିଏ କ୍ଲାସପର୍ଯ୍ୟନ୍ତ ଖୋଲାଅଛି । ଏଠାରେ

Split by PDF Splitter



ଯେଉଁ ଅଧ୍ୟାପକ ଆସୁଅଛନ୍ତି ଓ ଏଠାରେ ଅଛନ୍ତି- ସେମାନେ ପ୍ରଥମରୁ କଲେଜରେ ଶିକ୍ଷାପ୍ରଦାନ- କରିବାର ପ୍ରଥା ଏହିଠାରେ ଶିକ୍ଷା କରିବାକୁ ଆସନ୍ତି ସେମାନେ କେବଳ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଏଠାରେ ବହୁଦର୍ଶୀତା ଲାଭ କରି ଅନ୍ୟ କଲେ- ଜମାନଙ୍କୁ ସ୍ଥାନାନ୍ତରିତ ହୁଅନ୍ତି ସୁତରାଂ କେହି ଅଧ୍ୟାପକ ନାହାନ୍ତି ଯେ ଏମ୍ ଏ କ୍ଲାସରେ ଶିକ୍ଷା ପ୍ରଦାନ କରିବାକୁ ସକ୍ଷମ ହେବେ । ଏଠାରେ ମଧ୍ୟ ଏମ୍ ଏ କ୍ଲାସ ଖୋଲା ହୋଇ ନାହିଁ । ଓଡ଼ିଶାବାସିଙ୍କ ଅବସ୍ଥା ଅତୀବ ଗରିବ ଏବଂ ତାହାରଙ୍କୁ ଅନୁଗ୍ରହଦାତା ନାହିଁ ଅତି ଗରିବ ଓ ମଧ୍ୟମଶ୍ରେଣୀସ୍ଥ ଲୋକମାନଙ୍କ ବାଳକମାନେ କେଣି ପାଠାଭ୍ୟାସ କରିଥାନ୍ତି । ସେମାନେ ବୃତ୍ତି ଉପରେ ଆପଣା ଆପଣା ପାଠୋନ୍ନତିର ଆଶା ରଖି ଥାଆନ୍ତି ବିଏ କ୍ଲାସ- ପର୍ଯ୍ୟନ୍ତ ବୃତ୍ତି ଥିବାରୁ ପାଠ କରିବାକୁ ସକ୍ଷମ ହୁଅନ୍ତି ଏମ୍ ଏ କ୍ଲାସ ଏଠାରେ ନାହିଁ କଲି- କତାକୁ ଗଲେ ସେଠାର ଖର୍ଚ୍ଚ ଯେ ଅଧିକ ତାହା ଯୋଗାଇବାକୁ ସେମାନେ କୌଣସିପ୍ର- କାରରେ ସମର୍ଥ ନୁହନ୍ତି ସୁତରାଂ ଏହିଠାରେ ସେ- ମାନଙ୍କ ପାଠାଭ୍ୟାସ ଶେଷ ହୁଅଇ । ପୂର୍ବରେ ବିଏ କ୍ଲାସ ନ ଥିବା ସମୟରେ ଏଫ୍ ଏ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ବୃତ୍ତିଲାଭ କରି କଲିକତାନଗରକୁ ପାଠାର୍ଥେ ଯାଉଥିଲେ ସେ ସମୟରେ ଟ ୨୦ ଙ୍କା ହିସାବ ମାସିକ ବୃତ୍ତି ଥିଲା କିନ୍ତୁ ତାହା ଅନାଟନ ହେବାରୁ କେହି ୨ ମେଓ ବୃତ୍ତି ଟ ୨୦ ଙ୍କା ମଧ୍ୟ ଅଧିକା ଲାଭ କରୁଥିଲେ । କିନ୍ତୁ ଯାହା ହେଉ ବିଏ କ୍ଲାସ ଫିଟିବାହାରୁ ବୃତ୍ତିଭୋଗୀ ବାଳକ- ମାନେ ଓ କେତେକ ବୃତ୍ତି ନ ପାଇ ମଧ୍ୟ ଅଧ୍ୟୟନ କରୁଅଛନ୍ତି । ଢେଙ୍କାନାଳ ଓ ମୟୂର ଭଞ୍ଜ ରାଜା କେତେକ ବୃତ୍ତି ସ୍ଥାପନ କରି ଯାଇ- ଥିବାରୁ ଅନେକ ଛାତ୍ରଙ୍କର ଉପକାର ହେଉଅଛି ତାଳଚେର ରାଜା ମଧ୍ୟ ଶିକ୍ଷୋନ୍ନତିପ୍ରତି ସାହାଯ୍ୟ କରୁଅଛନ୍ତି କେଉଁଝର ରାଜା କଲେଜର ଗୃହ ନିର୍ମାଣବିଷୟରେ ସାହାଯ୍ୟ କରୁଅଛନ୍ତି ଓ ଏହି ରାଜାମାନଙ୍କ ସାହାଯ୍ୟ ହେତୁରୁ ରେଭେନ୍ସା କଲେଜ ଜୀବିତ ଅଛି କିନ୍ତୁ ଶିକ୍ଷାର ସୀମା ଏହି- ଠାରେ ଶେଷ ହୁଅଇ ଦୁଃଖ ଏହିକି ଯେ ଅନ୍ୟ ରାଜାମାନେ ସାହାଯ୍ୟପ୍ରଦାନ କରିବାକୁ ଅଗ୍ରସର ହେଉ ନାହାନ୍ତି । ଲେଫ୍ଟନାଣ୍ଟଙ୍କ ଆଗମନ ସମୟରେ ତାଙ୍କୁ କେତେକ ଉପାଧିଧାରୀ ଛାତ୍ର ଅଭିନନ୍ଦ- ପତ୍ର ପ୍ରଦାନ କରିଥିଲେ ଲେଫ୍ଟନାଣ୍ଟ ବାହାଦୁର ଏଠାରେ ଏମ୍ ଏ କ୍ଲାସ ଫିଟିବାସମ୍ବନ୍ଧରେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ସହିତ ପରାମର୍ଶ କରିବାକୁ କହିଯାଇ ଅଛନ୍ତି । ପ୍ରାୟ ଛଅମାସ ଅତୀତ ହେଲା କିଛି ଉତ୍ତର ପହଞ୍ଚି ନାହିଁ । ବଙ୍ଗଦେଶର ଚଉଅଡ଼େ ଉଚ୍ଚଶିକ୍ଷାର ସ୍ରୋତ ଚାଲିଅଛି ଓ ତହିଁର ଉପାୟ ମଧ୍ୟ ରହିଅଛି କିନ୍ତୁ ଓଡ଼ିଶାରେ କି କେବଳ ବିଏ ପାସ କଲେ ଶିକ୍ଷାର ଶେଷ ହେବ ? ବଡ଼ଲାଟ ବାହାଦୁର ଉଚ୍ଚଶିକ୍ଷା ଉନ୍ନତି ପାଇଁ ଯଥାସାଧ୍ୟ ଚେଷ୍ଟା କରିବାକୁ ପ୍ରସ୍ତୁତ ଥିବାର ବ୍ୟକ୍ତ କରିଅଛନ୍ତି ଓ ଲୋକଙ୍କ ସାହାଯ୍ୟ ମଧ୍ୟ ଚାହୁଁଅଛନ୍ତି । ଏମନ୍ତ- ସମୟରେ ଆମ୍ଭେମାନେ କି ନିସ୍ତବ୍ଧ ହୋଇ ରହିବା ? ଅମ୍ଭମାନଙ୍କର ଯାହା ଅଭାବ ତଦ୍ଦୂରୀ- କରଣାର୍ଥେ କି ଚେଷ୍ଟା ଯୁକ୍ତ ହେବ ନାହିଁ ? ଓଡ଼ିଶାର ଲୋକେ ବଡ଼ ସରକାରୀ କାର୍ଯ୍ୟ ପାଉ ନାହାନ୍ତି କାରଣ ବଙ୍ଗଦେଶସହିତ ଓଡ଼ିଶା ସମକକ୍ଷ ହୋଇ ନାହିଁ ଏବଂ ସାଧ୍ୟ କିନ୍ତୁ ସମକକ୍ଷ ହେବାପାଇଁ ଚେଷ୍ଟା ଓଡ଼ିଶାବାସିଙ୍କଠାରେ ନାହିଁ । ଆମ୍ଭେମାନେ ବର୍ତ୍ତମାନ ପ୍ରାର୍ଥନା କରୁଁ ଯେ ଦେଶହିତୈଷୀ ରାଜା ଜମିଦାରମାନେ ଏଠାରେ ଗୋଟିଏ ଏମ୍ ଏ କ୍ଲାସ ଫିଟିବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ନିବେଦନ କରନ୍ତୁ ନତୁବା ବୃତ୍ତିସ୍ଥାପନ କରନ୍ତୁ ଯାହାବଳରେ ଏଠା ଛାତ୍ରମାନେ କଲିକତାରେ ପାଠ କରିବାକୁ ସକ୍ଷମ ହେବେ । ଏଠା ବିଦ୍ୟୋତ୍ସାହୀ ଲୋକମାନେ ଏବିଷୟରେ ଆନ୍ଦୋଳନ କଲେ କିଛି ଫଳ ହୋଇପାରେ । ଆଶା କରୁଁ ସେମାନେ ମଧ୍ୟ ଚେଷ୍ଟା କରିବାକୁ ହେଳା କରିବେ ନାହିଁ ।

---

## ସାପ୍ତାହିକ ସମ୍ବାଦ ।

ଅମ୍ଭମାନଙ୍କ ଜଜ ଉଆର୍ଡ଼ିନ ସାହେବ ପୁନର୍ବାର ଏକମାସର ଛୁଟୀ ଗ୍ରହଣ କରିବାରୁ ଓ ଇତି ମଧ୍ୟରେ ଅଫିସିଏଟିଂ ଜଜ ଟେଲର ସାହେବଙ୍କ ପୁରୀକୁ ବଦଳି ହେବାରୁ ମିଃ ବେଲ ସାହେବ ଜଜପଦରେ ନିଯୁକ୍ତ ହୋଇଅଛନ୍ତି । ଗତ ବୁଧବାର ଟେଲର ସାହେବଙ୍କ ନିକଟରୁ ଚାର୍ଜ ଗ୍ରହଣ କରିଅଛନ୍ତି ।

ଅମ୍ଭମାନଙ୍କ କଲେକ୍ଟର ସାହେବ ମାର୍ଶାଘାଇ କୁଜଙ୍ଗ ଅଞ୍ଚଳକୁ ଗସ୍ତରେ ଯାଇଅଛନ୍ତି ଅସନ୍ତା ସୋମବାର ପ୍ରତ୍ୟାଗମନ କରିବେ ।

ଶ୍ରୀଯୁକ୍ତ ପାଦ୍ରିସାହେବ ଜନ୍ସନ୍ ମେଟକାଫଙ୍କର ବଦଳ ମୌକୁଫ ରହି ଏଠାରେ ରହିବାର ସ୍ଥିର ହେଲା । ଏତେ ଅଳ୍ପ- କାଳମଧ୍ୟରେ ତାଙ୍କପ୍ରତି ଲୋକେ ଏତେ ପ୍ରୀତ ହୋଇଅଛନ୍ତି ଯେ ତାଙ୍କ ବଦଳସମ୍ବାଦରେ ସମସ୍ତେ ବଡ଼ ଦୁଃଖିତ ହୋଇଥିଲେ । ବର୍ତ୍ତମାନ ସମସ୍ତେ ଆହ୍ଲାଦିତ ।

ମାନ୍ଦ୍ରାଜଠାରୁ କଟକପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ ଯେଉଁ ରେଲୱାଏ ନିର୍ମାଣ ହେବାର ପ୍ରସ୍ତାବ ହେଉଅଛି ତହିଁର ପରିଦର୍ଶନ କାର୍ଯ୍ୟ ଶେଷକରି ଇଞ୍ଜିନିୟର ସ୍ମିଥ ସାହେବ କଲିକତାରେ ପହୁଞ୍ଚିଅଛନ୍ତି ! ଫଳ କିଛି ଜଣାଯାଇ ନାହିଁ ।

ବଙ୍ଗଳାହତାର ଭୂତପୂର୍ବ ସାନିଟାରିକମିଶନର ଇଡ଼ିର ଡେଲ ସାହେବଙ୍କ ସ୍ଥାନରେ ଗ୍ରେଗ ସାହେବ ବାହାଲ ହୋଇଅଛନ୍ତି । ଏ ମହାଶୟ ଗତ ତା ୮ ଦିନରେ ଏ ନଗରରେ ପହୁଞ୍ଚି ସେଦିନ ଓ ତହିଁ ଆରଦିନ ସହରର ନାନାସ୍ଥାନ ପରିଦର୍ଶନ କରି ତା ୯ ଦିନ ଅପରାହ୍ନରେ କଲିକତା ଅଭିମୁଖେ ଗଲେ । ଏହାଙ୍କ କଥାବାର୍ତ୍ତାରୁ ସେ ଏଠା ମିଉନିସିପା- ଲିଟିର କାର୍ଯ୍ୟରେ ସନ୍ତୋଷଲାଭ କରିଥିବାର ପ୍ରକାଶ ହେଲା ।

### କଲିକତା—ଗେଜେଟ ।

ମିଃ ଏ, ପି, ପେନେଲଙ୍କ କାର୍ଯ୍ୟ ଭାରତବର୍ଷ ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଅବସ୍ଥାପିତ ହେବା ଗତ ତା ୨୮ ଦିନର ଆଦେଶ ରହିତ ହେଲା ।

ଚବିଶପରଗଣାର କଲେକ୍ଟର ମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟର ମିଃ ଏ, ଅର୍ଲସାହେବ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଣ୍ଡର- ସେକ୍ରେଟେରୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ବ୍ରଜମୋହନ ଦତ୍ତଙ୍କ ପ୍ରଦତ୍ତ ବାର୍ଷିକ ପାରିତୋଷିକ ଟ ୫୦ ଙ୍କା ଏବର୍ଷ ଯଶୋହରର କଙ୍ଗନହଲ ଶ୍ରୀମତୀ ମାନ- କୁମାରୀ ବସୁ ପ୍ରାପ୍ତ ହେଲେ । ଏଥିରେ ପ୍ରବନ୍ଧ "ଏତଦ୍ଦେ- ଶୀୟ ସ୍ତ୍ରୀମାନେ କେଉଁ ବିଷୟରେ ଶିକ୍ଷା ପ୍ରାପ୍ତ ହେବେ" ଏହି ତାଙ୍କ ପ୍ରବନ୍ଧ ସର୍ବୋତ୍ତମ ବିବେଚିତ ହୋଇଥିଲା ।

---

ସନ ୧୮୮୯ ମସିହା ଅପ୍ରେଲମାସ ତା ୧ ଦିନଠାରୁ ଭାରତରେ ଅମ୍ଭମାନଙ୍କ ଟଙ୍କା ଉପରେ ବାଟାର ରେଟ ବୃଦ୍ଧି ହେବାର ସେକ୍ରେଟେରୀ ନିୟମ କରିଥିବାର ସମ୍ବାଦ ମିଳଇ । ଟଙ୍କାର ଯାହା ଏକଶିଲିଂ ପାଞ୍ଚପେନ୍ସ ଗତବର୍ଷରେ ଥିଲା ତାହା ଆଗାମି ଅପ୍ରେଲମାସଠାରୁ ଏକଶିଲିଂ ସାଢ଼େ ଚାରିପେନ୍ସ ହେବ ।—ଅଧପେନ୍ସ ଅର୍ଥାତ ଟଙ୍କାରୁ ଦୁଇପାହୁଲା ରେଟ ଲୁଚ ! କଥାଟା ବଡ଼ ସହଜ ନୁହଇ ଟଙ୍କାର ଷୋଳରୁ ଆଠଅଣା ହୁଅପର ।

ଅଷ୍ଟ୍ରେଲିଆ କାଣ୍ଡ ସେନ କଣ୍ଟ୍ରାକ ଟାମସ ଆଉ ଏକ ପାର୍ଲିଆମେଣ୍ଟର ମେମ୍ବର ତୁଇମାସ କାରାବାସ ଦଣ୍ଡାଜ୍ଞା ପାଇ- ଥିବାର ସମ୍ବାଦ ମିଳଇ ।

ମିଃ, ବାଇଟଙ୍କ ଶରୀର ଅବେଗଂନ୍ଦର କରୁଅଛି ।

ଅନାମର ରାଜା ଟିଉଡକଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କ ପୁତ୍ର କନଗାନ ସିହାସନରେ ବସିଅଛନ୍ତି । ଏହାଙ୍କର ବୟସ ବ ୧୦ ବର୍ଷ ଅଟଇ ଏବଂ ଏ ମହୋଦୟ ବୟଃପ୍ରାପ୍ତ ହେବା- ପର୍ଯ୍ୟନ୍ତ ଶାସନକାର୍ଯ୍ୟ ଚଳାଇବା କାରଣ ଏକ ଦରବାର ଡୁଏ ତକଙ୍କ ଅଧୀନରେ ସଂଗଠିତ ହେବ ।

ସମ୍ବାଦ ଏରୂପ ଯେ କୋମ୍ବାଇ ଅନ୍ତଲ ରାଜ ନଗରର ଠାକୁର ସାହେବ ଆପଣା ଜନ୍ମଦିନ ଉପଲକ୍ଷରେ ଟ ୧୦୭୮୪ ଙ୍କା ଦାନ କରିଅଛନ୍ତି । ଏଥିମଧ୍ୟରେ ଗରିବ ବନିଆଙ୍କୁ ତାହ ଟ ୪୮୧୦ ଙ୍କା, ଗରିବ ବ୍ରାହ୍ମଣଙ୍କୁ ଟ ୭୨୫ ଙ୍କା ଗିରଶିଆନ ସିପ୍ ଦୁଃସ୍ଥିତଙ୍କୁ ଟ ୩୨୫ ଙ୍କା ଜ ୫ ଏ ଦୁଃଖୀ ସ୍ତ୍ରୀଲୋକଙ୍କୁ ଟ ୨୦୦ ଙ୍କା; ଲେଙ୍ଗଡ଼ାମାନଙ୍କୁ ଟ ୧୮୨ ଙ୍କା କୁସ୍ତେମିଳିଙ୍କି ଟ ୧୫୦ ଙ୍କା ଏବଂ ଅନ୍ୟାନ୍ୟ ଧର୍ମାର୍ଥ କାର୍ଯ୍ୟରେ ଟ ୨୦୦ ଙ୍କା ।—ଜନ୍ମଦିନ ଉପଲକ୍ଷରେ ଏପରି ଦାନ ଅତଗ୍ରତର ଦେଖା ଯାଏ ନାହିଁ ।

ଇଂଲଣ୍ଡ ଏବଂ ୱେଲ୍ସରେ ନ ୪୦୦ ଜଣରେ ଜଣେ ଏବଂ ଆମେରିକାରେ ନ ୨୦୦ ଜଣରେ ଜଣେ ଚୂଲେକ ଶିକ୍ଷାପ୍ରାପ୍ତ ହୁଅନ୍ତି ।—ଏଠାରେ ?

Digitized by srujanika@gmail.com

Split by PDF Splitter



ସହୋଦରଲେଖକ ଏକ ବଂଶ ତଳେ ସଙ୍ଗେ କରେଇ ନାକ କାଟି ପକାଇଥିବାରୁ ତାହାକୁ ଡ ୨ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ଏବଂ ଟ ୧୦ ଙ୍କା ଅର୍ଥଦଣ୍ଡ ହୋଇଅଛି । ଅଳ୍ପେ ଏତେ ନାକକଟାକଥା ଶୁଣା ଯାଇ ନ ଥିଲା ଏବେ ଏତେ ନାକ କଟା ହେବାର କାରଣ କଅଣ ?—ସ୍ୱକଂଶର ଅନଲ ଅଛି ପତ୍ର୍ୟ ର ? ।

ବଙ୍ଗଦେଶରେ ଜାହାଜର ଧକ୍କା ଖାଇ ଗୋଟିଏ ଜାହାଜ ବୁଡିଯାଇଥିବାର ସମ୍ବାଦ ମିଳଇ । ଏଥିରେ ଡ ୫୪ ଣ ଲୋକ ବୁଡିମରିଥିବାର କଥିତ ହୁଏ ।

ଅଷ୍ଟ୍ରିୟାର ସମ୍ରାଟଙ୍କର ଏକମାତ୍ର ପୁତ୍ର କାଳକବଳରେ ପତିତ ହୋଇଥିବାର ଅସ୍ମେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ । ରାଜକୁମାର ଉପଯୁକ୍ତ ବୟସ୍କ ହୋଇଥିଲେ । ଗତ ଜାନୋଆରୀ ତା ୨୯ ଦିନରେ ଶୟନ ଗୃହରେ ମୃତ ଅବସ୍ଥାରେ ପଡ଼ି ଥିବାର ପ୍ରକାଶ ହେଉ ଲୋକଙ୍କରେ ଉପସ୍ଥିତ ହୋଇ ନ ଥିଲେ । ତହୁଁ ଅପରାହ୍ନ ସ ୨ ଘଣ୍ଟା ସମୟରେ ତାଙ୍କୁ ମୃତାବସ୍ଥାରେ ଦେଖାଗଲା । ସରକାରି କାଗଜରୁ ପ୍ରକାଶ ଯେ ପାଗଳାବସ୍ଥାରେ ରାଜକୁମାର ଅପଣା ମୁଣ୍ଡରେ ଗୁଳି ଫୁଟାଇ ଆତ୍ମହତ୍ୟା କରିଅଛନ୍ତି । କାହିଁକି ଏପରି ସ୍ୱଭାବ ହୋଇଥିଲା ତାହା ସ୍ଥିର ହୋଇ ଜଣାପଡ଼ି ନାହିଁ ମାତ୍ର ଜନରବ ଏମନ୍ତ ଯେ ସେ କୌଣସି ଭଦ୍ରମହିଳାଙ୍କ ପାଣିଗ୍ରହଣ ପ୍ରୟାସରେ ଭଗ୍ନ ଥିବାରୁ ତାଙ୍କର ଏରୂପ ଘଟଣା ହୋଇଅଛି । କାରଣ ଯାହା ହେଉ ଏ ଦୁଃଖଜନକ ସମ୍ବାଦରେ ସମସ୍ତେ ଦୁଃଖିତ ଓ ସ୍ତମ୍ଭିତ ହୋଇଯାଇଅଛନ୍ତି ଏବଂ ବୃଦ୍ଧ ସମ୍ରାଟ ଫ୍ରାନ୍‌ସିସ ଯୋସେଫଙ୍କୁ ଦୁଃଖ ସାଗରରେ ପକାଇ ଅଛି ।

ଅନ୍ୟମାନଙ୍କ ଦଗତ ଲର୍ଡ଼ ଡଫରିନ ଭାରତ ତ୍ୟାଗକରି ଯାଇ ଭାରତସମ୍ବନ୍ଧରେ ଏକ ଇଂରାଜୀ ସମ୍ବାଦପତ୍ରରେ ମତାମତ ପ୍ରକାଶ କରିଅଛନ୍ତି । ସେ ଲେଖିଅଛନ୍ତି ଯେ ଭାରତବର୍ଷ ଗୋଟିଏ ଉତ୍ତମ ଦେଶ ଅଟେ ଏବଂ ଯେବେ କର୍ତ୍ତୃ-ମାନଙ୍କ ଶାସନକାର୍ଯ୍ୟ ଚଳେ ତାହା ହେଲେ ଭବିଷ୍ୟତରେ ଏହାର ଅଧିକ ଉନ୍ନତ ହେବ । ଯେବେ କେତେକଜଣ ବହେଶୀଲୋକ ଯେ କାର୍ଯ୍ୟ କରୁଅଛନ୍ତି ତହିଁରେ ଲାଗିରହିବେ ତାହା ହେଲେ ସେମାନଙ୍କୁ ଜଡକରିବା କାରଣ ଅଯୋର୍ଲଣ୍ଡ ପ୍ରାୟ ସେଠାରେ ମଧ୍ୟ ଅଧିକ କାଳ ହେବାର ଅବଶ୍ୟକ ହେବ । ଶେଷୋକ୍ତ ମତଟି ଯେ ଜାତୀୟ ସମିତିକୁ ଉଦ୍ଦେଶକରି କୁହାଯାଇଅଛି ଏଥିରେ ସନ୍ଦେହ ନାହିଁ । ଅୟର୍ଲଣ୍ଡପ୍ରାୟ ଏଠାରେ ଅଧିକ କାଳ ହେଲେ ଭାରତବାସିଏ ଲର୍ଡ଼ଡଫରିନଙ୍କ ନିକଟରେ ଚିରକାଳ କୃତଜ୍ଞ ହୋଇ ରହିବେ ।

ପୃଥିବୀରେ ଯେତେ ଭାଷା ପ୍ରଚଳିତ ଅଛି ତନ୍ମଧ୍ୟରୁ ଇଂରାଜୀଭାଷାଭାଷୀ ଲୋକ ୪୦ କୋଟି ହିନ୍ଦୁସ୍ଥାନୀ ୧୦ କୋଟି ଋଷୀୟ ୭ କୋଟି ଜର୍ମାନ ୫ କୋଟି ୭୦ ଲକ୍ଷ ସ୍ପେନୀୟ ୪ କୋଟି ୭୦ ଲକ୍ଷ ।

ଗବର୍ଣ୍ଣମେଣ୍ଟ ବିଦ୍ୟାର କୃଷିଶିକ୍ଷାର୍ଥେ ବିଲାତର ସାଇରଣ-ସେଷ୍ଟାର କଲେଜକୁ ଭାରତବର୍ଷରୁ ଛାତ୍ରମାନେ ପ୍ରେରିତ ହେଉଥିଲେ । କିନ୍ତୁ ଉକ୍ତ ରୀତି ରହିତ ହୋଇଥିବା ପୁନଶ୍ଚ ଚଳିବାର ଶୁଣାଯାଉଅଛି ।

ସନ୍ଥାଲ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ତୁଳସୀଦାସ ମୁଖୋପାଧ୍ୟାୟଙ୍କ ନାମରେ କେତେକ ଗୁରୁତର ଅଭିଯୋଗ ପ୍ରକାଶ କରିଅଛନ୍ତି । କେହି୨ ଦେଶୀୟ ହାକିମ ଅନେକ ସମୟରେ ଅନ୍ୟାୟ କାର୍ଯ୍ୟ କରି ଅପଯଶ ଲାଭ କରୁଛନ୍ତି । ବଡ ଦୁଃଖର ବିଷୟ ।

ଅଭ୍ରାମସିଲମଳାନଙ୍କ ଜଣେ କତ୍ରରୀ ତାହାର ସ୍ତ୍ରୀର ନାକ-କାନ କାଟି ପକାଇଥିବା ଅପରାଧରେ ବୋମ୍ବାଇ କୋର୍ଟରେ କାଟିନ ପରିଶ୍ରମସହ ପାଞ୍ଚବର୍ଷର ଦଣ୍ଡ ପ୍ରାପ୍ତ ହୋଇଅଛି । ଯେମନ୍ତ କାର୍ଯ୍ୟ ତେମନ୍ତ ଫଳ ।

ପ୍ରାତଃସ୍ମରଣୀୟ ତ୍ରିବେଣୀଘାଟର ସବିଶେଷ ବୃତ୍ତାନ୍ତ ଗତବର୍ଷ ପାଠକମାନଙ୍କୁ ଜଣାଇଅଛୁଁ । ଏବର୍ଷ ସେହି ମେଳା ଗତବର୍ଷାପେକ୍ଷା ଅଧିକ ଜନଗହନ ହୋଇଥିଲା । ଶ୍ରୀଯୁକ୍ତ କୋଠଦେଶାଧୀଶ୍ୱର ଧର୍ମବୀର ସାଇଟ୍ଷ୍ଟିର ମାନଧାତା ଜାମା-ତାଙ୍କ ସହ ଉକ୍ତମେଳା ଦର୍ଶନୋପଲକ୍ଷେ ବହୁସମାରୋହେ ବିରାଜମାନ ହୋଇଥିଲେ । ବହୁତ ଜମିଦାର ଓ ଭଦ୍ର-ଲୋକମାନେ ଏ ମେଳାରେ ଉପସ୍ଥିତ ଥିବାର ଦେଖାଗଲା । ଏଥିମଧ୍ୟରୁ ଭୁଙ୍ଗାରପୁର, ଗଡ଼ଜଗପୁର ଓ ଗଣତ୍ୱାର ଜମିଦାର ପ୍ରଧାନ । ଗତବର୍ଷଠାରୁ ଏବର୍ଷ ବ୍ୟବସାୟୀମାନଙ୍କ ସଂଖ୍ୟା ଅଧିକ ଅଟେ । ସୁଖର ବିଷୟ ଯେ ୨ ବର୍ଷହେଲା ମେଳା ପ୍ରାଙ୍ଗଣ କୌଣସି ଗୋଳମାଳ ଦେଖାଯାଇ ନାହିଁ । ଏଥିରୁ ପୁଲିସ ସାବଧାନ ଥିବାର ପ୍ରକାଶ ପାଏ ।

କାବୁଲ ଖଣ୍ଡେ ଅତ୍ୟନ୍ତ ଶୀତ ପଡ଼ିଥିବାର ସମ୍ବାଦ ମିଳଇ । ଜନଗୋଟି ଘାଟିରେ ଏକଫୁଟରୁ ଅଧିକ ବରଫ ଜମା ହୋଇଥିବାରୁ ତାହା ଏକାବେଳକେ ବନ୍ଦ ହୋଇଯାଇ-ଅଛି ।

ଲଜ୍ଥର ସାହେବଙ୍କ ଖିଜମତଗାର ଅପଣା ସ୍ତ୍ରୀର ନାକକାଟିପକାଇଥିବା ବିଷୟ ପାଠକମାନଙ୍କୁ ଜଣାଇ ଅଛୁଁ । ତହିଁରୁ ଅଉ ଏକକାଣ୍ଡ ବାହାରିଅଛି । ମୋକଦ୍ଦମା ତଦନ୍ତ-ସମୟରେ ସ୍ତ୍ରୀ ଅପଣା ଜବାନବନ୍ଦୀରେ କହିଲା ଯେ ସେ ଗୋଟିଏ ଭଙ୍ଗାବୋତଲ ଉପରେ ମୁଁହ ମାଡ଼ି ପଡ଼ିଯିବାରୁ ତାହାର ନାକଟି କଟିଗଲା ମାତ୍ର ଡାକ୍ତରଙ୍କ ଜବାନବନ୍ଦୀରୁ ମୋକଦ୍ଦମା ପ୍ରମାଣ ହେବାରୁ ବିଚାରପତି ଅସାମିକି ମା ୯ ସ କଠିନ ପରିଶ୍ରମସହିତ କାରବାସର ଦଣ୍ଡାଜ୍ଞା କରି ସ୍ତ୍ରୀକି ମିଥ୍ୟା-ସାକ୍ଷ୍ୟ ଦେବା ଅପରାଧରେ ଫୌଜଦାରି ସୁପର୍ଦ୍ଦ କରିଅଛନ୍ତି । ପରିଣାମ ଉଭୟର ସ୍ୱାମିରୁ ଦଣ୍ଡ କହ ଇଚ୍ଛା କରିବାକୁ ଯାଇଁ ସ୍ତ୍ରୀଟି ନାକେ ଟଣା ଓଁଠରେ ପଡ଼ିଲ ।

ଲଣ୍ଡନଠାରୁ ଆସିଥିବା ଗତମାସ ତା ୧୪ ଦିନର ତାରବାର୍ତ୍ତାରୁ ପ୍ରକାଶ ଯେ ଟ୍ରିସ୍ମାନ ନାମକ ଜାହାଜ ଚୀନ ଅନ୍ତକୁ ଯାଉଁ୨ ଷ୍ଟେନ ଉପକୂଳରେ ମାଡ଼ିଯାଇଯାଇଅଛି ।

ଅୟର୍ଲଣ୍ଡବାସୀ ସେନ ପାର୍ଲିଆମେଣ୍ଟ ମେମ୍ବର ଧୃତ ହେବା ବ୍ୟାପାର ଶେଷ ହେବାର ନୁହଇ । ସିଟ୍ର ସାହେବ ଧୃତ ହୋଇ ମା ୭ ସ କାରାବାସଦଣ୍ଡାଜ୍ଞା ପାଇ ଅପିଲ କରି ଜାମିନରେ ମୁକ୍ତ ହୋଇଥିଲେ । ଇତମଧ୍ୟରେ ଅପିଲବିଗ୍ରହ ଶେଷ ନୋହୁଣୁ ପୁଣି ଅନ୍ୟ ଏକ ଗୋହରିର ଅପରାଧରେ ଧୃତ ହୋଇଅଛନ୍ତି । ଓବ୍ରିଏନ ସାହେବଙ୍କ ନାମରେ ୱାରେଣ୍ଟ ବାହାରିବାରେ ସେ ଲୁଚି ରହିଥିଲେ । ଇତମଧ୍ୟରେ ଅନ୍ୟ ଏକସ୍ଥାନରେ ବକ୍ତୃତା କରିବାକାଳରେ ପୁଲିସକର୍ତ୍ତୃକ ଧୃତ ହୋଇଅଛନ୍ତି । କାଇଲ ଏବଂ କଲ୍‌ବ୍ରାଇଡ଼ ସାହେବମାନଙ୍କ ନାମରେ ୱାରେଣ୍ଟ ବାହାରିଅଛି । ଅୟର୍ଲଣ୍ଡୀୟମାନଙ୍କର "ଫ୍ରିମେନ" ପତ୍ରର ଲିଷ୍ଟଉଫୋର୍ଡଶାୟାର ସେକ୍ରେଟରୀ ମଧ୍ୟ ଧୃତ ହୋଇଅଛନ୍ତି ।—କନସରଭେଟିଭମାନେ କାହିଁକି ଯେ ଏତେ ଶାସନର ପକ୍ଷପାତୀ ହୋଇଅଛନ୍ତି ବୁଝା ଯାଉ ନାହିଁ । ଏରୂପରେ କେତେଦିନ ଚଳିପାରିବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-

ସମୀପେଷୁ ।

ମହାଶୟ !

ଓଡ଼ିଶାରେ ଶିକ୍ଷିତଲୋକେ ଆଜି୨ ଅଶି-କ୍ଷିତଲୋକେ ପୁଲିସକର୍ମରେ ନିଯୁକ୍ତ ହେଉ-ଅଛନ୍ତି । ଏହା କେଡ଼େ ଦୁଃଖର ବିଷୟ ଅଟେ । ଦେଖ ଯେଉଁମାନେ କ ଅକ୍ଷର ନାମ ଲେଖି ପାରିବା ଦୂରେ ଥାଉ "ଅଆ"କୁ ସ୍ୱପ୍ନରେ ସୁଦ୍ଧା ଦେଖି ନାହାନ୍ତି ସେମାନେ ଆଜି ପୁଲିସକର୍ମ ପାଉଅଛନ୍ତି ମାତ୍ର ଶିକ୍ଷିତଲୋକେ ଅଦୃଷ୍ଟ ମାତ ରହିଅଛନ୍ତି ଏହା ଶିକ୍ଷିତଲୋକମାନଙ୍କର କେ-ତେଦୂର ଦୁଃଖଦାୟକ ଅଟେ । ପୁଲିସ-ବିଭାଗରେ ଶିକ୍ଷିତଲୋକଙ୍କ ସଂଖ୍ୟା ଅପେକ୍ଷା ଅଶିକ୍ଷିତ ସଂଖ୍ୟା ବହୁପରିମାଣରେ ଥିବା ପ୍ରତ୍ୟକ୍ଷ ଏ ବିଭାଗରେ ସମୟେ୨ ବିଶେଷ ଗୋଳମାଳ ଘଟିଥାଏ ତାହା କେବଳ ସୁଶିକ୍ଷାର ଅଭାବ ବୋଲିଯାଇ ପାରେ ।

ଅସ୍ମମାନଙ୍କ ବିବେଚନାରେ ଏଥିର କର୍ତ୍ତା-ବଧାରକମାନେ ଶୀଘ୍ର ଏ କୁରୀତିକୁ ଉଠାଇ ଇଣ୍ଟ୍ରାନ୍ସ ବା ମାଇନର ଉତ୍ତୀର୍ଣ୍ଣ ସୁଯୋଗ୍ୟ ଲୋକଙ୍କୁ ପୁଲିସକର୍ମରେ ନିଯୋଗକଲେ ଦେ-ଶର ଉନ୍ନତି ହୁଅନ୍ତା ଏବଂ ଅଶିକ୍ଷିତ ଲୋକେ ଶିକ୍ଷାକରିବାକୁ ଇଚ୍ଛୁକ ହୁଅନ୍ତେ ଓ ତାଦୃଶ ଗୋଳମାଳ ଘଟିବାର ଆଶଙ୍କା ନ ଥାନ୍ତା ।

ଅଲ୍ପ ମଧ୍ୟ ଡାକଏଲ୍ଡା ଉଲେଖ ଅଫିସ-ମାନଙ୍କରେ ସ୍ଥାନେ୨ "ଅଧାପାଠୁଆ" ଥିବାର ଦେଖାଯାଏ । ଏମାନେ ଇଂଲିସ ବା ବଙ୍ଗଳା ଲେଖାଥିବା ଚିଠି ପଢ଼ି ନ ପାରି "ଗୋପାଳ" ଚିଠି "ଶ୍ୟାମ" ପାଖକୁ ପଠାଇ ଦଅନ୍ତି । ସୁଶିକ୍ଷିତ ଲୋକ ଥିଲେ ଏପରି କେବେ ଘଟନ୍ତା ନାହିଁ । ଅସ୍ମେମାନେ ଆଶାକରୁଁ ଏଥିର କର୍ତ୍ତାବଧାରକ-ମାନେ ଏ ବିଭାଗରେ ଶିକ୍ଷିତଲୋକ ନିଯୋଗ କରି ଏ ଏଲକାରୁ ଏ କଳଙ୍କ ଶୀଘ୍ର ଦୂରୀ-ଭୂତ କରିବାକୁ ଯତ୍ନବାନ ହେବେ ।

ବଶମ୍ବଦ

ଶ୍ରୀ ନୀଳକଣ୍ଠ ଦାସ ଶର୍ମା

ଚଣାଦହିଁ ।

## ମୂଲ୍ୟ-ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଜମିଦାର ଡ ମାଡ଼ସିହ | ଦଳୁ | ଅଗ୍ରିମ ଟ ୩ ୧ |
| ବାବୁ ଗୋପାଳପ୍ରସାଦ ରାଉ | କେନ୍ଦୁପାଟଣା | „ ଟ ୧୮ |
| ଶ୍ରୀମହନ୍ତରଘୁନନ୍ଦନ ରାମାନୁଜଦାସ ଇମାରମଠ ପୁରୀ | ବକୀୟ ଟ ୫୧ | |
| ଶ୍ରୀ ମହନ୍ତ ପଦ୍ମନାଭ ରାମାନୁଜଦାସ ଭୁବନେଶ୍ୱର | ବଃବ ଅଗ୍ରିମଟ ୧୧ | |
| ବାବୁ କ୍ଷେତ୍ରଗୋପାଳ ମିତ୍ର | କଟକ | „ ଟ ୧ ୬ |

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ।


ଚମତ୍କାର ମହୌଷଧି

ମଦର୍ସ ସିଗଲ ସିରପ ଓ ତହିଁର ପିଲ୍ ଏ ଔଷଧ ବାଇ ଓ ପେଟବଥା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ। ଡାକ୍ତର ସ୍ମିଥ ଷ୍ଟେନିଷ୍ଟ୍ରିଟକୋମ୍ପାନିଙ୍କ ଇସ୍ଥାନ ଆମ୍ଭର ଔଷଧବିକାର ଦୋକାନରେ ବିକ୍ରୟ-ପାଇଁ ମଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକ-ମତେ ତଲପ କଲେ ପାଇ ପାରିବେ।

ମଦର୍ସସିଗଲସିରପ    ସି ୧ ୧ ଟ ୧୷
ପିଲ    ଡା ୧ ୧ ଟ ୧୯

୧୩।୨।୮୯    ଶ୍ରୀ ଅଭୟଚନ୍ଦ୍ରଚକର
କୋମ୍ପାନି


THE GRADUATE'S AND UNDER-GRADUATE'S ASSOCIATION.
PRINTING COMPANY'S HALL.

A paper to be read by Babu Srigopal Bhuttacharya M. A. On Sunday the 17th Instant at 5½ P. M.

Subject.........................Child marriage.

ttack, } Akshoy Kumar Ghose,
2—89. } *Honorary Secretary.*

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତକରାଇ ଯାଉଅଛୁ ଯେ ଆଗାମି ମାର୍ଚ୍ଚମାସ ତା ୧୫-ରିଖଠାରୁ କଟକର ଜେନରଲ ହାସପାତା-ଲ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ... କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା ...ନ୍ତି ତେବେ ସେ ଆଗରୁ ଫିସ୍ ୫ ଟଙ୍କା ...ଲ ସର୍ଜନଙ୍କ ସମୀପରେ ଦାଖଲକରି ଉକ୍ତ ତାରିଖରେ ଜେନରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କଥା ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲାର ଶ୍ରୀଯୁତ ସିଭିଲ ସର୍ଜନଙ୍କ ଅଫିସଠାକୁ ଗଲେ ସକଳ ତତ୍ତ୍ୱ ଅବଗତ ହୋଇପାରିବେ।

E. BOVILL.
୫।୨।୮୯    ସୁପରଣ୍ଟେଣ୍ଡେଣ୍ଟ ଓଡ଼ିଶା
ମେଡିକଲ ସ୍କୁଲ

NOTICE.

Wanted an Overseer for the Cuttack Municipality on a monthly salary of Rs. 50, and Horse allowance Rs. 10. None need apply who is not well acquainted with English and who has not had good practical experience of the P. W. Department Overseer's works.

Applications with copies of testimonials will be received by the undersigned up to the 15th of March, 1889.

D. N. Chakravarti
*Chairman.*

ଏ ପ୍ରଦେଶର ମାନ୍ୟାସ୍ପଦ ରାଜା, ଜମିଦାର-ପ୍ରଭୃତି ପ୍ରାଚୀନବଂଶର ଇତିହାସ ପ୍ରକାଶ କରିବାର ବାସନା କରି, କେତେକ ରାଜା ଏବଂ ଜମିଦାରଙ୍କ ବଂଶର ବିବରଣ ସଂଗ୍ରହ କରିଅଛୁଁ ଯେଉଁ ବିବରଣ ସଂଗୃହୀତ ହୋଇଅଛି କିନ୍ତୁ ରାଜା ଏବଂ ଜମିଦାର ବଂଶର ଯେଉଁମାନେ ବର୍ତ୍ତମାନ ରାଜ୍ୟ ଶାସନ କରୁଅଛନ୍ତି, ସେମାନଙ୍କ ଫଟୋଗ୍ରାଫରୁ, କଲିକତାର ସୁନିପୁଣ ଶିଳ୍ପିମାନଙ୍କଦ୍ୱାରା ପ୍ରତିକୃତି ପ୍ରସ୍ତୁତ କରାଇ ଅଛୁଁ। ଏହି ପ୍ରତିକୃତିମାନ ଇତିହାସ ସହ ପ୍ରକାଶିତ ହେବ। ଓଡ଼ିଶାର ଅବଶିଷ୍ଟ ରାଜା ଏବଂ ଜମିଦାର ବଂଶର ଇତିହାସ ସଂଗୃହୀତ ହେଲେ ମୁଦ୍ରଣକାର୍ଯ୍ୟ ଆରମ୍ଭ କରିବୁଁ। ଅପ୍ରେଲମାସ ୧ ଲା ତାରିଖରୁ ମୁଦ୍ରଣକାର୍ଯ୍ୟାରମ୍ଭ ହେବ। ଯେଉଁ ମହାରାଜା, ରାଜା, ଏବଂ ଜମିଦାର-ମହୋଦୟଗଣ ଏହି ପୁସ୍ତକରେ ସ୍ୱୀୟ ବଂଶର ଇତିହାସ ପ୍ରକାଶ କରିବାକୁ ଅଭିଳାଷ କରନ୍ତି, ଅନୁଗ୍ରହ ପୂର୍ବକ ତାହା ଆମ୍ଭଠାକୁ ପ୍ରେରଣ କଲେ ଅତ୍ୟନ୍ତ ଉପକୃତ ହେବୁଁ। ଉକ୍ତ ବିବରଣ ସହ ସ୍ୱୀୟ ଫଟୋଗ୍ରାଫ ପ୍ରେରଣ କଲେ ତାହା ଖୋଦିତ କରାଇ ପୁସ୍ତକରେ ପ୍ରଦାନ କରିବୁଁ। ଇତି।

ଶ୍ରୀ ସୀତାନାଥ ରାୟ,
ବାଲେଶ୍ୱର।


ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥି ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ। ମୂଲ୍ୟ ୫ ୦। ଡାକମାସୁଲ ୫ ୨ କଟକ ପ୍ରିଣ୍ଟିଂକୋମ୍ପାନି, ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଜମ୍ବେଶ୍ୱରଭାରତୀଙ୍କ ନିକଟରେ ପ୍ରାପ୍ତବ୍ୟ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

ବିଶେଷ ସୁବିଧା।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ। ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜି ଔଷଧ ବିକ୍ରୟ ହୁଅଇ। ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବହୁପ୍ରକାର ଖେଳଣା, ଜଲ-ଗାଡ଼, ଜାମିନ, କୋଟ, ଦେଶୀ ଓ ବିଲାତିଯୋଡ଼ା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ, ବଲ, ତାସ ଇତ୍ୟାଦି ଏବଂ ଅନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ। ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ। ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ। ମୂଲ୍ୟ ଅତ୍ୟନ୍ତ ସୁଲଭ। କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହେବ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ଭୁଲକ କି ନା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କୁ ପ୍ରେରିତ ହେବ। କେବଳ ପଠିତ ସ୍ଥାନକୁ ଭାଲ୍ୟୁପେବଲ୍ ଡାକରେ ପଠାଯାଇ ପାରେ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ। ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ। ତେବେ ଏତିକି ମାତ୍ର କହିପାରୁଁ କି ଆମ୍ଭଙ୍କଠାରୁ ଦ୍ରବ୍ୟାଦି କିଣି କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ଅଳ୍ପ ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ।

Cuttack stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ବହୁଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ


Digitized by srujanika@gmail.com

Split by PDF Splitter



# ମେହରୋଗ ।

ଘ୬୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ରୋଗୀ ଶରୀରବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାୟେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦୁର୍ବଳରେ ପରିଣତ ନ ହେଲେ ଅଚିକିତ୍ସ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପେରଷ୍ଟୋର ନଂ ମ୍ବର ଭବନରେ ସ୍, କେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୲ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟା ବହୁପରିମାଣେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଶୁଜିକ ଇତ୍ୟାଦି କିଛି ମିଶାଇବାର ସମ୍ଭାବନା ନାହିଁ ଆଉ ଯାହାଙ୍କର ବୃହତ୍ କର୍ମ ପାଇଁ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଆମ୍ଭେ ଭିଆଇ ଦେବୁଁ (ଫଳେକ ଘରଡୀସୁରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୨୧।୧।୮୮ }
କଟକ } ଶ୍ରୀ ଅରଜନହୁଦ୍ଦିନ ।

---

# ବାଲିକାଗଜ ।

ଅଳ୍ପଦିନରେ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ତ୍ତବିହାରୀ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଣ୍ଡ ବାଇ ୨ ୧୮ | ଟ ୨ ଏ | ତ ୧୮ ଟ ୦ ୮ |
| ୧୪ ପଣ୍ଡ ,, ,, | ଟ ୨୨ | ,, ଟ ୦ ୬ |
| ୧୨ ପଣ୍ଡ ,, ,, | ଟ ୨୧ | ,, ଟ ୦ ୫ |
| ୨୨ ପଟି ଭବଲଫୁଲଷ୍କେପ୍ ,, | ଟ ୪ | ,, ଟ ୦ ୮ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନଡୋଣୀ ଓ ଜଳଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ ଅନ୍ୟ ଜିନିଷମାନ ଶସ୍ତାଦରରେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଆଉ କେତେକ ଫେନ୍ସି ଜିନିଷରୁ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଲିଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ହଣ୍ଡେଲ ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଦରକାର ହେବେ ଏବଂ ସ୍ତମ୍ଭକୁ ଫି ଶହ ଟ ୦।୧୨ ହିସାବରେ ଭଡ଼ା ଦେଲେ ପାଇପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଖାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ।

ଗଜର ସେପଣା ଓ
ତଳିରେ ପ୍ରତି ରେଶମ ରଙ୍ଗେ ।
ପରେଲସିଡ
ବିଲାତୀ ଜେଡ ଜଡ଼ିବା
ଉପର ଖାପ ଓ ଭୋଜ
ସହିତ ।
ଜୁତା ଅର୍ଥାତ୍ ଜଡ଼ିବା
ଜଡ଼ିବା ଖାଇବ ପେଷ୍ଟ
ନିକ ଓ ଭଲର ।
ପେନସିଲ ଭାସ୍କା ପଥ ।
ଜାଳା ଦ୍ୱାରାରେ ପଠେ
ଖାଇକ ଓ ଲଗାଗା
ରେକର୍ଡ଼ ଦେଇ
ବୈତର ରଙ୍ଗ ।
ଦସନା ଖାବୁଜ ।
ତାଳାଦି ଖାବାର ଖଣ୍ଡ ସେ
ଲୁଗା ପଡ଼ାଇବାର ସୁବିଧା ।
ଅଫୋଲ ରେଲ—ଅର୍ଥାତ୍
ମୁଲଣୀ ତୁଲ୍ୟ ।
ଅଫେଲ ଜୁଶ ।
ଓଁ୍ଆଟର ସ୍ତମ୍ଭ ଗଛା ।
କପଡ଼ି ଅଟ ।
ହୋଲ୍ଡେରାଦି ।
ଖାଲ ଚିମନି ଓ
ଚଉ ପଡ଼ିକ ଓ ଗାଗା
ସଙ୍ଗୀ
ଉତ୍କର୍ଷ ବୁଲୁଫରଙ୍ଗର
ଏକଫଲ ଚୁଡ଼ି
ନେକଲେସ ଉତ୍ତମ ସୁନା
କେମ୍ବଲ ଅଛି
ଏ. ଘୋଷଙ୍କ ସ୍ତନପେଟ
ଭାଗିନ ଓ ଲୁହା ।
ଚଉଗା ଅକରୋଟ
ଏକଳ ଜାଗା ।
ଅଞ୍ଚଳ ସ୍ତମ୍ଭ ପେନସିଲ
ଥାନ୍ ଏ ପେନସିଲକେ
ଲେଖି ଦିଅନ୍ତ ପେଡ
ଲଗ୍ ତଥାଲ ଖେଳ
ପେନସିଲ ଲେଖା ନ
ଯଣେ ହେଉ ତପାଲ
ବେଲୋରିଙ୍ଗ ନନ
ନ ଲାଗେ ।

ପୋର୍ଟଭୁଲ ଓ ପ୍ଲାନର
ହେଷ୍ଟ ଲେଜ ଓ ଭଡ଼
ଭଲେ ଚଲେ
ଦୁକାନ କାଠ ରଖିବା
ଲେଡିକାଡେଲେ ଗଇ
ଓ ଶୁଖିଲେ କଳା
ହେବ ।
ଅଠଳା ଦଳ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ,,
ମୋଟା ଓ ମୋଟାଟେ
ଜଣା ୨ଥ ଜନଜଣଙ୍କ
ଚଉରା ଶାଟିନ କଳା ଓ
ସବୁଜ
ଟେଲେଗ୍ରାଫ ।
ଜଗତ ପାଇବରୋଡ
ଚିଠା
ବେହିଜ ଚେନଲେ ବଡ
ଛାପିବାର ଖାତା
ମମଗାମା
ବେଳ ନୁ ପେନ୍ସିଲ
ଜାରସି ଗାଇ ଓ ଯୋଗ
ଓ ଜଣ
ମଲାସିକାଳି ଓ ଓଡ଼ି
ପାଠ ପାଳଯୋଗ ଓ
ଶାଗୀ ।
ଟ୍ରିଙ୍ଗ ବାକ୍ସ
ଏଣ୍ଟିମୋନ ଅର୍ଥାତ୍ ଉଷା-
ଲିନ ଛପାର ଅକ୍ଷର
ଉପର ବଦଳା ଜମରେ
ଲଗାଇବାର ଲୁଏ ।

# ପିଚଗାର ।

ଏ ଜାଲକୁ ଯେଉଁଠାରେ ଖାଟରେ ଭିତି ଛାଡ଼ିରେ ଜଲାଇ ଦୋଠାରେ ଘାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝି ଅରେ ଲେପିଦେଲେ ମଣ୍ଡିଆ ଓ ଜଳ ଆ ନାହିଁ ।

ବଗିର ଚମଡ଼ା ଓ ଖାଟରେ ଲଗା ଜାଳ ମଧ୍ୟ ଅଛି ।

ଅରିଜନହୁଦ ଦର ନ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପା ଖର୍ଚ୍ଚ ନିଲିଖିତ ରୂପେ ଧାର୍ଯ୍ୟ ହୋଇ ଯଥା ।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦।୨
ଅଷ୍ଟମ୍ଭକୁ ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧

ମାତ୍ର ଯେଉଁଥି ବିଜ୍ଞାପନ ଯେତେ ଖୁଦ ହେଲେ ଛପାଇର ଖର୍ଚ୍ଚ ଟ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ ବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର ୪୪ ଜଣଙ୍କ ବିଜ୍ଞାପନକାରୀ କଟକ ପ୍ରିଣ୍ଟିଂ କମ୍ପାନୀରେ ଗୋରୀଶଙ୍କରଙ୍କ ଦ୍ୱାରା ମୁଦ୍ରିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୬ ଗ ସ ୮ ସଂଖ୍ୟା | ତା ୨୮ ରଖ ମାହେ ଫେବ୍ରୁଆରୀ ୧୮୯୧ ଇଂରାଜୀ । ମୁ । ଫାଲ୍ଗୁନ ଦିନ ୧୪ ବୃଷ ସନ ୧୨୯୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ । ପଶ୍ଚାଦେୟ ଟ ୬


ପ୍ରାୟ ଛଅମାସ ହେଲାରୁ ଗତ ମଙ୍ଗଳବାର ଅପରାହ୍ନକାଳରେ ଘଡ଼ଘଡ଼ି ଓ ବତାସ ସହିତ ... ବୃଷ୍ଟି ହୋଇଥିବାରୁ ଲୋକେ ସମସ୍ତେ ଆନନ୍ଦିତ ...ହୋଇଅଛନ୍ତି ଏବଂ ଅସମୟରେ ଯେପରି ... ବଡ଼ି ଅସୁସ୍ଥଙ୍କ ତାହା କହାଇଣ ନୋହେଁ ଅଛି । ମୋଫସଲରେ ବୃଷ୍ଟିର ପରିମାଣ କିଛି ଅଧିକ ଥିଲା ଏବଂ ରବିଶସ୍ୟର ସୁବିଧା ହୋଇଅଛି । ଅମ୍ଫସଲ ଯାତା ରହିବାର ଏହି ବୃଷ୍ଟିରେ ଉତ୍ତମ ମାନ୍ଦ ରବିର ପରିମାଣ ଜଣାଯାଏ ।

---

ଜଣେ ଭଦ୍ରଲୋକ ମୟୂରଭଞ୍ଜଷ୍ଟେଟ୍ର ଜଜ୍ କାମେଲ୍ ସାହେବଙ୍କ କଚେରୀରେ ହାଜିଥିବା-ହେତୁରୁ ସାହେବ ବାହାଦୁର କୋର୍ଟକାର୍ଯ୍ୟ ବ୍ୟାଘାତ ଓ ଅପମାନ କରିଥିବା ଅପରାଧରେ ତାଙ୍କୁ ଟ ୨ ଙ୍କା ଜରିମାନା ଅଥବା ଜରିମାନା ନ ଦେଲେ ଏକସପ୍ତାହ ବିନାଶ୍ରମ ଶାସ୍ତି ପ୍ରଦାନ-କଲେ । ଭଦ୍ରଲୋକ ଦଣ୍ଡ ଜରିମାନା ଦେଇ ଅବ୍ୟାହତି ପ୍ରାପ୍ତ ହେଲେ । ଏପ୍ରକାର ହାକିମଙ୍କ କୋର୍ଟରେ ମାମଲା ମୋକଦ୍ଦମା ଚଳିବା ବଡ଼-କଠିନ ।

---

କାଟଲଶହର ସିରସ୍ତାଦାର ବାବୁ ଭଗବାନ-ପ୍ରସାଦ ବର୍ମ୍ମଙ୍କ ନାମରେ ପୁରୀ ଫୌଜଦାରୀ-ଅଦାଲତରେ ଯେଉଁ ଦୁର୍ନାମ ରଟାଇବା ମୋକ-ଦ୍ଦମା ହୋଇଥିଲା ତାହା ଗତ ଗୁରୁବାର କଷ୍ଡି ହୋଇଅଛି । ଅସାମି ପ୍ରମାଣ ଦେବାର ଅସୁବିଧା ନିବେଦନାରେ କ୍ଷମାପ୍ରାର୍ଥନା କରିବାର ଦର-ଖାସ୍ତ ଦେବାରୁ ହାକିମପ୍ରତି ଟ ୩୦ ଙ୍କା ଅର୍ଥଦଣ୍ଡ ଓ ମୁଦେଇର ଖର୍ଚ୍ଚା ଟ ୫ ଙ୍କା ଦେବାର ଆଦେଶ ହେଲା । ଏଥିର ସବିଶେଷ ବୃତ୍ତାନ୍ତ ଏ ପତ୍ରେ ପ୍ରକାଶ କରିବାର ଇଚ୍ଛା ରହିଲା ।

---

ସିଂହଭୂମର ପୁଲିସସୁପରିଣ୍ଟେଣ୍ଡେଣ୍ଟ ସ୍ମିଥ୍ ସାହେବ କାବୁଲିବାଲିକା ଗୁପ୍ତ ଅଭିଯୋଗ-ହେତୁରୁ ସସ୍ପେଣ୍ଡ ହୋଇଥିବା ବିଷୟ ପାଠକ-ମାନଙ୍କୁ ଜଣା ଅଛି । ମୋକଦ୍ଦମାରୁ ଅବ୍ୟାହତି ପ୍ରାପ୍ତହେବା ସଙ୍ଗେ ସେ ଇତିମଧ୍ୟରେ କାର୍ଯ୍ୟରୁ ଇସ୍ତଫା ଦାଖଲ କରିଥିଲେ କିନ୍ତୁ ବଙ୍ଗୀୟ-ଛୋଟଲାଟବାହାଦୁର ତାଙ୍କୁ ଡିସ୍ମିସ୍ କରିଥିବାର ସଞ୍ଜୀବନୀ ଶୁଣିଅଛନ୍ତି । ଶାନ୍ତିରକ୍ଷକମାନେ ଶାନ୍ତିଭକ୍ଷକ ହେଲେ ଅନେକ ଉପଦ୍ରବ ଓ ଅଶାନ୍ତି ଉପୁଜିବ ସନ୍ଦେହ ନାହିଁ । କିନ୍ତୁ ଶାନ୍ତିରକ୍ଷକମାନଙ୍କ ଅନ୍ୟାୟକାର୍ଯ୍ୟ ପ୍ରତି ଉପ-ଯୁକ୍ତ କର୍ତ୍ତୃପକ୍ଷଙ୍କର ଉଚିତ ଦୃଷ୍ଟି ହେଲେ ଅଶାନ୍ତି ନିଶ୍ଚୟ ଦୂରୀଭୂତ ହେବ । ଗବର୍ଣ୍ଣମେଣ୍ଟ-ଙ୍କର ଏପ୍ରକାର ଶାସନରେ ପୋଲିସକର୍ମଚାରୀ-ମାନେ ସାବଧାନ ହେବାକୁ ଶିକ୍ଷା କରିବେ ।

---

ଫରିଦପୁର କଲେକ୍ଟରୀରେ ୩୦ ହଜାର ଟଙ୍କା ତହବିଲ ତସରୁଫ ହୋଇ ଥିବାରୁ ଡେପୁ-କଲେକ୍ଟର ଶାରଦାପ୍ରସାଦ ମୁଖୋପାଧ୍ୟାୟ ଓ ଅନ୍ୟ କେତେକ କର୍ମଚାରୀ ସସ୍ପେଣ୍ଡ ହୋଇ ରହନ୍ତୁ ଲାଗିଅଛି । ବେଙ୍ଗଲ ଖବରକାଗଜରେ ଉପ-ରୋକ୍ତ ବିଷୟ ମିଥ୍ୟା ଲେଖା ହୋଇଥିବାର ପ୍ରତିକାରରୁ ଅବଗତ ହେଲୁଁ । କୌଣସି ଜମିଦାରଙ୍କର ଗୁମାସ୍ତା କଲେକ୍ଟରୀର ସାମାନ୍ୟ କର୍ମଚାରୀ ସହିତ ଯୋଗ କରି ଅଧିକ ଟଙ୍କାର ରସିଦ ନେଇ ଅଛନ୍ତି କିନ୍ତୁ ସେତେ ଟଙ୍କା ଜମା ହୋଇ ନାହିଁ । ଏହି କାରଣରୁ ତହବିଲ ଟଙ୍କା କମ୍ ହୋଇଅଛି କିନ୍ତୁ ସେଥିର ପରିମାଣ ୫ ହଜାର ଅପେକ୍ଷା ବେଶି ନୁହେ । ଶାରଦା ବାବୁଙ୍କର କିଛି ଦୋଷ ନ ଥିଲେ ଉଚ୍ଚ-ପଦର ମର୍ଯ୍ୟାଦା ରହିବ ।

---

ଜଣେ ବାଳକ ନାନାନାରାୟଣ ଗତ ଅକ୍ଟୋବରମାସରେ ଦାହୁରଠାରେ ଜନୈକ ପାର୍ସିଙ୍କୁ ହତ୍ୟାକରିଥିବା ଅପରାଧରେ ଫାଶିଦଣ୍ଡ ହୁକୁମ ହୋଇଥିଲା । ଏ ଅପରାଧର କୌଣସି ସାକ୍ଷାତ ପ୍ରମାଣ ନ ଥିଲା ଓ ଏପ୍ରକାର ନୃଶଂସ କାର୍ଯ୍ୟ ଜଣେ ବାଳକଦ୍ୱାରା ଏକା ସମ୍ପାଦିତ ହୋଇଥିବାର ବିଶ୍ୱାସ ହୋଇ ନ ଥିଲା । ବର୍ତ୍ତମାନ ସେ ପୋଲିସ ନିକଟରେ ସ୍ୱୀକାର କରୁଅଛି ଯେ ଏହି ଭୟାବହ ପାଷଣ୍ଡ-କାର୍ଯ୍ୟ ସମ୍ପନ୍ନ କରିବାକୁ ବିନାସାହାଯ୍ୟରେ ସେ ସମର୍ଥ ହୋଇଥିଲା । ତାହାର ଅନ୍ୟ କେହି ସଙ୍ଗୀ ନାହିଁ ତାଙ୍କଦ୍ରବ୍ୟ ଲୁଟିକରି ନେବା ଅଭିପ୍ରା-

Digitized by srujanika@gmail.com

Split by PDF Splitter



ଯୁରେ ଉକ୍ତ କାର୍ଯ୍ୟ କରିଥିଲା କିନ୍ତୁ କେବଳ ଗୋଟିଏ ଟଙ୍କାର ଦ୍ରବ୍ୟ ପାଇଲା । ଏହି ଘଟଣା କହେ ଯେ ଏହି ପଇସାର ଏଡ଼େ ଦରିଦ୍ର ବୋଲି ମୁଁ ଜାଣିଥିଲେ ଏପରି ଟଙ୍କାର ନିମନ୍ତେ ଏହି ଘଟଣା ଲୋକଙ୍କୁ କେବେ ହତ୍ୟା କରି ନ ଥାନ୍ତି ।

---

ପାରିସଠାରୁ ଆସିଥିବା ଗତମାସ ତା ୧୦ ତାରିଖର ତାଡ଼ିତସମ୍ବାଦରୁ ପ୍ରକାଶ ଯେ ମହାରାଜା ଦଲୀପସିଂହ ବର୍ତ୍ତମାନ ଭାରତୀୟ ରାଜା ଓ ପ୍ରଜାବର୍ଗଙ୍କ ନାମରେ ଏକ ବିଜ୍ଞାପନ ଜାରି କରିଅଛନ୍ତି । ସେ ଲେଖିଅଛନ୍ତି ଯେ ଭାରତରୁ ଇଂରାଜଶାସନ ଉଠାଇ ଦେବା କାରଣ ସେନାସଂଗଠନ କରିବାକୁ ସେ ବର୍ତ୍ତମାନ ୟୁରୋପ ଏବଂ ଆମେରିକାରେ ଅନେକଲୋକ ପାଇ ପାରିବେ । ମାତ୍ର ଯୁଦ୍ଧ-ବ୍ୟୟ ନିର୍ବାହାର୍ଥ ଶତ-ନିଯୁତ ପାଉଣ୍ଡ ଆବଶ୍ୟକ ହେବ ଏବଂ ପଞ୍ଜାବୀ-ଛଡ଼ା ଇଂରାଜଙ୍କ ଅଧୀନସ୍ଥ ଅଇର୍ଲଣ୍ଡୀୟ ସେନା ଏ ଯୁଦ୍ଧରେ ଯୋଗ ଦେବେ । ଷ୍ଟାଣ୍ଡର୍ଡ଼ନାମକ ପତ୍ରିକାର ବିଶେଷ ସମ୍ବାଦଦାତାଙ୍କ ସଙ୍ଗେ ତାଙ୍କର ସାକ୍ଷାତ ହେବାରୁ ସେ କହିଲେ ଯେ ଇଂରାଜଙ୍କ ବିରୁଦ୍ଧରେ ଭାରତୀୟ ରାଜାଙ୍କ ମଧ୍ୟରୁ ଶତକଡ଼ା ୫୦ ଜଣ ବିଦ୍ରୋହ କରିବାକୁ ପ୍ରସ୍ତୁତ ଅଛନ୍ତି ।—ଦଲୀପସିଂହ କ୍ରମେ ପାଗଳ ହୋଇ ଯାଉଥିବେ ନୋହିଲେ ସେ ସ୍ୱପ୍ନ ଦେଖୁଅଛନ୍ତି ।

---

ଗତ ସପ୍ତାହରେ ବି ଏ, ଏଫ୍ ଏ ଓ ଏଣ୍ଟ୍ରେନ୍ସ ପରୀକ୍ଷା ଗୃହୀତ ହୋଇଥିଲା । କେବଳ ବାଲେଶ୍ୱର, ଜଗତସିଂହପୁର ଓ ଲକ୍ଷ୍ମଣନାଥ ସ୍କୁଲର ଛାତ୍ରଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍କୁଲର ଛାତ୍ରମାନେ ଏଠା-ରେଭେନ୍ସା କଲେଜରେ ପରୀକ୍ଷା ପ୍ରଦାନ କରିବା ସକାଶେ ଉପସ୍ଥିତ ହୋଇଥିଲେ । ଏଠା ବିଏ-ପରୀକ୍ଷାର୍ଥୀ ଛାତ୍ରମାନଙ୍କ ମଧ୍ୟରୁ ଦୁଇ-ଜଣ ଇଂରାଜୀସାହିତ୍ୟର ପରୀକ୍ଷା ପ୍ରଦାନ କରି ଅନ୍ୟବିଷୟର ପରୀକ୍ଷା ଦେବାକୁ ଉପସ୍ଥିତ ହେଲେ ନାହିଁ ଉକ୍ତ ବିଷୟରେ ଉତ୍ତମରୂପେ ଲେଖି ନ ଥିବାରୁ ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଅସମ୍ଭବ ଜାଣି ପରୀକ୍ଷାସ୍ଥଳରେ ଅନୁପସ୍ଥିତ ହୋଇଥିବେ ।

କେନ୍ଦ୍ରାପଡ଼ା ସ୍କୁଲର ଦୁଇଗୋଟି ଏଣ୍ଟ୍ରେନ୍ସ ପରୀକ୍ଷାର୍ଥୀ ସମୁଦ୍ରପରୀକ୍ଷା ଦିବସ ବହୁ ବିଳମ୍ବରେ ପରୀକ୍ଷାସ୍ଥଳରେ ଉପସ୍ଥିତ ହେବାରୁ ସଭାଲର୍ଡ଼ଙ୍କ ପରୀକ୍ଷା ପ୍ରଦାନରୁ ବଞ୍ଚିତ ହୋଇଅଛନ୍ତି । ଠିକ୍ ସମୟରେ ଉପସ୍ଥିତ ନ ହେଲେ ପରୀକ୍ଷାରେ ଗୃହୀତ ହେବେ ନାହିଁ ଏହା ବାଳକମାନେ ବିଶେଷରୂପେ ଜ୍ଞାତ ହୋଇ ମଧ୍ୟ ବିଳମ୍ବରେ ଉପସ୍ଥିତ ହୋଇ ନିଜର ଅମଙ୍ଗଳ ନିଜେ ଉତ୍ପାଦନ କରୁଅଛନ୍ତି । ଏଫ୍, ଏ ପରୀକ୍ଷାର ସାହିତ୍ୟକାଗଜରେ ଗୋଟିଏ ପ୍ରଶ୍ନ କଥଣ କରିବାକୁ ହେବ ବହୁ ଉଲ୍ଲେଖ ନ ଥିଲା ପରୀକ୍ଷାର୍ଥୀମାନେ ଉକ୍ତ ପ୍ରଶ୍ନର ନମ୍ବର ବିନା ଉତ୍ତରରେ ସୁଦ୍ଧା ପ୍ରାପ୍ତ ହେବେ ବୋଧହୁଏ ।

---

ପ୍ରାୟ ମାସେ ହେଲା ହେବ ହିନ୍ଦୋଳ ରାଜାଙ୍କର ଅମାଳ ତାର ସହସ୍ର ଟଙ୍କାର ଜିନିଷ ଚୋରି ଯାଇଥିଲା । ଯେ ବ୍ୟକ୍ତି ଚୋରକୁ ଧରି ଦେବ ରାଜା ମହୋଦୟ ତାକୁ ଟ ୨୦୦ ଙ୍କା ପୁରସ୍କାର ପ୍ରଦାନ କରିବାକୁ ପ୍ରତିଶ୍ରୁତ ହୋଇ ଥିଲେ । ଗଡ଼ଜାତର ସମସ୍ତ ରାଜା ଓ ମ୍ୟାନେ-ଜରମାନଙ୍କ ନିକଟକୁ ଚୋରି ଓ ପୁରସ୍କାରର ସମ୍ବାଦ ପ୍ରେରିତ ହୋଇଥିଲା । ରାଜା ଓ ମ୍ୟାନେଜରମାନେ ସ୍ୱ ସ୍ୱ ପୁଲିସ କର୍ମଚାରୀମାନଙ୍କୁ ସବିଶେଷ ଜ୍ଞାତ କରାଇଥିଲେ । ଚୋରମାନେ ବର୍ତ୍ତମାନ ଧୃତ ହୋଇଥିବାର ସମ୍ବାଦ ମିଳିଅଛି ଢେଙ୍କାନାଳର ମ୍ୟାନେଜର ବାବୁ ସୁଦାମଚନ୍ଦ୍ର ନାୟକ ଓ ନାବାଳକର ଅଭିଭାବକ ବାବୁ ବନମାଳୀ ସିଂହ କୌଣସି ସୂତ୍ରରୁ ଚୋରମାନେ ଗଡ଼ର ଦୁଇ ତିନି କୋଶ ଅନ୍ତର ବଡ଼ବାଙ୍କ-ରେ ଥିବାର ଅନୁସନ୍ଧାନ ପାଇ ଚରଦ୍ୱାରା ସେମାନଙ୍କ ବିଷୟ ଜାଣି ମ୍ୟାନେଜର ବାବୁ ସେଠା ପୋଲିସ କର୍ମଚାରୀ ବାବୁ ଅଦ୍ୱୈତଚରଣ ଦାସଙ୍କୁ ତଦାରଖ କରିବା ଭାର ଅର୍ପଣ କଲେ । ଅଦ୍ୱୈତବାବୁ ପୂର୍ବରୁ ଏତଦ୍ବିଷୟର ବହୁ ସଙ୍କେତ ପ୍ରାପ୍ତ ହୋଇଥିବାରୁ ସତର୍କ ଭାବରେ ଦୁଇଜଣ ଚୋରଙ୍କୁ ଗିରଫ୍ତାର କରିଛନ୍ତି । ବର୍ତ୍ତମାନ ସେମାନଙ୍କ ନିକଟରୁ ଚୋରା ପାଞ୍ଚ ସହସ୍ର ଟଙ୍କାର ପଦାର୍ଥ ବାହାରିଅଛି । ସେମାନଙ୍କର ପ୍ରଧାନ ଚୋର ପଳାୟନ କରିଅଛି । ତାହାର ଘର ହିନ୍ଦୋଳ ଗଡ଼ରେ ବୋଲି ଶୁଣା ଯାଉଅଛି । ସେ ଏହି ଦୁଇଜଣ ଚୋରଙ୍କର ବାନ୍ଧବ ଅଟେ । ତାହାର ନାମରେ ହୁଲିଆ ଜାରି କଲେ ଉତ୍ତମ ହେବ । ବୋଧ ହୁଏ ସୁଦାମବାବୁ ଏଥିର କୌଣସି ଉପାୟ ଅବଲମ୍ବନ କରିଥିବେ । ଆମ୍ଭେମାନେ ଆଶା କରୁଁ ହିନ୍ଦୋଳ ରାଜା, ମ୍ୟାନେଜର ବାବୁ ସୁଦାମଚନ୍ଦ୍ର-ନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିବେ ଓ ପ୍ରତିଶ୍ରୁତ ପୁରସ୍କୃତ ଟଙ୍କା ତାହାଙ୍କ ନିକଟକୁ ପଠାଇବେ ଯେ ସେ ଏ ଟଙ୍କା ଏହି ପୋଲିସ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିବେ ।

---

ଜଗତସିଂହପୁରରୁ ଜଣେ ପତ୍ରପ୍ରେରକ ଓଡ଼ିଆ ଓ ନବସମ୍ବାଦରେ ପ୍ରକାଶ କରିଅଛନ୍ତି କି ସେ ଅଞ୍ଚଳର କୋଷ୍ଟକେନାଲରେ କଟକ ଯାଉଥିବା କାରଣ ଏକପଇସା ଲେଖାଏଁ ମାସୁଲ ବଢ଼ିବାରୁ ସେମାନଙ୍କର କଷ୍ଟ ହେଉଅଛି । ବର୍ତ୍ତମାନର ଅନ୍ନକଷ୍ଟ ସମୟରେ ଲୋକେ ଅନେକ ବନ୍ଦରରୁ ଧାନ ଲଦି ଆଣୁଅଛନ୍ତି ଏବଂ ପ୍ରତିଦିନ ଏକ ୨ ଲୋକର ବଳଦ-ମାନଙ୍କୁ ଦୁଇଗୁଣ ଅଧିକ ପାର କରିବାର ଆବଶ୍ୟକ ହେଉଅଛି । ମନୁଷ୍ୟମାନେ ସର୍ବଦା ଉପରେ ବିଲାଶଗଡ଼ରେ ପାର ହେଉଅଛନ୍ତି କିନ୍ତୁ ବଳଦ ସବୁର ପାରହେଉଥିବା ପ୍ରତ୍ୟେକ ଗୋଟି ପାଇଁ ମାସୁଲ ପଡ଼ୁଅଛି । ଏହି ମାସୁଲରୁ ଅବ୍ୟାହତି ପାଇବା କାରଣ ପତ୍ରପ୍ରେରକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି । ସହଯୋଗୀ ଓଡ଼ିଆ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁ ଏପରି ମାସୁଲ ବସାଇବା ଅନ୍ୟାୟ ବୋଲି କହିଅଛନ୍ତି ମାତ୍ର ପ୍ରକୃତରେ ସରକାର ଏ ମାସୁଲ ବସାଇଅଛନ୍ତି କି କେହି ପ୍ରତାରଣା ପୂର୍ବକ ନେଉଅଛି ତାହା ଜାଣିନାହାନ୍ତି । କୋଷ୍ଟକେନାଲର ଚାର୍ଜ୍ଜମାଷ୍ଟ୍ରୀ ମହାଶୟ ବାଲେଶ୍ୱରରେ ଥିବା ପ୍ରତ୍ୟେକ ସହଯୋଗୀ ଟିକିଏ ଚେଷ୍ଟା କରିଥିଲେ ପ୍ରକୃତକଥା ଜାଣିପାରନ୍ତେ ଓ ସର୍ବସାଧାରଣଙ୍କୁ ତାହା ଜଣାଇଦେଲେ ଏବିଷୟରେ ଉଚ୍ଚବାଚ୍ୟ ରହନ୍ତା ନାହିଁ । ଯାହା ହେଉ ଏହି ମାସୁଲକୁ ଉଠାଇଦେବା ଏବଂ ହାଟ ବଜାରମାନଙ୍କରେ ସେଥିର ଘୋଷଣା ହେବା ବିଷୟରେ ସହଯୋଗୀ ଗବର୍ଣ୍ଣମେଣ୍ଟଙ୍କୁ ଯାହା ପ୍ରାର୍ଥନା କରିଅଛନ୍ତି ଆମ୍ଭେମାନେ ତହିଁରେ ସମ୍ପୂର୍ଣ୍ଣ ଐକ୍ୟ ଅଟୁଁ ଏବଂ ଭରସା କରୁଁ ଗବର୍ଣ୍ଣମେଣ୍ଟ ଶୀଘ୍ର ଏଥିର ସୁବନ୍ଦୋବସ୍ତ କରିବେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ସରକାରୀ ଗେଜେଟରେ ବିଜ୍ଞାପନ ଦିଆଯାଇ ନାହିଁ, ହାଟରେ ଢୋଲ-ପିଟା ମରାଯାଇ ନାହିଁ ଅଥବା କୌଣସିରୂପେ ବିଜ୍ଞାପନ ପ୍ରଚାରଦ୍ୱାରା ଲୋକଙ୍କୁ ଜଣାଇଦିଆ-ଯାଇ ନାହିଁ ଅଥଚ ସତ୍ୱରରେ ବନ୍ଦବସ୍ତ ଏକପଇସା ଲେଖାଏଁ ଗ୍ରାମବାସୀମାନଙ୍କଠାରୁ

Digitized by srujanika@gmail.com

ମାପ୍ତ କରାଯାଉଅଛି । କଲେଜରେ ପଢନ୍ତି ଯେଉଁମାନେ ଯିବାଆସିବା କରନ୍ତି ସେମାନଙ୍କ ସକାଶେ ଲେଣାଦରର ହାତ୍ନୁ ଟାର୍ଯ୍ୟ ଅଛି କେନ୍ତୁ କଲେଜ ସକାଶେ ମାତ୍ର ସୁଭା ହୋଇ ନାହିଁ । ଏସବୁ ଘଟଣାରୁ ବୁଝା ଯାଉଅଛି ଯେ ସ୍କୁଲ କଲେଜମାନ ଅଛି । ଆମ୍ଭେମାନେ ଆଶା କରୁଁ ଜ ସ୍ତ୍ରୀଜାତୀୟ ବାଳକମାନଙ୍କ ଜାତିଧାରରେ ଏକଥା ଅସିବାରେ ବିଳମ୍ବ ହେବ ନାହିଁ ।

---

## ବାଲ୍ୟବିବାହ ।

ଗତ ରବିବାର ଅପରାହ୍ନ ସମୟରେ ଏଠାକାର ଓ ଉଚ୍ଚ ଉପାଧିଧାରୀ ଶିକ୍ଷିତ ଯୁବକମାନଙ୍କ ସଭାର ଅଧିବେଶନ ହୋଇଥିଲା । ବାଲ୍ୟବିବାହ ସମ୍ବନ୍ଧରେ ପ୍ରବନ୍ଧ ପଠିତ ହୋଇଥିଲା । ଲେଖକ ଏ ପ୍ରଥାର ସପକ୍ଷ ଓ ବିପକ୍ଷରେ ଯୁକ୍ତିମାନ ଦେଖାଇଥିଲେ ଏବଂ ଶେଷରୁ ତାହାଙ୍କ ମତ ସପକ୍ଷରେ ଥିବାର ଜଣାଗଲା । ବାଲ୍ୟବିବାହ ଏତଦ୍ଦେଶରେ ବ୍ରାହ୍ମଣ ଓ ବଙ୍ଗୀୟ କାୟସ୍ଥଙ୍କ ମଧ୍ୟରେ ବିଶେଷ ପ୍ରଚଳିତ । ପୂର୍ବରେ ଯେପରି ପାଞ୍ଚବର୍ଷ ବାଳକ ଓ ଦଶବର୍ଷ ବାଳକ ଅବା ସ୍ତନନ୍ଧୟୀ କନ୍ୟା ଓ ପୁତ୍ର ମଧ୍ୟରେ ବିବାହ ହେଉଥିଲା ଅବା ହେବାର ଶୁଣା ଯାଉଥିଲା ତାହା ବର୍ତ୍ତମାନ ପ୍ରଚଳିତ ହେଉ ନାହିଁ । ପୂର୍ବରେ କୁଳୀନମାନେ କୁଳରକ୍ଷାର୍ଥେ ଯେତେ ଶୀଘ୍ର ବିବାହ ଦେବାକୁ ବ୍ୟସ୍ତ ହେଉଥିଲେ ବର୍ତ୍ତମାନ ସେପରି ନାହିଁ । ବର୍ତ୍ତମାନ ସମୟରେ କନ୍ୟାକର୍ତ୍ତାମାନେ ସୁଶିକ୍ଷିତ ପାତ୍ର ଅନ୍ବେଷଣ କରୁଛନ୍ତି ଓ ଶିକ୍ଷିତପାତ୍ର ଦଶବାର ବର୍ଷ ଅବା ଷୋଳ ବର୍ଷରେ ମଧ୍ୟ ମିଳଇ ନାହିଁ । ପ୍ରଚଳିତ ଶିକ୍ଷା ପ୍ରଣାଳୀ ଯାବତ୍ ବାଇଶ ତେଇଶ ବର୍ଷରେ ଶିକ୍ଷା ସମାପ୍ତି ଅର୍ଥାତ୍ ବିଦ୍ୟାଳୟ ତ୍ୟାଗ କରିବାକୁ ହେବ । ବିଦ୍ୟାଳୟ ପରିତ୍ୟାଗ ଉତ୍ତାରେ ଅଥବା ବରଂ ଦୁଇବର୍ଷ ପୂର୍ବରୁ ଶିକ୍ଷିତଯୁବକର ବିବାହ ହେବ । ଇତ୍ୟାଦିରେ କିଛି ହେଉଅଛି । ଏପ୍ରକାର ଯୁବକର କନ୍ୟାର ବୟସ ପାଞ୍ଚସାତ ବର୍ଷ ହେଲେ ବିବାହ ଅସ୍ବନର ଘଟିବ ସୁତରାଂ କନ୍ୟାକର୍ତ୍ତାମାନେ ଦଶବାର ବର୍ଷ ଓ ସ୍ଥାନେ ତେର ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି । ଏହି ନିୟମ କାଳଗତିରେ ଶିଥିଳ ହେଉଅଛି ଓ ହେବ । କୁଳୀନମାନେ କୁଳରକ୍ଷା ସକାଶେ ବ୍ୟସ୍ତ ହେଉଥିଲେ କିନ୍ତୁ ଶିକ୍ଷା ଏବେ କୁଳୀନୀୟ କ୍ଷୀଣ ହେଉଅଛି । ଶିକ୍ଷିତ ଯୁବକଙ୍କୁ ଅପେକ୍ଷା କରିବାକୁ ହେଲେ କନ୍ୟାର ବୟସ ବଢିବ ଏଥିରେ କୌଣସି ସନ୍ଦେହ ନାହିଁ ସୁତରାଂ ବାଲ୍ୟବିବାହ ଭଲ କି ମନ୍ଦ ଏ କଥା ତର୍କ କରିବାର ପ୍ରୟୋଜନ ନାହିଁ । ଫଳତଃ ସଭାପତି ବାବୁ ମଧୁସୂଦନ ଦାସ ସଭାର କାର୍ଯ୍ୟ ଶେଷ ସମୟରେ ଯେଉଁ ଉପଦେଶ ଦେଲେ ତାହା ସମସ୍ତଙ୍କ ବିବେଚନା କରିବା କାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ ସେ ଯଥାର୍ଥ କହିଲେ ଯେ ବାଲ୍ୟବିବାହ ଉତ୍ତମ ମାତ୍ର ଯେଉଁ କାରଣରୁ ଭଲ ତାହା ସଫଳ କରିବା ପକ୍ଷରେ ସମସ୍ତଙ୍କର ଯତ୍ନବାନ୍ ହେବା ଉଚିତ ଅତ ଯେଉଁ ବ୍ୟକ୍ତି ବିବାହର ପ୍ରଧାନ ଦାୟୀ ଅର୍ଥାତ୍ ପୁତ୍ରକନ୍ୟାମାନଙ୍କ ପାଳନ ଏବଂ ଶିକ୍ଷା ଦେବା ଯାହା ସେହିମାନେ ବିବାହ କରିବାକୁ ସନ୍ତାନ ସ୍ନେହମାନଙ୍କର ବିବାହ କରିବା କର୍ତ୍ତବ୍ୟ ସ୍ତ୍ରୀ ପୁତ୍ରଙ୍କୁ ଯଥା ବିଧିରେ ପାଳିବାର ସଙ୍ଗତି ହେବା ପୂର୍ବରୁ କେବଳ ବାଲ୍ୟବିବାହ ଭଲ ବୋଲି ତାହା କରିବାର ଉଚିତ ନୁହଇ ଓ ବିବାହ ନାମରେ ପୁତ୍ର କନ୍ୟା ବିକ୍ରୟ ଓ ବରର ଯେଉଁ ଜଘନ୍ୟ ପ୍ରଥା ବର୍ତ୍ତମାନ ବିଶେଷ ପ୍ରଚଳିତ ହୋଇଅଛି ଏବଂ ଯଦ୍ଦ୍ବାରା ପବିତ୍ର ବିବାହ ପ୍ରଥାଟି ହାଟ ବଜାରର ବ୍ୟବସାୟ ହୋଇଅଛି ତାହା ନିବାରଣ କରିବା ଶିକ୍ଷିତ ଲୋକଙ୍କର ପ୍ରଥମ କର୍ତ୍ତବ୍ୟ ହୋଇଅଛି ଓ ଏହି କର୍ତ୍ତବ୍ୟପ୍ରତି ସମସ୍ତଙ୍କର ବିଶେଷ ଦୃଷ୍ଟି ରଖିବାର ଉଚିତ ।

---

## ବଙ୍ଗଳାର ଲବଣବ୍ୟବସାୟ ।

ମାନ୍ଦ୍ରାଜମେଲ ସମ୍ବାଦପତ୍ରରେ ଲେଖାଅଛି ଯେ ହାଲିଉଲସନ କମ୍ପାନୀ ବଙ୍ଗଳାର ଲବଣ ସହିତ ପ୍ରତିଯୋଗିତା କରିବା ଉଦ୍ଦେଶ୍ୟରେ କୋକନଦାଠାରେ ଲବଣ ପ୍ରସ୍ତୁତ କରିବାର ଏକ କାରଖାନା ବା ଅଡ୍ଡା ବସାଇବା ଏବଂ ଉକ୍ତ ଲବଣ କଲିକତାକୁ ପଠାଇବା ବିଷୟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅବେଦନ କରିବାରେ ତାହା ମଞ୍ଜୁର ହୋଇଅଛି । ଉକ୍ତ କମ୍ପାନୀ ଏହି ସମସ୍ତ କାର୍ଯ୍ୟ ସକାଶେ ଏକଖଣ୍ଡ ବିସ୍ତୀର୍ଣ୍ଣ ନାରଯୁକ୍ତ ଭୂମି ପଟ୍ଟା ନେଇଅଛନ୍ତି ଏବଂ ୨୦ ବର୍ଷ ଭିତରୁ ନୂଆପଟ୍ଟା ନେବାର ବନ୍ଦୋବସ୍ତ ହୋଇଅଛି ।

ଇଂରାଜମାନଙ୍କର ବ୍ୟବସାୟବୃତ୍ତି କେମନ୍ତ ତୀକ୍ଷ୍ଣବୁଦ୍ଧି ପାଠକମାନେ ଏଥିରୁ ଅନୁଭବ କରିବେ । ବହୁକାଳପୂର୍ବେ ବଙ୍ଗଦେଶର ଉପକୂଳସ୍ଥିତ ହିଜଳୀ କାନ୍ଥି ବାଲେଶ୍ବର କଟକ ପ୍ରଭୃତି ସ୍ଥାନମାନଙ୍କରୁ ପଙ୍କାଲୁଣ ପ୍ରସ୍ତୁତ ହୋଇ କଲିକତାକୁ ପଠାଯାଉଥିଲା ଏବଂ ସେହି ଲବଣ ବଙ୍ଗଦେଶର ଅଧିକାଂଶ ସ୍ଥଳରେ ବ୍ୟବହୃତ ହେଉଥିଲା । ଏହିସବୁ ଉପକୂଳରୁ କଲିକତାକୁ ଲବଣ ଚାଲାଣ କାର୍ଯ୍ୟରେ ବାଲେଶ୍ବରର ମହାଜନମାନେ ବିଶେଷରୂପେ ନିଯୁକ୍ତ ଥାଇ ଉତ୍କୃଷ୍ଟ ଲାଭବାନ୍ ହୋଇଥିଲେ ଏବଂ ବାଲେଶ୍ବର ବନ୍ଦରରେ ସମୁଦ୍ରଗାମୀ ବୋଇତ ବା ସ୍ଲୁପର ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଥିଲା । ସରକାରୀ ଲୁଣ ପୋକ୍ତାନ ଉଠିଯିବା ଏବଂ କଲିକତାକୁ ବିଲାତିଲବଣ ଅମଦାନୀ ହେବାର କ୍ରମାଗତ ବୃଦ୍ଧି ହେବାରୁ ବାଲେଶ୍ବରର ଉକ୍ତ ବ୍ୟବସାୟ ଏକାବେଳକେ ବନ୍ଦ ହୋଇଅଛି । ମହାଜନମାନେ ଧନଶୂନ୍ୟ ଅବନତିକୁ ଯାଉଅଛନ୍ତି ଏବଂ ବାଲେଶ୍ବରବନ୍ଦରର ସ୍ଲୁପମାନ ଭାଙ୍ଗିଯାଇ କାଳ ହେଉଅଛି । ଦେଶୀୟ ମହାଜନଙ୍କର ଯେବେ ବିଷୟବୁଦ୍ଧି ଓ ସାହସ କିଛିମାତ୍ର ଥାନ୍ତା ଏବଂ ସ୍ବଦେଶର ଅବସ୍ଥା ବୁଝିପାରି ସତର୍କ ହେଉଥାନ୍ତେ ତେବେ ସେମାନେ ଆପଣାର ଗୋଟିଏ ବ୍ୟବସାୟ ପରକୁ ଦେଇ ନ ଥାନ୍ତେ କିମ୍ବା ଯାହା ଆପଣାଦେଶରେ ପ୍ରଚୁର ପରିମାଣରେ ଉତ୍ପନ୍ନ ହୋଇପାରେ ତହିଁ ପାଇଁ ବିଦେଶକୁ ଚାହିଁ ବସନ୍ତେ ନାହିଁ । ପଙ୍କାଲୁଣର କାରବାର ଉଠିଗଲା ସୁତରାଂ ମହାଜନମାନେ ହତାଶ ହୋଇ ବସିଲେ । ଉଲ୍ଲୁଣ ପ୍ରସ୍ତୁତ ଓ ରପ୍ତାନି ବିଷୟରେ କ୍ରମାଗତ ଚେଷ୍ଟା ଓ ଯତ୍ନ କରୁଥିଲେ ଏପରି ହୋଇ ନ ଥାନ୍ତା ଅଥବା ମାନ୍ଦ୍ରାଜରୁ ଲୁଣ ଆଣି ବିକ୍ରୟ କରିବାକୁ କେହି ସାହସୀ ହୋଇଥାନ୍ତେ ମାନ୍ଦ୍ରାଜିଲୁଣ ବଙ୍ଗଳାରେ ଚଳିବ ନାହିଁ ମନେ କରି ସେମାନେ ନିଶ୍ଚିନ୍ତ ରହିଲେ କିନ୍ତୁ ଏତେବେଳେ ଏକ ଇଂରାଜ କମ୍ପାନୀ ମାନ୍ଦ୍ରାଜିଲୁଣ ବଙ୍ଗଳାରେ ବିକ୍ରୟ କରିବାର ବ୍ୟବସାୟ ଆରମ୍ଭିଅଛନ୍ତି ଏବଂ କଲିକତାଲୁଣର ଏକଚାଟିଆ କାରବାର ସମୟରେ ଉକ୍ତ କମ୍ପାନୀ ପ୍ରତିଯୋଗିତାରେ ପ୍ରବୃତ୍ତ ହେବାରୁ ଅନୁମାନ ହେଉଅଛି ଯେ ସଫଳକାମ ହେବାର ଆଶା ଦେଖି ଏହା କରୁଅଛନ୍ତି । ଯେବେ ସେହି ଆଶା ପୂର୍ଣ୍ଣ ହେବ ତେବେ ପୁଣି ବଙ୍ଗଳାରେ ଦେଶୀୟ ଲବଣର କାରବାର ବୃଦ୍ଧି ହେବ ମାତ୍ର ଏ ବ୍ୟବସାୟଟି ଇଂରାଜ କମ୍ପାନୀଙ୍କ ହସ୍ତଗତ ହୋଇଥିବାରୁ ଦେଶୀୟ ମହାଜନମାନେ ତଦ୍ଦ୍ୱାରା ଲାଭବାନ୍ ହୋଇପାରିବେ ନାହିଁ । ସ୍ବଦେଶରେ ଧନାଗମଉପାୟର ଅଭାବ ନାହିଁ କେବଳ ଅନୁ-

Split by PDF Splitter

Digitized by srujanika@gmail.com

Split by PDF Splitter

66



ମାନଙ୍କର ବିଷୟବୁଦ୍ଧି ସାହସ ଓ ଅଧ୍ୟବସାୟ ନ ଥିବାରୁ ଅମ୍ଭେମାନେ ଦରିଦ୍ରତାକୁ ଭଜୁଅଛୁଁ । ଦେଶରେ ବିଦ୍ୟାଶିକ୍ଷାର ବୃଦ୍ଧି ହେଉଅଛି ବୋଲି ଅମ୍ଭେମାନେ ଗର୍ବ କରୁଅଛୁଁ କିନ୍ତୁ ସେ ଶିକ୍ଷାରେ କି ପ୍ରୟୋଜନ ଯଦ୍ଦ୍ୱାରା ଅମ୍ଭେମାନେ ଆପଣା ବୈଷୟିକ ଅବସ୍ଥାର ଉନ୍ନତି କରିବାକୁ ସକ୍ଷମ ହେଉ ନାହୁଁ ? ଏ ଦେଶୀୟ ଶିକ୍ଷିତ ଓ ଦେଶାନୁରାଗୀ ବ୍ୟକ୍ତିମାନେ ଏକଥା ହୃଦୟେ ଚିନ୍ତା କରିବେ କି ?

---

## ମାରୁଆଡ଼ି-ବିବାହ ।

ଏ ନଗରରେ ଅନେକଜାତୀୟ ଲୋକଙ୍କ ମଧ୍ୟରେ ବିବାହକ୍ରିୟା ସମ୍ପନ୍ନ ହୋଇଥିବାର ଦେଖା ଯାଇଅଛି ମାତ୍ର ମାରୁଆଡ଼ିବିବାହ କେବେହେଁ ଦେଖା ଯାଇ ନ ଥିଲା । ଗତ ମାଘ-ପୂର୍ଣ୍ଣିମୀ ଶୁକ୍ରବାରଦିନ ଏ ନଗରର ଜଣେ ପ୍ରଧାନବ୍ୟବସାୟୀ ଓ ମିଉନିସିପାଲିଟୀର କମି-ଶନର ଖୋସାଲଚନ୍ଦ ମାରୁଆଡ଼ିର ଭ୍ରାତାଙ୍କର ଅନ୍ୟ ଜଣେ ପ୍ରଧାନ ବ୍ୟବସାୟୀ ଫତେଚନ୍ଦ-ମାରୁଆଡ଼ିଙ୍କ କନ୍ୟା ସହିତ ପାଣିଗ୍ରହଣକ୍ରିୟା ସମ୍ପନ୍ନ ହେଲା । ଏ କ୍ରିୟା ଏଠାପକ୍ଷେ ସମ୍ପୂର୍ଣ୍ଣ ନୂତନ ଥିବାରୁ ବିବାହ ଦେଖିବାକୁ ବଜାରରେ ଭାରି ଜନତା ହୋଇଥିଲା । ବିବାହ-ପୂର୍ବ କେତେଦିନରୁ ବରଘରେ ବାଜା ବସି-ଥିଲା ଏବଂ ନୃତ୍ୟ ଓ ଅଗଣା ପ୍ରସଙ୍ଗ ହୋଇ ମଜଲିସ ହୋଇଥିଲା । ସମସ୍ତେ ମନେ କଲେ ଯେ କନ୍ୟାଘରେ ମଧ୍ୟ ଏହିପରି ହେବ କାରଣ ସମସ୍ତଜାତିରେ ଦେଖା ଯାଏ, ଯେ ବିବାହ ଉପଲକ୍ଷେ ବର ଓ କନ୍ୟା ଉଭୟଙ୍କ ଘରେ ଆମୋଦପ୍ରମୋଦ ଲାଗେ ରହେ । ମାତ୍ର କନ୍ୟାଘରେ ବାହାର କେତେଦିନରୁ ମୁହାଁ ବାଜା ବସି ନାହିଁ କି କୌଣସିପ୍ରକାର ଆମୋଦ ହୋଇ ନାହିଁ । ମାରୁଆଡ଼ିମାନେ କହନ୍ତି ଯେ କନ୍ୟାକର୍ତ୍ତା ସମସ୍ତଙ୍କ ହାତଯୋଡ଼ି ବିନତି ସେ ତାହୁଁ ଆମୋଦପ୍ରମୋଦର ବ୍ୟବସ୍ଥା କରିବ । କନ୍ୟାକର୍ତ୍ତା ଯେ ଦାୟଗ୍ରସ୍ତ ତାହା ଏଥିରୁ ବିଶିଷ୍ଟରୂପେ ପ୍ରମାଣିତ ହେଉଅଛି ।

ବିବାହଦିନର କ୍ରିୟା ସବୁ ଜାତିରୁ ବାହାର ଥିବାର ଦେଖାଗଲା । ଏଦିନ ଅପରାହ୍ନ ପ୍ରାୟ ୩ ଟା ସମୟରେ ବର ଘରୁ ଯାତ୍ରା କରି ବାହାର ଶ୍ରେଣୀର ବାନ୍ଧିରେ ବରଯାତ୍ରିଙ୍କ ସହିତ ଅଶ୍ୱାରୋହଣ କରି ବାଦ୍ୟ ପତାକାଦି ସମାରୋ-ହରେ ବରପକ୍ଷୀୟ ଲୋକେ କନ୍ୟାଘରେ ସମ୍ବାଦ ଦେଲେ ତହୁଁ କନ୍ୟାଘରୁ ପୁରୋହିତ ଓ ବ୍ରାହ୍ମଣ ଯାଇ ବରକୁ ବରଣ କରି ଆଣିଲେ ।

ବରପକ୍ଷରୁ ବର ଯାଉଥିବା ସମୟରେ ଅନେକଟଙ୍କା, ଟେରଜ, ଓ ପଇସା ଫୋପଡ଼ା ହୋଇଥିଲା ଓ ଦୁଃଖୀ ଗରିବମାନେ ତାହା ସବୁ ହୁଡ଼ାହୁଡ଼ି ହୋଇ ସାଉଁଟିବାରେ ଭୟଙ୍କର ଭିଡ଼ ହୋଇଗଲା ଏପରିକି କେତେ ଲୋକ ଚାପି ପଡିବାର ଭୟ ଉପସ୍ଥିତ ହୋଇଥିଲା । କନ୍ୟା ଦ୍ୱାରରେ ବର ପହଞ୍ଚିଲାରୁ କନ୍ୟାର ମାତା ଆସି ଦ୍ୱାରଦେଶରେ ବରକୁ ବନ୍ଦାପନା କଲେ । ତହୁଁ ବର ଲେଉଟି ଯାଇ ଦୂର-ଅବସ୍ଥିତ ସ୍ଥାନରେ ରହିଲେ । ଏ କ୍ରିୟାକୁ "ତୋରଣ" ବୋଲନ୍ତି । ରାତ୍ର ପ୍ରାୟ ୩ ୮ ଘଣ୍ଟା-ସମୟରେ ସେସ୍ଥାନ ଛାଡ଼ି ବର ବିବାହ ହେବାକୁ ଆସିଲେ । ବିବାହକ୍ରିୟା ବିଷ୍ଣୁମଣ୍ଡପତଳେ ବେଦୀକୁଣ୍ଡରେ ପ୍ରାୟ ଅନ୍ୟ ଜାତିପ୍ରାୟ ହାତ ଗଣ୍ଠିଦ୍ୱାରା ଶେଷ ହେଲା । ମାତ୍ର ବିବାହ-ପୂର୍ବରେ ବର ଓ କନ୍ୟାପକ୍ଷୀୟ ଯେତେ ମାରୁ-ଆଡ଼ି ଉପସ୍ଥିତ ଥିଲେ ସେମାନେ ଓ ବର ପକ୍ଷୀୟଲୋକମାନେ ଭୋଜନ କରିଥିଲେ, ଦ୍ୱିତୀୟ ଦିନ ସକାଳେ ବର ପୁନର୍ବାର ଆପଣାପୂର୍ବ-ଅବସ୍ଥିତ ସ୍ଥାନକୁ ଲେଉଟି ଯାଇ ପୁନର୍ବାର ବନ୍ଧୁଙ୍କୁ ସମାରୋହ କରି ପୁଣି ଭୋଜନ କରି-ବାକୁ ଆସିଥିଲେ । ଏସମୟରେ ନାନାପ୍ରକାର ଆତସବାଜି ହୋଇଥିଲା । ତୃତୀୟଦିନ ଅପରାହ୍ନ-ସମୟରେ ସଜ୍ଜ ହୋଇ ବର କନ୍ୟା ବିଦାୟ ହେଲେ । ଏହି ଦିନ ସନ୍ଧ୍ୟାରେ କନ୍ୟାର ପିତା ବରକୁ ନାନାପ୍ରକାର ବସ୍ତ୍ର, ଅଳଙ୍କାର, ଓ ସମ୍ପତ୍ତି ପ୍ରଦାନ କରିଥିଲେ । ବର କନ୍ୟା ବିଦାୟ ହୋଇ ବରଘରେ ପହଞ୍ଚିଲାବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ଯେତେବେଳେ ବରକନ୍ୟା କନ୍ୟାଘରୁ ବରଘରକୁ ଯାଉଥିଲେ ସେତେବେଳେ ମଧ୍ୟ ବରପକ୍ଷରୁ ଅନେକ ପଇସା ଟଙ୍କା ବିଞ୍ଚା ଯାଇଥିଲା ଏବଂ ସେଥିଯୋଗୁଁ ପୂର୍ବଦିନମାନଙ୍କରୁ ଏଦିନ ଅଧିକ ଅଧିକ ଭିଡ଼ ହୋଇଥିଲା ମାତ୍ର କୌଣସି ଅନିଷ୍ଟ ଘଟନା ହୋଇ ନାହିଁ । ପୂର୍ବେ ବର କନ୍ୟା ବରଘରେ ପହଞ୍ଚିଲାରୁ ବରର ଦ୍ୱାରଦେଶରେ ଯେତେ ଲୋକ ଉପସ୍ଥିତ ଥିଲେ ସମସ୍ତଙ୍କୁ ଗୋଟିଏ ଅଧୁଲିରେ ପ୍ରତ୍ୟେକ ଜଣକ ବ୍ରାହ୍ମଣ ଦକ୍ଷିଣା ପ୍ରାୟ ବହୁ ହେଇ ବରକର୍ତ୍ତା ବିଦାୟ କରି-ଥିଲେ ।

---

## ପୁଣି ପୁରୀମନ୍ଦିରର ମାମଲା ।

ଓଡ଼ିଶା ପ୍ରଧାନତଃ ହିନ୍ଦୁଙ୍କର ରାଜ୍ୟ ଏବଂ ପୁରୀର ଜଗନ୍ନାଥଦେବ ଏମାନଙ୍କର ପ୍ରଧାନ ଆରାଧ୍ୟ ଦେବତା । ପୁରୀମନ୍ଦିରପ୍ରତି କିଛି ଅନ୍ୟାୟ ବା ଅତ୍ୟାଚାର ହେଲେ ସମସ୍ତ ହିନ୍ଦୁଙ୍କର ମନୋବେଦନା ହୁଏ । ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ଏକଥା ବିଶେଷରୂପେ ଜାଣନ୍ତି ଏବଂ ତାହାଙ୍କ ଧର୍ମପ୍ରତି ହସ୍ତକ୍ଷେପ ନ କରିବା ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ମୂଳ ନୀତି । କିନ୍ତୁ କାଳର ଗତି କେମନ୍ତ ଯେ ପୁରୀମନ୍ଦିରପ୍ରତି ପୁନଃ ପୁନଃ ଆକ୍ରମଣ ହେଉଅଛି ଏବଂ ତାହା ଦେଖି ଶୁଣି ସର୍ବସାଧାରଣ ବ୍ୟାକୁଳଚିତ୍ତ ହୋଇ ଭାସୁ-ଅଛନ୍ତି । ସେହିଠାରୁ ଗବର୍ଣ୍ଣମେଣ୍ଟ ତରତରପଣିଆ କରି ପୁରୀମନ୍ଦିରବିରୁଦ୍ଧରେ ଏକ ମୋକଦମା ଛିଡ଼ା କରି ଲୋକଙ୍କୁ ମହାଚିନ୍ତାରେ ପକା-ଇଥିଲେ । ଭାଗ୍ୟବଶତଃ ଶ୍ରେଷ୍ଠଲାଟ ମାନ୍ୟବର ସର୍ ଷ୍ଟୁଆର୍ଟ ବେଲି ସ୍ୱେଚ୍ଛାପୂର୍ବକ ତହିଁର ସୁନ୍ଦର ମୀମାଂସା କରି ସର୍ବସାଧାରଣଙ୍କର ସନ୍ତୋଷ-ଭାଜନ ହେଲେ । ସେ ଗୋଳମାଳ ଭାଙ୍ଗିବା ପରେ ମନ୍ଦିରରେ ପାଇଖାନାଷ୍ଟାଲ୍ ଏବଂ ବଡ଼ଛତାର ଗୋଳମାଳ ଉପସ୍ଥିତ ହେଲା ତାହା ମଧ୍ୟ ସେହି ମହାତ୍ମା ବେଲି ବାହାଦୁରଙ୍କର ହସ୍ତକ୍ଷେପରେ ଶୁଭଗମନ ଅବସରରେ ଭାଙ୍ଗିଗଲା । ବର୍ତ୍ତମାନ ପୁଣି ଏକକାଣ୍ଡ ଉପସ୍ଥିତ ହୋଇଅଛି । ପୁରୀ ମିଉନିସିପାଲିଟୀର ଜଣେ ଇନସ୍ପେକ୍ଟର ମନ୍ଦିରମଧ୍ୟରେ କେ ମାପିବାସକାଶେ ମାପଫିତା ଚର୍ମନିର୍ମିତ ଖୋଲି ସହିତ ସେଠା ଗଲେ । ମନ୍ଦିରମଧ୍ୟକୁ ଚର୍ମ ନେବାର ନିଷେଧ । ସୁତରାଂ ଅପବିତ୍ର ଦ୍ରବ୍ୟ ନେବାରୁ ଜଗନ୍ନାଥଙ୍କର ମହାସ୍ନାନ ହେଲା ଏବଂ ମନ୍ଦିରମଧ୍ୟରେ ସେସମୟରେ ପାକ ହେଉଥିବା ସମସ୍ତଦ୍ରବ୍ୟ ନଷ୍ଟ ହେଲା । ସୁଆରମାନେ କ୍ଷତିଗ୍ରସ୍ତ ହେବାରୁ ଭୁଇଁବଳପର୍ଯ୍ୟନ୍ତ ଲୋକ ସ୍ଥାପିବା ବନ୍ଦ କଲେ । ତହାରୁ ଗୋପୀନାଥ ପଟ୍ଟନାୟକଙ୍କ ନାମରେ ଫଉଜଦାରୀ ନାଲିସ ଉପସ୍ଥିତ ହୋଇଅଛି ।

ପୁରୀର ମହାରାଣୀ ଆପଣା ଓକିଲଙ୍କ କଟକକୁ ଯେଉଁ ଚିଠିସମ୍ବାଦ ପଠାଇଥିଲେ ତହିଁରୁ ଉପରଲିଖିତ ସଂକ୍ଷେପ ସମ୍ବାଦ ଅମ୍ଭେମାନେ ଅବଗତ ହୋଇଅଛୁଁ । ବିସ୍ତାରିତ ବିବରଣ ଏପରେ ଜଣାଯିବ । ପୁରୀ କଲେକ୍ଟରଙ୍କ ପ୍ରାର୍ଥନାମତେ ଶ୍ରୀଯୁକ୍ତ କମିଶନର ସାହେବ ମହାରାଣୀଙ୍କ ଓକିଲଙ୍କ ସହିତ ପରାମର୍ଶ କରି ବାବୁ ହରେକୃଷ୍ଣ ଦାସ ଯେ ଏ ପୁରୀ ମନ୍ଦି-

Digitized by srujanika@gmail.com

Split by PDF Splitter



ରଚ୍ଛ ସୁପରିଣ୍ଟେଣ୍ଡେଣ୍ଟ ସକାଶେ ମନୋନୀତ ହୋଇଅଛନ୍ତି ତାହାଙ୍କୁ ଏହିସମ୍ବାଦ ନିମିତ୍ତ ଦେଉଅଛନ୍ତି । ବାବୁ ମହାଶୟ ଗତ ମଙ୍ଗଳବାର ଏଠାରୁ ତାଙ୍କରେ ଯାତ୍ରା କଲେ । ହିରସା କୃଷ୍ଣଢ ଏଥିମଧ୍ୟରେ ଏ ଗୋଳମାଳର କୌଣସି ... ମୀମାଂସା ହୋଇଥିବ ଏବଂ ଯଥାସମୟରେ ତାହା ପାଠକଙ୍କୁ ଜଣାଇବୁଁ । ସବିଶେଷ ବୃତ୍ତାନ୍ତ ଜାଣିବା ପୂର୍ବେ କୌଣସି ମତାମତ ପ୍ରକାଶ କରିବାକୁ ଆମ୍ଭମାନେ ଉଚିତ ବିଚାର କରୁନାହୁଁ କେବଳ ଏତିକି କହିବୁଁ ଯେ ମହରସତ ସ୍କୁଲଟି ଏପରି ଅତ୍ୟାଚାରମାନ ନିତାନ୍ତ ଗର୍ହିତ ଏବଂ ... ଅଟଇ ।

ଉପରଲିଖିତ ବିଷୟମାନ ଲେଖା ହେଲା ଉତ୍ତାରୁ ଶ୍ରୀ ଜଗନ୍ନାଥ ସନାତନ ଧର୍ମରକ୍ଷିଣୀ-ସଭାରୁ ନିମ୍ନଲିଖିତ ବିବରଣ ପ୍ରାପ୍ତ ହୋଇ ଏଠାରେ ପ୍ରକାଶ କଲୁଁ ପାଠକମାନେ ତହିଁରୁ ସବିଶେଷ ଜାଣି ପାରିବେ । ଯଥା;—

"୧୩ ... ରୀ ।—ଗତ ବୁଧବାର ପ୍ରାତଃସମୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆରତି ଓ ଧୂପ...ଶ ସମାପ୍ତ ହେଲା ପରେ ମିଉନିସିପାଲିଟୀର କର୍ମଚାରୀ ଏବଂ ଚର୍ମକାର୍ମିକ ଖୋଲ ସହିତ (ମେଜରିଂ ଟେପ) ମାପଫିତା ଶ୍ରୀ ମନ୍ଦିର ବେଢ଼ା ମଧ୍ୟରୁ ଆଣି ପଢ଼ିଆରୀ-ନିୟୋଗଙ୍କ ବୈଠକସ୍ଥାନରୁ ମାପ କରୁଥିଲେ ଯେ ସେହି ଚର୍ମ ପ୍ରବେଶ କରିବା ହେତୁ ସରଘରମାନଙ୍କରେ ଥିବା ମହାପ୍ରଭୁଙ୍କର ଅନ୍ନଶୀଘ୍ର ସାମଗ୍ରୀ ଓ ମୃତ୍ତିକାଭାଣ୍ଡ ଇତ୍ୟାଦି ବହୁମୂଲ୍ୟର ଜିନିଷମାନ ନାଶ ହୋଇ ସେଦିନ ସନ୍ଧ୍ୟା ସମୟରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଅଛି ମହାସ୍ନାନ ଖର୍ଚ୍ଚ ଶ୍ରୀ ସ୍ୱାମୀମହୋଦୟ ତାହାରୁ ଦେଇ ଅଛନ୍ତି ଓ ମଧ୍ୟ ଗତ ବୁଧବାର ଏବଂ ଗୁରୁବାର ଦୁଇ ଦିବସ କେବଳ ଭୋଗ ହୋଇ ଅନ୍ୟ ଛତିଶ ଭୋଗ ଆଦି ବନ୍ଦ ହୋଇଥିଲା ଉକ୍ତ ଭୋଗ ବନ୍ଦହେତୁ ଚୂଡ଼ା ୫ ୧୯ କାଲୁ ସେ ୫ ର ଗାନ୍ଧରେ ଖୋଣ୍ଡ ... ମିଳିଲା ନାହିଁ ଅନେକ ବ୍ରାହ୍ମଣ ଓ ବୈଷ୍ଣବମାନେ ଓ ସଦାବର୍ତ୍ତରେ ଖାଉଥିବା କାଙ୍ଗାଳିମାନେ ବିଶେଷ କଷ୍ଟ ପାଇ ଅଛନ୍ତି ଏହା ଅତି ଧର୍ମହାନିଜନକ ଶୋଚନୀୟ ବ୍ୟାପାର ଅଟଇ ଇତି ।—ସନ ୧୮୮୯ ସାଲ।"

---

# ସାପ୍ତାହିକ ସମ୍ବାଦ ।

ବାଲେଶ୍ୱର ଜିଲ୍ଲାରେ ଷାଠେ୨ ବସନ୍ତ ରୋଗ ଆରମ୍ଭ ହେବାର ବାର୍ତ୍ତାରୁ ଅବଗତ ହେଲୁଁ । ଶୀତ ଆରମ୍ଭ ହୋଇଥିଲୁ ଏ ରୋଗ ପ୍ରବେଶ କଲେଣି ଗ୍ରୀଷ୍ମକାଳରେ ଭୟଙ୍କର ଆକାର ଧାରଣ କରିବାର ସମ୍ଭାବନା ।

ବାଲେଶ୍ୱର ଜିଲ୍ଲାସ୍କୁଲରେ ସେଠା ମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟର ବାବୁ ସତୀଶଚନ୍ଦ୍ର ଘୋଷ ଏମ ଏ ୨ ୟ ଶ୍ରେଣୀର ବାର୍ଷିକପରୀକ୍ଷା ଗ୍ରହଣ କରିଅଛନ୍ତି ।

### କଲିକତା-ଗେଜେଟ ।

କଟକର ଅଫିସିଏଟିଂ ଡିଷ୍ଟ୍ରିକ୍ଟ ଓ ସେସନ ଜଜ ମି, ଏଫ୍, ବି, ଟେଲର ପୂର୍ଣ୍ଣରୂପେ ଜଜପଦରେ ନିଯୁକ୍ତ ହେଲେ ।

ମି, ଏ, ଇ, ଷ୍ଟେନ, ମି, ଜେ, ବ, ଇଅର୍ଗାନ ସାହେବଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞ ପର୍ଯ୍ୟନ୍ତ ଅସ୍ଥାୟୀଭାବନିମନ୍ତେ କଟକର ଜଜପଦରେ ନିଯୁକ୍ତ ହେଲେ ।

ପୁରୀର ଡେଃ, ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଜଗନ୍ନାଥ ଘୋଷ ୧୮୭୦ ମସିହା ଅ୧୦ ଆଇନର କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ବାବୁ ଭଗବତୀଚରଣ ଫର୍ଲୋ ପ୍ରାପ୍ତ ବାବୁ ବଳରାମ ଘୋଷଙ୍କ ପରିବର୍ତ୍ତନରେ ଅନ୍ୟାଜ୍ଞ ପର୍ଯ୍ୟନ୍ତ ସବ୍‌ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ଓ ପୁରୀ ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ସବ୍‌ଡିଭିଜନରେ ଅବସ୍ଥାପିତ ହେଲେ ।

ଡେଃ, କଲେକ୍ଟର ବାବୁ ସତୀଶଚନ୍ଦ୍ରଘୋଷ ବାଲେଶ୍ୱର-ଡିଷ୍ଟ୍ରିକ୍ଟର ଇନ୍‌କମ୍‌ଟାକ୍ସ ଡେଃ, କଲେକ୍ଟର ପଦରେ ନିଯୁକ୍ତ ହେଲେ ।

କଟକର ଅଫିସିଏଟିଂ ପୋଲିସ ଡିଷ୍ଟ୍ରିକ୍ଟ ଅଶିଷ୍ଟାଣ୍ଟ ବାବୁ ଉଦୟଚନ୍ଦ୍ର କର ଚିରନ୍ତନ ପ୍ରାପ୍ତ ହେବା ସକାଶେ ଇଂରେଜି ଲୁଆରପ୍ରୋଫିସିଏନସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

କଟକ ସର୍ଭେ ସ୍କୁଲର ହେଡ ମାଷ୍ଟର ବାବୁ ଉମେଶଚନ୍ଦ୍ର ବୋଷ ଫେବୃଆରି ମାସ ତା୨୨ଖଠାରୁ ମାର୍ଚ୍ଚ ମାସ ତା୨୪ଖପର୍ଯ୍ୟନ୍ତ ଛୁଟି ଗ୍ରହଣ କରିଛନ୍ତି । ତାଙ୍କ ସ୍ଥାନରେ ଉକ୍ତ ସ୍କୁଲର ୨ୟ ଶିକ୍ଷକ ବାବୁ ଚନ୍ଦ୍ରମାଧବ ବାନାର୍ଜୀ ନିଯୁକ୍ତ ହୋଇଛନ୍ତି ।

ମୃତ ସେଖ ହୋସେନ ହୁସେନଙ୍କ ପରିବର୍ତ୍ତରେ ବ.ନ ଫଜିଲଉଦ୍ଦିନ ହୋସେନ୍ ପାଞ୍ଚପୁର ଲୋକାଲବୋର୍ଡର ସଭ୍ୟପଦରେ ନିଯୁକ୍ତ ହୋଇଛନ୍ତି ।

ଜାଜପୁରର ରେଲୱେର ଦ୍ୱଦପାଷ୍ଟେସନଠାରୁ ବୃନ୍ଦାବନହାଟ ପର୍ଯ୍ୟନ୍ତ ରାସ୍ତା ଲାଗି ବ୍ୟୟ ସକାଶେ ବାବୁ ନୃସିଂହଚରଣ ଅଡ଼ି ୧୫୦୦୦ ଟଙ୍କା ପ୍ରଦାନ କରିଛନ୍ତି । ଲେପ୍ଟେନାଣ୍ଟ ଗବର୍ଣ୍ଣର ଉକ୍ତଦାନ ଗ୍ରହଣ କରି ତାଙ୍କ ବଦାନ୍ୟତାପାଇଁ ବାବୁ ନୃସିଂହଚରଣ ଅଡ଼ିଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

ଏକ୍ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ତ୍ର୍ୟମ୍ବକ ଓ ସାଲକଣ୍ଠ ଦେଶମୁଖ ସମ୍ବଲପୁରଠାରୁ ସମ୍ବଲପୁରକୁ ବଦଳି ହେଲେ ଏବଂ ସେଠାରେ ଅଦାଲତ ସମ୍ବନ୍ଧୀୟ ଆଇନାନୁସାରେ ଉକ୍ତ ଜିଲ୍ଲା ମଧ୍ୟରେ ଅପିଲ ମୋକଦମା ନିଷ୍ପତ୍ତି କରିବାର ଡେପୁଟୀ କମିଶନରଙ୍କ କ୍ଷମତା ପାଇଲେ ।

---

ବଡ଼ ଲାଟବାହାଦୁରଙ୍କ ଅଣ୍ଟା ( Lumbago ) ଧରି ଅଛି । ତଥାପି ସେ ସରକାରୀକାର୍ଯ୍ୟକୁ ବିଶ୍ରାମ ଦେଇ ନାହାନ୍ତି ।

ଢାକାର ଇଷ୍ଟବେଙ୍ଗଲ ଇନ୍‌ଷ୍ଟିଟ୍ୟୁସନର ପ୍ରଥମଶ୍ରେଣୀ ଛାତ୍ର ସଚ୍ଚିଦାନନ୍ଦ ଦାସ ବିଷ ଖାଇ ପ୍ରାଣତ୍ୟାଗ କରିଅଛି । ପୋଲିସ ଅନୁସନ୍ଧାନରେ ପ୍ରକାଶିତ ହୋଇଅଛି ଯେ ସେ ହଠାତ୍ କୌଣସି ବେଶ୍ୟାପ୍ରେମରେ ଆସକ୍ତ ହୋଇ ଅସ୍ଥିରଚିତ୍ତ ହୋଇ ଅଛି । ବାଳକମାନଙ୍କ ମଧ୍ୟରେ ଏ ରୋଗ ବେଶୀ ପ୍ରବଳ ହେବାର ବୋଧ ହେଉଅଛି ଅଭିଭାବକମାନେ ସେମାନଙ୍କ ପ୍ରତି ଦୃଷ୍ଟି ନ ରଖିବା ଓ ବାଲ୍ୟାବସ୍ଥାରୁ ଶିକ୍ଷା ପ୍ରତି ଅମନୋଯୋଗୀ ହେବା ଏ କୁଫଳର କାରଣ ନୁହେଁ ?

ପଣ୍ଡିତା ରମାବାଈ ବୋମ୍ବାଇରୁ ପ୍ରତ୍ୟାଗତ ହୋଇଅଛନ୍ତି । ସେ ଖ୍ରୀଷ୍ଟିୟାନ ହେଲେ ମଧ୍ୟ ଦେଶୀୟ ପ୍ରଥାନୁସାରେ ବସ୍ତ୍ର ପରିଧାନ ଓ ନିରାମିଷ ଭୋଜନ ପରିତ୍ୟାଗ କରି ନାହାନ୍ତି । ସମ୍ପ୍ରତି ପୁନାନଗରରେ ବାସ କରୁଅଛନ୍ତି । ଅନେକ ଦିନାବଧି ବିଦେଶ ପର୍ଯ୍ୟଟନ କରି ବିଶେଷ ଜ୍ଞାନଲାଭ କରିଥିବେ ।

ପୋପଙ୍କ ଅଦେଶାନୁସାରେ ବେଲ୍‌ଜିୟମଠାରୁ ଦଶଜଣ ରୋମାନକେଥଲିକ ପାଦ୍ରୀ ଭାରତବର୍ଷକୁ ପ୍ରେରିତ ହେଉଅଛନ୍ତି ।

ଉଦୁଗଡ଼ ହାଇସ୍କୁଲର ୩ ୟ ଶିକ୍ଷକ ବାବୁ ରଜନୀକାନ୍ତ ଗାଙ୍ଗୁଲି ବି,ଏ ସୂତା ଓ ଗୁଟିସୂତା ପ୍ରସ୍ତୁତ କରିବାର ଗୋଟିଏ କଳ ଆବିଷ୍କାର କରିଅଛନ୍ତି । ଏଥିଦ୍ୱାରା ଜୋଲାଙ୍କ କାର୍ଯ୍ୟ ଜଣକଦ୍ୱାରା ସମ୍ପନ୍ନ ହେବ । ଏ କାର୍ଯ୍ୟ ଉତ୍ତମ !

ଗଞ୍ଜାମରେ ଅନ୍ନକଷ୍ଟ ଘଟିଥିବାରୁ ସେଠା ସାହାଯ୍ୟକାର୍ଯ୍ୟସକାଶେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଜଣେ ସିବିଲକର୍ମଚାରୀ କରସାହେବଙ୍କୁ ପଠାଇଅଛନ୍ତି । ସେଠାରୁ ଅନେକ ଦୁଃଖିଲୋକ ସିଲହଟ ଯାଉଅଛନ୍ତି ଓ ଏ ନଗରରେ ମଧ୍ୟ କେତେ ମେହେନ୍ତର ଉଡ଼ିଆ ଅସି ରହୁଅଛନ୍ତି । ସେଠାରେ ସାହାଯ୍ୟ ବିଶେଷ ଆବଶ୍ୟକ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଉଚିତକାର୍ଯ୍ୟ କରୁଅଛନ୍ତି !

କଲିକତା ସଂସ୍କୃତକଲେଜର ଅବସ୍ଥା ମନ୍ଦ ହୋଇଥିବାର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ । ତହିଁର ଅଧ୍ୟାପକଙ୍କ ହସ୍ତେ ଅନ୍ୟାନ୍ୟ କାର୍ଯ୍ୟ ଥିବାରୁ ସେ କଲେଜକୁ ଅଧ୍ୟାପନାରେ ଅସନ୍ତୁଷ୍ଟ ହେବେ ବୋଲି ଜନରବ ହେବାବେଳେ ଅସନ୍ତୁଷ୍ଟ । ତହିଁର ନିମ୍ନ ଓ ଉଚ୍ଚଶ୍ରେଣୀମାନଙ୍କରେ ସଂସ୍କୃତଶିକ୍ଷାପ୍ରତି ତାଦୃଶ ମନୋଯୋଗ ନାହିଁ । ଏହା ଅତି ଶୋଚନୀୟ ଓ ଏଥିର ବିହିତ ବ୍ୟବସ୍ଥା ଗବର୍ଣ୍ଣମେଣ୍ଟ ଶୀଘ୍ର କରନ୍ତୁ !

ଗତ ସେପ୍ଟେମ୍ବରମାସରେ ବରବାହାରେ ( Barbaha) ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଧର୍ମସମ୍ବନ୍ଧ କଳହରେ ଛଅଜଣ ପଠାଣ ଚାରିଜଣ ହିନ୍ଦୁଙ୍କୁ ବଧ କରିଥିଲେ ସେମାନଙ୍କୁ ନିକଟରେ ପାଣିଦଣ୍ଡ ମିଳିଲେ । ଏପରି ଲୋକକ୍ଷୟକାର କେବେ ନେଣ୍ଡିବ !

ଅଲିପୁରରେ ଗୋଟିଏ ୮ । ୭ ବର୍ଷ ବାଳକ ବୃନ୍ଦାବନହାଟରୁ ଜନ୍ମଭଙ୍କ ପ୍ରସାଦରୁ ଅଳଙ୍କାରରେ ଭୂଷା ପାଇଲା । ସନ୍ଧ୍ୟାବେଳେ ବାଟରେ ଖେଳୁଥିବା ବେଳେ ଜଣେ ଦାରୀ ପଠାଣ ତାହା ଦେହରେ ୫ ୪୦ ଟଙ୍କାର ଅଳଙ୍କାର ଦେଖି ତାକୁ ଫୁସୁଲାଇ ଏକଜଣଙ୍କୁ ନେଇ ଯାଉଥିଲା ! ତାହାର କାନ୍ଦଣା ଅନ୍ୟ ବାଳକମାନଙ୍କଠାରୁ ଦାରୀ ସଙ୍ଗେ ସେ ବାଳକ ଯିବାର ସମ୍ବାଦ ପାଇ ପାହାଡ଼ ଠଉରାଇ ଦୂରଗଡ଼ରେ ଯାଇ ଧଇଲେ ଦୁର୍ବୃତ୍ତ ପଠାଣ । ଦାରୀ ଲୋକଙ୍କୁ ଦେଖି ପଳାଇଲା ମାତ୍ର ଜଣେ କନଷ୍ଟେବଲ ତାକୁ ଧରିଲା । ସେ ବର୍ତ୍ତମାନ ବିଚାରାଧୀନରେ ଅଛି । ପିଲାକୁ ଅଳଙ୍କାର ପିନ୍ଧାଇବାର ନୁହେଁ ।

ଶ୍ରୀରାମପୁର ସବଡ଼ିଭିଜନ ଉଲୁବାରେ ଜଣେ ମୁସଲମାନ ଆପଣାଗୃହରେ ଏକାକୀ ରାତ୍ରରେ ଶୋଇଥିବା ସମୟରେ ହତ ହୋଇଅଛି ! ପୁଲିସ ଏଥିର କିଛି ଠିକଣା କରି ପାରୁ ନାହାନ୍ତି ।

ଆମ୍ଭମାନଙ୍କ ମହାରାଣୀଙ୍କ ସାମ୍ରାଜ୍ୟ ପୃଥିବୀର ସମସ୍ତ ସମ୍ରାଟ ଓ ରାଜାଙ୍କ ରାଜ୍ୟ ଅପେକ୍ଷା ଅଧିକ ଅଟେ । ଭୂମିଖଣ୍ଡର ଷଷ୍ଠାଂଶରୁ ଅଧିକ ଓ ପୃଥିବୀର ସମୁଦାୟ ଲୋକସଂଖ୍ୟାର ପ୍ରାୟ ପଞ୍ଚମାଂଶ ତାଙ୍କ ଶାସନାଧୀନ ଅଛନ୍ତି । ତାଙ୍କଠାରୁ ରାଜତ୍ୱ ଅଛନ୍ତି ।

Digitized by srujanika@gmail.com

Split by PDF Splitter



### ମୂଲ୍ୟ-ପ୍ରାପ୍ତି ।

| | | |
|---|---|---|
| ବାବୁ ଶରତ୍‌ଚନ୍ଦ୍ର ଦେ ପୋଷ୍ଟ ସବ୍ ଇନ୍‌ସ୍ପେକ୍ଟର | କେନ୍ଦ୍ରାପଡ଼ା ଅଗ୍ରିମ | ଟ ୩ |
| „ ଗୋବିନ୍ଦଚନ୍ଦ୍ର ସାହୁ ଓ | | |
| „ ଲକ୍ଷ୍ମୀକାନ୍ତ ସାହୁ | ସୁଜାନଗର „ | ଟ ୩ |
| „ ଭକ୍ତମଣି ମହାନ୍ତି | କଣ୍ଟେଇ „ | ଟ ୩ |
| „ ନିମାଇଚରଣ ମିତ୍ର | କଟକ „ | ଟ ୧ |
| „ ଉଦ୍ଧବଚରଣ ମହାନ୍ତି | „ „ | ଟ ୨ |
| „ ଜଗନ୍ନାଥ ତ୍ରିପାଠୀ | ସାମନ୍ତରବଗସ୍ତ ଓ „ | ଟ ୩ |

# ବିଜ୍ଞାପନ ।

### ଚମତ୍କାର ମହୌଷଧ

ମଦର୍ସ ସିଗଲ ସିରପ ଓ ତହିଁର ପିଲ୍ ଏ ଔଷଧ ବାତ ଓ ପେଟବଥା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟେନିଷ୍ଟ୍ରିଟ କୋମ୍ପାନିଙ୍କ ଦସ୍ତୁର ଅମର ତଉଥି ଦରବାର ଦୋକାନରେ ବକ୍‌ସ୍ୟ-ସଙ୍କାଶେ ମଜ୍‌ଜୁଦ ଅଛି ଗ୍ରାହକବର୍ଗ ଅବଶ୍ୟକ-ମତେ ତଲାସ କଲେ ପାଇ ପାରିବେ ।

| | |
|---|---|
| ମଦର୍ସସିଗଲସିରପ | ସି ୧ ୮ ଟ ୧୪୬ |
| ପିଲ | ବା ୧ ୮ ଟ ୧୯ |

୧୩।୨।୮୯  ଶ୍ରୀ ଅରତବଲ୍ଲଭକର
କୋମ୍ପାନି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତକରାଇ ଦିଆଯାଉଅଛି ଯେ ଆଗାମି ମାର୍ଚ୍ଚମାସ ତା ୧୫ ରିଖ ପ୍ରାତଃକାଳରେ ଜେନରଲ ହାସପାତାଲଠାରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ଯେବେ କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା କରନ୍ତି ତେବେ ସେ ଅଗଉର୍ସ ଫିସ୍ ଟ ୩ ଙ୍କା ସିଭିଲ ସର୍ଜନଙ୍କ ସମୀପରେ ଦାଖଲକରି ଉକ୍ତ ତାରିଖରେ ଜେନରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କରି ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲାର ଶ୍ରୀଯୁତ ସିଭିଲ ସର୍ଜନଙ୍କ ଅଫିସଠାରୁ ଗଲେ ସକଳ ବିଷୟ ଅବଗତ ହୋଇପାରିବେ ।

E. BOVILL.

୪।୨।୮୯  ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା
ମେଡିକଲ ସ୍କୁଲ

### NOTICE.

Wanted an Overseer for the Cuttack Municipality on a monthly salary of Rs. 50, and Horse allowance Rs. 10. None need apply who is not well acquainted with English and who has not had good practical experience of the P. W. Department Overseer's works.

Applications with copies of testimonials will be received by the undersigned up to the 15th of March, 1889.

D. N. Chakravarti
*Chairman.*

ଏ ପ୍ରଦେଶର ମାନ୍ୟାସ୍ପଦ ରାଜା, ଜମିଦାର-ପ୍ରଭୃତି ପ୍ରାଚୀନବଂଶର ଇତିହାସ ପ୍ରକାଶ କରିବାର ବାସନା କରି, କେତେକ ରାଜା ଏବଂ ଜମିଦାରଙ୍କ ବଂଶର ବିବରଣ ସଂଗ୍ରହ କରୁଅଛୁଁ ଯେଉଁ ବିବରଣ ସଂଗୃହୀତ ହୋଇଅଛି ଉକ୍ତ ରାଜା ଏବଂ ଜମିଦାର ବଂଶର ଯେଉଁମାନେ ବର୍ତ୍ତମାନ ରାଜ୍ୟ ଶାସନ କରୁଅଛନ୍ତି, ସେମାନଙ୍କ ଫଟୋଗ୍ରାଫରୁ, କଲିକତାର ସୁନିପୁଣ ଶିଳ୍ପିମାନଙ୍କଦ୍ୱାରା ପ୍ରତିକୃତି ପ୍ରସ୍ତୁତ କରାଇ ଅଛୁଁ । ଏହି ପ୍ରତିକୃତିମାନ ଇତିହାସ ସହ ପ୍ରକାଶିତ ହେବ । ଓଡ଼ିଶାର ଅବଶିଷ୍ଟ ରାଜା ଏବଂ ଜମିଦାର ବଂଶର ଇତିହାସ ସଂଗୃହୀତ ହେଲେ ମୁଦ୍ରଣକାର୍ଯ୍ୟ ଆରମ୍ଭ କରିବୁଁ । ଅପ୍ରେଲମାସ ୧ ଲା ତାରିଖରୁ ମୁଦ୍ରଣକାର୍ଯ୍ୟାରମ୍ଭ ହେବ । ଯେଉଁ ମହାରାଜା, ରାଜା, ଏବଂ ଜମିଦାର-ମହୋଦୟଗଣ ଏହି ପୁସ୍ତକରେ ସ୍ୱୀୟ ବଂଶର ଇତିହାସ ପ୍ରକାଶ କରିବାକୁ ଅଭିଳାଷ କରନ୍ତି, ଅନୁଗ୍ରହ ପୂର୍ବକ ତାହା ଆମ୍ଭଠାକୁ ପ୍ରେରଣ କଲେ ଅତ୍ୟନ୍ତ ଉପକୃତ ହେବୁଁ । ଉକ୍ତ ବିବରଣ ସହ ସ୍ୱୀୟ ଫଟୋଗ୍ରାଫ ପ୍ରେରଣ କଲେ ତାହା ଖୋଦିତ କରାଇ ପୁସ୍ତକରେ ପ୍ରଦାନ କରିବୁଁ । ଇତି ।

ଶ୍ରୀ ସୀତାନାଥ ରାୟ,
ବାଲେଶ୍ୱର ।

### ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ପଠନାଗାର ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, ଚଲ-ଗାଡ଼ି, କମିଜ, କୋଟ, ଦେଶୀ ଓ ବିଲାତିଯୋଡ଼ା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ନିମନ୍ତେ ଶତକରା ୫ ୬ ।। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ଭୂଲନ ବା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଇସାର ଷ୍ଟାମ୍ପକୁ ଭାଲୁପେବଲ୍ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏତିକି ମାତ୍ର କହିପାରୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

| | |
|---|---|
| Cuttack stores<br>ବିବିଧଦ୍ରବ୍ୟ ଓ ଔଷଧାଳୟ | ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ<br>ଡାକ୍ତର, ବାଲୁବଜାର କଟକ |

Digitized by srujanika@gmail.com

# ମେହରୋଗ ।

ଶ୍ରୀ ୨୪ ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଭୂରି ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜଳାର୍ଦ୍ଧ ଶୋଣିତବାର ଜୁଡ଼ି ନୁହେ ସାମାଜିକ ଅର୍ଥବ୍ୟୟ ସହିତେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାସାଧ୍ୟରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଛଅ ମାସ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଜଳସ୍ପର୍ଶରେ ପଡ଼ିଗଲେ ନ ହେଲେ ଅଛି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେବଷ୍ଟୋନ ନମ୍ବର ଭବନରେ ସ, ବେ, ସ୍ୱଜ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୧୦ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଅମ୍ଭର ଚଉଧୁରୀବଜାରସ୍ଥିତ ଦୋକାନରେ ଶହମତ ଭଲନ ମଦ୍ୟ ଓ ଅନ୍ୟ ଦ୍ରବ୍ୟସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ଭଲସବୁ ପାଇପାରିବେ । ସେଥିରେ ଶୃଙ୍ଖଳ ଇତ୍ୟାଦି କଛି ବଜାରପ୍ରାପ୍ତ ମଣ୍ଡଳ ନାହିଁ ଆଉ ଯାହାଙ୍କର ବୃହତ୍ କର୍ମ ପାଇଁ ବେଶୀ ମଦ୍ୟ ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ଆମ୍ଭର କରାଇଦେବୁଁ (ଫଳେକ ସରଟୀଫୁକେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

ଚଉଧୁରୀ ବଜାର } ଶ୍ରୀ ଆର୍‌ଡବଲ୍ୟୁବଳଙ୍କ ।
କଟକ

---

# ବାଲିକାଗଜ ।

କଲିକତାର ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଜଳ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଗଣି ବାଲି | ଓ ୧୮ ଟ ୨୦୯ | ଓ ୧୮ ଟ ୦ ୬୨ | |
| ୧୮ ଗଣି | " | " ଟ ୨୫ | " ଟ ୦ ୬୦ |
| ୧୬ ଗଣି | " | " ଟ ୨୫ | " ଟ ୦ ୬ |
| ୨୨ ଗଟି ଉକଲଫଲସ୍କେପ୍ " | | ଟ ୩ | " ଟ ୦ ୬୨ |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବନାତ ଓ ରେଶମୀଓଶେର ଲୁଗା ଓ ଷ୍ଟେସନରୀ ଓ ବନ୍ଦୁକ ଗୁଳି ଇତ୍ୟାଦି ସରଞ୍ଜାମର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଇ ଅଛୁ । ଭିତ୍ତରୁ ଆଉ ଛୋଟଛୋଟ ଫେନ୍‌ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏଥିଛଡ଼ା ଅମ୍ଭେମାନେ ବଲେଇ ଶାଢ଼ୀ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ସବୁ ଜିନିଷମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଦରକାର ବ୍ୟକ୍ତିମାନେ ଏକ ପତ୍ରକୁ ଫି କଣ୍ଠ ଟ୦୬୨ ହିସାବରେ ଦରଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ଥିବ । ଖର୍ଚ୍ଚ ହେଲେ ଶାଢ଼ୀର ପଟ ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଜିନିଷ ।

କଲର ଷ୍ଟେସଣ ବ ଚଢ଼ିରେ ଘଡ଼ ଭେଳେ ସ୍କେଲ୍ ।
କଲେକ୍ଟାନ
କଟୋନିକ୍ ତେଲ କଟୋରା ଶେଜ ସାବା ଓ ଭୋଜ ସକ୍ତର ।
ଦୁଇ ଅର୍ଥାତ୍ ଜଳଶା କରିବା ଚାଇକ ପେନ୍‌ସିଲ ଓ କଲମ ।
ପେନ୍‌ସିଲ ବାକ୍ସା ଇତ୍ୟ ।
କାମା ଚୁବାଇବ ପଠିକାଗଜ ଓ ଇଫାଫା ଷ୍ଟେମ୍ପ ବୁକ ।
ଚିଠିର ଛାଞ୍ଚ ।
କଲମ ଗାଲ୍ଲିକ ।
ତାକାଦ ସାବାନ ଶର୍ଦ୍ଦିରେ ଲଗା ସଇସାର ହୁଏ ।
ଖଡ଼ୋଉ ସ୍ନେକ—ଅର୍ଥାତ୍ ଚୁଡ଼ିକି ଟୁଙ୍ଗା ।
ଅଦଲ ଗୁଛ ।
ଓଷ୍ଠରଲି ସୁଗ ଗୁଡ଼ା ।

କର୍ପୂର ଅର୍କ ।
ହୋମିଓପାଥିକ୍ ।
କାଚ ଗିଲାସ ଓ କଳ କଳିକ ଓ ସ୍ୱାଟା ସତ୍ତ୍ରୀ
ଭର୍ଗର ବୁଇଡ଼ିଙ୍ଗ ଏକଟଙ୍କ ଜୁସ୍
ଜେଲସ ଜ୍ୱପୋଲ ସମ୍ କେଲ] ଅଛେ
ଏ. ଲୋସନ ସମୁଦ୍ରର ଭାବିତ ଓ ବୃକ୍ଷ ।
କପାସ ଅବରୋଧ ଏକତ ଚାରସ ।
ଅଷ୍ଟନେଷ୍ଟ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଖିଲେ ଲେଖା କାଟିଲେ ମଧ୍ୟ ଯାଏ ନାହିଁ ।
ପୋର୍ଟମେଣ୍ଟ ଓ ଦନ୍ତର କେଶ କେଶ ଓ କଳମ କାଟିବା କାଜ ।
ନୁଆ ଭାବ ଅର୍ଥାତ୍ ଲେଖିବାକେଲେ ଜଳ ଓ ଗୁଡ଼ିରେ କାଳି ଲଗେ ।
ଅଙ୍ଗ ତଳ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ "
ମୋଜା ଓ ମୋଜାକଟ
ଜଗନ ଏଥି କଣ୍ଠେଟ୍
କପଡ଼ା ସାବୁନ କଳା ଓ ସବଜା
ଟେନେସ୍କେଲ ।

କଲ ଓ ପାଉଡରଚୋଲ ଫିଡା
କଲଚିନ ବେଲବେ ବଡ଼ କାଢ଼ିବାର ଛାଞ୍ଚ ମସଯାମା
ରେଜ ବ୍ଲୁ ପେନ୍‌ସିଲ କଳାକସ୍ତି ଛାଇ ଓ ଜୋତା ଓ ଛତା
ମଲମ୍ବାଚାସ ଓ ଟିନ ପାଇ ଗାଇଚୋପ ଓ ଶାଢ଼ୀ ।
ଟିନ୍ ଡାଲ
ଏଞ୍ଜିମୋର ଅର୍ଥାତ୍ ଇମ୍ପାତ ଲଗାଇ ଅକ୍ଷର ଉତ୍ତର କରିବା କଳରେ ଚଳିବାର ହୁଏ ।

# ପିତଭାର ।

ଏ ଭାରକୁ ଚେଡ଼ିଏଁ ପାଣିରେ ଉଷି ନଅଁରେ ଉଡ଼ାଇ ଚୋଠାରୁଳର ଫାଟରେ ଦେଲେ ଖାଣିଗଲା କଡ଼ ହେବ ଦରର ମହିଂ ଅଙ୍ଗେ ଲେପିଦେଲେ ମଚ୍ଛର ଓ ଉଡ଼ ଧରିବ ନାହିଁ ।

ବଣିର ଚମଡ଼ା ଓ ସାଜରେ ଲଗାଇବାର କାମ ମଧ୍ୟ ଅଛି ।

ଅଲଭବଟଲ କଳ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିଲଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬୨ |
| ଅଖ୍ୟମୂଲ୍ୟ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛହିଁର ଖର୍ଚ୍ଚା ଟ ୦୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଏବଂ ଏହି ପତ୍ରିକା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ମୁଦ୍ରିତ ହେଲା

Digitized by srujanika@gmail.com

Split by PDF Splitter

Split by PDF Splitter



ଅଦ୍ୟତନ ଉତ୍କଳଦୀପିକା ତା ୨୮ ରିଖ ଫେବୃୟାରି ସନ ୧୮୮୯ ମସିହା ।

# ଯାହା ହୋଇଥିଲା ତାହା କାହିଁକି ନ ହେବ ।

ଆପଣାଠାରୁ ଅଧସ୍ତନ ବର୍ଣ୍ଣପ୍ରତି ଅବଜ୍ଞାହେତୁ ଦେଶ କ୍ରମେ ହୃତବୀର୍ଯ୍ୟ ହେଲା ଓ ସମାଜ ଶୃଙ୍ଖଳାବିଚ୍ଛିନ୍ନ ହୋଇ କ୍ରମଶଃ ଶତ୍ରୁମାନଙ୍କୁ ଅବକାଶ ପ୍ରଦାନ କଲା ।

ଅତଏବ ବର୍ତ୍ତମାନ ସମାଜର ପୁନର୍ଗଠନ ଆବଶ୍ୟକ । ଭଗ୍ନ ଅଟ୍ଟାଳିକାର ଇଷ୍ଟକଖଣ୍ଡ ସାଉଣ୍ଟି ସଞ୍ଚୟ କରି ପୁନର୍ବାର ପ୍ରାସାଦ ନିର୍ମାଣ କରିବାର ସମୟ ଉପସ୍ଥିତ ହୋଇଅଛି । ଉକ୍ତ ବ୍ୟାଳ-ସରୀସୃପ-ସଙ୍କୁଳ ଭଗ୍ନାବଶିଷ୍ଟ ଅଟ୍ଟାଳିକାରେ ବାସ କରି ଆପଣାର ଅମୂଲ୍ୟ ସାମାଜିକ ଜୀବନ ହରାଇବା ବୁଦ୍ଧିମାନର କର୍ତ୍ତବ୍ୟ ନୁହଇ ।

ମୋର କହିବାର ଉଦ୍ଦେଶ୍ୟ ଏହା ନୋହେ ଯେ ଆର୍ଯ୍ୟମାନେ ଯବନଙ୍କ ପାକରେ ଅନ୍ନ ଭୋଜନ କରିବେ କି ଖ୍ରୀଷ୍ଟାନମାନଙ୍କ ପାକ ଅନ୍ନ, ଉନ୍ନତଶୀଳ ବ୍ରାହ୍ମଭାଇଙ୍କ ପରି ଆହାର କରିବେ କିନ୍ତୁ ସନାତନ ଆର୍ଯ୍ୟଧର୍ମର ଓ ସମସ୍ତ ଶ୍ରୁତି ଓ ସ୍ମୃତିର ଆଦେଶ ଅନୁସାରେ ସର୍ବଦେଶୀୟ ବ୍ରାହ୍ମଣ, ସର୍ବଦେଶୀୟ କ୍ଷତ୍ରିୟ, ମହାନାୟକ, ବୈଶ୍ୟ, ଖଣ୍ଡାଇତ, ରାଜପୁତ ଓ ଜଳଗ୍ରହଣୀୟ ବର୍ଣ୍ଣମାନେ ଏକତ୍ର ହେଉନ୍ତୁ । ଯୌନସମ୍ବନ୍ଧରେ ଅର୍ଥାତ୍ ବିବାହରେ ନୁହେ । କେବଳ ହିନ୍ଦୁର ଆହାରୀୟ ସର୍ବପ୍ରକାର ଦ୍ରବ୍ୟ ସ୍ପର୍ଶବିଷୟରେ ବୋଲିବାକୁ ହେଉଅଛି ।

ଆମ୍ଭର ଦେଶୀୟ ସମସ୍ତ ଲୋକଙ୍କର ଏପରି ସଂସ୍କାର ଅଛି ଯେ ସାହେବମାନେ ଏକତ୍ର ପାନାହାର କରନ୍ତି ଅର୍ଥାତ୍ ସମସ୍ତେ ପରସ୍ପରର ଉଚ୍ଛିଷ୍ଟ ଭୋଜନ କରନ୍ତି । କିନ୍ତୁ ଏହା କଦାପି ନୁହେ । ପ୍ରତ୍ୟେକ ବ୍ୟକ୍ତିର ଭୋଜନପାତ୍ର ପୃଥକ୍, ଚମଚ କଣ୍ଟା ପୃଥକ୍, ପରିବେଷଣକାରୀ ପୃଥକ୍ । ଏକପାତ୍ରରେ ଜଣେ ଆହାର କଲେ ପରଦିନ ସେ ପାତ୍ର ଉତ୍ତମରୂପେ ଧୁଆ ନ ହୋଇ ପୋଛା ନୋହିବା-ପର୍ଯ୍ୟନ୍ତ ସେଥିରେ କେହି ଆହାର କରିବେ ନାହିଁ । ଯେଉଁଦିନ କୌଣସି ସାହେବ କୋଠିରେ ଖାନା ହୁଏ ସେଦିନ ପ୍ରତ୍ୟେକ ନିମନ୍ତ୍ରିତ ବ୍ୟକ୍ତିର ପରିବେଷଣକାରୀ ତାହା ସଙ୍ଗରେ ଯାଇଥାଏ । ଜଣେ ସାହେବର ଯେ ଉଚ୍ଛିଷ୍ଟ ଉଠାଇବ ଓ ତାକୁ ପରିବେଷଣ କରିବ ସେ ଅନ୍ୟଜଣଙ୍କର ସେଦିନ ତଦ୍ରୂପ ଶୁଶ୍ରୂଷା କରିବ ନାହିଁ । ଏହାଭ୍ୟାସରେ ସେମାନେ ଜଳପାନ କରନ୍ତି ନାହିଁ । ସୁରାପାନ ନିମନ୍ତେ ସୁଦ୍ଧା ସାନ ସାନ ପୃଥକ୍ ପାନପାତ୍ର ଥାଏ । କେବଳ ସେମାନେ ଏକତ୍ର ଉପବେଶନ କରିଥାନ୍ତି ଓ ପରସ୍ପର ଛୁଆଁଛୁଇଁ ହୁଅନ୍ତି । ଯଦି କୌଣସି ବୃହତ୍ ମାଂସଖଣ୍ଡ କିମ୍ବା ପିଷ୍ଟକ ମେଜ ଉପରେ ରହେ ସମସ୍ତଙ୍କୁ ତହିଁରୁ ଛେଦନ କରି ନେଇ ଆହାର କରିବାକୁ ହୁଏ ତେବେ ସେହି ପିଷ୍ଟକ ନିକଟରେ ଗୋଟାକେତେ ଛୁରି କଣ୍ଟା ଓ ଡଙ୍କା ଥାଏ । ଖାଇବାବ୍ୟକ୍ତି ତଦ୍ୱାରା ବାଢ଼ି ନେଇ ନିଜ ନିଜ ପାତ୍ରରେ ରଖି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ କରି ଆହାର କରନ୍ତି । ବାଢ଼ିବାଡଙ୍କାପ୍ରଭୃତି ନିଜ ନିଜ ପାତ୍ରରେ ଯେପରି ସ୍ପର୍ଶ କରି ଉଚ୍ଛିଷ୍ଟ ମିଶ୍ରିତ ନ ହୁଏ ତହିଁର ଯତ୍ନ କରନ୍ତି । ମଧ୍ୟ ସେମାନେ ହିନ୍ଦୁ ଓ ମୁସଲମାନଙ୍କ ପରି କେବଳ ହାତରେ ଆହାର କରୁ ନ ଥିବାରୁ ତାଙ୍କର ହାତ ଉତ୍ତମ ପରିଷ୍କାର ଥାଏ । ତଦ୍ୱାରା ଉଚ୍ଛିଷ୍ଟ ସଂସ୍ପର୍ଶ ହେବାର କୌଣସି ସମ୍ଭାବନା ନ ଥାଏ ।

ଅତଏବ ମୋ କହିବାର ଉଦ୍ଦେଶ୍ୟ ଏହି ଯେ ଛୁଇଁବା ଓ ଉଚ୍ଛିଷ୍ଟ ଭୋଜନ କରିବା ଏ ଦୁଇ ବିଷୟକୁ ଆମ୍ଭର ଦେଶୀୟ ଲୋକେ ଯାହା ଏକ ଭାବନ୍ତି ତାହା ଅଯଥାର୍ଥ ।

ଆମ୍ଭ ଦେଶୀୟ ଲୋକେ ଉକ୍ତରୂପେ ଏକ ଭାବିବାର ହେତୁ ଏହି ଯେ ହିନ୍ଦୁମାନଙ୍କ ମଧ୍ୟରେ ଅନେକ ସତ୍ସଙ୍ଗୀ ଅଛନ୍ତି ସେମାନେ ଭାଗବତ ପଢ଼ନ୍ତି ଏକତ୍ର ଆହାର କରନ୍ତି । ବ୍ରାହ୍ମଣ ବୈଷ୍ଣବ ଗୁଡ଼ିଆ କାଉଡ଼ିଆ ବଣିଆ ତାମ୍ବୁଳୀ ସମସ୍ତେ ଏକତ୍ର ଆହାର କରନ୍ତି, ଏ ତାକୁ ଖୋଇଦଏ ସେ ତାକୁ ଖୋଇଦଏ । ଏହିପରି ବ୍ୟାପାର ହୋଇଥାଏ । ଅପରନ୍ତୁ ହିନ୍ଦୁମଦଙ୍ଗମାନେ ଓ ସୁରାପାୟୀମାନେ ତଦ୍ରୂପ ଉଚ୍ଛିଷ୍ଟ ଭୋଜନରେ ରତ ହୋଇଥାନ୍ତି । ଯେସବୁ ଜଘନ୍ୟ ବ୍ୟାପାର । ହିନ୍ଦୁସମାଜ ସେପରି ଆଚରଣ କରୁ ଅମ୍ଭେ ତାହା କହୁ ନାହୁଁ, ମର୍ଯ୍ୟାଦାର ସୀମା ଲଙ୍ଘନ କଲେ ସବୁ ଦୂଷଣୀୟ ହୁଅଇ ।

ଆମ୍ଭମାନଙ୍କର କର୍ତ୍ତବ୍ୟ ଏହି ଯେ ପୂର୍ବେ ଯେପରି ବ୍ୟବହାର ଥିଲା ଯେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟମାନେ ପରସ୍ପର ପାକରେ ଆହାର କରୁଥିଲେ ବର୍ତ୍ତମାନ ସମୟରେ ମଧ୍ୟ ତଦ୍ରୂପ କରି ପାର । ଯେଉଁମାନେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ କିମ୍ବା ସେମାନଙ୍କର ପରସ୍ପର ଯୌନସମ୍ବନ୍ଧରେ ଉତ୍ପନ୍ନ ହୋଇଅଛନ୍ତି ସେମାନେ ପରସ୍ପର ଗୃହରେ ଭୋଜନ କରିବାର ବାଧା ଦୂରୀଭୂତ କରନ୍ତୁ ।

କାହିଁକି ଆମ୍ଭମାନଙ୍କୁ ସର୍ବଦା ଏକା ହେବାକୁ ହେବ । ଏକତ୍ର କାର୍ଯ୍ୟକ୍ଷେତ୍ରରେ ଉପନୀତ ହୋଇ କାର୍ଯ୍ୟ ନିର୍ବାହ କରିବାକୁ ହେବ । ମନୁଷ୍ୟ ସାମାଜିକ ଜୀବ । ବ୍ୟାଘ୍ର ପଶୁ ନୁହେ । ଯେଉଁବନରେ ଗୋଟାଏ ବ୍ୟାଘ୍ର ରହେ ସେ ବନରୁ ଆଉ ୨ କ୍ଷୁଦ୍ର ବ୍ୟାଘ୍ର ପଳାଇ ସ୍ଥାନାନ୍ତରରେ ବାସ କରନ୍ତି । ମନୁଷ୍ୟ ସେପରି ନୁହେ । ସେମାନଙ୍କୁ ଏକତ୍ର ବାସ କରିବାକୁ ହୁଏ । ବିପଦକାଳରେ ପରସ୍ପର ରକ୍ଷା କରିବାକୁ ହୁଏ । ସେମାନେ ଯେବେ ଏକ ନୋହିବେ ତେବେ ତାଙ୍କର ଉଚ୍ଛନ୍ନ ହୋଇଯିବାର କଥା ।

ଯଦି ଏକଟେଲରେ ଜଳଗ୍ରହଣୀୟ ସମସ୍ତ ଲୋକେ ନିକଟବର୍ତ୍ତୀ ହୋଇ ବସି ଆହାର କରନ୍ତି ଓ ତନ୍ମଧ୍ୟରୁ ଯେକେହି ଜଣେ କିମ୍ବା ଦଶ ପାଞ୍ଚଜଣ ଜଳଗ୍ରହଣୀୟ ପରିଷ୍କାର ଲୋକ ପାକ କଲେ ଆଉମାନେ ସେହି ଅନ୍ନ ଆହାର କରନ୍ତି ତେବେ ହିନ୍ଦୁସମାଜରେ ଏକତା କେତେଦୂର ବୃଦ୍ଧି ନ ପାଆନ୍ତା ? ଆଜି ଯେବେ ଏପରି ହୁଏ, କାଲି ଏହି ଭାରତବର୍ଷ ଏକ ନୂତନ ଭାରତବର୍ଷ ହୁଅନ୍ତା । କାଲି ଏହାର ଏକ ନୂତନ ଜନ୍ମ ହୁଅନ୍ତା । ହିନ୍ଦୁମାନଙ୍କ ମଧ୍ୟରେ ଦୃଢ଼ତା ବୃଦ୍ଧି ହୁଅନ୍ତା ! ଭୂତ ଭବିଷ୍ୟତ ବର୍ତ୍ତମାନ ତ୍ରିକାଳଦର୍ଶୀ କେଉଁ ବୁଦ୍ଧିମାନ୍ ବ୍ୟକ୍ତି ଏହି କାର୍ଯ୍ୟରେ ସମ୍ମତି ପ୍ରଦାନ ନ କରିବେ ?

---

ଗୋଟିଏ ଦୃଷ୍ଟାନ୍ତସ୍ୱରୂପ ପୁନର୍ବାର ଦେଖ:— ରେମଣାଠାରେ ଗୋଟିଏ ପାଣପିଲା ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସୁଦ୍ଧା ଅପରପିଲାମାନଙ୍କ ସଙ୍ଗରେ ବସିବାକୁ ପାରିଲା ନାହିଁ । ତାକୁ କେହି ଛୁଇଁଲେ ନାହିଁ । ଏହେତୁରୁ ତାହାର ପିତା ଦୁଃଖରେ କହିଲା "ମୁଁ ପୁଅଟିକି ଖ୍ରୀଷ୍ଟିୟାନ୍ କରିଦେବି ।" ଖ୍ରୀଷ୍ଟିୟାନ୍ କରିଦେଲେ ସମସ୍ତେ ଛୁଇଁବେ କିନ୍ତୁ ସେହି ବ୍ୟକ୍ତି ହିନ୍ଦୁ ଥିଲେ ତାକୁ କେହି ଛୁଇଁବେ ନାହିଁ । ହାଡ଼ୀକି କେହି ଛୁଇଁବେ ନାହିଁ କିନ୍ତୁ ସେହି ବ୍ୟକ୍ତି ଯେବେ ଖ୍ରୀଷ୍ଟିୟାନ୍ ହୁଏ କି ମୁସଲମାନ୍ ହୁଏ ତେବେ ବିବାଦରେ ସେ ଜଣେ ହିନ୍ଦୁକୁ ପିଟିଲେ ସୁଦ୍ଧା ତାହାର ଜାତି ଯିବ ନାହିଁ ।

Digitized by srujanika@gmail.com

ବିଦ୍ୟାଳୟରେ ସେହି ଜାତି ଖ୍ରୀଷ୍ଟୀୟାନ୍ କି ମୁସଲମାନ ସବୁ ହିନ୍ଦୁପିଲାଙ୍କ ସଙ୍ଗେ ବସିବାକୁ ପାଇବ। ମାଷ୍ଟର ହୋଇଥିଲେ ସମସ୍ତଙ୍କୁ ବେତ୍ରାଘାତ କରିପାରିବ ତହିଁରେ ହିନ୍ଦୁଙ୍କର ଜାତି ଯିବ ନାହିଁ। ଏପରି ବିଚାର ଯେଉଁ ହିନ୍ଦୁ ଜାତିମଧ୍ୟରେ ଅଛି ତାହାର କି କେବେ ଉନ୍ନତି ହେବାର ସମ୍ଭାବନା ?

ସମସ୍ତେ ଦେଖୁଅଛନ୍ତି ଯେ ଭାରତବର୍ଷର ହିନ୍ଦୁ ବ୍ୟକ୍ତି ଖ୍ରୀଷ୍ଟୀୟାନ୍ କିମ୍ବା ମୁସଲମାନ ହୋଇ ଶିକ୍ଷକ ମୋହରର ଓ ଅଫିସର ଅନେକକାର୍ଯ୍ୟ କରୁଅଛନ୍ତି। ଏଥିରେ ସେମାନେ ଆପଣାର ହିନ୍ଦୁ ଶତ୍ରୁମାନଙ୍କୁ ତାଡ଼ନା କରୁଅଛନ୍ତି କିମ୍ବା ହିନ୍ଦୁ ସଙ୍ଗୀ ମୋହରରମାନଙ୍କ ସଙ୍ଗେ ଏକ ବୈଠକରେ ବସି ପାନ ଖାଉଅଛନ୍ତି। ହିନ୍ଦୁ ଦୃଷ୍ଟିରେ ଆପଣମାନେ ବିଚାର କରି ଦେଖିବା ହେଉନ୍ତୁ ଯେ ଭାରତବର୍ଷର ହିନ୍ଦୁଲୋକ ହିନ୍ଦୁ ଥିବାବେଳେ ଅଧିକ ପବିତ୍ର ଥାଏ କି ମୁସଲମାନ୍ ବା ଖ୍ରୀଷ୍ଟୀୟାନ୍ ହେବାବେଳେ ଅଧିକ ପବିତ୍ର ହୁଏ। ହିନ୍ଦୁ ଥିବାବେଳେ ସେ ଅଭକ୍ଷ୍ୟ ଭକ୍ଷଣ କରୁଥିଲା ଓ ହିନ୍ଦୁ ଠାକୁରଠାକୁରାଣୀଙ୍କି ମାନୁଥିଲା ବ୍ରାହ୍ମଣ କିମ୍ବା ଅପର ଉଚ୍ଚବର୍ଣ୍ଣମାନଙ୍କୁ ଦେଖିଲେ ଆଗ ହୋଇ ଦଣ୍ଡବତ ହେଉଥିଲା। ତାକୁ କେହି କଲ୍ୟାଣ କରନ୍ତୁ କି ନ କରନ୍ତୁ ତହିଁରେ ତାହାର କ୍ଷୁଣ୍ଣ ହେବାର ଅଧିକାର ନ ଥିଲା। କିନ୍ତୁ ହିନ୍ଦୁମାନେ ତାକୁ ଘୃଣା କଲେ ତାକୁ ଦୁଇଟା ମିଷ୍ଟକଥା କହିବାକୁ ସ୍ପୃହା କୁଣ୍ଠିତ ହେଲେ। ଯଦି ସେହି ବ୍ୟକ୍ତି ବିଦ୍ୟା କି ଧନ ପ୍ରଭାବରୁ ଆପଣାପ୍ରତି ଅକାରଣ ଦ୍ୱେଷ ବୁଝି ପାରି ଓ ହିନ୍ଦୁ ସମାଜମଧ୍ୟରେ ଆପଣାର କୌଣସି ପ୍ରକାର ଉନ୍ନତିର ଆଶା ନ ଦେଖି ଅପର ଧର୍ମବଲମ୍ବୀ ହେଲା ଏଣିକରେ ସେ ହିନ୍ଦୁମାନଙ୍କର ପ୍ରଧାନବର୍ଣ୍ଣ ବ୍ରାହ୍ମଣର ସମକକ୍ଷ ହେଲା। ବ୍ରାହ୍ମଣ ତାକୁ କି ତାହାର ବଂଶଜାତ ପୁତ୍ରାଦିଙ୍କୁ ପ୍ରତିନମସ୍କାର କି ନମସ୍କାର ନ କଲେ ସେ ନମସ୍କାର କି ପ୍ରତିନମସ୍କାର କରିବ ନାହିଁ। ଆମ୍ଭ ଠାକୁର ଠାକୁରାଣୀଙ୍କି ଅନେକପ୍ରକାର ଅବମାନନା କଲା, ହିନ୍ଦୁମାନଙ୍କର ବିଦ୍ୱେଷୀ ହେଲା, ତଥାପି ହିନ୍ଦୁମାନେ ତାକୁ ମାନ୍ୟ କଲେ। ପ୍ରକୃତ ଦେଖିବାକୁ ଗଲେ ସେ ବ୍ୟକ୍ତି ହିନ୍ଦୁ ଥିବାବେଳେ ଆହାରାଦିରେ ବିଚାର ନ କରୁ ପଛକେ ହିନ୍ଦୁଧର୍ମକୁ ମାନୁଥିବାରୁ ହିନ୍ଦୁଚକ୍ଷୁରେ ସେ ପବିତ୍ର ଥିଲା। ବିଧର୍ମୀ ହେବାରୁ ଓ ହିନ୍ଦୁଧର୍ମର ଅବମାନନା କରିବାରୁ ଅଧିକ ଅପବିତ୍ର ହେଲା। କିନ୍ତୁ ଆମ୍ଭର ହିନ୍ଦୁଧର୍ମାବଲମ୍ବିମାନେ ଠିକ ଓଲଟା ବୁଝାମଣା କରନ୍ତି। କ୍ଷମା କରନ୍ତୁ କିନ୍ତୁ ଏପରି ପାଲଟିଶ୍ରାମଙ୍କ ଯେଉଁଠାରେ ବୁଝାମଣା କରନ୍ତି ସେଠାରେ କି ରକ୍ଷା ଅଛି ?

ଅବଶ୍ୟ ଏହା ବୋଲାଯାଇ ପାରେ ଯେ ଯେଉଁକାଳରେ ଭାରତବର୍ଷରେ କେବଳ ହିନ୍ଦୁମାନେ ପ୍ରଧାନରୂପେ ବାସ କରୁଥିଲେ, ତାଙ୍କଠାରୁ ବଳଶାଳୀ ଜାତି କେହି ଏଠାରେ ନ ଥିଲେ ସେତେବେଳେ ସେମାନେ ନୀଚବର୍ଣ୍ଣମାନଙ୍କୁ ଅନାଦର କରନ୍ତୁ କି ଯାହା କରନ୍ତୁ ସେଥିରେ ବାହାର କେହି ଅପକାର କରିବାର ସାମର୍ଥ୍ୟ ନ ଥିଲା, କିନ୍ତୁ ଅଜିକାର ଭାରତବର୍ଷ କେବଳ ହିନ୍ଦୁମାନଙ୍କର ନୁହେଁ, ମୁସଲମାନ୍ ଖ୍ରୀଷ୍ଟୀୟାନ୍ ବୌଦ୍ଧ ଇହୁଦୀ ବ୍ରାହ୍ମ ଅନେକ ଧର୍ମାବଲମ୍ବୀ ଏଥିରେ ବସତି କରୁଛନ୍ତି। ଅତଏବ ହିନ୍ଦୁ ସମାଜର ନେତା ପ୍ରଧାନ ପ୍ରଧାନ ବୁଦ୍ଧିମାନ୍ ଲୋକଙ୍କର ଦେଶକାଳର ଉପଯୋଗୀ ବ୍ୟବହାରମାନଙ୍କୁ ପ୍ରଚାର କରିବା ଉଚିତ। ଏତେଗୁଡ଼ାଏ ଭେଦ ରଖିବାର କର୍ତ୍ତବ୍ୟ ନୁହେଁ। ଯଦି ଭେଦ ରଖିବେ ତେବେ କେବଳ ବିବାହରେ ରଖି ଥାଉନ୍ତୁ ତହିଁରେ ତେତେ ବାଧା ନାହିଁ। କିନ୍ତୁ ଅନ୍ନରେ ଯେତେ ଭେଦ ରଖିବେ ସେତେ ତାଙ୍କର ଅନିଷ୍ଟ ହେବାର ନିଶ୍ଚୟ କଥା। ସମୂଳରେ ହିନ୍ଦୁଧର୍ମ ବିନଷ୍ଟ ହେବ।

କିନ୍ତୁ "ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ" ଘରପୋଡରୁ ଯାହା ମିଳେ ତାହା ସହି। ଏହି ବୁଦ୍ଧବଚନ ଅନୁସାରେ ଯଦି ବର୍ତ୍ତମାନର ହିନ୍ଦୁମାନେ ଅନ୍ନଗତ ଜଘନ୍ୟ ଜାତିଭେଦକୁ ଆପଣାର ସମାଜମଧ୍ୟରୁ ବହିଷ୍କୃତ କରିବେ ତେବେ ତାଙ୍କର ଧର୍ମ ରକ୍ଷା ପାଇବ ଓ ଦିନକୁ ଦିନ ସେହିଧର୍ମ କ୍ଷୟ ପ୍ରାପ୍ତ ନ ହୋଇ ବରଂ ବୃଦ୍ଧି ଲାଭ କରିବ।

ତାରେ ବଙ୍ଗଦେଶର ପୂର୍ବକୁ ଦୃଷ୍ଟିପାତ କର। ଲକ୍ଷ ଲକ୍ଷ ପଠାଣମାନଙ୍କର ସମ୍ପ୍ରଦାୟ ପ୍ରତି ଦୃଷ୍ଟି କର। ବଙ୍ଗାଳୀମାନେ ଯାହାଙ୍କୁ ଲଶ୍ରାପଠାଣ ବୋଲନ୍ତି ଓ ଯେଉଁମାନେ ପ୍ରାୟ ଅଧିକାଂଶ ନାବିକବ୍ୟବସାୟଦ୍ୱାରା ଜୀବିକାନିର୍ବାହ କରନ୍ତି, ଏମାନଙ୍କୁ ଯଦି ହିନ୍ଦୁଧର୍ମ ସ୍ଥାନ ଦେଇ ପାରିଥାନ୍ତା ତେବେ ସେହି ହିନ୍ଦୁଙ୍କର ଗୃହମଧ୍ୟରେ କି ଏତେ ଶତ୍ରୁଙ୍କର ବୃଦ୍ଧି ହୋଇଥାନ୍ତା ? ସେମାନେ କପାଇଁ ମୁସଲମାନ ହୋଇଥାନ୍ତେ ?

ଯେଉଁ ନଇଡୀ ଯେତେ ବଡ଼ ସେଥିରେ ସେତେ ଧାନ ଧରେ। ଯେଉଁ ଧର୍ମ ଯେତେ ପ୍ରଶସ୍ତ ସେଥିରେ ସେତେଲୋକ ଯୋଗଦାନ କରନ୍ତି। ଜସ୍ତୁମ ସଙ୍କୀର୍ଣ୍ଣ କଲେ ଜନ୍ତୁରେ କଦାପି ସେତେମନୁଷ୍ୟ ପ୍ରବେଶ କରି ପାରିବେ ନାହିଁ, ନଇଡ଼ୀର ଧାନ ଖୋଳାଲରେ କଦାପି ଧରିବ ନାହିଁ। ଏଥିକୁ ବିଚାର କରି ହେ ହିନ୍ଦୁଭାଇମାନେ ଆପଣମାନଙ୍କୁ ଜଣାଉଅଛୁ ଆପଣମାନେ ଅନ୍ନଗତ ଜାତିର ଅନିଷ୍ଟ ହୃଦୟଙ୍ଗମ କରନ୍ତୁ !!! କ୍ରମଶଃ

---

* ନିବେଦନ ଏହି ଯେ ମୋର ଯାହା କହିବାର ଥିଲା କହି ନ ପାରିବାଯାଏ ଏହାର ଉତ୍ତର ଦାନରେ କେହି ପ୍ରବୃତ୍ତ ନ ହେଉନ୍ତୁ। କେବଳ ପାଠ କରି ମନରେ ଆନ୍ଦୋଳନ କରନ୍ତୁ ଓ ଉତ୍ତର ଦେବାର ହେଲେ ଲେଖି ରଖିଥାନ୍ତୁ ମୁଁ ସବୁ କହିସାରିଲେ ଉତ୍ତର ଦେବେ।

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମ୍ମା

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୦ ଶ
ସଂ ୯ ସଂଖ୍ୟା

ତା ୭ ରଖ ମାହେ ମାର୍ଚ୍ଚ ସନ ୧୮୮୫ ଇଂରାଜୀ । ମୁ । ଫାଲ୍ଗୁନ ବ ୨୯ ? ଶକ ୧୨୯୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ପଶ୍ଚାଦେୟ ଟ ୨॥

ବିଜ୍ଞାପନ ।

ଭାରତବର୍ଷୀୟ ଡାକବିଭାଗର ଡାଇରେକ୍ଟର ସାହେବ ନିୟମ କରିଅଛନ୍ତି କି ଆଗାମି ଅପ୍ରେଲମାସ ତା ୧ ରଖଠାରୁ ଯେଉଁମାନେ ଭଲ୍ୟୁ-ପେବଲ ଅର୍ଥାତ୍ ଡାକ ବାହକକୁ ମୂଲ୍ୟ ଦେଇ ଦ୍ରବ୍ୟ ନେବା ପ୍ରଥାରେ ପୁସ୍ତକାଦି ଯାଚନା ପଠାଇବେ ସେମାନଙ୍କର ତାହା ପଠାଇବା ସମୟରେ ଉକ୍ତ ପୁଲିନ୍ଦାର ଡାକମାସୁଲ ଛଡ଼ା ଉକ୍ତ ପୁଲିନ୍ଦାର ମୂଲ୍ୟ ଗ୍ରାହକଠାରୁ ମନିଅର୍ଡ଼ରଦ୍ୱାରା ଅସିବା ନିମିତ୍ତ ଯେତେ କମିଶନ ଲାଗିବ ତାହା ଅଗତ୍ରିମ ଦେବାକୁ ହେବ ଓ କୌଣସି କାରଣରୁ ଉକ୍ତ ପୁଲିନ୍ଦା ପ୍ରେରକ ନିକଟକୁ ଫେରିଅସିଲେ ମନିଅର୍ଡ଼ର କମିଶନ ଫେରନ୍ତ ମିଳିବ ନାହିଁ । ଅତଏବ କଟକ ପ୍ରିଣ୍ଟିଂକମ୍ପାନୀ ଆପଣା ମୋଫସଲସ୍ଥ ଗ୍ରାହକମାନଙ୍କୁ ଉପରଲିଖିତ ନିୟମ ଜଣାଇଦେଇ ପ୍ରାର୍ଥନା କରୁଅଛନ୍ତି କି ଆଗାମି ଅପ୍ରେଲମାସ ଆରମ୍ଭଠାରୁ ଯେଉଁମାନେ ଭାଲୁଏବଲ୍ ପେବଲ ନିୟମରେ ପୁସ୍ତକ ନେବା କାରଣ ପତ୍ର ଲେଖିବେ ସେମାନେ ଉକ୍ତ ପତ୍ରସହିତ ମନିଅର୍ଡ଼ର ଖର୍ଚ୍ଚ ଦୁଇଅଣା ଅଗତ୍ରିମ ଅନୁଗ୍ରହ ପୂର୍ବକ ପଠାଇବେ ଏ ଖର୍ଚ୍ଚା ନ ପଠାଇଲେ ଉକ୍ତ ନିୟମରେ ପୁସ୍ତକ ପଠାଯିବ ନାହିଁ ।

କଟକ
ତା ୨ ରଖ ମାର୍ଚ୍ଚ
ସନ ୧୮୮୫

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

ଗତମାସ ତା ୨୯ ରଖରେ ବିଲାତର ପାର୍ଲିଆମେଣ୍ଟସଭା ପୁନର୍ବାର ବସିଲା । ଶ୍ରୀମତୀ ମହାରାଣୀଙ୍କର ସ୍ପିଚ୍ ବକ୍ତୃତା ପଠିତ ହେଲା ତହିଁରେ ଭାରତବର୍ଷ ସମ୍ପର୍କରେ କେବଳ ଏତିକି କଥା ଅଛି କି ଯୈକମଣ୍ଡିତ୍ୟ ସମ୍ପର୍କରେ ଇଂରାଜ ଗାବର୍ଣ୍ଣମେଣ୍ଟଙ୍କ ସହିତ ଯେଉଁ ବନ୍ଦୋବସ୍ତ କଥା ହେଉଅଛି ତାହା ଅଦ୍ୟାପି ଅନୁକୂଳମତେ ଶେଷ ହୋଇ ନାହିଁ ମାତ୍ର ଶ୍ରୀମତୀ ମହାରାଣୀ ଆଶା କରୁଅଛନ୍ତି ଯେ ଆଉ ଯୁଦ୍ଧ କରିବା ଅବଶ୍ୟକ ହେବ ନାହିଁ ।

---

ଅନୁଗୁଳଠାରେ ଇଞ୍ଜିନିୟର ମାନଙ୍କୁ ବସିବା ବେଳେ ଅମ୍ଭେମାନେ ତହିଁର ଅଯୌକ୍ତିକତା ଦେଖାଇଦେଇଥିଲୁଁ । ବାସ୍ତବରେ ଗଡ଼ଜାତୀୟମାନେ ଏଥିରେ ବଡ଼ବ୍ୟସ୍ତ ଓ ଦୁଃଖିତ ଥିଲେ ଏବଂ କାର୍ଯ୍ୟ ମଧ୍ୟ ଭଲ ଚାଲିଲା ନାହିଁ । ଅମ୍ଭେମାନେ ଆନନ୍ଦସହିତ ସରକାରୀଗେଜେଟରେ ପାଠ କଲୁଁ ଯେ କେବଳ ସରକାରୀ କର୍ମଚାରୀ ଛଡ଼ା ଅନୁଗୁଳ ଓ ଖଣ୍ଡମାଳର ଆଉ ସମସ୍ତଲୋକଙ୍କୁ ମହାମାନ୍ୟ ଗବର୍ଣ୍ଣର ଜେନେରାଲ ଏହି ଟାକ୍ସରୁ ଖଲାସ ଦେଇଅଛନ୍ତି ।

---

ଓଡ଼ିଆ ଓ ନବସମ୍ବାଦରୁ ଅବଗତ ହେଲୁଁ ଯେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଗତ ଫିବ୍ରୁଆରୀମାସ ତା ୯ ରଖ ସୋମବାର ଦିବସ ତାଙ୍କ ପତ୍ନୀ ଅପ୍ରଭା କୁମାରୀଙ୍କୁ ବାଟିରେ

ଇଉରୋପୀୟମାନଙ୍କୁ ଭୋଜି ପ୍ରଦାନ କରିଥିଲେ । ବୋଧ ହୁଏ ରାଜା-ବାହାଦୁର ପଦୋପଲକ୍ଷରେ ଏହି ଭୋଜ ପ୍ରଦାନ କରଗଲା । ଜଳସ୍ତବା ସ୍ୱଦେଶୀୟ ଓ ବିଦେଶୀୟବନ୍ଧୁଙ୍କ ସେବାରେ ସର୍ବଦା ମନୋଯୋଗୀ ଥିବାର ଦେଖାଯାଏ ମାତ୍ର ଇଶପଦବୀପଲକ୍ଷରେ କୌଣସି ଚିରସ୍ଥାୟୀ ଉନ୍ନତିର୍ କ୍ଷ୍ଣି ସ୍ଥାପିତ ହେବାର ସମ୍ବାଦ ପାଇଲେ ବଡ଼ ଆନନ୍ଦର ବିଷୟ ହେବ ।

---

ଅମ୍ଭମାନଙ୍କ ନୂତନ କମିଶନର ମିଃ ଜେ, ଏ, କପ୍‌କନ୍‌ସନ୍ ଗତ ସୋମବାରଦିବସ ପ୍ରାତଃକାଳରେ କଟକନଗରରେ ପହୁଞ୍ଚି ମଙ୍ଗଳବାରଦିବସ ମିଃ ସି, ଏଫ୍, ୱର୍ସଲି ସାହେବଙ୍କଠାରୁ କାର୍ଯ୍ୟ ଗ୍ରହଣ କରିଅଛନ୍ତି । ନୂତନ କମିଶନର ସାହେବ ଓଡ଼ିଶ୍ୟାପ୍ରତି ନୂତନ ନୁହନ୍ତି ସୁତରାଂ ଏଠାରେ କାର୍ଯ୍ୟ ଉତ୍ତମରୂପେ ଚଳିବାର ସମ୍ଭାବନା ଅଛି । ବିଶେଷତଃ ସାହେବମହୋଦୟ ଜଣ୍ଟମେଜିଷ୍ଟ୍ରେଟ ଥାଇ ଏମନ୍ତ ପ୍ରଶଂସନୀୟରୂପେ କାର୍ଯ୍ୟ କରିଥିଲେ ଯେ ସେଠାଲୋକେ ତାହାଙ୍କୁ ଝୁରୁଥିବାର ସମ୍ବାଦପତ୍ରରୁ ପ୍ରକାଶ । ସାହେବ ମହୋଦୟ ଇତିମଧ୍ୟରେ ଗତକାଲ୍ୟ ଏଠାରୁ ବାଲେଶ୍ୱର ଯାତ୍ରା କରିଅଛନ୍ତି ।

---

କଫୋର୍ଡ଼ସାହେବଙ୍କ ନାମରେ ଯେଉଁ ବମ୍ବେର ଗବର୍ଣ୍ଣମେଣ୍ଟ ବଡ଼ କଷ୍ଟରେ ପଡ଼ି-

Digitized by srujanika@gmail.com

Split by PDF Splitter



ଅଛନ୍ତି । କଲେକ୍ଟର ବେଷ୍ଟେକେଟଙ୍କ ଅନୁମୋଦନମତେ ଗବର୍ଣ୍ଣମେଣ୍ଟରୁ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କମିଶନରମାନେ ଦେଇଥିବା ରିପୋର୍ଟ ପ୍ରକାଶଯୋଗ୍ୟ ନୁହେଁ ଏବଂ ଏଠାରୁ କଲିକତାପର୍ଯ୍ୟନ୍ତ ନିଷ୍ପତ୍ତି ହେବାକୁ ଅବଶ୍ୟ ବିଳମ୍ବ ଲାଗିବ । କିନ୍ତୁ କଫୋର୍ଡ଼ିୟା ହିତୈଷୀପକ୍ଷରୁ ରିପୋର୍ଟର ନକଲ ପାଇବା ଅନ୍ତତଃ ଉହାଁର ଫଳ ଜାଣିବାପାଇଁ ପୁନଃ ପୁନଃ ପ୍ରାର୍ଥନା ହୋଇଅଛି ଏବଂ ଏମନ୍ତ ବ୍ୟଗ୍ରତା ଅପତ୍ତି ହୋଇଅଛି କି କଫୋର୍ଡ଼ସାହେବ ବଡ଼ ପୀଡ଼ିତ ଅଛନ୍ତି ଏବଂ ଶୀଘ୍ର ଫଳ ନ ଜାଣିଲେ ତନ୍ତାରେ ତାହାଙ୍କର ପ୍ରାଣ ସଂଶୟ ହୋଇ ପାରେ । କମେଇ ଗବର୍ଣ୍ଣମେଣ୍ଟ ଅବଶ୍ୟ ଉପରଲିଖିତ ନିୟମାନୁସାରେ କିଛି ନିଶ୍ଚୟ ଉତ୍ତର ଦେଇ ନାହାନ୍ତି । ଏଥିମଧ୍ୟରେ ସାହେବଙ୍କପକ୍ଷରୁ କଲିକତାସେକ୍ରେଟେରୀ ଅବ-ଷ୍ଟେଟଙ୍କ ନିକଟକୁ ସୁଦ୍ଧା ତାରସମ୍ବାଦ ଯାଇଅଛି ।

---

ବିଜ୍ଞାପନଦ୍ୱାରା ସର୍ବସାଧାରଣ ଅବଗତ ହେବେ ଯେ ଏ ନଗରସ୍ଥ ଫାଂସମୋହନ-ଏକାଡେମୀରେ ଅର୍ଦ୍ଧେକବେତନରେ କଂଶ ଛାତ୍ର ଗୃହୀତ ହେବେ । ପ୍ରାର୍ଥୀମାନେ ଆପଣା ଆବେଦନପତ୍ର ସହିତ ପୂର୍ଣ୍ଣବେତନ ଦେବାକୁ ଅକ୍ଷମ ଥିବାର ଖସ୍ରା ସାର୍ଟିଫିକେଟ ଏହି ମାସମଧ୍ୟରେ ସମ୍ପାଦକଙ୍କ ନିକଟକୁ ପ୍ରେରଣ କରିବେ । ଗଡ଼ଜାତମହଲଙ୍କର ଦରଖାସ୍ତ ମଧ୍ୟ ଗ୍ରହଣ ହେବ । ଗତବର୍ଷ ୫୦ ଛାତ୍ରଙ୍କ ଅର୍ଦ୍ଧେକ ଓ ଏକ ଚତୁର୍ଥାଂଶବେତନରେ ପ୍ରବେଶ କରିବାର ବିଜ୍ଞାପନ ଦିଆ ଯାଇଥିଲା । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ପ୍ରାୟ ୪୦ ଛାତ୍ର ଅର୍ଦ୍ଧେକ ଓ ଏକଚତୁର୍ଥାଂଶ ବେତନ ପ୍ରଦାନ କରି ଉକ୍ତ ବିଦ୍ୟାଳୟରେ ପାଠାଭ୍ୟାସ କରୁଅଛନ୍ତି । ଏହି ବିଦ୍ୟାଳୟର ପ୍ରତିଷ୍ଠାତା ବାବୁ ଫାଂସମୋହନ ଆଗ୍ରେ ଗରିବଛାତ୍ରମାନଙ୍କ ବ୍ୟଥା ଜାଣନ୍ତି ଏହି ସ୍କୁଲ ସ୍ଥାପନ କରିଥିଲେ ଓ ତଦନୁସାରେ ସେଠାରେ ଗରିବଛାତ୍ରମାନେ ପାଠ କରୁଅଛନ୍ତି ଏବଂ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

ନବାବର ନୂଆ ପ୍ରଣୟ ଅର୍ଥାତ୍ କୋର୍ଟସିପ ଭିନ୍ନ ପ୍ରଦେଶରେ ଭିନ୍ନ ପ୍ରକାର ହୁଏ । ଏସ୍କୁଇମୋ ଜାତିର କୋର୍ଟସିପ ନିୟମ ଅତି-ଆଶ୍ଚର୍ଯ୍ୟଜନକ ହିନ୍ଦୁସ୍ଥାନିଙ୍କ ଏହାର ସବିଶେଷ ବିବରଣ ଜୁଟେଇ କରିଅଛନ୍ତି ସର୍ବାଗ୍ରେ ସ୍ତ୍ରୀପୁ ସାହସ ପରୀକ୍ଷାର ପ୍ରଦାନାର୍ଥେ ପ୍ରଣୟୀ ବଳିଷ୍ଠ ଥାଇ ଆଣ । ଉତ୍ତରରେ ପ୍ରଣୟୀ ସ୍ତ୍ରୀର ଉପସ୍ଥିତ ହୋଇ ପ୍ରଣୟିନୀ ବାହାରକୁ ଆସିବା ମାତ୍ରକେ ପ୍ରଣୟୀ ତାଙ୍କ ଧର ଜବରଦସ୍ତ-ସଂଯୋଜିତ ଗାଡ଼ିରେ ନେଇ ଯିବାକୁ ଚେଷ୍ଟା କଲେ ପ୍ରଣୟିନୀ ଚିତ୍କାର କରେ ନାଗରକୁ କାମୋଡ଼େ ପଦାଘାତ କରେ ଓ ଖଣ୍ଡ ପଲାୟନ କରେ । ପ୍ରଣୟୀ ପ୍ରଣୟିନୀର ପଶ୍ଚାତ୍ ଦୌଡ଼େ । ଯୁବତୀର ପଶ୍ଚାତରେ ପ୍ରତିବାସିବର୍ଗ ସ୍ତ୍ରୀମାନେ ଦୌଡ଼ନ୍ତି ଓ ଚର୍ମ ମଣ୍ଡିତ ବରଫଆଚ୍ଛାଦିତ ହାଡ଼ ସେନ ତାକୁ ପ୍ରହାର କରନ୍ତି । ଯୁବତୀ କ୍ଲାନ୍ତ ହୋଇ ପଡ଼ିଲେ ତାକର ଶ୍ୱଶୁରଘରସ୍ଥ ପୁନଃ ପ୍ରହାର କରି ଗାଡ଼ିରେ ନେଇ ଯାଇ ତାକୁ ବିବାହ ହୁଏ ।

---

ବୋମ୍ବାଇଗବର୍ଣ୍ଣମେଣ୍ଟ ଗ୍ରାମମାନଙ୍କର ସ୍ୱାସ୍ଥ୍ୟରକ୍ଷାନିମିତ୍ତ ଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରିଅଛନ୍ତି । ତହିଁରେ ଏହିପରି ଲେଖା ହୋଇଅଛି ଯେ ସାନ ସାନ ଗ୍ରାମମାନଙ୍କରେ ତିନି କିମ୍ବା ତତୋଧିକ ଲୋକମାନଙ୍କର ଗୋଟିଏ କମିଟୀ ହେବ ଯେ କଲେକ୍ଟର ସାହେବ ଉକ୍ତ କମିଟୀର ସଭ୍ୟମାନଙ୍କୁ ମନୋନୀତ କରି ନିଯୁକ୍ତ କରିବେ । ଉକ୍ତ କମିଟୀ ଗ୍ରାମର ପାନୀୟ ଜଳ ଯୋଗାଇବା, ଡାଣ୍ଡବାଟ ପରିଷ୍କାର ରଖିବା ଓ ଯହିଁରେ ମଇଳା ନ ହୁଏ ତହିଁର ବିଧାନ କରିବା ଏବଂ ଅନ୍ୟ ସ୍ଥଳରେ ଗ୍ରାମର ସାଧାରଣ ସ୍ୱାସ୍ଥ୍ୟର ଉନ୍ନତି କରିବା କାର୍ଯ୍ୟର ବନ୍ଦୋବସ୍ତ କରିବେ । ଗ୍ରାମସ୍ଥ ଗୃହସ୍ଥମାନଙ୍କ ଉପରେ କମିଟୀର ଅଧିକାର ରହିବ ଗୃହସ୍ଥମାନେ ଦରଖାସ୍ତ କରିବେ. କାର୍ଯ୍ୟ ନ କଲେ କମିଟୀରୁ ଦଣ୍ଡ ପାଇବେ । କମିଟୀ ଆପଣାର ନିୟମମାନ ପ୍ରସ୍ତୁତ କରିବେ ଏବଂ କେହି ସ୍ୱାସ୍ଥ୍ୟବିଧାୟକ ନିୟମମାନ ଉଲ୍ଲଙ୍ଘନ କଲେ ତହିଁର ଦଣ୍ଡବିଧାନର ନିୟମ କରିବେ । ଯେଉଁ ଗ୍ରାମମାନ ଅପେକ୍ଷାକୃତ ବଡ଼ ଅଟେ ସେଠାରେ କମିଟୀ ପରିବର୍ତ୍ତରେ ସ୍ୱାସ୍ଥ୍ୟବିଧାୟକ ବୋର୍ଡ ନିଯୁକ୍ତ ହେବ । ଏପରି ମଧ୍ୟ ଭରସା ଦିଆଯାଇଅଛି ଯେ ସ୍ୱେଚ୍ଛାପ୍ରେରିତ ଚାନ୍ଦାଦ୍ୱାରା କମିଟୀ ଓ ବୋର୍ଡର ବ୍ୟୟଭାର ନିର୍ବାହିତ ହେବ ଅଉ ଯେଉଁଠାରେ ଲୋକେ ଚାନ୍ଦା ନ ଦେବେ ସେଠାରେ ଟିକସ ଜାରି ହେବ । ଏ ନିୟମମାନ ଆମ୍ଭମାନଙ୍କ ମନକୁ ବଡ଼ ଲାଗିଅଛି । ଅନେକ ମୋଫସଲର ଅବସ୍ଥା ଜାଣିବାରୁ ସ୍ଥାନ ଅଟେ ଏବଂ ବର୍ଷାକାଳରେ ଅନେକ ଗ୍ରାମର ବାଟଘାଟର ଏପରି ଅବସ୍ଥା ହୁଏ ଯେ ଯାହା କଥାରେ କହନ୍ତି ସେହିଠାରେ ଯମ ଯିବ ନାହିଁ ସେହିପରି ହୋଇଯାଏ । ଲୋକେ ଯେ ସେପରି ଗ୍ରାମମାନଙ୍କରେ ଜନ୍ମଭୂମିର ମମତା ରତ ନ ପାରି ପଡ଼ି ରହନ୍ତି ଏହା ଆଶ୍ଚର୍ଯ୍ୟର ବିଷୟ ଅଟେ । ଫଳରେ ଜମ୍ବୁଡ଼ିକା ଲଘୁଆତ ରୋଗ ପ୍ରବଳ ହୋଇ ଅନେକଲୋକଙ୍କୁ ଅକାଳରେ କାଳ କବଳରେ ପତିତ କରାଏ । ଭରସା କରୁଁ ବୋମ୍ବାଇର ଉକ୍ତ ଆଇନର ପାଣ୍ଡୁଲିପି ବିଧିବଦ୍ଧ ହେବା ସଙ୍ଗେ ସଙ୍ଗେ ଏ ଅଞ୍ଚଳରେ ସେପରି ଆଇନ ହେବାର ଏଠାଗବର୍ଣ୍ଣମେଣ୍ଟ ଉଦ୍ୟୋଗ କରିବେ ।

---

ବର୍ତ୍ତମାନ ସମୟରେ ନାନାପ୍ରକାର ଅଘଟନ ଦୁଷ୍କର୍ମ ଓ ଗୁପ୍ତକର୍ମ କାର୍ଯ୍ୟମାନ ସମ୍ପାଦିତ ହେଉଅଛି । ସମୟର ଗତିରେ ମନୁଷ୍ୟର ରୁଚି ଭିନ୍ନ ହେଉଅଛି । ପୂର୍ବକାଳରେ ଯେଉଁ କାର୍ଯ୍ୟ ଅତୀବ ଗର୍ହିତ ସାମାଜିକ ନିୟମବିରୁଦ୍ଧ ଅସଦ୍ଧର୍ମ ଓ ଅନୀତିକର ଜ୍ଞାନ ହେଉ ଥିଲା, ବର୍ତ୍ତମାନ ତାହା ଅନେକ ସ୍ଥାନରେ ପ୍ରଶଂସନୀୟ ଓ ଆନନ୍ଦଦାୟକ ହେଉଅଛି ମନର ଉନ୍ନତିର ଅଥବା ମତିର ଅବନତି ହେତୁରୁ ପୂର୍ବକାଳ କାର୍ଯ୍ୟର ଯଥାର୍ଥ ଜ୍ଞାନ ନ କରି ପାଶ୍ଚାତ୍ୟ ସଭ୍ୟଲୋକମାନେ ପୃଥିବୀରେ ନୂତନ ନୂତନ କାର୍ଯ୍ୟମାନ ପ୍ରଦର୍ଶନ କରୁଅଛନ୍ତି । ସ୍ତ୍ରୀମାନେ ସ୍ୱଭାବତଃ ଲଜ୍ଜାଶୀଳା ଓ ସ୍ୱାମିଅନୁଗତା ସୁତରାଂ ସେମାନଙ୍କ ସୌନ୍ଦର୍ଯ୍ୟ ସ୍ୱାମୀ ବ୍ୟତୀତ ଅନ୍ୟ କାହାରିକୁ ଦେଖାଇବାକୁ ଇଚ୍ଛାନ୍ତି ନାହିଁ । କିନ୍ତୁ କାଳର ଗତି କି ଚମତ୍କାର ! ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ ବହିର୍ଜଗତରେ ପ୍ରକାଶିତ ନ ହେଲେ ସ୍ତ୍ରୀ ଜୀବନ ସାର୍ଥକ ହେବା ପରି ବୋଧ ହେଉ ନାହିଁ ।

କୃଷିପ୍ରଦର୍ଶନୀ ହାଟର ନ୍ୟାୟ ରୂପପ୍ରଦର୍ଶନୀ ହାଟ ବସିବାର ଶୁଣା ଯାଉଅଛି । ଇଉରୋପର ବେଲଜିୟମ ଓ ଇଟାଲୀରେ ରୂପର ହାଟ ବସିଥିଲା ବର୍ତ୍ତମାନ ପୁଣି ଇଂଲଣ୍ଡରେ ଗୋଟିଏ ରୂପର ହାଟ ବସିବ । ପରମସୁନ୍ଦରୀ ଦୁଇସହସ୍ର ଟଙ୍କା ପୁରସ୍କାର ପ୍ରାପ୍ତ ହେବେ । ସୁନ୍ଦରୀମାନେ ସ୍ୱ ସ୍ୱ ଫଟୋଗ୍ରାଫ ପ୍ରେରଣ କରିବେ ଏମାନଙ୍କ ମଧ୍ୟରୁ ୫୦ ଜଣ ପରମସୁନ୍ଦରୀଙ୍କୁ ଉପସ୍ଥିତ ହେବାକୁ ହେବ ଅଧିକାଂଶ ଦର୍ଶକ ଏମାନଙ୍କ ମଧ୍ୟରୁ ଯାହାକୁ ମନୋନୀତ କରିବେ ସେ

Digitized by srujanika@gmail.com

ପୁରସ୍କାରଯୋଗ୍ୟ ହେବ । ଏପ୍ରକାର କାର୍ଯ୍ୟର କାରଣ ଥିଲା । ଥିଲା ସକାଶେ ପ୍ରଦର୍ଶନୀ ଫିଟାଯିବ ଓ ଥିଲା ସକାଶେ ସ୍ତ୍ରୀମାନେ କୁଳମର୍ଯ୍ୟାଦା ପରିତ୍ୟାଗ କରି ପୁରୁଷଙ୍କରେ ସୌନ୍ଦର୍ଯ୍ୟର ବିଜୟ ଛବା ବଜାଇବେ । କିନ୍ତୁ ଦେଶର ଉନ୍ନତି କରିବାର । ଅଧୁନା ଭାରତୀୟ ଯୁବକମାନେ ନକଲ କରିବାକୁ ଶିଖନ୍ତି । ପ୍ରାୟ ଅନେକ ଇଉରୋପୀୟ ଶିକ୍ଷାରେ ବାସ କରୁଛନ୍ତି ସେମାନେ ପରିବର୍ତ୍ତନପକ୍ଷପାତୀ କିନ୍ତୁ ସେମାନେ ଅନ୍ୟ କୌଣସି ମଙ୍ଗଳକର ପରିବର୍ତ୍ତନ ଚଳାଇବାକୁ ଅସମର୍ଥ ହୋଇ କାହିଁକି ପରିବର୍ତ୍ତନ ପ୍ରୟାସୀ ହୋଇଛନ୍ତି । ଉପରୋକ୍ତ ବିଷୟ ଏବମ୍ଭୂତ ଯୁବକମାନଙ୍କ ମନୋଗ୍ରାହ୍ୟ ହେବ କି ?

---

ସାଧାରଣଙ୍କ ସୁବିଧାନିମନ୍ତେ ଗବର୍ଣ୍ଣମେଣ୍ଟ ଭେଲ୍ୟୁପେବଲ ପ୍ରଥା ଡାକଘରେ ଜାରି କରିଅଛନ୍ତି । କିନ୍ତୁ କେତେକ ଦୁଷ୍ଟଲୋକ ଏ ପ୍ରଥାରେ ଠକିବାର କେତେ ପୁସ୍ତକବିକ୍ରେତା ଫରମାସବିନା ଭେଲ୍ୟୁପେବଲ ପାର୍ସେଲରେ ମୋଫସଲର ରାଜା ଜମିଦାର ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଲୋକଙ୍କ ନିକଟକୁ ପୁସ୍ତକମାନ ପଠାଇବାର ଆରମ୍ଭ କଲେ । କେହି ଉକ୍ତଲିଖିତ ବା ହେଲାବଶତଃ ଡାକଘରେ ମୂଲ୍ୟ ଦେଇ ନେଲେ ଏବଂ ଅନେକଲୋକମାନେ ନେବାକୁ ଅସ୍ୱୀକୃତ ହେବାରୁ ବହୁଖର୍ଚ୍ଚରେ ପ୍ରେରକଙ୍କୁ ତାହାସବୁ ଫେରାଇ ଦେବାର କାର୍ଯ୍ୟ ଡାକଘରଙ୍କ ଉପରେ ପଡ଼ିଲା । ଏପରି ଅନେକ ପାର୍ସେଲ ଫେରିବା ହେତୁରେ ଡାକଘରର କାର୍ଯ୍ୟ ଓ ଖର୍ଚ୍ଚ ବଢ଼ିଲା । ଏଥିପାଇଁ ଡାକଘରରୁ ନିୟମ ହୋଇଅଛି ଯେ ଯେଉଁ ଲୋକମାନେ ଭେଲ୍ୟୁପେବଲ ପାର୍ସେଲ ବା ପୁଲିନ୍ଦାମାନ ଆଗାମୀ ଅପ୍ରେଲମାସ ଆରମ୍ଭରୁ ଯେ କେହି ପଠାଇବ ତହିଁର ଟଙ୍କା ମନିଅର୍ଡର ଆସିବାପାଇଁ ଯେଉଁ ଖର୍ଚ୍ଚ ହେବ ତାହା ଅଗ୍ରଭୂତ ଦେବାକୁ ହେବ ଏବଂ ଗ୍ରାହକର ଫରମାସମତେ ଉକ୍ତ ପୁଲିନ୍ଦା ପଠାଯାଉଅଛି ବୋଲି ପ୍ରେରକ ସାର୍ଟିଫିକେଟ ଦେବ । ସାର୍ଟିଫିକେଟର ନିୟମ ବିରୁଦ୍ଧରେ ଆମ୍ଭମାନଙ୍କର କିଛି ଆପତ୍ତି ନାହିଁ ମାତ୍ର ମନିଅର୍ଡରର ଖର୍ଚ୍ଚ ଅଗ୍ରିମ ନେବା ଏବଂ କୌଣସି କାରଣରୁ ପୁଲିନ୍ଦା ଫେରିଆସିଲେ ଉକ୍ତ ଖର୍ଚ୍ଚ ଫେରିନ ଦେବା ନିୟମମାନ କଠିନ ହୋଇଅଛି । ଫଳତଃ ଯେବେ ଅଗ୍ରିମ ମନିଅର୍ଡର ଖର୍ଚ୍ଚ ନେବା ଏବଂ କୌଣସିମତେ ସେ ଖର୍ଚ୍ଚ ଫେର ନ ଦେବାର ନିୟମ ହେଲା ତେବେ ସାର୍ଟିଫିକେଟର ଆଉ ପ୍ରୟୋଜନ କିସ ? ଆମ୍ଭମାନଙ୍କ ବିବେଚନାରେ କେବଳ ସାର୍ଟିଫିକେଟର ନିୟମ ହୋଇଥିଲେ ଅଥବା ଉକ୍ତପ୍ରକାର ପୁଲିନ୍ଦା ପଠାଇବା ସମୟରେ ଗ୍ରାହକର ପତ୍ର ଦେଖାଇବାର ନିୟମ ହୋଇଥିଲେ ଯଥେଷ୍ଟ ହୋଇଥାନ୍ତା । ଅଗ୍ରିମ ମନିଅର୍ଡର ଖର୍ଚ୍ଚ ଦେବାର ନିୟମର ଫଳ ଏହି ହେବ ଯେ ଭେଲ୍ୟୁପେବଲର ସୁବିଧା ସର୍ବସାଧାରଣ ବର୍ତ୍ତମାନ ପ୍ରାୟ ଭୋଗ କରି ପାରିବେ ନାହିଁ ଏବଂ ତହିଁରେ ଡାକଘରର ମଧ୍ୟ କ୍ଷତି ହେବ । ଅଗ୍ରିମ ମନିଅର୍ଡରଖର୍ଚ୍ଚ ପଠାଇବାରେ ଯେ ଖର୍ଚ୍ଚ ଓ ଅସୁବିଧା ହେବ ଫରମାସି ଦ୍ରବ୍ୟର ମୂଲ୍ୟ ପଠାଇବାରେ ତାହାସବୁ ପଡ଼ିବ । ସୁତରାଂ ଭେଲ୍ୟୁପେବଲପ୍ରଥାର ଅଧିକ ପକ୍ଷପାତୀ ଲୋକେ ହେବେ ନାହିଁ । ସରକାର ଏ ନିୟମରେ ଦୁଷ୍ଟଲୋକଙ୍କୁ ଦମନ କରିବାକୁ ଯାଇ ଶିଷ୍ଟମାନଙ୍କର ଅସୁବିଧା ଘଟାଇଅଛନ୍ତି ।

---

ହୋପ ନାମରେ କଲିକତାରେ ଖଣ୍ଡିଏ ଇଂରାଜୀ ସପ୍ତାହିକ ସମ୍ବାଦପତ୍ର ଜଣେ ବଙ୍ଗାଳି ପ୍ରଚାର କରୁଅଛନ୍ତି । ତେଲେ ଉକ୍ତ ପତ୍ରିକାର ଦୁଇଟିକଥା ଶୁଣି ଆମ୍ଭେମାନେ ବଡ଼ ପ୍ରୀତ ହୋଇଅଛୁଁ । ଇଂରାଜମାନେ ଭାରତବର୍ଷରେ ବାଣିଜ୍ୟ କରି ବର୍ଷ ଅନେକ ଟଙ୍କା ଏଠାରୁ ନେଇ ଯାଉଅଛନ୍ତି ଏବଂ ଆମ୍ଭେମାନେ ଦିନକୁ ଦିନ ଦରିଦ୍ର ହୋଇ ଯାଉଅଛୁଁ ଏହିକଥା ଉପଲକ୍ଷରେ ସେ କହୁଅଛନ୍ତି ଯେ ଇଂରାଜମାନେ ବିଲାତରେ କମ୍ପାନୀ ଅର୍ଥାତ୍ ଯୌଥ କାରବାରର ସୃଷ୍ଟି କରନ୍ତି ଏବଂ ତହିଁ ନିମନ୍ତେ ପ୍ରୟୋଜନ ହେବା ଟଙ୍କା ସେଠାରେ ସଂଗ୍ରହ କରି ଭାରତବର୍ଷରେ ନାନା କାରବାର ଲଗାଇ ତହିଁର ଲାଭ ଘରକୁ ନେଇଯାନ୍ତି । କିନ୍ତୁ ବଙ୍ଗାଳିମାନେ ରାଜନୈତିକ ଆନ୍ଦୋଳନ ସକାଶେ ବିଲାତକୁ ଟଙ୍କା ପଠାନ୍ତି । ସେ ଟଙ୍କା ସେଠାରେ ଖର୍ଚ୍ଚ ହୋଇଯାଏ ଓ ତହିଁରେ ଲାଭ ନାହିଁ ଯେ ଏ ଦେଶକୁ ତାହା ଫେରିଆସିବ । ଇଂରାଜମାନେ ବିଲାତରୁ ଟଙ୍କା ଆଣି ଏଠାରେ ରେଲ ଚଳାଉଅଛନ୍ତି ନୀଳ ଗୁହା ଇତ୍ୟାଦି କୃଷି କରୁଅଛନ୍ତି ଏବଂ ଅନ୍ୟାନ୍ୟ ନାନା କଳକାରଖାନାର ବ୍ୟବସାୟ କରୁଅଛନ୍ତି । ସେମାନେ ଘରୁ ଟଙ୍କା ଆଣି ନାନା କଷ୍ଟ ସ୍ୱୀକାର କରି ଏ ଦେଶରେ ବ୍ୟବସାୟ ଚଳାଇବାର ଅଭିପ୍ରାୟ ଅବଶ୍ୟ ଏହି ଅଟଇ ଯେ ନିଜେ ଲାଭ ପାଇବେ ଏବଂ ଆପଣା ଭାଇବନ୍ଧୁମାନଙ୍କୁ ପ୍ରତିପାଳନ କରିବେ । ଏ ଦେଶର ଇଂରାଜୀଶିକ୍ଷିତ ଯୁବାମାନଙ୍କୁ ପାଳିବା ସକାଶେ ଉକ୍ତ ବ୍ୟବସାୟମାନ ସେମାନେ କରନ୍ତି ନାହିଁ । ସୁତରାଂ ବଡ଼ ବଡ଼ କାର୍ଯ୍ୟରେ ସ୍ୱଦେଶୀୟଙ୍କୁ ନିଯୁକ୍ତ ସାମାନ୍ୟ ବେତନ ଓ ଭୂଲ କାର୍ଯ୍ୟରେ ଏ ଦେଶୀୟ ଲୋକଙ୍କୁ ରଖନ୍ତି । ଏଥିପାଇଁ ପୁଣି କେତେ ଜଣଙ୍କର ଉମେଦ୍ୱାରୀ । ଏପରି ଅବସ୍ଥାରେ ଏ ଦେଶୀୟମାନଙ୍କର ଦରିଦ୍ରତା କାହିଁକି ବୃଦ୍ଧି ନ ହେବ ? ବାବୁମାନେ ଯେତେ ଆନ୍ଦୋଳନ କଲେ ହେଁ ଭଲ ଲେଖନ୍ତି ତେବେ ସେମାନଙ୍କର ଉଚିତ ଯେ ଇଂରାଜଙ୍କ ପରି ସେମାନେ ଏ ଦେଶରେ ସ୍ୱଦେଶୀୟଙ୍କ ଟଙ୍କାରେ ବଡ଼ ବଡ଼ ବ୍ୟବସାୟମାନ ଆରମ୍ଭ କରନ୍ତୁ ତାହା ହେଲେ ସେମାନଙ୍କର ଘରଲାଭ ସଙ୍ଗେ ରହିବ ଆତ୍ମମର୍ଯ୍ୟାଦା ରକ୍ଷା କରିବାକୁ ସମର୍ଥ ହେବେ ଏବଂ ସ୍ୱଦେଶୀୟ ଅନେକଲୋକଙ୍କୁ ପ୍ରତିପାଳନ କରିବାରେ ଦେଶର ଦରିଦ୍ରତା ନାଶ କରିବେ । ଆମ୍ଭେମାନେ ପ୍ରତ୍ୟେକ ଶିକ୍ଷିତବ୍ୟକ୍ତିଙ୍କୁ ଉପରଲିଖିତ କଥାମାନ ଚିନ୍ତା କରିବାକୁ ଅନୁରୋଧ କରୁଅଛୁଁ ।

---

କ୍ରଫର୍ଡ଼ସାହେବ ଘୁସ ଖାଇବାର ପ୍ରମାଣ ହୋଇଅଛି କି ନା ଅଦ୍ୟାପି ଜଣା ପଡ଼ି ନାହିଁ । କିନ୍ତୁ ତାହାଙ୍କ ବିଚାର ନିମନ୍ତେ ବସିଥିବା କମିଶନରମାନଙ୍କ ସମ୍ମୁଖରେ ଯେଉଁମାନେ ତାହାଙ୍କୁ ଘୁସ ଦେଇ ସରକାରୀ ଚାକରୀ ପାଇଥିବାର ସାକ୍ଷ୍ୟ ଦେଇଅଛନ୍ତି ସେମାନଙ୍କୁ ବରଖାସ୍ତ କରିବ କାରଣ ବମ୍ବେଇ ହାଇକୋର୍ଟର କେତେ ଜଜ ଏବଂ ଅପର ଅନେକ ଇଂରାଜ ବମ୍ବେଇ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି । ସେମାନଙ୍କର ତର୍କ ଏହି କି ଯେଉଁମାନେ ଘୁସ ଦେଇ କାର୍ଯ୍ୟ ପାଇଥିବାର ଆପଣା ମୁହଁରେ ସ୍ୱୀକାର କରୁଅଛନ୍ତି ସେମାନଙ୍କର ଚରିତ୍ର ଭଲ ନୁହଇ ସୁତରାଂ ସେମାନେ ନିରପେକ୍ଷଭାବରେ ବିଚାରକାର୍ଯ୍ୟ ନିର୍ବାହ କରିବାର ଯୋଗ୍ୟବ୍ୟକ୍ତି ନୁହନ୍ତି । ଏ ଆପତ୍ତିକି ଆମ୍ଭେମାନେ ଅସ୍ୱୀକାର କରି ନ ପାରୁଁ ମାତ୍ର କଥା ହେଉଅଛି କି ଗବର୍ଣ୍ଣମେଣ୍ଟ ଏମାନଙ୍କୁ ଅଭୟ ପ୍ରଦାନ କରିବାରୁ ଆପଣା ଦୋଷ ସ୍ୱୀକାର କରିଅଛନ୍ତି ସୁତରାଂ ଅଭୟଦାନ ହେତୁରୁ ଗବର୍ଣ୍ଣମେଣ୍ଟ ଦଣ୍ଡ ଦେଇ ନ ପାରନ୍ତି । ଏହି ସାକ୍ଷିମାନେ ଯେଉଁ ସରକାରୀପଦରେ ଅଛନ୍ତି ତହିଁରୁ ମାମଲତଦାର ଏପ୍ରଦେଶର ତହସିଲଦାରତୁଲ୍ୟ

Split by PDF Splitter
Digitized by srujanika@gmail.com

ଏବଂ ଏମାନଙ୍କୁ ମାଜିଷ୍ଟ୍ରେଟୀ କ୍ଷମତା ଦେଇ ଅର୍ପିତ ହୋଇଅଛି । ଗଭର୍ଣ୍ଣମେଣ୍ଟ ଏମାନଙ୍କ ମଧ୍ୟରୁ କେତେକଜଣଙ୍କଠାରୁ ମାଜିଷ୍ଟ୍ରେଟୀ କ୍ଷମତା କାଢ଼ି ନେଇ ଶୁଦ୍ଧମାନଙ୍କ ଦ୍ୱାରା ବର୍ତ୍ତି ଅଛନ୍ତି । ଏହାଦ୍ୱାରା ଏକପ୍ରକାର ମନ୍ଦ ବୋଲ ଯାଇ ନ ପାରେ । ମାତ୍ର ସେହିମାନଙ୍କ ଶାହାଙ୍କୁ ଦଣ୍ଡ ଦେବାର ଏମାନେ କହନ୍ତି ଯେ ତାହା ନେଇଅଛନ୍ତି କି ନାହିଁ ଏ କଥା ସ୍ଥିର ହୋଇ ନାହିଁ । ସେହିମାନଙ୍କୁ ଏମାନଙ୍କୁ ଦଣ୍ଡ ଦେବା ବଡ଼ ଅନୁଚିତ ବୋଧ ହେଉଅଛି । ଏମାନେ ଦୋଷ କଲେ କାହିଁକି ନେଇ ନ ଦେବ ? ଦେଶୀୟ କର୍ମଚାରୀମାନେ ବଡ଼ ମନ୍ଦ ଦୋଷ କଲେ କାର୍ଯ୍ୟ ଯିବନ୍ତି ବୋଲି ଇଂରାଜୀସମ୍ବାଦପତ୍ରମାନଙ୍କର ଜଣେ ଛଡ଼ାଇ ପଡ଼ି ଯାଇଅଛି ଅଥଚ ସେ ଦୋଷ ଶାଇବାର କଥାର ହୁଅନ୍ତି ତାହାଙ୍କ ବନ୍ଧୁତାରେ ପକ୍ଷେ କଥା ନାହିଁ ! ସୁଣି ଇଫୋର୍ଡ଼ସାହେବଙ୍କ ବସ୍ତୃତାକୁ ଦେଶୀୟ କର୍ମଚାରୀଙ୍କୁ ଦଣ୍ଡ ଦେବାକୁ କଏ ନ କହବ ଯେ ଗଭର୍ଣ୍ଣମେଣ୍ଟଙ୍କର ଇଂରାଜଙ୍କ ବେଳେ ଏକପ୍ରକାର ଏବଂ ଦେଶୀୟଲୋକଙ୍କପକ୍ଷରେ ଅନ୍ୟ ପ୍ରକାର ଆମ୍ଭେମାନେ ଆଶା କରୁଁ କି ଗଭର୍ଣ୍ଣମେଣ୍ଟ ଉତ୍ତପେକ୍ଷ ବିଷୟର ବିଚାରାର୍ଥ ଏଂ ଅଧିକରୁ ଧାରି ଦେବେ ଇଂରାଜ ସ୍ୱୋତକଙ୍କ ଭୟରେ ଭୁଲିବେ ନାହିଁ !

---

ଆମ୍ଭେମାନେ ଉକତ୍ତପିତ ପୁସ୍ତକମାନ ପ୍ରାପ୍ତ ହୋଇଅଛୁ ନାନ ବୃତ୍ତିଭାସ ଗୀତାର ଗୀତା କରୁଅଛୁ । ଭକ୍ତିଚନ୍ଦ୍ରିକା—ଜାଜପୁର ବନଚାଳୟର ପ୍ରଧାନ ଶିକ୍ଷକ ପଣ୍ଡିତ ଗଣେଶପ୍ରସାଦ ମିଶ୍ରଙ୍କଦ୍ୱାରା ସଙ୍କଳିତ ଏବଂ କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ମୁଦ୍ରିତ । ଏଥିର ଉପକରଣ ବର୍ଣ୍ଣବୋଧଠାରୁ ଶ୍ରେଷ୍ଠ । ଏହି ଶ୍ରେଣୀର ଅନେକପୁସ୍ତକ ଥିବା ପୁସ୍ତକରେ ଏଥିର କତେକ ପ୍ରସ୍ତୁତିନ ଆମ୍ଭେମାନେ ସ୍ଥିର କରି ପାରିଲୁଁ ନାହିଁ । ପୁସ୍ତକ ଖଣ୍ଡିକ ମନ୍ଦ ହୋଇ ନାହିଁ ।

ସଙ୍ଗୀତ ଚନ୍ଦ୍ରଧର ଶ୍ରୀ ମଧୁସୂଦନମିଶ୍ରଙ୍କଦ୍ୱାରା ସଙ୍କଳିତ ଏବଂ ଲକ୍ଷ୍ମଣ ଷଡ଼ଙ୍ଗୀଙ୍କଦ୍ୱାରା ପ୍ରକାଶିତ । ଏମାନେ କଟକ ନର୍ମାଲ ସ୍କୁଲର ଛାତ୍ର ଅଟନ୍ତି । ଏରଣଦାର ଉଦ୍ଧାରଦ୍ୱା ପ୍ରେସରେ ଏ ପୁସ୍ତକ ମୁଦ୍ରିତ ହୋଇଅଛି ଏଥିରେ ନାନାକବିଙ୍କର ରଚିତ କେତେକଗୁଡ଼ିଏ ପ୍ରଚଳିତ ଓଡ଼ିଆ ଚୌପଦୀ ଗୀତ ରାଗତାଳ ସହିତ ପ୍ରକାଶିତ ହୋଇଅଛି । ସଙ୍ଗୀତ ବ୍ୟବସାୟୀଙ୍କ ମଧ୍ୟରେ ଯେଉଁମାନେ ମୂର୍ଖ ସେମାନେ ଅଶୁଦ୍ଧଗୀତ ଶିକ୍ଷାକରି ଗାଉଥିବାରୁ ସେମାନଙ୍କର ଏହାଦ୍ୱାରା ଉପକାର ହୋଇପାରେ ମାତ୍ର ନାନା କବିଙ୍କର ଗୋଟାଏ ଗୀତ ସଙ୍କଳନ କରିବା ଅପେକ୍ଷା ଏକ କବିଙ୍କର ଉତ୍କୃଷ୍ଟ ଗୀତମାନ ଏକତ୍ରେ ପ୍ରକାଶିତ ହେଲେ ଉତ୍ତମ ହେବ । ଆମ୍ଭେମାନେ ଆଶା କରୁଁ କେହି ଏଥିରେ ମନୋଯୋଗୀ ହେବେ ।

---

# ସାପ୍ତାହିକ ସମ୍ବାଦ ।

ଶ୍ରୀଯୁକ୍ତ କମିସ୍ନର ଓଉଲର ସାହେବ ଗତ ବୁଧବାର ଦିନରେ କଟକରୁ ଯାତ୍ରା କଲେ । ଏହାଙ୍କ ବିଦାୟହେବା କାରଣ କେତେକଜଣ ଦେଶୀୟ ଶ୍ରେଷ୍ଠ ସ୍ୱତନ୍ତ୍ର ଲୋକମାନଙ୍କ ସୌଦାଗରସାହଠାରେ ଉପସ୍ଥିତ ହୋଇଥିଲେ । କର୍ତ୍ତୃପକ୍ଷ ଷ୍ଟୋମବୋଟ ଘାଟରେ ସାହେବ ମହୋଦୟଙ୍କ ବିଦାୟ ସମୟରେ ବାବୁ ମଧୁସୂଦନ ଦାସ ଗୋଟିଏ ବକ୍ତୃତା ଦେଇଥିଲେ ଏବଂ କେତେକଜଣ ଦେଶୀୟ ବନ୍ଧୁଙ୍କ ମଧ୍ୟ ଅନୁଗମନ କରିଥିଲେ ।

ଗତ ବୁଧବାରରେ ଏକଜଣ ଦକ୍ଷିଣୀୟ ମୁସଲମାନ ସଇକାର କୋଠିରେ ଜାଠଯୋଡ଼ି ନସାରେ ବୁଡ଼ିମଲା । ଶୁଣିଲୁଁ ଆଗରେ ବୁଡ଼ିମରିବା କେବଳ କପାଳ ମନ୍ଦ ହେବାର ହେଲା ।

ଏଠା ପଲ୍ଟନ ବଦଳି ହୋଇ ଗସ୍ତିଆ ପଲ୍ଟନ ଅଣାହେବ ଯେଉଁ ଆଦେଶ ହୋଇଥିଲା ତାହା ବର୍ତ୍ତମାନ ସ୍ଥଗିତ ରହିବା ପରି ଜଣାଯାଏ । ଯେଉଁ ଦେଶୀ ପଲ୍ଟନ ଏଠାରେ ଅଛି ସେଥିର ଅବଶିଷ୍ଟ ସୈନିକମାନେ ଗତ ସୋମବାର ବ୍ରହ୍ମଦେଶରୁ ଆସିଅଛନ୍ତି ।

ଏ ବର୍ଷ ଜୋପଲକ୍ଷ୍ୟରେ ଯେଉଁ ନୂତନ ମୁସଲମାନ ମୌଲବୀ ନାମକରଣ ଉପଲକ୍ଷ ନିମନ୍ତେ ଦିଆ ଯାଇଥିବା ଅଟକଳ କରୁଥିବାରୁ ଗତ ପୌଷରେ ସାହେବ ଜଣକୁ ପାଞ୍ଚ ଓ ଅଧିକଜଣଙ୍କୁ ପାଞ୍ଚଶତଙ୍କ କାରାବାସଦଣ୍ଡର ଆଦେଶ ପ୍ରଦାନ କରିଥିଲେ ତାହା ହାଇକୋର୍ଟରେ ବାହାଲ ହୋଇଅଛି । ଏବେ ଉପଲକ୍ଷ ଫଳ ପ୍ରାପ୍ତ ହେଲେ ।

ଗତ ମାସ ତା ୨୦ ରେ ଓଡ଼ିଆ ଓ ନବସମ୍ବାଦରେ ଲେଖାଅଛି କି କଟକ ଓଡ଼ିଶାର ପ୍ରଧାନ ଓ ଉତ୍ତମ ଯୋଗ୍ୟ କବି ଉତ୍କଳ ଶ୍ରୀ ବୃନ୍ଦାବନ ପରଲୋକ ପ୍ରାପ୍ତ ହୋଇଅଛନ୍ତି ଓ କବି କଟକ ମେଡ଼ିକାଲ ବାବୁ ପ୍ରାଣନାଥ ପଟ୍ଟନାୟକ ଓ ଉତ୍କୃଷ୍ଟ କବି ବାବୁ ମଧୁସୂଦନ ରାଓ । ପ୍ରଥମ ବ୍ୟକ୍ତିଙ୍କୁ ଇଂରାଜ କବି Sir Walter Scott ବୋଲାଯାଉଅଛି ଏବଂ ଦ୍ୱିତୀୟ ବ୍ୟକ୍ତିଙ୍କୁ କୌଣସି ଇଂରାଜ କବି ସହିତ ତୁଳନା କରଯାଇ ନାହିଁ । ଇଂରାଜ କବିମାନଙ୍କ ମଧ୍ୟରେ ତାହାଙ୍କର ଯୋଗ୍ୟ ନାହିଁ କି ?

ଗତ ଫେବ୍ରୁଆରୀ ମାସ ତା ୨୫ ଦିନରେ ସଇଦପୁର ନଗରର ଯେଉଁଆଡ଼ୁ ଲୋକଙ୍କ ସାମନାରେ ଲୁଟପାଟ ଘଟଣା ଘଟିଅଛି, ଏହାଦ୍ୱାରା ପୋଲିସ ସଇଦପୁରଠାରେ ବେଶ ସୁନାମେହ ହୋଇଅଛି । ଅନେକ ଦେଶୀୟ ଏବଂ ଇଂରାଜ ଲୋକଙ୍କୁ ଚିନ୍ତିତ ହେଉଅଛି ।

ଜୋସାଲଗଣରେ ନଥ ଗୋଲମାଲ ଅଗ୍ନି ହୋଇଥିବାର ସମ୍ବାଦ ମିଳିଲା । ଇତ ମଧ୍ୟରେ ଅନେକ ଗୁଡ଼ିଏ ବଡ଼ ଘଟଣା ହୋଇଯାଇଅଛି ଓ ସଇତବାରରେ ତଦାରଖ ଉପସ୍ଥିତ ହୋଇ ବର୍ତ୍ତମାନ୍ ଶାସନପ୍ରଣାଳୀର ଉନ୍ନତି ବିଷୟରେ ମନୋମତ ଲେଖାର ଆନ୍ଦୋଳନ କରି ପାରିଅଛି ।

ଏହି ସମ୍ପାଦକମାନଙ୍କୁ ହୋଇବାରେ ମହାରାଜା ଏକଲକ୍ଷ ଟଙ୍କା ଦେବାର ପ୍ରତିଜ୍ଞା ଯୁବରାଜ ଦିଲ୍ଲୀ ନଗର ଭାଗଲପୁର କରାଇବୁ କରିଅଛନ୍ତି । ଏ ଦାନ ବଡ଼ ପ୍ରଶଂସାର ଅଟଇ ।

ଜଜାଜାମିନର ଏକ ଭୂଲେଖାରୁ ପୁଞ୍ଜିପତି ସବୁ ଲୋକରେ ଦୁଃଖର ନେଇଥିବାରୁ ବଙ୍ଗାଳୀଭଦ୍ର ଲୋକମାନେ ଏକମେଳ ହୋଇ ଆର୍ଜି କରିଅଛନ୍ତି ଯେ ସେ କେହି ଆଗଣ ଜାତିକାକୁ ନିଷେଧ କରିବା ଏଠାରେ ଯେ ଅଛି ତେବ । ସେ ମସଲମ ଜମାରେ ମଧ୍ୟ ପ୍ରତିଷ୍ଠାରେ ପ୍ରବେଶ ଅଣା କରିଅଛନ୍ତି । ଉତ୍ତମ ।

ଅଷ୍ଟ୍ରେଲିଆର ପ୍ରାର୍ଲିମେଣ୍ଟ ମେମ୍ବର ଓଭ୍ୟାଲ ସାହେବ ଅଜ ଏକ ଅଭିଯୋଗରେ ମା ୫ ବ କାରାବାସ ଦଣ୍ଡ ପାଇଥିବାର ସମ୍ବାଦ ମିଳିଲା । ବପତ ମନ୍ଦ କ ଏହାକୁ ଧିକ୍ !

ବୁଲେଣ୍ଟା ସାହେବଙ୍କର ଅଧ୍ୟକ୍ଷ କହିବା ଓ ଅନେକ ଲୋକ ତାଙ୍କ ପକ୍ଷାବଲମ୍ବନ କରିଥିବାରୁ ଆମ୍ଭେମାନେ ପ୍ରାକୃତେଷ ଯେଉଁ କଳ୍ପନା ଆଶା କରିଥିଲୁଁ ତାହା ପ୍ରାୟ ହେଲା ପ୍ରକାର ଦେଖାଯାଏ । ସେଠା ମଲ୍ଲୀ ସଭା ଏତ ଚାଳ କରୁଅଛନ୍ତି । ମିଷ୍ଟର୍ ସାହେବଙ୍କ ମଧ୍ୟ ସ୍ୱର ସ୍ୱଗଠିତ କରିବା କାରଣ ଉପ ଦଣ୍ଡଯାଇଥିଲା ମାତ୍ର ସେ ତ ତା ହଇ ନ ପାର ଅନ୍ତର ହୋଇଅଛନ୍ତି । ସେଠାପତ ବୁଲେଣ୍ଟା ସାହେବ ବଡ଼ ଦୁଃଖ କରୁଅଛନ୍ତି ।

ବୋମ୍ବାଇଠାରେ ଅଗ୍ନିଦେବତା ପ୍ରଚଣ୍ଡ ମୂର୍ତ୍ତି ଧାରଣ କରିଥିବାର ଦେଖାଯାଏ । ଗତ ଫେବ୍ରୁଆରୀ ମାସ ତା ୨୯ ଦିନରେ ଦୁଇ ସ୍ଥାନରୁ ଅଗ୍ନି, ତାହାର ପ୍ରାୟ ଲୋ ୭୦୦ ଟି ଘର ଭସ୍ମ କରିଅଛି ଓ ଏଥିରୁ ୫ ଜଣ ଲୋକ ଅଗ୍ନିଦଗ୍ଧ ହୋଇ ମରିଅଛନ୍ତି । ପୁଣି ସେହି ମାସ ତା ୧୭ ଦିନରେ ଏକ ଜୁଆର ଭାରଣାମାନେ ତିନି ଘର ପ୍ରାୟ ତହିଁର ଟଙ୍କା ମୂଲ୍ୟର ସମ୍ପତ୍ତି ଭସ୍ମୀଭୂତ କରିଅଛି ।

ଫେବ୍ରୁଆରୀ ତା ୨୦ ରେ ପ୍ରାତଃକାଳରେ ଜୟପୁରର ମହାରାଜା କଲିକତାଠାରେ ପଞ୍ଚତ୍ୱପ୍ରାପ୍ତ ସ୍ମୃତି ମିଳିଲା ।

ବମ୍ବେଇବାଣିଜ୍ୟରେ ଅଜ ଏକପଣ୍ଡିତ ବୋମ୍ବାଇଠାରେ ଇଣ୍ଡସ୍ତାନ ବନ୍ଦୋବସ୍ତ ସ୍ୱସ୍ତ ଅଛିଅଛି । ଏ ମହୋଦୟ ଭାରତରେ ପଣ୍ଡିତ ଜାତିମାନଙ୍କ ଉପର ଅଟନ୍ତି ଏଣେ ଇଷ୍ଟପାଠରେ ବହୁତ ଧନକରିବାକୁ ଇଚ୍ଛା ଶୀଘ୍ରଙ୍କ ସମୟରେ ଶାସ୍ତ୍ରପାଠକରିବା କାରଣ ଜାମନଙ୍କରେ ଦରବାର କର୍ତ୍ତୃକ କର୍ଜ୍ଜ ହୋଇଅଛି । ଏତ ଫେବ୍ରୁଆରୀମାସ ତାରିଖରେ ଏକସ୍ଥଳ ହୋଇଥିଲ । ଅନେକ ଲୋକଙ୍କରେ ସେହାଙ୍କର ଶାସ୍ତ୍ରପାଠ ଶୁଣିବାକୁ ସମବେତ ହୋଇଥିଲେ ।

ଜୁଲାଇପୁର ଅତି ଲେଖିଅଛନ୍ତି ଯେ ସରକାର ଦର୍ଶବତର୍ଷିଂହପୁର ହେତ ପ୍ରବେଶିକା, ଏବଂ ଓ ଏଫ୍ ପରୀକ୍ଷାରେ କଲିକତାଠାରେ ଏହେସନ୍ ପରୀକ୍ଷା ହେଉଥିଲେ ସେ ସବୁ ଦୋବାସ ହେବତ ୫ ୧୫ ଜାତ ଲୁହାକଲମ ଦ୍ୱିଗୁଣରେ ବନ୍ଦ କରିଥିଲ ।

ଜାପାନଦ୍ୱୀପର ଇସ୍ତନ ଅତି ଭୟଙ୍କରରେ ହେବାର ଦେଖାଯାଏ । ଯେ ମୁଦ୍ରାଯନ୍ତ୍ରରେ ସମ୍ବାଦପତ୍ରର ସଂଖ୍ୟା ୧୮ ଓ ହେଉ ହୋଇଅଛି ଏଥିମଧ୍ୟରେ ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ରର ସଂଖ୍ୟା ଲୋ ୪୬୫ ଟି ହୋଇ ଉଠଣି । ଏଥିରେ ଲୋ ୩୫ ଟି ଦୈନିକ ଓ ଲୋ ୩୫ ଟି ସାପ୍ତାହିକ ସାମୟିକପତ୍ର ସେଠାରେ ଚଳୁଅଛି । ଧନ୍ୟ ଜାପାନ—ଓଡ଼ିଶାରେ ସଭିଏଁ ସମ୍ବାଦପତ୍ରର ସଂଖ୍ୟା କି ୨୫ ଦିନରେ ବୃଦ୍ଧିପ୍ରାପ୍ତ ନାହିଁ ହେଉ ।

Digitized by srujanika@gmail.com

ପାର୍ଶେଲ ସାହେବଙ୍କ ନାମରେ କଲିକତାରେ ଷ୍ଟାଟେସ୍ମ୍ୟାନ ପତ୍ରିକା ଯେଉଁ ମୋକଦ୍ଦମା ଦାଏର କରିଅଛନ୍ତି ତହିଁରେ ଷ୍ଟାଟେସ୍ମ୍ୟାନ ପତ୍ରିକା ପାର୍ଶେଲ ସାହେବଙ୍କର କେତେକ ପତ୍ର ଓ ଅନ୍ୟାନ୍ୟ ଦସ୍ତାବଜ ଦାଖଲ କରିଅଛନ୍ତି । ଏ ଦସ୍ତାବଜମାନଙ୍କରେ ପାର୍ଶେଲ ସାହେବଙ୍କର ଚରିତ୍ର ପ୍ରକୃତ ସ୍ୱଭାବ ପ୍ରକାଶ ପାଉଅଛି । ଭଲ ଚରିତ୍ରକୁ କାହାର କରିବାକୁ ଷ୍ଟାଟେସ୍ମ୍ୟାନ ପତ୍ରିକା ଚଳିଶହଜାର ପାଉଣ୍ଡ ଖର୍ଚ୍ଚକରିବାକୁ ବସିଅଛି ଏବଂ ଯେଉଁ ଲୋକ ଅନୁସନ୍ଧାନକରି ଏହାସବୁ ବାହାର କଲେ ତାହାଙ୍କୁ ମଧ୍ୟ ଚଳିଶହଜାର ପାଉଣ୍ଡ ଦିଆଯାଇଅଛି ।— ବ୍ୟାପାର କମ ନୁହେଁ ।

ଅସ୍ତ୍ରେଲିଆ ଭାଣ୍ଡସମୂହରେ କଲଗ୍ରାଉଣ୍ଡ ନାମକ ଅଣ ଜଣେ ପାର୍ଲିଆମେଣ୍ଟର ମେମ୍ବର ମା ୫ ଶହ ଭାଗବାସର ପଣ୍ଡାଙ୍କ ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ । ଅସାମୀ ଅପିଲ କରିଅଛି ।

ଇଂଲଣ୍ଡର ସର୍ବଜନପ୍ରିୟ ଗୋଟିଏ ଡ୍ୟୁକେଡ଼ ଦେଶୀୟ ସ୍ତ୍ରୀ ଏମନ୍ତ ସୁନ୍ଦର ଗୀତ ଗାଇପାରୁଥିଲେ ଏବଂ ଏହାଙ୍କ କଣ୍ଠ ଏତେ ମିଷ୍ଟ ଥିଲା ଯେ ଏହାଙ୍କର ନାମ ଡ୍ୟୁକେଡ଼ ଦେଶୀୟ "ଶ୍ୟାମାପକ୍ଷୀ" ହୋଇଥିଲା । ଯେତେବେଳେ ତ ୧୮୫୦ ଖ୍ରୀ ପୂର୍ବରେ ଏହି ସ୍ତ୍ରୀ କଲିକତାକୁ ଯାଇ ଆପଣାର ଗୁଣ ପ୍ରକାଶ କରିଥିଲେ ସେତେବେଳେ ବର୍ତ୍ତମାନରେ ସେ ସର୍ବୋତ୍କୃଷ୍ଟ ଗାୟିକା ବୋଲି ପରିଚିତା ହୋଇଥିଲେ । ସେଣ୍ଟପିଟର୍ସବର୍ଗ ଏବଂ ଭିଏନା ନଗରରେ ଏହାଙ୍କର ଏତେ ଦୂର ଆଦର ଓ ସମ୍ମାନ ହୋଇଥିଲା ଯେ ଏକରାତ୍ରରେ ୮୦୦ ପାଉଣ୍ଡ ଅର୍ଥାତ୍ ୮ ହଜାର ଟଙ୍କା ଉପାର୍ଜନ କରିପାରୁଥିଲେ ଏବଂ କ୍ରମେ ୧୦୦୦୦୦ ପାଉଣ୍ଡ ସଞ୍ଚୟ କରିବାକୁ ସମର୍ଥ ହୋଇଥିଲେ । ମାତ୍ର ବୃଦ୍ଧବୟସରେ ଏ ଉପାର୍ଜିତ ଟଙ୍କାରେ କପର୍ଦ୍ଦକ ଶେଷ ରହିଁ ନଥିଲା ଏବଂ ଶେଷଦଶାରେ ଏହି ବୃଦ୍ଧା ଲେଡ଼ିଙ୍କର ଅନ୍ତଃକାଳରେ ମିଲାନନଗରରେ ନିଃସ୍ୱଦଶାରେ ଇହଲୋକ ତ୍ୟାଗ କରିଥିବାର —ଜଣାଇ ଅଛନ୍ତି ।

...ଠାରେ ଜଣେ ପାଦ୍ରୀ ସାହେବଙ୍କୁ ସମୟରେ ସୁପ୍ରିମ କୋର୍ଟକୁ ପଠାଇବା ... ସମୟରେ ମାଜିଷ୍ଟ୍ରେଟ ନାମକ ... ୫ ଶ ଲୋକ ଥିଲା ହୋଇଥିବାର ।

...ମାନଙ୍କର ବାର୍ଷିକ ଆୟ ଛଅସିକେ ୧ ଓ ବ୍ୟୟ ୧ ଭଣିସୁନ୍ଦରୀ ଅଛି ।

...ପତ୍ରରେ ଲେଖାଅଛି କ କାର୍ବୋଲିକ ଏସିଡ୍ ପାଉଡ଼ର (Carbolic acid powder) ବାଲିଚ ... ଚରେ ଲଗାଇଦେଲେ ବଣାକୁ ସର୍ପ ଗୃହମଧ୍ୟରେ ... ପାରିବ ନାହିଁ ତହିଁର ଗନ୍ଧ ସର୍ପ ସହି ପାରେ । ସେହି ପତ୍ରିକା ଲେଖନ୍ତି ପୃଥିବୀରେ ସର୍ବସୁଦ୍ଧା ୧୫ ପ୍ରକାର ସର୍ପ ଅଛନ୍ତି ତହିଁ ମଧ୍ୟରୁ କେବଳ ୫୫ ପ୍ରକାର ... ବିଷ ଅଛି ଅନ୍ୟ ସର୍ପମାନଙ୍କର ବିଷ ନାହିଁ । ସେମାନେ ... ଦଂଶ କରିବା କେଉଁ ଯେ ... ହୋଇଥିବ ।

## ସ୍ଥାନୀୟ-ସମ୍ବାଦ ।

ଗତସପ୍ତାହରେ ଗୁରୁଟ୍ରେନିଂସ୍କୁଲରେ ଗୋଟିଏ ପରୀକ୍ଷା ହୋଇଥିଲା । ଗତମାସ ତା ୧୮ ରିଖ ଠାରୁ । ଲ । ୨୦ ତାରିଖ ପର୍ଯ୍ୟନ୍ତ ସ୍କଲରସିପର ପରୀକ୍ଷାର୍ଥୀ ଛାତ୍ରମାନେ ... ମାଇନର ଅପରପ୍ରାଇମେରୀ ପରୀକ୍ଷା ଦେଇ-ଅଛନ୍ତି । ଅର ସ୍କୁଲରେ ଡାକ୍ତରଙ୍କ ଲୋକ ୫ କାରଣ ... ଗତବର୍ଷ ଲୋୟରପ୍ରାଇମେରୀ ପରୀକ୍ଷା ଦେଇ ପାସ କରି-

ଥିଲେ ସେମାନେ ଅପରପ୍ରାଇମେରୀ ପରୀକ୍ଷା ଦେଇଅଛନ୍ତି । ଫଳ ନ ୨ ହେବ କିଏ ଜାଣନ୍ତି !

ସ୍ଥାନର ଗତ ଅଟଠାରୁ ଯେପରି ଜେଳ ଦେଖିଲେ ଜଣ-ଯାଏ ଯେ କ ହେବ ତହିଁରେ ସେବେ ସ୍ତ୍ରୀ ଥିଲେ ମୋଟ-ଗୁଡ଼ିଏ ଯେ ୧୨ ରେ ଓ ସବୁ ସେ ୧୦ ରେ ହୋଇଅଛି ।

ତୃତୀୟର ପାରିବା ପାଇଁ ନାମରେ ୫ ୧୭୦୦୦୧ ଟଙ୍କା ଦେଇ ନକଲ ମକଦ୍ଦମା ଡାକ୍ତର ପ୍ରମାଣାବଳୀରୁ ସେ ମୁକ୍ତ ପାଇ ଅଛି ।

ବର୍ତ୍ତମାନ ସ୍ୱଦେଶ ମାନଙ୍କ ଉପରେ ମିଉନିସିପାଲିଟି ଯେଉଁ ସରକାରୀ ଧାର୍ଯ୍ୟ କରିଥିଲେ ତଦନୁସାରେ ସେମାନଙ୍କ ଉପରେ ଘର ଓ ହୋଲ୍ଡିଂ ପ୍ରଭୃତି ଜାରି ହୋଇଥିଲେହେ ସେମାନେ ଟାକ୍ସ ଅଦାୟ ନ କରି ଅପତ୍ତି ଦରଖାସ୍ତ କରିବାରେ ତାହା ନାମଞ୍ଜୁର ହୋଇ କୋରଫ କରିବାର ଆଦେଶ ଥିଲା । ତଦନୁସାରେ ୧୨ ନମ୍ବର ସ୍ୱଦେଶମାନଙ୍କର ମାଲ କୋରଫ କରିବାରେ ତହିଁରେ ବାଧା ଦେବାରେ ଫଉଜଦାରୀ ଦଣ୍ଡବିଧି ଆଇନର ଧା ୧୮୩ ଓ ୩୫୩ ଧାରା ଅନୁସାରେ ମକଦ୍ଦମା ୨ଜଣଙ୍କ ନାମରେ ଦାଏର କଲେ । ଶ୍ରୀଯୁତ ୧ମ-ଶ୍ରେଣୀ ଡେପୁଟୀ କଲେକ୍ଟର ବାବୁ ଜଗନ୍ନାଥ ଘୋଷ ମହାଶୟଙ୍କ ଇଜଲାସରେ ଆଉ ଏମାସ ତା ୨୫ ରିଖ ମୁଦାଲାମାନଙ୍କ ଉପର ପଚିଶ ଟଙ୍କା ଏକମାସ ଜାନ୍ତାସଲ ଦଣ୍ଡାଜ୍ଞା ହୋଇଅଛି ।

ଅଜକୁ ପ୍ରାୟ ୧୫।୧୬ ଦିନ ହେବ କଟକେଲର ସ୍ୱଦେଶ-ମାନେ ପାଙ୍କ ମାନଙ୍କ ନାମରେ ମକଦ୍ଦମା ଚଳାଇବାକୁ ଇର୍ଷ୍ୟା-ପରବଶ ହୋଇ ସମସ୍ତ ଉପାଧ୍ୟାୟଙ୍କ ବନ୍ଦ କରି କେବଳ ମାତ୍ର ହୋଟେଲର ସାମଗ୍ରୀ ପ୍ରସ୍ତୁତ କରି ଅନ୍ୟ ଲୋକ ହେଲେ ଉପରୁ ଟଙ୍କା ଦେଇ ସେହି ହୋଟେଲର ପ୍ରସାଦ ସବୁ କିଣିନେଇ ଭୋଗମାନେ ଶୀଘ୍ର ହୋଇ କେହି ପ୍ରସାଦ ନ ପାଇବା ମାନଙ୍କରେ ଏପରି କଲେ । ଏରୂପରି ୨।୩ ଦିନ ରାତ୍ରରେ ପୁନଶ୍ଚ ଯେପରି ହୋଇଥିଲା ସେପରି କଲେ ୩ ଦିନ ପର୍ଯ୍ୟନ୍ତ ମଠ ଓ ନଅର ଛଡ଼ା ଅନ୍ୟ ଅପରଲୋକମାନଙ୍କ ଭୋଗରସ ବନ୍ଦ କରିବାରେ ଦରିଦ୍ର କାଙ୍ଗାଳମାନେ ଖାଇବାକୁ ନ ପାଇ ଅତ୍ୟନ୍ତ ଯେତେକ ଦୂର ଯେ କଷ୍ଟ ପାଇଅଛନ୍ତି ତାହା କହିବା ବାହୁଲ୍ୟ ।

ଶୁଣିଲୁ ସେଠାରେ ତାଙ୍କ ଦେବ ବୃଝାଇଲେ ମଧ୍ୟ ... ନ ଶୁଣି ଶେଷ ଅପେ ବୁଝି କହିଲେ । ମେନେଜରବାବୁ ଅଧି ସେମାନଙ୍କ ଡାକିଲେ ନ ବୁଝେ ନ ସାହାଯ୍ୟ ନ ଦେଇ ଏପରି କଲ । ସେମାନେ ଉତ୍ତର ଦେଲେ ଯେ ମିଉନିସିପା-ଲିଟି ଓ ଚୌକିଦାର ଚିଠା ଅଣି ମନ୍ଦିର ମଧ୍ୟରେ କେତେକ ଟ୍ୟାକ୍ସ ମାପଚୁପ କରିବାରେ ଭୋଗଦାୟୀଙ୍କର ସହମ୍ପ ପାଇଅଛି । ତହିଁରେ ଶ୍ରୀମନ୍ଦିରର ମହାଜନ ହେଲେ ସେମାନେ ଏରୂପ ସମସ୍ତ ଦଣ୍ଡ ମାଗିଅଛ । ତହିଁରେ ଅସ୍ମାନଙ୍କର ଅନେକ ଯେଉଁମାନେ ଦେବ ସେଥିପାଇଁ ଅମ୍ଭେ ଲୋକସବୁ ବନ୍ଦ କରିଅଛୁଁ ଏଥି ଶୁଣି ମେନେଜରବାବୁ ତାହାର କୌଣସି ପ୍ରତିକାର କରିବାର କିଛି ଜଣାଯାଇ ନାହିଁ । କେବଳ କହିଲେ ମେନେଜରବାବୁ ଏଥିର ପ୍ରକୃତ ପ୍ରତିକାର କରିବେ । ତାହା ନ ହେଲେ ସେମାନେ ଯେତେବେଳେ ଇଚ୍ଛା କରିବେ ସେତେବେଳେ ଲୋକଙ୍କ କଷ୍ଟ ଦେବେ ।

କେତେକ ଗଣେଶଗୁମ୍ଫ ନାମରେ ମିଉନିସିପାଲିଟି ଡାକ୍ତରମାନଙ୍କୁ ହୋଟେଲଜାଇବା ସକାଶେ କେତେକ ସ୍ଥାନ ଦିଆ ହୋଇଅଛନ୍ତି । ତଦନୁସାରେ ସେମାନେ ତହିଁ ଜାଗା ଅଛନ୍ତି ତାହା ଦେଖି ଏଠାରେ ଅସନ୍ତୋଷ ପ୍ରକାଶ କରି ଗୋଟିଏ ଦରଖାସ୍ତ ମିଉନିସିପାଲିଟିରେ ଦେଇଥିଲେ ତାହା ଅଗ୍ରାହ୍ୟ ହେଲା । ଅତ ... ମୁନିସିପ

ଅଦାଲତରେ ଅଦାୟ ୫ ୧୨୦ ଟଙ୍କା ଡାକାତରେ ନାଲିସ କରିଅଛନ୍ତି । ବାସ୍ତବ ଯେଉଁ ସ୍ଥାନରେ ସେମାନଙ୍କୁ ସ୍ଥାନ ଦେଇଅଛନ୍ତି ତାହା ଭଲକର ନାହିଁ । କାରଣ ଶ୍ରୀମନ୍ଦିର-ପ୍ରକୃତର ରଥଯାତ୍ରା ଓ, ରଥଯାତ୍ରା ସମୟରେ ସେମାନେ ସେଠାରେ ରହି ନାନା ଅନେକପଦାର୍ଥ ବ୍ୟବହାର କରିବେ ।

---

ପତ୍ରପ୍ରେରକଙ୍କ ପ୍ରତି ।

ଅସ୍ୱାକ୍ଷରିତ ଏବଂ ଅପରିଚିତବ୍ୟକ୍ତିର ପତ୍ର ପ୍ରକାଶିତ ହୁଅଇ ନାହିଁ କମ୍ପା ଫେରି ଦିଆଯାଏ ନାହିଁ ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-ସମୀପେଷୁ ।

ମହାଶୟ !

ଗତ ଶନିବାର ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ଅମ୍ଭମାନଙ୍କର ନବପ୍ରତିଷ୍ଠିତ ବାଲ୍ୟା-ଶ୍ରମର ପ୍ରଥମ ଅଧିବେଶନ ହୋଇଥିଲା । ସଭା-ସ୍ଥଳରେ ପ୍ରାୟ ତ୍ରିଂଶତ ଲୋକ ଉପସ୍ଥିତ ଥିଲେ । ତହିଁର ଯେଉଁ୨ ନିୟମମାନ ଧାର୍ଯ୍ୟ ହୋଇଥିଲା ତାହା ସାଧାରଣଙ୍କ ଅବଗତ-ନିମନ୍ତେ ପ୍ରକାଶ କଲୁଁ ।

୧—ନୀତି ଓ ଧର୍ମ ସମ୍ବନ୍ଧୀୟ ଉପଦେଶ ଦେବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ।

୨—ହିନ୍ଦୁଧର୍ମବିଶ୍ୱାସୀ ଛାତ୍ରମାନେ ଏହି ସଭାର ସଭ୍ୟ ହୋଇ ପାରିବେ ।

୩—ପ୍ରତି ଶନିବାର ସନ୍ଧ୍ୟା ସାଢ଼େ ୭ ଘଣ୍ଟା ସମୟରେ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ଏହି ସଭାର ଅଧିବେଶନ ହେବ ।

୪—ଯେଉଁ ସଭାରେ ଯେଉଁ ବିଷୟ ଆଲୋଚିତ ହେବ ତାହା ତହିଁ ପରବର୍ତ୍ତୀ ସଭାରେ ସ୍ଥିରୀକୃତ ହେବ ।

୫—ବାବୁ ଗଙ୍ଗାଧର ନାୟକ ଓ ଗଣେଶ-ପ୍ରସାଦ ମିଶ୍ର ପ୍ରଭୃତି ଏହି ସଭାର ସଭାପତି ରୂପେ ନିର୍ବାଚିତ ହେଲେ ।

୬—ପଣ୍ଡିତ ଶ୍ରୀ ଦେବେନ୍ଦ୍ରନାଥ ବିଦ୍ୟା-ଭୂଷଣ ଏହି ସଭାର ସଭାପତି ପଦରେ ନିର୍ବା-ଚିତ ହେଲେ ।

୭—ପଣ୍ଡିତ ଶ୍ରୀ ନରହରି ଷଡ଼ଙ୍ଗୀ, ଗଦା-ଧର ତ୍ରିପାଠୀ, ଧନଞ୍ଜୟ ସତ୍ପଥୀ, କବିଶେ-ଖର ବିଦ୍ୟାଭୂଷଣ ଓ କୃତ୍ତିବାସ ସତ୍ପଥୀ ଏହି ସଭାର ସହକାରୀ ସଭାପତି ହେଲେ ।

୮—ବାବୁ ସ୍ୱର୍ଣ୍ଣଧର୍ମୋଦ୍ଧାର ଘୋଷ ଓ ପଣ୍ଡିତ

Split by PDF Splitter

Digitized by srujanika@gmail.com

Split by PDF Splitter

78



ପଦ୍ମନାଭ ସତ୍ପଥୀ ଏହି ସଭାର ସମ୍ପାଦକ ଓ ବାବୁ ଅକ୍ଷୟକୁମାର ଘୋଷ, ଅଭିମନ୍ୟୁ ମହାପାତ୍ର, ଶ୍ରୀକୃଷ୍ଣ ନାୟକ, ଓ ଦିବାକର ଦାସ ସହକାରୀ ସମ୍ପାଦକ ହେଲେ ।

୯—ଏହି ସଭା ନିମନ୍ତେ ପୁସ୍ତକାଦି କ୍ରୟ କରିବା ଓ ସଭାର ଅନ୍ୟାନ୍ୟ ବ୍ୟୟ ନିର୍ବାହ କରିବା ନିମନ୍ତେ ଚାନ୍ଦା ସଂଗ୍ରହ କରା ହେବ ।

ଉପରୋକ୍ତ ନିୟମମାନ ଧାର୍ଯ୍ୟ ହେବା ପରେ ପଣ୍ଡିତ ଶ୍ରୀ ହରିହର ଷଡ଼ଙ୍ଗୀ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ । ଆଶା କରୁଁ ଏ ସଭା ପ୍ରତି ସହାନୁଭୂତି ଦେଖାଇବାରେ ସାଧାରଣ ତ୍ରୁଟି କରିବେ ନାହିଁ ।

୨୫।୨।୮୯ ଶ୍ରୀ———

---

ଶ୍ରୀଶ୍ରୀଃ ଶରଣଂ ।

ମହାଶୟ !

ଗ୍ର ୨୪ ଶ, ୫୪ ଖ୍ୟା ଦୀପିକାରୁ ଦେଖାଯାଏ ଆନନ୍ଦଚନ୍ଦ୍ର ମୁଖୋପାଧ୍ୟାୟ ପଠାଇଥିବା ବ୍ୟବସ୍ଥା ଦ୍ୱୟ ପ୍ରାପ୍ତ ହୋଇ ଯାହା ମୀମାଂସା କରିଅଛୁଁ ତାହା ନିମ୍ନରେ ଅଙ୍କିତ କରଗଲା ଆପଣ ପତ୍ରିକାରେ ସ୍ଥାନ ପ୍ରଦାନ କରି ବାଧିତ କରିବେ ।

ସିଦ୍ଧି ଶ୍ରୀ ଅଖଣ୍ଡଭୂମଣ୍ଡଳମଣ୍ଡନ ଶ୍ରୀମଦ୍ଭାଗ୍ୟପୂର୍ଣ୍ଣ-ଚରଣାରବିନ୍ଦମାଧୁରୀ ଜୟନ୍ତି ଜୟନ୍ତି ସର୍ବଂ ।

ସ୍ୱକୃତକ୍ରୋଡ଼ପୂଜକକାକତାଖିଳଗୁଣାବସ୍ତାଂ ଶ୍ରୀରାମଚନ୍ଦ୍ରପୁରସ୍ଥ-ଉତ୍କଳଧର୍ମ୍ମସ୍ଥାନଧ୍ୟାମାଚାର୍ଯ୍ୟାଣାଂ ଦଗଡଗଚ୍ଛାଳୀକ ଦୁର୍ଗାପୂଜାୟାଂ ଷଷ୍ଠି-ତାଲ୍ୟଂ ଚତ୍ୱୀତିଥ୍ୟା ନବଦଂଦାବଚ୍ଛନ୍ନା ସପ୍ତନ-ମଙ୍ଗଳଃ ଶ୍ରୁତିସ୍ମୃତି ସାର୍ଥବତ୍ତ୍ୱକୈଃ ବୋଦ୍ଧବ୍ୟଂ କିଂ ଚତୁ ? ଶ୍ରୁତ୍ୟାନୁଯାୟୀ ସ୍ମୃତି; ଏଷା ପୂଜା ନ ଉଦକୁଯାଯ୍ୟା; ବଲ୍ଲ ପୌଷ୍ଣେୟା, ଉତ୍ତ ମୋକ୍ଷାନୁଯୋଗାତ୍ ପଦ୍ମପୁରାଣପ୍ରସିଦ୍ଧତ୍ୱାତ୍ ବର୍ମ୍ମାଣାଂ ମୂଷ୍ଟଂ; ଅତଏବ ଗ୍ରନ୍ଥକାରୈଃ ସ୍ତୁତ୍ୱତ୍-ସ୍ତଚେଷ୍ଟ " ଅଷ୍ଟମୀ ନବମୀଶ୍ଚ ଶୁଦ୍ଧ ଦୁର୍ଗାଂ ନ ପୂଜୟେତ୍ । ପୂଜୟେତ୍ କ୍ଳେଶଭାଗୀ ସ୍ୟା ଦ୍ୱିପଥା କଳୁଷତୋ ଗିରଃ ।" ଇତ୍ୟାଦ୍ୟନେକାନି ବାକ୍ୟାନ୍ୟୁପଲଭ୍ୟାଣ୍ୟବଗ୍ତବ୍ୟାନି ସ୍ୟୁଃ ॥

ଅଥଚ ଦୁର୍ଗାପୂଜାଙ୍ଗଭୂତ ମହାଷ୍ଟମ୍ୟାଂ ବ୍ରତ-ଦ୍ୱମାନାନାଂ ପଣ୍ଡିତାନାଂ ଉତ୍କଳଦୀପିକାସ୍ଥିତ ବ୍ୟବସ୍ଥାଦ୍ୱୟମାଦାୟ ଯଦବଧାରିତମସ୍ମାଭିଃ ସ୍ପଷ୍ଟ-ଶ୍ଳୋକ ସ୍ତୁଧ୍ୟୟଃ ।

ପ୍ରଥମ ବ୍ୟବସ୍ଥାପକାନାଂ ଦ୍ୱିତୀୟ ଦିବସେ ଷଷ୍ଠମୀ, କୋଇବ ବ୍ୟବସ୍ଥାପକାନାଂ ଉପବାସ-ନୈଃଷ୍ଟମୀତ୍ୟେକାଦିଦ୍ୱୟପକ୍ଷେ ପ୍ରଥମଃ ପକ୍ଷସ୍ତୁ ଗଜନ୍ୟାନାଂ ଉକ୍ତତ୍ୱାତ୍ ବଚନୈଃ ଷୋଡ଼ଶ-ଦଣ୍ଡାତ୍ମର୍ଗତତ୍ୱାତ୍ ଉତ୍କଳଦେଶୀୟାନେକଗ୍ରନ୍ଥ-ସମ୍ମତତ୍ୱାଷ୍ଟ୍ରଲବଶ୍ଚ ଉଚିତ ॥ ଦ୍ୱିତୀୟପକ୍ଷେ ସକଳକାଳମାଦାୟ ଗଦାଧରପଦ୍ଧତି ପରନ୍ତୁ ଶବସ୍ୟ ବଳପୂଜାଦକଂ ଅଷ୍ଟମୀତଥେୟଂ ସର୍ବାଂ ପରହେତି କ୍ଷ୍ମାର୍ଥମେବ ପ୍ରମାଣଂ ନାସ୍ତି ଭୂତଃ ବଲୈଃ ପୂଜାଙ୍ଗତ୍ୱାତ୍ ଅଙ୍ଗାଙ୍ଗିନୋ ରେଭ୍ୟସମ୍-ଦାତ୍ ସଙ୍କଳ୍ପକାଳେ ପ୍ରଯୋଜନାଭାବାତ୍ । ନଚ ଦାଦାତନବ୍ୟ ଗଦାଧରପଦ୍ଧତୌ ଅନ୍ୟତ୍ର ଲୁତାପି ଉଦୟବ୍ୟାପ୍ତିପକ୍ଷେ ଅଷ୍ଟମୀକଲ୍ପଚିନ୍ତସ୍ୟ ଦୃଷ୍ଟତ୍ୱାତ୍ ତାଦୃଶୋର୍ଥଃ ପ୍ରମାଣାୟତ୍ତବ୍ୟେ ଗ୍ରନ୍ଥକାର ତ୍ରିଦଶ୍ୟାନାଦେୟତ୍ୱାତ୍ ଅନ୍ୟାନ୍ୟ-ଗ୍ରନ୍ଥେ ସ୍ତୁତୀକୃତତ୍ୱାଚ, ତଥାଚ ଉଦୟବ୍ୟାପ୍ତୌ ପୂର୍ବଦିନବତ୍ ଷଷ୍ଠ୍ୟାବ୍ୟାପ୍ତୌ ସତ୍ତପର ପଚ-ଭିଷଯ୍ୟା ପୂର୍ବଦିନମେବ, ପରନ୍ତୁ ଚ ବ୍ରତାଦପଲଂ ପୂଜାଃ ମୁଖ୍ୟାଗବେ ଗୌଣଶେଷାପାଦେୟତ୍ୱମିତି ନ୍ୟାୟାତ୍ ଗୌଣରୂପସଙ୍କଳ୍ପକାଳାନୁରୋଧେନ ହେତୁନା ପରଦିନାଷ୍ଟମୀତେ୍ୟତାଦୃଶଂ ବୃତ୍ତାଣଂ ସ୍ତଭ୍ୟତ୍ୟେକେ ; ତନ୍ନ ଯେନ ପୂର୍ବଦିନମେବ ଭୂତୋ ନ ସ୍ୟାଦଙ୍ଗୈଃ ସଙ୍କଳ୍ପକାଳସ୍ତଦାତ୍ ଦିନଷ୍ଟମକାସ୍ତବାତ୍ ।

ସପ୍ତମ୍ୟାଦିକୃତ୍ୟେ ପ୍ରଯୋଜନଂ ନାସ୍ତି ଉକ୍ତ-ବିଷୟତ୍ୱାତ୍ ଇତି ମୂଲାଷ୍ଟମ୍ୟାଦିବଦ୍ଗ୍ରାହ୍ୟଂ ॥ ଇତି ।

୧୯ । ୨ । ୮୯ } ଉତ୍କଳଧର୍ମ୍ମସ୍ଥାନଧ୍ୟାମାଚାର୍ଯ୍ୟ-
ଶ୍ରୀରାମଚନ୍ଦ୍ରପୁର } ନାନାଂ ସମ୍ମତ୍ୟା ଲିଖିତା
ଶ୍ରୀ ଲକ୍ଷ୍ମଣ ମିଶ୍ର ଧର୍ମ୍ମଶୈଷା

---

ମୂଲ୍ୟ-ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଭଗବତଚରଣ ମହାନ୍ତି | କଟକ | ଅଗ୍ରିମ | ଟ ୨ |
| " ଜଗନ୍ନାଥ ତ୍ରିପାଠୀ | | " | ଟ ୧୮ |
| " | | ବକାୟ | ଟ ୧୮ |
| " ରାମଚନ୍ଦ୍ର ଦାସ | ପୁରୀ | ଅଗ୍ରିମ | ଟ ୧ |
| ଶ୍ରୀ ରାଜା ରଘୁ ରଞ୍ଜନ ଦେବ | | " | ଟ ୩ |
| ଶ୍ରୀଯୁକ୍ତ ବାଇଶଶାହେବ ମ୍ୟାନେଜର ମୟୂରଭଞ୍ଜ | | " | ଟ ୩ |
| ବାବୁ ପୂର୍ଣ୍ଣାନନ୍ଦ ଦାସ | କଟକ | " | ଟ ୧ |
| " ଗୋପେନ୍ଦ୍ରଚନ୍ଦ୍ର ଘୋଷ | " | ବକାୟା | ଟ ୧୪୮ |
| ମୂର୍ତ୍ତି ମହନ୍ତ ଅଛି ବାଲଶିଙ୍ଗା | | ଅଗ୍ରିମ | ଟ ୩ |
| ବାବୁ ପରଶୁରାମ ଦୁଆର ସମ୍ବଲପୁର | | " | ଟ ୧ |

---

# ବିଜ୍ଞାପନା ।

ସର୍ବସାଧାରଣଙ୍କୁ ଏଥିଦ୍ୱାରା ଜଣାଇଦିଆ-ଯାଉଅଛି ଯେ ବ୍ରାହ୍ମଣୀ ବୈତରଣୀ ଉପବିଭାଗ ଅନ୍ତର୍ଗତ ଥିବା କେନେଲ ଗୁଡ଼ିଏ ପ୍ରଧାନ ଲକ୍ ଓ ଜଡ ଓ କବାଟ ଓ ଘଣ୍ଟ ଓଗେର ଜିନିଷମାନ ଚଳିତ ସନ ମାର୍ଚ୍ଚମାସ ତା ୪ ରଖ ଦିବା ଘ ୯ ଟା ସମୟରେ କୋଲେ-କାରକମାସ୍ତର ଜଳା ଗୋଦାମଠାରେ ନିଲାମ ଦ୍ୱାରା ବିକ୍ରି କରାଯିବ । ଯେତେ ସେହିଦିନ ନିଲାମ ଶେଷ ନ ହୋଇ ବାକି ରହିବ ତେବେ ତହିଁ ଅନେକ ଦିନରେ ସମୟରେ ନିଲାମ ପୁନ ହେବ ଯେ କେହି କିଣିବାକୁ ଇଚ୍ଛା ଥିବେ ଉପରୋକ୍ତ ସମୟରେ ପୋକବା ଗୋଦାମଠାରେ ହାଜର ହୋଇ ନିଲାମରେ ଖରିଦ କରିବେ ପ୍ରଥମ ନିଲାମ ଖରିଦଦାରଠାରୁ ନେଇବା ଟ ୧୦୦ କା ଉପରେ ୫ ଅଗ୍ରିମ ଓ ନିଲାମର ଦିନଠାରୁ ୧୫ ଦିନ ମଧ୍ୟରେ ବାକିଲ କରିବାକୁ ହେବ ଯେବେ କେହି ବାକିଲ ନ ପାରିବ ତେବେ ଉକ୍ତ ଜିନିଷମାନ ପୁନର୍ବ୍ବାର ନିଲାମ କରାଯିବ ସେଥିରେ ଯେ ଲୋକସାନ ହେବ ତାହା ପ୍ରଥମ ନିଲାମ ଖରିଦଦାରର ଯେ ଉପାରଟ ଥିବ ସେଥିରୁ ଆଦାୟ କରାଯିବ ସମୁଦାୟ ଜରିମାନା ଜମା ଦାଖଲ କଲା ପରେ ଜିନିଷମାନ ଛଡ଼ାଇ ନେବ । ତା ୨୨ ରଖ ମାହେ ଫେବୃୟାରୀ ସନ ୧୮୮୯ ମସିହା ।

ANANDA NAIK
Offg. Head
For Exe. En
Brahmar

---

NOTICE.

Is hereby given that t[...]
modation Boat "Clara"
Poorighat will be sold [...]
Auction on Friday the 15[...]
1889 at 9 A M.

Cuttack, } K. R. Bose.
Overseer.
22—2—89. } In charge No. 2 Su[...]
Pooree Dn.

---

The next sessions of the P[...] Mohan Academy will commence the 1st. March 1889. 30 n[...] stu-dents will be admitted half-fre[e]. Candidates for these half-freeship should apply to the undersigned before 31st. March 1889. Applications must be accompanied with certificates showing they deserve the half-freeships. Applications from Gurjat students will be gladly entertained.

Cuttack } Krishna Ch. Mahanti
Secretry
27-2-89 } P. M. Academy.

Digitized by srujanika@gmail.com

Split by PDF Splitter



### ହିନ୍ଦୁ ବାଲ୍ୟାଶ୍ରମ ।

ଅଦ୍ୟ ଶନିବାର ସନ୍ଧ୍ୟା ସ ୭ ଘଣ୍ଟିକା ସମୟରେ ଶ୍ରୀ ଗୋପାଳଜିଉଙ୍କ ମନ୍ଦିରରେ ବାଲ୍ୟାଶ୍ରମର ଦ୍ୱିତୀୟ ଅଧିବେଶନ ହେବ । ପଣ୍ଡିତ ଶ୍ରୀଦେବେନ୍ଦ୍ରନାଥ ବିଦ୍ୟାଭୂଷଣ "ନୀତି-ଶିକ୍ଷା" ବିଷୟରେ ଉପଦେଶ ପ୍ରଦାନ କରିବେ । ହିନ୍ଦୁସାଧାରଣଙ୍କର ଶୁଭାଗମନ ପ୍ରାର୍ଥନୀୟ ।

ରାଧାବିନୋଦ ଘୋଷ,
ସମ୍ପାଦକ ।

### ଚମତ୍କାର ମହୌଷଧି

ମଦର୍ସ ସିଗଲ ସିରପ ଓ ତହିଁର ପିଲ୍ ଏ ଔଷଧି ବାତ ଓ ପେଟବଥା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟେନିଷ୍ଟ୍ରିଟ କୋମ୍ପାନିଙ୍କ ଉଦ୍ୟୋଗ ଆମ୍ଭର ଚଳିଥିବା ଦୋକାନରେ ବିକ୍ରୟାର୍ଥେ ମହଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକମତେ ଇଚ୍ଛା କଲେ ପାଇ ପାରିବେ ।

| | |
|---|---|
| ମଦର୍ସସିଗଲସିରପ | ସି ୧ ୬ ଟ ୧୷ |
| ପିଲ | ବା ୧ ୬ ଟ ୧୮ |
| ୧୩।୨।୮୯ | ଶ୍ରୀ ଅରଭବନ୍ଧୁକର କୋମ୍ପାନି |

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଆଗାମି ମାର୍ଚ୍ଚମାସ ତା ୧୬-ରିଖ ପ୍ରାତଃକାଳରେ ଜେନରଲ ହାସପାତାଲଠାରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ଯେବେ କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା କରନ୍ତି ତେବେ ସେ ଆଗଭୁର ଫିସ୍ ଟ ୩ ଙ୍କା ସିଭିଲ ସର୍ଜନଙ୍କ ସମୀପରେ ଦାଖଲକରି ଉକ୍ତ ନିର୍ଦ୍ଦିଷ୍ଟ ତାରିଖରେ ଜେନରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କଥା ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲ୍ଲାର ଶ୍ରୀଯୁତ ସିଭିଲ ସର୍ଜନଙ୍କ ଅଫିସଠାରୁ ଗଲେ ସକଳ ତତ୍ତ୍ୱ ଅବଗତ ହୋଇପାରିବେ ।

E. BOVILL.
୬।୩।୮୯ ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା ମେଡ଼ିକାଲ ସ୍କୁଲ

### NOTICE.

Wanted an Overseer for the Cuttack Municipality on a monthly salary of Rs. 50, and Horse allowance Rs. 10. None need apply who is not well acquainted with English and who has not had good practical experience of the P. W. Department Overseer's works.

Applications with copies of testimonials will be received by the undersigned up to the 15th of March, 1889.

D. N. Chakravarti
*Chairman.*

ଏ ପ୍ରଦେଶର ମାନ୍ୟାସ୍ପଦ ରାଜା, ଜମିଦାର-ପ୍ରଭୃତି ପ୍ରାଚୀନବଂଶର ଇତିହାସ ପ୍ରକାଶ କରିବାର ବାସନା କରି, କେତେକ ରାଜା ଏବଂ ଜମିଦାରଙ୍କ ବଂଶର ବିବରଣ ସଂଗ୍ରହ କରିଅଛୁଁ ସେହିଁ ବିବରଣ ସଂଗୃହୀତ ହୋଇଅଛି ଉକ୍ତ ରାଜା ଏବଂ ଜମିଦାର ବଂଶର ଯେଉଁମାନେ ବର୍ତ୍ତମାନ ରାଜ୍ୟ ଶାସନ କରୁଅଛନ୍ତି, ସେମାନଙ୍କ ଫଟୋଗ୍ରାଫରୁ, କଲିକତାର ସୁନିପୁଣ ଶିଳ୍ପିମାନଙ୍କଦ୍ୱାରା ପ୍ରତିକୃତି ପ୍ରସ୍ତୁତ କରାଇ ଅଛୁଁ । ଏହି ପ୍ରତିକୃତିମାନ ଇତିହାସ ସହ ପ୍ରକାଶିତ ହେବ । ଓଡ଼ିଶାର ଅବଶିଷ୍ଟ ରାଜା ଏବଂ ଜମିଦାର ବଂଶର ଇତିହାସ ସଂଗୃହୀତ ହେଲେ ମୁଦ୍ରଣକାର୍ଯ୍ୟ ଆରମ୍ଭ କରିବୁଁ । ଅପ୍ରେଲମାସ ୧ ଲା ତାରିଖରୁ ମୁଦ୍ରଣକାର୍ଯ୍ୟାରମ୍ଭ ହେବ । ଯେଉଁ ମହାରାଜା, ରାଜା, ଏବଂ ଜମିଦାର-ମହୋଦୟଗଣ ଏହି ପୁସ୍ତକରେ ସ୍ୱୀୟ ବଂଶର ଇତିହାସ ପ୍ରକାଶ କରିବାକୁ ଅଭିଳାଷ କରନ୍ତି, ଅନୁଗ୍ରହ ପୂର୍ବକ ତାହା ଆମ୍ଭଠାକୁ ପ୍ରେରଣ କଲେ ଅତ୍ୟନ୍ତ ଉପକୃତ ହେବୁଁ । ଉକ୍ତ ବିବରଣ ସହ ସ୍ୱୀୟ ଫଟୋଗ୍ରାଫ ପ୍ରେରଣ କଲେ ତାହା ଖୋଦିତ କରାଇ ପୁସ୍ତକରେ ପ୍ରଦାନ କରିବୁଁ । ଇତି ।

ଶ୍ରୀ ସୀତାନାଥ ରାୟ,
ବାଲେଶ୍ୱର ।

### ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦। ଡାକମାଶୁଲ ଟ ୦୬ କଟକ ପ୍ରିଣ୍ଟିଂକୋମ୍ପାନୀ, ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, କମିଜ, କୋଟ, ଦେଶୀ ଓ ବିଲାତୀଯୋଡ଼ା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟର ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ କ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଦଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ୍ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ଯେବେ ଏଣିକି ମାତ୍ର କହୁଥାଉଁ କି ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସୁଲଭମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

୫ଟା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack stores } ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
ଦ୍ରବ୍ୟାଦି ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

# ମେହରୋଗ ।

ଏ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚ୍ଚାଟ ରୋଗ ଶାନ୍ତି କରିବାର ଦୁର୍ଭାଗ୍ୟ ନୁହେ ସାମାନ୍ୟ ଅର୍ଥବ୍ୟୟ ସାହାଯ୍ୟେ ଜୀବନର ମାଧୁ ପରିଭୋଗ କରିପାରିବେ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହ ସେବା କଲେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ସେଉଁମାନେ ଆରୋଗ୍ୟ ନ ହେବେ ଶିଷ୍ଟପ୍ରକୃତି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଅସୁସ୍ଥରେ ସନ୍ଦେହ ନ କଲେ ଅନ୍ତ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବକାଶରେ ସୁସ୍ତ୍ରଦାତାରେ ପ୍ରକାଶିତ ହେବ କଲିକତା ଅପେରହୋଲ ନଂ ୨ ଭବନରେ ଏସ୍, ବି, ଦତ୍ତ କମ୍ପାନିଙ୍କଠାରେ ଏବଂ କଟକ ବରବାଟିବଜାର ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧୲୰ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟା ଋଣୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସକଲେ ପାଇପାରିବେ । ସେଥିରେ ଉତ୍ତମ ଲଭ୍ୟାଂଶ ଜନ୍ମି ବଜାରପ୍ରାୟ ମହଙ୍ଗ ନାହିଁ ଅଥ ଯାହାଙ୍କର ଦୁଇରୁ କମ୍ ଥାଇ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସଦେଲେ ଆମ୍ଭେ ଆମ୍ଭର କଲଦେଇ (ଫଳେନ ପଦ୍ଧତିପୂର୍ବେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

ତା୧୪।୮୮ } ଶ୍ରୀ ଖରଉଲଫତହଉଲ ।
କଟକ }

---

# ବାଲିକାଗଜ ।

କଲକତ୍ତାର ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପୀନାଥଙ୍କର ଦ୍ୱାରକ ବସାନିକଟେ ବାବୁ ଅର୍ଦ୍ଧେନ୍ଦୁଦ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଣ୍ଡ ଓଜନ | ୦ ୧୬ ୫ ୨୷ | ୭ ୧୭ ୫ ୦ ୲୬ |
| ୧୫ ପଣ୍ଡ | " " ୫ ୨୩ | " ୫ ୦ ୲୬ |
| ୧୨ ପଣ୍ଡ | " " ୫ ୨୧ | " ୫ ୦ ୲ |
| ୨୨ ପାଁ ରୟଲଫଲସ୍କେପ୍ | ୫ ୨୲ | " ୫ ୦ ୲୬ |

ଗାୟକ ବାବୁ ଗୋପୀନାଥଙ୍କର ଗାଥୁଳୀର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନଚୋଳା ଓ ଜଳଗା ଓ ରେଳମାଟିରେଜ ଲୁଗା ଓ ବେସ୍ମୁବଳ ଓ କଲ୍ କଣ୍ଟା ଇତ୍ୟାଦି ସଉଦାଗରର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଉଚିତ ଅଛି । ଶିଦଲର ଥାନ୍ ଜେଜେଟ ଫେଣ୍ଟ ଛିଟଆଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଥିଭିନ୍ନ ଆମ୍ଭେମାନେ ଷଢେଇ ଛାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖଦଡ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରଯିବ । ଯେ ଉକ୍ତ ଛାଡ଼ିମାନ ବିକ୍ରୟ ଦେବା ଏବଂ ଅଧଣା ମଫସଲ ସକାଶେ ବରା ଆଦାୟ ହେବେ ଏକ ଗଣ୍ଡିକୁ ୫ ବଟା ୫୦୲୬ ହିସାବରେ ବଜା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖର୍ଚ୍ଚନନ୍ଦର ଭାର ତାଙ୍କ ଉପରେ ଥିବ । ଖଡ ହେଲେ ଛାଡ଼ିର ପଣ୍ଡ ମୂଲ୍ୟ ତାଙ୍କ ଦେବାକୁ ହେବ ।

ଇଣ୍ଡେକ୍ସ ।

| | |
|---|---|
| ଭଲର ଲେଞ୍ଜଣା ତ ଗଣ୍ଡିରେ ଛଡ ଭେରେ ଗଲେ । | କର୍ଡ଼ିଡ ଅର୍ଦ୍ଧ । |
| ଭେଲ୍ଭେଟିଣ୍ | କ୍ୱୋଭେଞ୍ଚାଇନ୍ । |
| ଭେଲ୍ଭେଟିନ୍ ଟେଇ ରଙ୍ଗର ଲେଇ ସ୍ତରା ଓ ଜୋଡ ସ୍ୟୁଟ । | କାଳ ଟ୍ୱିଲସ ଓ ରଙ୍ଗ ଗଲିଚ ଓ ସ୍ୱାତ ସହି |
| ଛୁଟ୍ ଅର୍ଥାତ ଜଳଗା କପଡା ବାଗଜ ସେମ୍ ଟିଲ ଓ କଲର । | ଇନ୍‌ଡିଆ ଜୁଇଫସ୍କୁଲ ଏକଫର ଜୁର |
| ସେଡ୍‌ଭିଲ କାଣିକା ଇତ୍ୟାଦି । | କେଲସର ଭଲୋର ଭମ ରେବର ଥରେ |
| ଛାତା ସଜାଗର ଭଟି କାଲଜ ଓ ଲଫାଫା ଟେଇ ଦୁଆ | ଏ, ରୋଗେନ ଗଞ୍ଜେଇ ଜାମୀନ ଓ ତୁଳା । |
| ଟିକଲ ଛଡ । | ବଲଗା ଅକରୋଟ ଏକର ବାଲଗା । |
| କଗଳ ଗାଲୁନ । | ଅନେକ ପେନ୍‌ସିଲ୍ ଥିବ ଏ ପେନ୍‌ସିଲରେ |
| ଚାନ୍ଦି ସୀତାର ଲର୍ଡ୍ ରେ ଭୁଗା ପଇଞ୍ଚାର ହୁଏ । | ଲେଡି କରିଙ୍ଗ ସେଗ ରଙ୍ଗ ତଳାଇ ଷେକ୍ସ |
| ଅଷ୍ଟୋଭ କେନ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ । | ପେନ୍‌ସିଲ୍ କେଶୀ ସ ପରେ ଚେଇ ଭଗାଇ |
| ଛଏଲ ତୁଳ । | ଦେଇଯାଇଛନ୍ତି, ହବ |
| ଓଁଆଡିକ ସୂତ ଛତା । | ନ ପାରେ । |

ପୋର୍ଟ୍ଲ୍ୟାଣ୍ଡର ଓ ସିଲନର କେମ୍ବ୍ରିକ ମେଳ ଓ ଭଲର ଲଲେ ଲେସେ

କୃତ୍ରିମ କାଚ ଅର୍ଥାତ ଲେଡିଜକେଟରେ ଆଦି ଓ କୁର୍ତ୍ତିରେ କଟା ହେବ ।

ପାଗଡ଼ି ଲୁଗା
୧୨ × ୧୦ ପଣ୍ଡ
୧୪ × ୧୨ ପଣ୍ଡ
୧୬ × ୧୪ "

ମୋଜା ଓ ଗୋଡ଼ାମଜ
ଭିଜା ଏମ୍ ଜକେଟ୍
ଜଇବା ବାଇଶ ଛଡ଼ା ଓ ସବଜା

ପୋର୍ଟମେଣ୍ଟେଜ ।

ଭଲ ଓ ଗାଇନଭଲୋଟି ଟିଟା

କମ୍ପିଟ ଛେଲଛେ କର ଲାଇବାର ଛାଡ ମମଗାମା

ରେଳ ନୂ ପେନ୍‌ସିଲ୍ କଲାଚକୀ ଘାଣ୍ଟି ଓ ଘୋଡ ଓ ଛତ୍ର

ମଲଟ୍ରାକାସ ଓ ଶିଲଂ ପାଠ ଗାଣ୍ଟମୋଭ ଓ ଗାଡ଼ି ।

ଗ୍ରିଷ୍ଣଂ କାଚ

ଏଣ୍ଡିମୋଲ ଅର୍ଥାତ ଲୁଗାଙ୍କ ରେଖାର ଅଷର ଚଷ୍ଟର କରିବା କହରେ ଦରକାର ହୁଏ ।

# ପିଚଗାର ।

ଏ ଗାରକୁ କେଉଁଣସି ଘାଅରେ ଲଗାଇ ଲଣ୍ଠରେ ଭରିଲାଇ ଦୋଠାଇଛର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମହଳ ଅଲେ ଲେପିଦେଲେ ମଇଳ ଓ ଉଇ ଧରିବ ନାହିଁ ।

କଗିର ଚମଡ଼ା ଓ ସାଜରେ ଲଗାଇବାର ଜାଗ ମଧ୍ୟ ଅଛି ।

ଅଲଭକ୍ଟର ହର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଖର୍ଚ୍ଚ ନିଲଣ୍ଡିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦୲ |
| ଅଧସ୍ତମ୍ଭକୁ | ୫ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାର ଖର୍ଚ୍ଚ ୫ ୦୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନଙ୍କୁ ପଠାଇ ବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ପ୍ରିଣ୍ଟିଂ କମ୍ପାନି ଦ୍ୱାରା ଶ୍ରୀ ଗୌରୀଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ମୁଦ୍ରିତ ଓ ପ୍ରକାଶିତ ହେଲା